ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୩/୨୦୧୮ (୧୬ ପୃଷ୍ଠା) | Bhubaneswar, Friday, November 23/ 2018 | ★★★★

୪୪ଶ ଭାଗ ୩୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ନନ୍ଦିତା ଦାସ ପାଇବେ 'ଆପ୍‌ସା'

ଭାରତୀୟ ଅଭିନେତ୍ରୀ ତଥା ଫିଲ୍ମନିର୍ମାତା ନନ୍ଦିତା ଦାସ ଦ୍ୱାଦଶ ଏସିଆ ପ୍ୟାସିଫିକ୍ ସ୍କ୍ରିନ୍ ଆୱାର୍ଡସ (ଆପ୍‌ସା)ରେ ସମ୍ମାନିତ ହେବାକୁ ଯାଉଛନ୍ତି।

୦୨

୧୬

ରାଜେଶଙ୍କ ବୋଲିଂରେ ଓଡ଼ିଶା ବିଜୟୀ

ଗୁଆହାଟୀରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ଚମତ୍କାର ବୋଲିଂ ବଳରେ ଓଡ଼ିଶା ପ୍ରତିପକ୍ଷ ଆସାମକୁ ପରାସ୍ତ କରିଛି।

ଆଜିଠୁ ବାଲିଯାତ୍ରା

କଟକ ଅଫିସ, ୨୨।୧୧

ଆଜିଠୁ ଆରମ୍ଭ ହେବ କଟକର ଐତିହାସିକ ବାଲିଯାତ୍ରା। ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ଓଡ଼ିଶାର ମହାନ ଗୌରବମୟ ଐତିହ୍ୟକୁ ଉଜ୍ଜୀବିତ ରଖିବାକୁ ୭ଦିନ ଧରି ହେଉଥିବା ଏହି ବାଲିଯାତ୍ରା ଏଥର ହକି ବିଶ୍ୱକପ୍ ପାଇଁ ୧୦ଦିନ ଧରି ଚାଲିବ। ☞ ପୃଷ୍ଠା–୧୨

ମନୋଜ ମହାରଣା

ପାଟିରେ ଟୁଥ୍‌ପିକ୍ ଘୂରାଇ ବିଶ୍ୱ ରେକର୍ଡ

ବ୍ରହ୍ମପୁର ଅଫିସ,୨୨।୧୧

ଗଞ୍ଜାମ ଜିଲା ପୋଲସରା ବ୍ଲକ ଭାବରଡା ଗ୍ରାମର ମନୋଜ ମହାରଣା ପୁଣି ଏକ ବିଶ୍ୱ ରେକର୍ଡ କରିଛନ୍ତି। ପାଟିରେ ଟୁଥ୍‌ପିକ୍‌କୁ ଏକ ମିନିଟ ମଧ୍ୟରେ ୩୬୦ଡିଗ୍ରୀରେ ୩୬ ଥର ଘୂରାଇ ମନୋଜ ଗିନିଜ ବୁକ ଅଫ ରେକର୍ଡସ୍‌ରେ ଦ୍ୱିତୀୟ ଥର ପାଇଁ ନିଜ ନାମକୁ ସ୍ଥାନିତ କରିଛନ୍ତି। ପୂର୍ବରୁ ଟୁଥ୍‌ପିକ୍‌କୁ ୩୨ ଥର ପାଟିରେ ଘୂରାଇ ରେକର୍ଡ ସୃଷ୍ଟି କରିଥିବା ପୂର୍ବ ରେକର୍ଡଧାରୀ ଦୀନେଶ ଶିବନାଥ ଉପାଧ୍ୟାୟଙ୍କୁ ପଛରେ ପକାଇ ମନୋଜ ଏହି ରେକର୍ଡ ହାସଲ କରିଛନ୍ତି। ଗୁରୁବାର ଏହି ରେକର୍ଡ ଗିନିଜ୍ ବୁକ ଅଫ ୱାଲ୍ଡ ରେକର୍ଡସ୍‌ରେ ସ୍ଥାନିତ ହୋଇଥିବା ମନୋଜ କହିଛନ୍ତି। ଏଥିପାଇଁ ସେ ସେପ୍ଟେମ୍ବର ୫ରେ କୌଶଳ ପ୍ରଦର୍ଶନ କରିଥିଲେ। ଅନନ୍ତନଗର ୬ଷ୍ଠ ଲାଇନରେ ମନୋଜ ଏକ ସମୟରେ ତିନୋଟି କୌଶଳ ପ୍ରଦର୍ଶନ କରିଥିଲେ । ଏକ ମିନିଟ ମଧ୍ୟରେ ଟୁଥ୍‌ପିକ୍‌କୁ ପାଟିରେ ୩୬୦ ଡ୍ରିଗୀରେ ୩୬ ଥର ଘୂରାଇବା ସହ ପାଟିରେ ୫୩୩ ଷ୍ଟ୍ରୁକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଖି ନିଜର ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। ପାଟିରେ ୪୦ ଜଳନ୍ତା କ୍ୟାଣ୍ଡେଲକୁ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖି ମୁମ୍ବାଇର ଦୀନେଶ ଶିବନାଥ ଉପାଧ୍ୟାୟଙ୍କ ରେକର୍ଡକୁ ଭାଙ୍ଗିଥିଲେ। ☞ ପୃଷ୍ଠା–୧୨

ହକି ବିଶ୍ୱକପ ଖେଳିବା ପାଇଁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଥିବା ଫ୍ରାନ୍ସ ଦଳର ଖେଳାଳିମାନେ। (ରିପୋର୍ଟ ଖେଳ ପୃଷ୍ଠା)।

ଆଜିର ସମ୍ପାଦକୀୟ

ଏଟିଏମ୍ ବନ୍ଦକୁ ରୋକାଯାଉ

ଆଜିର ମନ୍ତବ୍ୟ

"ଯେକୌଣସି ନିର୍ବାଚନ ପାଖେଇ ଆସିଲେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେବ କହି ଲୋକଙ୍କୁ ଭକୁଆ ବନାଯାଉଛି ।

– ଉଦ୍ଧବ ଠାକ୍‌ରେ, ଶିବସେନା ଅଧ୍ୟକ୍ଷ

NCCC NATIONAL EGG CO-ORDINATION COMMITTEE — 22.11.2018 — Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	67	115	125
CTC	67	115	125
DKL	68	116	126
BDK	67	115	125
BLS	67	115	125
ANG	69	118	128

*Conditions Apply

Eggs Retail Price- 51/-Dozen

Issued in the Interest of Consumers

ବାଲଟ ପେପରକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୨।୧୧(ପି.ଟି.)

ଆଗାମୀ ଦିନରେ ବିଧାନସଭା ଏବଂ ଲୋକ ସଭା ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ନୁହେଁ, ବରଂ ବାଲଟ ପେପର ବ୍ୟବହାର ହେଉ ବୋଲି ଦାବି ଜୋର୍ ଧରୁଛି। ଏନେଇ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ି ଏକ ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଦାଏର ହୋଇଥିଲା। ଗୁରୁବାର ଏହି ଆବେଦନକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

୨୦୧୪ ସାଧାରଣ ନିର୍ବାଚନରେ ବାଜିମାତ୍ କରିବା ପରେ ଭାଜପା ଗୋଟିଏ ପରେ ଗୋଟିଏ ରାଜ୍ୟ ଦଖଲ କରିଚାଲିଛି। କିନ୍ତୁ ଏହି ବିଜୟକୁ ସହଜେ ଗ୍ରହଣ କରିପାରୁ ନାହାନ୍ତି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ। ଇଭିଏମ୍ ଟାମ୍ପରିଂ କରି ଭାଜପା ନିର୍ବାଚନ ଜିତୁଥିବା ସେମାନେ ଅଭିଯୋଗ ଆଣୁଛନ୍ତି।

- 'ନ୍ୟାୟଭୂମି'ର ପିଆଇଏଲ୍ ଖାରଜ
- ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠା ନ ଯାଉ: ଖଣ୍ଡପୀଠ

ତେଣୁ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ଉଠୁଛି ପ୍ରଶ୍ନ। ଏ ପ୍ରସଙ୍ଗକୁ ନେଇ ବିଭିନ୍ନ ସମୟରେ ଜାତୀୟ ରାଜନୀତି ଜୋର୍ ଧରୁଛି। ତେଣୁ ଇଭିଏମ୍ ବ୍ୟବସ୍ଥା ହଟାଇ ପୂର୍ବଭଳି ବାଲଟ ପେପର ଜରିଆରେ ଭୋଟଗ୍ରହଣ ଲାଗି ଅନେକେ ମତବ୍ୟକ୍ତ କରୁଛନ୍ତି। ନିର୍ବାଚନ ବ୍ୟବସ୍ଥାରେ ଏତାଦୃଶ ପରିବର୍ତ୍ତନ ଲାଗି ଏନ୍‌ଜିଓ 'ନ୍ୟାୟ ଭୂମି' ପକ୍ଷରୁ ଏକ ଜନସ୍ୱାର୍ଥ ଆବେଦନ ହୋଇଥିଲା। ଇଭିଏମ୍‌କୁ ସ୍ୱାର୍ଥ ସାଧନ ଲାଗି ବ୍ୟବହାର କରିହେବ। ତେଣୁ ନିରପେକ୍ଷ ନିର୍ବାଚନ ପାଇଁ ଏହାକୁ ବ୍ୟବହାର କରାଯିବା ଅନୁଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉକ୍ତ ଏନ୍‌ଜିଓ କଥାରେ ଅସହମତି ପ୍ରକାଶ କରିଛନ୍ତି। ସବୁ ବ୍ୟବସ୍ଥା ଏବଂ ମେଶିନ୍‌ର ବ୍ୟବହାର ଏବଂ ଅପବ୍ୟବହାର ହୋଇପାରେ। କାହିଁକିନା ସବୁଆଡ଼େ ଦ୍ୱନ୍ଦ୍ୱ ରହିଛି। ଏପରିସ୍ଥଳେ ଇଭିଏମ୍‌ର ବିଶ୍ୱସନୀୟତାକୁ ☞ ପୃଷ୍ଠା–୧୨

ବୈଷ୍ଣବ ପରିଡ଼ାଙ୍କ ପରଲୋକ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ପୂର୍ବତନ ରାଜ୍ୟ ସଭା ସଦସ୍ୟ, ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା, ଲେଖକ ତଥା ବିଶିଷ୍ଟ ସାମାଜିକ କର୍ମୀ ବୈଷ୍ଣବ ଚରଣ ପରିଡ଼ାଙ୍କର ଗୁରୁବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ☞ ପୃଷ୍ଠା–୧୨

■ ଟ୍ରେନ୍ ଧକ୍କାରେ ହାତୀ ମୃତ୍ୟୁ ଘଟଣା

ଚାଳକଙ୍କ ବିରୋଧରେ ମାମଲା

କେନ୍ଦୁଝର, ୨୨।୧୧(ସ୍ୱ.ପ୍ର.)

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ନରଣପୁର ସେକ୍‌ସନ ଅଧୀନ ରାମଚନ୍ଦ୍ରପୁର ନିକଟରେ ବୁଧବାର ମାଲବାହୀ ଟ୍ରେନ୍ ଧକ୍କାରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବନ ବିଭାଗ ରେଳ ଚାଳକଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ଏ ନେଇ ବନ ବିଭାଗ ସହକାରୀ ରେଳ ଚାଳକଙ୍କୁ ଅଟକ ରଖିଥିଲା। ବୟାନ ରେକର୍ଡ ପରେ ରେଳ ଚାଳକଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ଜାମିନ ମିଳିଥିବା ଜଣାଯାଇଛି। ସହକାରୀ ରେଳ ଚାଳକ ଜଣଙ୍କ ହେଲେ ରୋହିତ କୁମାର ମାରାଣ୍ଡି। ଉକ୍ତ ଘଟଣାର ମୁଖ୍ୟ ରେଳ ଚାଳକ ଫେରାର ଥିବା ଜଣାପଡ଼ିଛି। ପୂର୍ବରୁ ହାତୀଙ୍କ ଗତିପଥକୁ ନିରୀକ୍ଷଣ କରି ଦୁର୍ଘଟଣା ସ୍ଥାନ ଚିହ୍ନଟ କରାଯାଇଛି। ସେହି ସ୍ଥାନରେ ସନ୍ଧ୍ୟା ୭ଟାରୁ ସକାଳ ପର୍ଯ୍ୟନ୍ତ ହାତୀ ବାଂଶପାଣି–ଜଖପୁରା ☞ ପୃଷ୍ଠା–୧୨



ଜମ୍ମୁ-କଶ୍ମୀରରେ ୩ ପ୍ରମୁଖ ଦଳ ସରକାର ଗଠନ ପାଇଁ ଏକାଠି ହୋଇଥିବାବେଳେ ବିଧାନସଭାକୁ ଭଙ୍ଗ କରିବା ଗଣତନ୍ତ୍ରର ହତ୍ୟା ସହ ସମାନ ।
- ଶରଦ ଯାଦବ, ଲୋକତାନ୍ତ୍ରିକ ଜନତା ଦଳ ଅଧ୍ୟକ୍ଷ

ସଂକ୍ଷେପରେ

ମନୋଜ ତିୱାରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୨।୧୧(ପି.ଟି.)-ଏକ ଅଦାଲତ ଅବମାନନା ମାମଲାରେ ସୁପ୍ରମକୋର୍ଟ ଦିଲ୍ଲୀର ଭାଜପା ମୁଖ୍ୟ ମନୋଜ ତିୱାରୀଙ୍କୁ କୌଣସି ଦଣ୍ଡ ନଦେଇ ଛାଡିଦେଇଥିଲା ବେଳେ ଧମକ ଦେବା ଏବଂ ସିଲ୍ ହୋଇଥିବା ଏକ ଘରର ତାଲା ଭାଙ୍ଗି ବିନା କାରଣରେ ବିଦ୍ରୋହ

କରିଥିବାରୁ ତାଙ୍କୁ ଭର୍ତ୍ସନା କରିଛନ୍ତି। ତିୱାରୀଙ୍କ ଏଭଳି କାର୍ଯ୍ୟରେ ଅଦାଲତ ମର୍ମାହତ ହୋଇଛନ୍ତି। ସିଲିଂକୁ ନେଇ କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଅନୁଧ୍ୟାନକାରୀ କମିଟି ବିରୋଧରେ ଭିତ୍ତିହୀନ ଅଭିଯୋଗ କରି ଧମକ ଦେବା ଏବଂ ଛାତି ବାଡେଇବା ଘଟଣାରୁ ସେ କେତେ ତଳକୁ ଖସିଯାଇଛନ୍ତି ତାହା ସ୍ପଷ୍ଟ ହେଉଛି ବୋଲି ଅଦାଲତ କହିଛନ୍ତି। ଏଥିରୁ ଦେଶର ଆଇନ ପ୍ରତି ତାଙ୍କର ଆଦୌ ସମ୍ମାନ ନଥିବା ଜଣାପଡୁଛି ବୋଲି ଖଣ୍ଡପୀଠ କହିଥିଲେ। ପୂର୍ବଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର ଭେଟେରିନାରି ବିଭାଗ ଦ୍ୱାରା ଏକ ବିଲ୍ଡିଂକୁ ସିଲିଂ କରାଯାଇଥିଲା। ଭାଜପା ଏମପି ତିୱାରୀ ଗତ ସେପ୍ଟେମ୍ବର ୧୬ରେ ଉକ୍ତ ସିଲିଂକୁ ଭାଙ୍ଗିଦେଇଥିଲେ।

ଚାକିରି ନ ମିଳିବାରୁ ୩ ବନ୍ଧୁଙ୍କ ଆତ୍ମହତ୍ୟା

ଜୟପୁର,୨୨।୧୧(ପି.ଟି.)-ଚାକିରି ନ ପାଇବାରୁ ନିରାଶ ହୋଇ ରାଜସ୍ଥାନ ଅଲୱର ଜିଲାର ୪ ଜଣ ସାଙ୍ଗ ଚଳନ୍ତା ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ତିନିଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବେରୋଜଗାରୀ ଯୋଗୁ ସେମାନେ ମାନସିକ ଚାପରେ ଥିଲେ। ଏଭଳି ଚରମ ପଦକ୍ଷେପ ନେବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ସେମାନଙ୍କର ବନ୍ଧୁ କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ସେମାନେ ରେଳଲାଇନ ପାଖରେ ଛିଡା ହୋଇ ଆତ୍ମହତ୍ୟା କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେମାନଙ୍କ ମଧ୍ୟରୁ ମନୋଜ (୨୪), ସତ୍ୟନାରାୟଣ ମୀନା (୨୨) ଏବଂ ରତୁରାଜ ମୀନା (୧୭)ଙ୍କର ମୃତ୍ୟୁ ହୋଇଥିବା ବେଳେ ଅଭିଷେକ ମୀନା ଗୁରୁତର ହୋଇଛନ୍ତି।

■ ଭାରତ-ପାକିସ୍ତାନ ସମ୍ପର୍କ ସୁଧୁରିବା ନେଇ ଆଶା ଉଜ୍ଜ୍ୱଳ

ଖୋଲିବ କର୍‌ତାରପୁର କରିଡର

ନୂଆଦିଲ୍ଲୀ,୨୨।୧୧(ପି.ଟି.)

ବହୁପ୍ରତୀକ୍ଷିତ କର୍‌ତାରପୁର କରିଡର ପାଇଁ ବାଟ ଫିଟିବ। ପଞ୍ଜାବ ତଥା ଭାରତର ଅନ୍ୟ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ଶିଖ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁ ପାକିସ୍ତାନସ୍ଥିତ କର୍‌ତାରପୁର ସାହିବ୍ ଗୁରୁଦ୍ୱାରା ଦରବାର ପରିଦର୍ଶନ କରିପାରିବେ। କେନ୍ଦ୍ର କ୍ୟାବିନେଟ ଗୁରୁବାର କର୍‌ତାରପୁର କରିଡର ନିର୍ମାଣ ଯୋଜନାକୁ ମଞ୍ଜୁରୀ ଦେବା ପରେ ଏଭଳି ଆଶା ଉଜ୍ଜୀବିତ ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ପଞ୍ଜାବର ଗୁରୁଦାସପୁର ଜିଲାସ୍ଥିତ ଡେରା ବାବା ନାନକଠାରୁ ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ କର୍‌ତାରପୁର ପର୍ଯ୍ୟନ୍ତ ଭାରତ ପକ୍ଷରୁ ଏକ କରିଡର ନିର୍ମାଣ ଓ ବିକଶିତ କରାଯିବ। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା (ଆଇବି) ଦେଇ ଏହା ନିର୍ମାଣ କରାଯିବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସ୍ପଷ୍ଟ କରିଛନ୍ତି। କର୍‌ତାରପୁର ସାହିବ ହେଉଛି ପଞ୍ଜାବ ପ୍ରଦେଶର ନରୋୱାଲ ଜିଲାର ରାବି ନଦୀ କୂଳରେ ଅବସ୍ଥିତ ଗୁରୁ ନାନକ ଦେବଙ୍କ ସମାଧିସ୍ଥଳ ଏବଂ ଶିଖ୍‌ମାନଙ୍କ ପାଇଁ ଅନ୍ୟତମ ପବିତ୍ର ସ୍ଥାନ। ସୀମାରୁ ମାତ୍ର ୩ କି.ମି. ଦୂରରେ ଥିବା ସମାଧିସ୍ଥଳକୁ ଏହି କରିଡର ଫିଟିଲେ ସେଠାକୁ ଶିଖ୍ ଶ୍ରଦ୍ଧାଳୁ ଯାଇ ଦର୍ଶନ କରିପାରିବେ। ୨୦୧୯ରେ ଗୁରୁ ନାନକଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁସାରେ ଭାରତ ଭଳି ପାକିସ୍ତାନ ମଧ୍ୟ ଶିଖ୍ ସମ୍ପ୍ରଦାୟର ଭାବାବେଗକୁ ସମ୍ମାନ ଦେଇ ସେପଟୁ ଏକ କରିଡର ନିର୍ମାଣ କରିବାକୁ ଇସ୍‌ଲାମାବାଦକୁ ନୂଆଦିଲ୍ଲୀ ଅନୁରୋଧ କରିଛି। ଉଭୟ ପଟୁ କରିଡର ନିର୍ମାଣ କରାଗଲେ ଶିଖ୍‌ମାନେ ବର୍ଷସାରା ଗୁରୁଦ୍ୱାରା ଦରବାର ସାହିବ୍‌କୁ ଦର୍ଶନ ପାଇଁ ଯାଇପାରିବେ। ଶ୍ରଦ୍ଧାଳୁମାନେ ଯେପରି କର୍‌ତାରପୁର ସାହିବ୍ ଦେଖିପାରିବେ ସେଥିପାଇଁ ଭାରତ-ପାକିସ୍ତାନ ସୀମାରେ ଏକ ଉଚ୍ଚକ୍ଷମତାସମ୍ପନ୍ନ ଟେଲିସ୍କୋପ ସ୍ଥାପନ କରାଯିବ ବୋଲି ରାଜନାଥ ଟୁଇଟ୍ କରିଛନ୍ତି।

ପ୍ରକାଶ ଯେ, ଗତ ଅଗଷ୍ଟରେ ପିଟିଆଇ ଅଧ୍ୟକ୍ଷ ଇମ୍ରାନ ଖାନ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କ ଶପଥଗ୍ରହଣ ଉତ୍ସବରେ ଭାରତରୁ ଏକମାତ୍ର ଅତିଥି ଭାବେ ପଞ୍ଜାବର କ୍ୟାବିନେଟ ମନ୍ତ୍ରୀ ତଥା ଇମ୍ରାନଙ୍କ ବନ୍ଧୁ (ପୂର୍ବତନ କ୍ରିକେଟର) ନବଜୋତ୍ ସିଂ ସିଦ୍ଧୁ ଯୋଗଦେଇଥିଲେ। ପାକିସ୍ତାନ କର୍‌ତାରପୁର ସାହିବ୍‌କୁ କରିଡର ଖୋଲିପାରେ ବୋଲି ସେଠାକାର ସେନା ମୁଖ୍ୟ ଜେନେରାଲ କମର ଜାଭେଦ ବାଜ୍‌ୱା ସିଦ୍ଧୁଙ୍କୁ କହିଥିଲେ। ସିଦ୍ଧୁ ଫେରିବା ପରେ କର୍‌ତାରପୁର ସାହିବ୍ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

ସ୍ୱାଗତଯୋଗ୍ୟ ନିଷ୍ପତ୍ତି

- ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ମୋହର
- ପାକିସ୍ତାନ ପଟୁ କରିଡର ନିର୍ମାଣ ପାଇଁ ଅନୁରୋଧ କଲା ଭାରତ
- କର୍‌ତାରପୁର ସାହିବ୍ ଗୁରୁଦ୍ୱାରା ଦରବାର ଦର୍ଶନ କରିପାରିବେ ଶିଖ୍ ଶ୍ରଦ୍ଧାଳୁ

■ ଏମ୍‌ପିରେ ସ୍କୁଲ ଭ୍ୟାନ୍-ବସ୍ ଧକ୍କା

୬ ପିଲାଙ୍କ ଜୀବନ ଗଲା

ସତ୍‌ନା,୨୨।୧୧(ପି.ଟି.)

- ଦୁର୍ଘଟଣାରେ ଡ୍ରାଇଭର ମୃତ, ୧୧ ଆହତ
- ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- ଶୋକବ୍ୟକ୍ତ କଲେ ଶିବରାଜ, ରାହୁଲ

ବେପରୁଆ ଗାଡ଼ି ଚାଳନା ଯୋଗୁ ସଡ଼କ ଦୁର୍ଘଟଣାରେ ଅନେକ ଜୀବନ ଯାଉଥିବାବେଳେ ମଧ୍ୟପ୍ରଦେଶ(ଏମ୍‌ପି)ର ସତ୍‌ନା ଜିଲାରେ ଗୁରୁବାର ସମାନ ଦୃଶ୍ୟପଟ ଦେଖିବାକୁ ମିଳିଛି। ଜିଲାର ବିର୍ସିଂପୁରରେ ଯାତ୍ରୀବାହୀ ବସ୍ ସହ ଏକ ସ୍କୁଲ ଭ୍ୟାନ୍ ଧକ୍କାଦେବା ଫଳରେ ୬ ସ୍କୁଲ ପିଲା ଏବଂ ଜଣେ ଡ୍ରାଇଭର ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ଅନ୍ୟ ୧୧ ଜଣ ମଧ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ପୂର୍ବାହ୍ନ ୮ଟା ୩୦ରେ ଏହି ଦୁର୍ଘଟଣା ଘଟିଛି। ଏକ ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ଗୋଟିଏ ଭ୍ୟାନ୍‌ରେ ଯାଉଥିଲେ। ଏତିକିବେଳେ ରେୱାରୁ ଚିତ୍ରକୂଟ ଅଭିମୁଖେ ଯାତ୍ରା କରୁଥିବା ଏକ ବସ୍‌କୁ ଭ୍ୟାନ୍‌ଟି ଧକ୍କା ଦେଇଥିଲା। ଭ୍ୟାନ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ଏବଂ ପୋଲିସ ତୁରନ୍ତ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଘଟଣାସ୍ଥଳରେ ୪ ଛାତ୍ର ଏବଂ ୨ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ବୟସ ୧୦ରୁ ୧୫ ବର୍ଷ ହେବ। ଭ୍ୟାନ୍‌ର ଡ୍ରାଇଭରଙ୍କ ମଧ୍ୟ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ହେବ ବୋଲି ଜିଲାପାଳ ରାହୁଲ ଜୈନ୍ କହିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଜୈନ୍ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ନାଇଡୁଙ୍କଠାରୁ ଧନୀ ନାତି

ଅମରାବତୀ,୨୨।୧୧(ପି.ଟି.)

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ପୁଣି ଚର୍ଚ୍ଚା ପରିସରକୁ ଚାଲିଆସିଛନ୍ତି। ୨୦୧୯ ନିର୍ବାଚନ ଲାଗି ମହାମେଣ୍ଟ ଗଠନ କରିବାକୁ ଅଣ୍ଟା ଭିଡ଼ିଥିବା ଏହି ବିଚକ୍ଷଣ ରାଜନେତା ସମ୍ପତ୍ତି ମାଲିକାନାରେ ୩ ବର୍ଷର ନାତିଠାରୁ ପଛରେ ପଡ଼ିଯାଇଛନ୍ତି। ନାଇଡୁଙ୍କ ୨.୯୯ କୋଟି ଟଙ୍କାର ସମ୍ପତ୍ତି ଥିବାବେଳେ ତାଙ୍କ ନାତି ନାରା ଦେବାଂଶ ୧୮.୭୧ କୋଟି ଟଙ୍କାର ମାଲିକ।

ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ନାଇଡୁଙ୍କ ପୁଅ ତଥା ଆନ୍ଧ୍ରପ୍ରଦେଶର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ନାରା ଲୋକେଶ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପରିବାରର ସମ୍ପତ୍ତି ତାଲିକା ପ୍ରକାଶ କରିଛନ୍ତି। ଲୋକେଶଙ୍କ ସମ୍ପତ୍ତି ବର୍ଷକ ମଧ୍ୟରେ ୧୫.୨୧ କୋଟିରୁ ୨୧.୪୦ କୋଟି ଟଙ୍କାକୁ ବୃଦ୍ଧି ହୋଇଯାଇଛି। ତେବେ ନାଇଡୁଙ୍କ ସମ୍ପତ୍ତି ଇତିମଧ୍ୟରେ ମାତ୍ର ୪୬ ଲକ୍ଷ ଟଙ୍କା ବଢ଼ିଛି। ଟିଡିପି ସୁପ୍ରିମୋ ୫.୬୪ କୋଟି ଟଙ୍କାର ଗୃହଋଣ କରିଥିଲେ। ଏଥିରୁ କିଛି ପରିଶୋଧ କରିବା ପରେ ଏବେ ଋଣ ପରିମାଣ ୫.୩୧ କୋଟି ଟଙ୍କା ରହିଛି। ନାଇଡୁଙ୍କ ସ୍ତ୍ରୀ ଭୁବନେଶ୍ୱରୀ ହେଉଛନ୍ତି ପରିବାର ସବୁଠାରୁ ଧନୀ ସଦସ୍ୟ, ଯାହାଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୩୧.୦୧ କୋଟି ଟଙ୍କା। ଗତବର୍ଷ ସେ ୨୫.୪୧ କୋଟିର ମାଲିକାଣୀ ଥିଲେ। ଟିଡିପି ସାଧାରଣ ସମ୍ପାଦକ ଲୋକେଶଙ୍କ ସ୍ତ୍ରୀ ବ୍ରାହ୍ମଣୀଙ୍କ ସମ୍ପତ୍ତି କମିଛି। ୨୦୧୭ରେ ସେ ୧୫.୦୧ କୋଟି ଟଙ୍କାର ମାଲିକ ଥିଲେ। ଏବେ ତାଙ୍କ ସମ୍ପତ୍ତି ମୂଲ୍ୟ ୭.୭୨ କୋଟି ଟଙ୍କା ହୋଇଛି।

'ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ'

ଚଣ୍ଡିଗଡ଼,୨୨।୧୧(ପି.ଟି.)-କର୍‌ତାରପୁର କରିଡର ଖୋଲିବା ପାଇଁ ମୋଦି ସରକାରଙ୍କ ନିଷ୍ପତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ବୋଲି ପଞ୍ଜାବ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ଖୁସିବ୍ୟକ୍ତ କରିବା ସହ ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଗୁରୁ

ନାନକଙ୍କ ୧୨ କୋଟି ଅନୁଗାମୀଙ୍କ ପାଇଁ ଖୁସି ଆଣିଦେଇଛି। କର୍‌ତାରପୁର କରିଡର ଦୁଇ ପଡ଼ୋଶୀ ମଧ୍ୟରେ ସମ୍ପର୍କର ନୂଆ ସେତୁବନ୍ଧ ପ୍ରତିଷ୍ଠା କରିବା ସହ ଶତ୍ରୁଭାବକୁ ଦୂର କରିବାରେ ସହାୟକ ହେବ। ଏଥିସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଅନୁରୂପ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କେନ୍ଦ୍ରର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

୨୮ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ଇମ୍ରାନ

ଇସ୍‌ଲାମାବାଦ,୨୨।୧୧(ପି.ଟି.)-ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଆସନ୍ତା ୨୮ରେ ସେପଟୁ କର୍‌ତାରପୁର କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। କରିଡର ପ୍ରତିଷ୍ଠା ପାଇଁ ଭାରତ ପକ୍ଷରୁ ନିଷ୍ପତ୍ତି ନିଆଯିବା ପରେ ଗୁରୁବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଏହି ସୂଚନା ଦେଇଛନ୍ତି। ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନର ପବିତ୍ର ଅବସରରେ ଶିଖ୍ ସମ୍ପ୍ରଦାୟକୁ ସେ ସ୍ୱାଗତ କରିଛନ୍ତି। ସେହିପରି ପାକିସ୍ତାନର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଫୱାଦ୍ ଚୌଧିରୀ ମଧ୍ୟ ଭାରତର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ଫୁର୍‌ସତ

ଇତିହାସର ଆଇନାରେ
ନଭେମ୍ବର ୨୩ର ପ୍ରମୁଖ ଘଟଣା

୧୯୪୬ ନଭେମ୍ବର ୨୩ରେ ଭିଏତ୍‌ନାମରେ ହାଇ ଫଙ୍ଗ୍ ସହରରେ ଫ୍ରାନ୍ସ ନୌସେନା ଗୁଳିକାଣ୍ଡ ଘଟାଇଥିଲା। ଏଥିରେ ପ୍ରାୟ ୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଫ୍ରାନ୍ସ ବିରୋଧୀ ଆନ୍ଦୋଳନକୁ ଦମନ କରିବା ଲାଗି ଦେଶର ନୌସେନା ଏଭଳି ଏକ ଭୟଙ୍କର ପଦକ୍ଷେପ ଗ୍ରହଣ କରିଥିଲା। ଭିଏତ୍‌ନାମର ଲି ଚାନ୍ ନାମକ ଜଣେ ମହିଳା ଜେନେରାଲ ହାଇ ଫଙ୍ଗ୍ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ବଂଶର ଶାସକଙ୍କ ଅଧୀନରେ ରହିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏହା ଫ୍ରାନ୍ସ ଅଧୀନକୁ ଚାଲିଯାଇଥିଲା। ଯୁଦ୍ଧ ପରେ ସ୍ୱାଧୀନତା ଦାବିରେ ଭିଏତ୍‌ନାମରେ ଆନ୍ଦୋଳନ ହୋଇଥିଲା। ଫ୍ରାନ୍ସ ଆନ୍ଦୋଳନ ଦମନ ଲାଗି ଚେଷ୍ଟା କରିଥିଲା।

୧୯୯୬ ନଭେମ୍ବର ୨୩ରେ ଇଥିଓପିଆନ୍ ଏୟାର୍‌ଲାଇନ୍ସ ବିମାନ ୯୬୧ର ଅପହରଣ କରାଯାଇଥିଲା। ପରେ ଏହା ଭାରତ ମହାସାଗରରେ ଖସି ପଡ଼ିଥିଲା। ଏହି ଘଟଣାରେ ୩ ଅପହରଣକାରୀଙ୍କ ସମେତ ୧୨୫ ଜଣ ପ୍ରାଣ ହରାଇଥିଲେ। ବିମାନଟି ଆଡିସ୍ ଆବାବାରୁ ନାଇରୋବି ଯାଉଥିବା ବେଳେ ସେଥିରେ ଯାତ୍ରା କରୁଥିବା ୩ ଜଣ ବ୍ୟକ୍ତି ଏହାକୁ ଅପହରଣ କରି ନେଇଥିଲେ। ସେମାନେ ଥିଲେ ଇଥିଓପିଆ ନାଗରିକ ଏବଂ ଅଷ୍ଟ୍ରେଲିଆରେ ଶରଣ ନେବା ଲାଗି ଦାବି କରିଥିଲେ। ତେବେ ବିମାନରେ ଇନ୍ଧନ ଶେଷ ହେବା ପରେ ଏହାକୁ ଭାରତ ମହାସାଗରରେ କୋମୋରୋସ୍ ଦ୍ୱୀପ ନିକଟରେ ପାଣିରେ ଅବତରଣ କରିବାକୁ ଚେଷ୍ଟା କରୁଥିବାବେଳେ ଏହା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ୧୭୫ ଯାତ୍ରୀ ଏବଂ ବିମାନ କର୍ମଚାରୀଙ୍କ ମଧ୍ୟରୁ ୧୨୫ ଜଣ ପ୍ରାଣ ହରାଇଥିବାବେଳେ ୫୦ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ୪ ଜଣ ଆହତ ହୋଇଥିଲେ।

ପ୍ରଦୂଷଣରୁ ଶିଶୁଙ୍କ ବୌଦ୍ଧିକ ଦକ୍ଷତା ହ୍ରାସ

ଲଣ୍ଡନ: ବାୟୁ ପ୍ରଦୂଷଣ ଦ୍ୱାରା ଶିଶୁଙ୍କ ବୌଦ୍ଧିକ ଦକ୍ଷତା ହ୍ରାସ ପାଇଥାଏ। ବ୍ରିଟେନ୍‌ରେ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜାଣିବାକୁ ମିଳିଛି। ଏ ସମ୍ପର୍କିତ ଏକ ଅଧ୍ୟୟନ ଜର୍ନାଲ୍ ଅଫ୍ ଇଣ୍ଟେଲେକ୍ଚୁଆଲ୍ ଡିଜାବିଲିଟି ରିସର୍ଚ୍ଚରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ବ୍ରିଟେନ୍‌ରେ ଯେଉଁ ପିଲାମାନେ ବାହାର ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସନ୍ତି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ କମ୍ ଦକ୍ଷ। ଏ ସମ୍ପର୍କରେ ଅଷ୍ଟ୍ରେଲିଆସ୍ଥିତ ସିଡ୍‌ନୀ ୟୁନିଭର୍ସିଟିର ଏରିକ୍ ଏମର୍ସନ କହନ୍ତି, ବ୍ରିଟେନ୍‌ରେ ଯେଉଁ ପିଲାଙ୍କର ବୌଦ୍ଧିକ ଦକ୍ଷତା କମ୍ ସେମାନଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ଏବଂ ସେମାନେ ସ୍ୱାଭାବିକ ସମୟ ପୂର୍ବରୁ ମୃତ୍ୟୁବରଣ କରନ୍ତି।

ବ୍ରିଟେନ୍‌ର ମିଲେନିୟମ୍ କୋହର୍ଟ ଷ୍ଟଡିରୁ ସଂଗ୍ରହ କରାଯାଇଥିବା ତଥ୍ୟକୁ ବିଶ୍ଳେଷଣକରି ଗବେଷକମାନେ ଏହା ଜାଣିପାରିଛନ୍ତି। ଜାତୀୟ ସ୍ତରରେ ଏଥିପାଇଁ ୧୮,୦୦୦ ପିଲାଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ନମୁନା ସଂଗ୍ରହ କରାଯାଇଥିଲା।

ବନ୍ଦ ହୋଇଯାଇଛି ୫୩୯ ଶିଶୁଯତ୍ନ ଗୃହ

ନୂଆଦିଲ୍ଲୀ: ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦେଶର ୫୩୯ଟି ଶିଶୁଯତ୍ନ ଗୃହକୁ ବିଭିନ୍ନ ଅନିୟମିତତା କାରଣରୁ ବନ୍ଦ କରିଦେଇଛି। ବିହାରର ଏକ ଶିଶୁଯତ୍ନ ଗୃହରେ ଯୌନ ଶୋଷଣ ଘଟଣା ପଦାକୁ ଆସିବା ପରେ ଦେଶର ବିଭିନ୍ନ କେନ୍ଦ୍ରରେ ଚଢ଼ାଉ କରାଯାଇଥିଲା। ଏଥିପାଇଁ ମହାରାଷ୍ଟ୍ରର ୩୭୭ଟି ଶିଶୁଗୃହକୁ ବନ୍ଦ କରିଦିଆଯାଇଛି। ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ତୁଳନାରେ ଏହି ସଂଖ୍ୟା ଅଧିକ ହୋଇଥିବା ବେଳେ ଏହା ପଛକୁ ରହିଛି ଆନ୍ଧ୍ରପ୍ରଦେଶ(୭୮) ଏବଂ ତେଲେଙ୍ଗାନା(୩୨)।

ବିହାରର ଏକ ଶିଶୁ ଆଶ୍ରୟ ଗୃହରେ ୩୪ଜଣ ନାବାଳିକାଙ୍କୁ ଯୌନ ଶୋଷଣ ଭଳି ଘଟଣା ଜଣାପଡିବାପରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ

ତତ୍‌ପର ହୋଇଉଠିବା ସହିତ ସବୁ ରାଜ୍ୟର ଶିଶୁଗୃହଗୁଡ଼ିକୁ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ଜିଲାପାଳମାନଙ୍କୁ ସେମାନଙ୍କ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ତଦାରଖ କରାଯିବା ପରେ ଜଣାପଡିଲା ଯେ, ୫୩୯ଟି ଶିଶୁଯତ୍ନ ଗୃହ ଧାର୍ଯ୍ୟ ନୀତି ନିୟମ ଅନୁସରଣ କରୁନାହାନ୍ତି ଅଥବା ପଞ୍ଜୀକୃତ ହୋଇନାହାନ୍ତି। ତେବେ ସେହି କେନ୍ଦ୍ରଗୁଡିକରେ ଥିବା ପିଲାମାନଙ୍କୁ ଅନ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ବିହାରର ମୁଜାଫ

ସଂକ୍ଷେପରେ

ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

ଇନାମୀ ମାଓବାଦୀ ଗିରଫ

ମାଲକାନଗିରି, ୨୨।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ପୁଣି ପୋଲିସ-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଛି। ବିଜାପୁର ଜିଲା ବଞ୍ଜାସାଗୁଡା ଥାନା ଟିମାପୁର ଜଙ୍ଗଲରେ ପୋଲିସର କୋମ୍ବିଂ ଅପରେଶନ ବେଳେ ଗୁଳି ବିନିମୟ ଘଟି ଜଣେ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତ ମାଓବାଦୀଙ୍କ ପରିଚୟ ମିଳି ପାରିନାହିଁ। ଘଟଣା ସ୍ଥଳରୁ ପୋଲିସ ବହୁ ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଥିବା ଏସ୍.ପି. ମୋହିତ ଗର୍ଗ ସୂଚନା ଦେଇଛନ୍ତି। ସେହିପରି ସୁକ୍‌ମା ଜିଲା କ୍ରିଷ୍ଣାରାମ ଜଙ୍ଗଲ ରାସ୍ତାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଗୋଟିଏ ବାଇକ୍ ନଷ୍ଟ ହୋଇଥିବା ବେଳେ ଚାଳକ ଆହତ ହୋଇଛନ୍ତି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଛି। ମାଡକାମୀ ରାସ ଅଞ୍ଚଳରୁ ଡି.ଆର୍.ଜି. ପକ୍ଷରୁ କୋମ୍ବିଂ ଚାଲିଥିବା ବେଳେ ଲଛୁ ନାମକ ଜଣେ ଇନାମୀ ମାଓବାଦୀଙ୍କୁ ଗିରଫ କରାଯାଇଛି। ଓଡିଶା-ଛତିଶଗଡ ସୀମାନ୍ତରେ ସଂଘଟିତ ବହୁ ମାଓବାଦୀ ହିଂସାରେ ସେ ଜଡିତ ଥିବାବେଳେ ତାଙ୍କ ନାମରେ ୨ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା।

■ ବଳରାମପୁର ଗଛକଟା ବନ୍ଦ ପ୍ରସଙ୍ଗ

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସ୍ଥାନୀୟ ବାସିନ୍ଦା

ବଳରାମପୁର ଓ ଆଖପାଖ ଅଞ୍ଚଳରୁ ଆସିଥିବା ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଉଛନ୍ତି।

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଜିଲା ବଳରାମପୁରରେ ପ୍ରସ୍ତାବିତ ବଟ୍‌ଲିଂ ପ୍ଲାଣ୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେବା ସହ ଗଛକଟା ବନ୍ଦ କରିଛନ୍ତି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ନବୀନ ନିବାସରେ ଭେଟି ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବଳରାମପୁର ବ୍ୟତୀତ କାଶିଆଡିହି, ଗୁଣ୍ଡିଚାପଡା,ଇନ୍ଦିପୁର ପ୍ରମୁଖ ପଞ୍ଚାୟତବାସୀ ରହିଥିଲେ।

ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଢେଙ୍କାନାଳ ବିଜେଡି ସହପର୍ଯ୍ୟବେକ୍ଷକ ବିଜୟ ନାୟକ, ବିଜେଡି ନେତା ସୁଧୀର ସାମଲ, ସ୍ଥାନୀୟ ସରପଞ୍ଚ ମମିତା ମଞ୍ଜରୀ ନାୟକ, ନାଏବ ସରପଞ୍ଚ ସଫଳା ମାଝି, ୱାର୍ଡ ମେମ୍ବର ସୁଷମା ନାଏକ, ରେଣୁବାଳା ନାଏକ, ମମତା ବେହେରା, ଚପଳା ସେଠୀ ଉକ୍ତ ପ୍ରତିନିଧିମଣ୍ଡଳୀରେ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶିଆଡିହି ସରପଞ୍ଚ ଝୁନାରାଣୀ ପ୍ରଧାନ, ଗୁଣ୍ଡିଚାପଡା ସରପଞ୍ଚ କାର୍ତ୍ତିକ ସାହୁ, ଇନ୍ଦିପୁର ସରପଞ୍ଚ ରାଜକିଶୋର ରାଉତ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବିଶ୍ୱଜିତ ପାତ୍ର, ମୀନକେତନ ସାହୁ, ମାୟାଧର ପୁଷ୍ଟି, ଭଗବାନ ସାହୁ, ଭାସ୍କର ଦଳେଇ , ନୃସିଂହ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେଇଛନ୍ତି।

ଆଞ୍ଚଳିକ ସୁରକ୍ଷା ମଞ୍ଚର କେହି ଯାଇନାହାନ୍ତି

ଓଡାପଡା,୨୨।୧୧(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଆମେ କେହି ଯାଇନାହୁଁ ବୋଲି ଆଞ୍ଚଳିକ ସୁରକ୍ଷା ମଞ୍ଚ ସଭାପତି ଅମ୍ବିକା ପ୍ରସାଦ ଜେନା କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମଦ କାରଖାନାକୁ ମୁଖ୍ୟମନ୍ତ୍ରୀ ବାତିଲ ଘୋଷଣା କରିବା ପରେ ଆମେ ତାଙ୍କୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ଧନ୍ୟବାଦ ଦେଇସାରିଛୁ । ଆମେ ତାଙ୍କ ନିକଟରେ କୃତଜ୍ଞ । ତେବେ ୧୨ଖଣ୍ଡ ଗ୍ରାମକୁ ନେଇ ଯେଉଁ ଆଞ୍ଚଳିକ ସୁରକ୍ଷା ମଞ୍ଚ ଗଠନ କରିଛୁ ସେମାନଙ୍କ ମଧ୍ୟରୁ କେହି ଗୁରୁବାର ଭୁବନେଶ୍ୱର ଯାଇନାହାନ୍ତି, ଯାହାଙ୍କୁ ନେଇ ଏହି ନାଟ ଲାଗିଛି ଓ ଯେଉଁମାନେ ଚଞ୍ଚକତା କରି ମଦ କମ୍ପାନୀ ପାଇଁ ଏନ୍‌ଓସି ଦେଇଥିଲେ, ସେହିମାନେ କିଛି ବାହାର ଲୋକଙ୍କୁ ନେଇ ଯାଇଥିବେ। ଏହାଦ୍ୱାରା ସେମାନେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଠକିବାକୁ ଚେଷ୍ଟା କରିଛନ୍ତି। ଏଥିନେଇ ଆମେ ଲିଖିତ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବୁ। ମଞ୍ଚ ସମ୍ପାଦକ ସୁଶାନ୍ତ କୁମାର ଧଳ କହିଛନ୍ତି, ସୁରକ୍ଷା ସମିତିର କୌଣସି ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଭୁବନେଶ୍ୱର ଯାଇନାହାନ୍ତି। ଯେଉଁଦିନ ମୁଖ୍ୟମନ୍ତ୍ରୀ ମଦ କାରଖାନା ବାତିଲ ଘୋଷଣା କଲେ ସେହିଦିନ ଆମେ ଗଣମାଧ୍ୟମ ଜରିଆରେ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିସାରିଛୁ। ଯେଉଁମାନେ ବିୟର ଫ୍ୟାକ୍ଟ୍ରି ବସାଇବା ପାଇଁ ଚକ୍ରାନ୍ତ କରିଥିଲେ ସେହିମାନେ ଯଥା ସରପଞ୍ଚ ଓ ନାଏବ ସରପଞ୍ଚ କେତେକ ଲୋକଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଭୁବନେଶ୍ୱର ଯାଇଥିବା ଆଜି ଆମେ ଶୁଣିବାକୁ ପାଇଛୁ। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଧଳ କହିଛନ୍ତି।

ଖସୁନ ପାରଦ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ନଭେମ୍ବର ଶେଷ ହେବାକୁ ବସିଲାଣି। ରାଜ୍ୟରେ ଦେହଥରା ଶୀତ ନାହିଁ। ପାରଦ ତଳକୁ ଖସୁନାହିଁ। କେବଳ କୋରାପୁଟ, ଫୁଲବାଣୀ ଭଳି ବଣପାହାଡ଼ ଘେରା ଜିଲାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଯାଏ ଖସୁଥିବା ବେଳେ ରାଜ୍ୟର ଅନ୍ୟ ଭାଗରେ ୧୫ ଡିଗ୍ରୀ ଉପରେ ରହୁଛି। ଆସନ୍ତା ୨୭ ତାରିଖ ବେଳକୁ ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗୁରୁବାର ଫୁଲବାଣୀର ସର୍ବନିମ୍ନ ତାପମାତ୍ରା ୧୦.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡି ୧୩, ଟିଟିଲାଗଡ ୧୫, କୋରାପୁଟ ୧୨.୬, ତାଳଚେର ୧୫.୩, ଝାରସୁଗୁଡା ୧୫, କେନ୍ଦୁଝର ୧୪.୨, ବଲାଙ୍ଗୀର ୧୬.୬, ବାଲେଶ୍ୱର ୧୬ ଏବଂ ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୫.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ କେତେକ ସ୍ଥାନରେ କୁହୁଡିଆ ପାଗ ରହିବ ବୋଲି ପୂର୍ବାନୁମାନ କରାଯାଇଛି।





ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ପୁନମ୍
ପରିବାରବର୍ଗ

ବଦ୍ରିନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

automobile

SALE

Cruze- 2010 automatic 17000 kms. Sunroof, i-20 Active- 2017, Swift- 2011, Skoda Octavia- 2009, Captiva- 2010, Pajero- 2009. 7381091234, 9861194627. D-64376

real estate

SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Booking simplex 2BHK 1200 sqft. land 19,50,000/- near Tankapani road Sai Temple (Bankuala) installment and outright available. 7735738102. D-9555

ପଟିଆ KIIT ପାଖରେ 40/30" road boundary, electric ସହିତ ଗୃହୋପଯୋଗୀ plot sqft. 1050/- କିଣନ୍ତୁ। 8018611122. D-64642

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-64381

4BHK duplex with gated community at Balianta (land- 1400 construction- 2100) @ 50 lakhs. Finance by LIC housing gharabari land at Khandagiri @ 2000, KIIT @ 1200, Hanspal @ 1500. Contact Mplanets: 9861022055, 9938219397. D-9560

2BHK flat 1120 sqft. near ZEE School, Kateni-Bhubaneswar is for sale. 9937162220. D-64749

One BHK flat for sale near Seabeach, Puri with modern facilities. Contact: 0674-2561050, 8260011011. D-9605

Book your dream house (duplex) at good location in Bhubaneswar. 200' roadside with affordable price. (special Diwali offer). Contact: 8338866678, 9337138784. D-65190

Land required in Bhubaneswar for real estate firm. Joint venture & sharing basis. Land should be come under BDA, BMC/CDA. Contact: 9348243488, 9439776090. D-64917

3BHK duplex/ simplex at Atala (Hanspal) and BDA approved duplex/ simplex at 1km. from Hanspal square, Bhubaneswar: 9438419823, 9437286655. D-65075

2800 sft. homestead land immediate sale Hanspal, NH-5, Bhubaneswar. Contact Deepak: 9937329999 (Condition apply). D-64544

2BHK flat for sale at Manorama Estate, Rasulgarh. Contact: 8280240167. D-56632

to-let

Centrally located for office at Unit-9, 450 sqft., 700 sqft., 650 sqft., 850 sqft. 7789837712, 9861256148. D-9558

10500 sqft. building (G+2) for rent at near Alishan City, Kalinga vihar, Patrapada, Bhubaneswar. Preferable- school/ guest house/ godown/ ware house. Price Rs. 65,000/-. 7381087906. D-65189

800 sqft., 3rd floor. For commercial, Kharvel Nagar. Contact: 9437033691. D-63873

Commercial space 1200 sft. for office, banks, institutions at Bayamath Road. 9938788911, 9437504102. D-64916

healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Newly open herbal full body massage with refreshment well trained therapist. 7381239385. D-64636

All type of full body massage by expert therapist. 7609005923. D-65180

Experience full body massage with us by expert Enquiry: 7377048581. D-65181

Herbal full body massage by smart/ expert therapist. Contact: 8338067247. D-65182

Now Matrimonial ads. only on Wednesday & Sunday
Book 1 Get 1 FREE

packers & movers

Samal packers movers provide household shifting in reasonable rates. 9437035016. D-63872

Shivam logistic packers movers. Household/ car relocation countrywide. 9777044177, 9338461133. D-9429

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly opening ayurvedic massage smart therapist, Shree herbal. 7750020754. D-65183

Improving your health, skin care through expert therapist, excellent offer. 9668374480. D-65184

Newly open Ayurvedic full body massage ladies and gents. 8117033493. D-65072

Roshni ayurvedic massage club fully relaxed by smart lady, home service facility available. 9937637219. D-9600

8th Birthday Wish

Omm Sai
Class-3, KV, Angul
Have a wonderful birthday. I wish your every day to be filled with lots of love, laughter, happiness and the warmth of sunshine. Best wishes from: Dad, Mom & Bismaya. D-9610

Birthday Wish

Tanaya Priyadarshi Behera
Wishing you a day filled with happiness and a year filled with joy. Sending you smiles for every moment of your special day. Have a wonderful time and a very Happy Birthday hope your special day brings you all that your heart dezires. From: Jeje & Bou, Bada Baba & Maa, Nani and Pisa, Papa & Mama, Baba & Maa, Dada & aunty, Kunia Dada, Bhai, Kitu Bhai, Didi, Partha Bhai & Didi. D-9593

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧୨ତମ ଜନ୍ମଦିନ ଶୁଭେଚ୍ଛା

ଜସ୍ମିତା ବାର୍ଲା
ସର୍ଲାକାନୀ, ଧନକଉଡା, ସମ୍ବଲପୁର
ଆଜି ତୋର ଜନ୍ମଦିନ ଅବସରରେ ମା' ସମଲେଇଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ କାମନା। ଶୁଭେଚ୍ଛା ସହ: ମାଆ, ଭାଇ, ଭଉଣୀ ଏବଂ ବାର୍ଲା ପରିବାରବର୍ଗ। ଧ-୬୨୪୫୯

ଦ୍ୱିତୀୟ ବିବାହ ବାର୍ଷିକୀ ଶୁଭେଚ୍ଛା

ଲିମା ଓ ଲୁଲୁ
ଗୁହାଳପଡା, ନିମାପଡ଼ା
ଆଜିର ଏହି ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ କୁସୁମିତ, ଯଶସ୍ୱୀ ଓ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଆଈ, ପାପା, ମମି, ମାମୁ, ମାଇଁ, ଦଦେଇ, ଦେଠେଇ, ଦାଦା, ଖୁଡୀ ଓ ଗୁଡୁ। ଧ-୨୪୬୪୩

ଜନ୍ମଦିନ ଶୁଭେଚ୍ଛା

(ବାବୁନ୍)
ପଦ୍ମିନୀ ଘଡେଇ
ବାପା- ସୁବ୍ରତ ଘଡେଇ,
ମା- ବନ୍ଦନା ଘଡେଇ
ଦ୍ୱିତୀୟ ବାର୍ଷିକ ଜନ୍ମଦିବସରେ ତୋର ଉଜ୍ଜ୍ୱଳମୟ ଭବିଷ୍ୟତ ଓ ଚଲାପଥ କୁସୁମିତ ହେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ସମସ୍ତଙ୍କର ଏତିକି ବିନମ୍ର ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଦାଦା, ଅଜା, ଆଈ, ମାମୁ, ମଉସା, ମାଉସୀ, ବନ୍ଧୁ ଓ ପରିବାର। ଧ-୬୩୨୦୭

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

(ପୁନମ୍)
ବିଦ୍ୟାଶ୍ରୀ
ବଇଁଚୁଆ, ବାଲିଅନ୍ତା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେ- ବିରଞ୍ଚି, ସଞ୍ଜୁ, ପପୁ, ପିନ୍ଟୁ, ରୁବି, ଲୀନା, ପୂଜା, ଆଦ୍ୟା, ବନ୍ଧୁ ଓ ପରିବାରବର୍ଗ। ଧ-୪୬୨୫୮

ପିଏମ୍‌ଜିଏସ୍‌ୱାଇ-୨: ଏବର୍ଷ ନିର୍ମାଣ ହେବ ୧୦ ହଜାର କି.ମି. ରାସ୍ତା

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)-୨ରେ ମାସକୁ ୪୪୦୦କି.ମି. ପୁରୁଣା ରାସ୍ତାର ଉନ୍ନତୀକରଣ କରାଯିବ । ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉକ୍ତ ରାସ୍ତା ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର)କୁ ଅନୁମୋଦନ କରାଯାଇଛି। ଏହାଛଡା ମାସକୁ ୨ ହଜାର କିଲୋମିଟର ନୂଆ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ରାଜ୍ୟରେ ୧୦ ହଜାର କିଲୋମିଟର ରାସ୍ତା ନିର୍ମାଣ ହେବ । ନୂତନ ରାସ୍ତା ନିର୍ମାଣ ସହିତ ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ କାର୍ଯ୍ୟ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଏମ୍‌ଜିଏସ୍‌ୱାଇ-୨ରେ କେବଳ ରାସ୍ତାଗୁଡିକର ଉନ୍ନତୀକରଣ କରାଯାଇପାରିବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ପାଣ୍ଠି ଯୋଗାଇ ଦେବେ।

ଗଣିତଜ୍ଞ ଡ. ପିଆରୀ ଚରଣ ମହାନ୍ତିଙ୍କ ପରଲୋକ

କଟକ ଅଫିସ, ୨୨।୧୧

ସ୍ୱନାମଧନ୍ୟ ଗଣିତଜ୍ଞ ତଥା ପ୍ରଫେସର ଡ. ପିଆରୀ ଚରଣ ମହାନ୍ତିଙ୍କର ଗୁରୁବାର ପୂର୍ବାହ୍ନରେ କଟକ ସାମନ୍ତସାହିସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ବାରିପଦାର ଏମ୍‌ପିସି କଲେଜରୁ ଅଧ୍ୟାପନା ଆରମ୍ଭ କରି ଗଙ୍ଗାଧର ମେହେର କଲେଜ ଗଣିତ ବିଭାଗର ମୁଖ୍ୟ ଭାବେ ଦୀର୍ଘବର୍ଷ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସମ୍ବଲପୁରସ୍ଥ ଦୁଇଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କର୍ତ୍ତବ୍ୟ ନିର୍ବାହ କରିଥିଲେ। ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରଥମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ସମ୍ପାଦନ କରି ବୃତ୍ତିଗତ ଜୀବନରୁ ଅବସର ନେଇଥିଲେ। ଅନେକ ଅମୂଲ୍ୟ ଗଣିତ ସମ୍ବନ୍ଧୀୟ ପାଠ୍ୟପୁସ୍ତକ ରଚନା କରି ପ୍ରଫେସର ମହାନ୍ତି ଗଣିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଅନବଦ୍ୟ କୃତି ଛାଡ଼ି ଯାଇଛନ୍ତି।

ମନେ ପଡ଼ନ୍ତି

1st Death Anniversary

Late Sudhamayee Dash
We are praying together for peace of your soul & condolences to surviving family members.
Husband- Rabin Kumar Dash, Son- Subrat Kumar Dash, Daughter- Subhashree Mishra, Son-in-law- Sanjay Mishra, Grand Daughter- Aaryahi (Riba), Friends & Relatives.
D-64750

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତୃତୀୟବାର୍ଷିକ ଶ୍ରାଦ୍ଧୋତ୍ସବ

ସ୍ୱର୍ଗତା ପ୍ରମୋଦିନୀ ପ୍ରଧାନ
ଗଣେଶପୁର, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୫।୦୮।୧୯୬୫
ତିରୋଧାନ: ୨୬।୧୧।୨୦୧୫
ଶ୍ରାଦ୍ଧଦିବସ: ୨୩।୧୧।୨୦୧୮
ତମେ ପରିବାରକୁ ହସଖୁସିରେ ରଖିବା ପାଇଁ ଏତେ କଷ୍ଟ କରିଥିଲ। ଏବେ ପରିବାର ଖୁବ ଖୁସିରେ ଥିଲାବେଳେ ତୁମର ଅନୁପସ୍ଥିତି ଖୁବ୍ ଦୁଃଖ ଦେଉଛି। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ- ବିଜୟ କୁମାର ପ୍ରଧାନ, ପୁଅ- ବିକି, ଝିଅ- ପିଙ୍କି, ଲଭି, ଜ୍ୱାଇଁ- ପିଣ୍ଟୁ, ବିଅର, ଯାଆ, ପୁତୁରା, ଝିଆରୀ ଓ ବନ୍ଧୁପରିବାରବର୍ଗ। ଧ-୪୯୨୮୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗୀୟା ଶ୍ରୀମତୀ ସରସ୍ୱତୀ ସ୍ୱାଇଁ
ସ୍ୱାମୀ: ଭରତ ଚନ୍ଦ୍ର ସ୍ୱାଇଁ
ଆବିର୍ଭାବ: ୧୩।୦୯।୧୯୫୦
ତିରୋଧାନ: ୦୪।୧୧।୨୦୧୭
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆପଣଙ୍କର ଅମର ଆତ୍ମାର ପରମତୃପ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅଶ୍ରୁଳ ପ୍ରାର୍ଥନା। ଆପଣଙ୍କର ସ୍ୱାମୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରାବୋହୂ ଓ ଜ୍ଞାତିକୁଟୁମ୍ବ।
ଧ-୬୩୭୪୨

SAD DEMISE

SUBHRANSU NAYAK (Kunu)
At/Po - Nikirai (East), Via/Dist- Kendrapara
DOB : 04.06.2013
DOD : 14.11.2016
I will Love you with every beat of my Heart , I will miss you until I hold you in Heaven
FROM : FELU & FAMILY
D-9609

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅବସରରେ

ସ୍ୱର୍ଗତ ଦେବପ୍ରସାଦ କରଣ
(ଦେବୁ)
ଆବିର୍ଭାବ: ୨୮।୦୪।୧୯୯୮
ତିରୋଧାନ: ୧୪।୧୧।୨୦୧୬
କାର୍ତ୍ତିକ ପୂର୍ଣ୍ଣିମା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ କେବଳ ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ: ଦାଦୁ, ବାପା, ମା, ବଡକାକା, କାକୀ, ସାନକାକା, କାକୀ, ଦିଦିଆ, ବିଭୁ ଭାଇ, ମାମୁନ୍ ଏବଂ ରିଶି। ଧ-୯୬୦୧

7th Death Anniversary



Shri Jagat Ballav Dash
(27.08.1943 - 11.11. 2011)
Ghatikia
Goodbyes
Hurt when
the story is not
finished
and the book
has been closed
forever
Miss you Bapa
From Family, Friends & Relatives. D-64912

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ-୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା-୨୦୧୬
ଏହି ଶ୍ରେଷ୍ଠ ପୁଣ୍ୟ ଦିବସରେ ଆତ୍ମ ସମସ୍ତଙ୍କୁ ଛାଡି ପରମେଶ୍ୱରଙ୍କ ପାଖକୁ ଚାଲିଗଲୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ତୋର କାର୍ଯ୍ୟକଳାପ, ଅଧ୍ୟବସାୟ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ। ଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଆଦର୍ଶ, ପ୍ରେରଣା ଆତ୍ମସମସ୍ତଙ୍କୁ ଶକ୍ତି ଓ ସାହସ ପ୍ରଦାନ କରୁ ଏବଂ ସୁପଥ ପ୍ରଦର୍ଶନ କରୁ। ଶୋକସନ୍ତପ୍ତ: ପରିବାର, ବନ୍ଧୁ ଏବଂ ଆତ୍ମୀୟସ୍ୱଜନବୃନ୍ଦ। ଧ-୯୫୨୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମୋହନ ସାହୁ
ଆବିର୍ଭାବ: ୧୭।୦୫।୧୯୫୮
ତିରୋଧାନ: ୧୩।୧୧।୨୦୧୮
M-75, Bhimatangi, H.B. Colony, Phase- 2
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୯୬୦୭

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାନ୍ଦୁଆ, ଗଞ୍ଜାମ

ମେଷ
ଆଜି ଉଚ୍ଚ ରାଶିରେ ଚନ୍ଦ୍ର ରହିଥିବାରୁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ । ରାଜନୀତି, ସଭାସମିତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ୟାଗୁଡିକ ସମାଧାନ ପାଇଁ ଆଲୋଚନା ଅବ୍ୟାହତ ରହିପାରେ।

ବୃଷ
ଆପଣଙ୍କ କାମ ହାସଲ ସକାଶେ ଯାହାର ସାହାଯ୍ୟ ସହଯୋଗ ଆବଶ୍ୟକ କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ଚନ୍ଦ୍ରଙ୍କ ସହ ଶୁକ୍ର ଓ ଶନି ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ସାଧାରଣ କଥାକୁ କେନ୍ଦ୍ର କରି ତର୍କ ବିତର୍କର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ।

ମିଥୁନ
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ କଳହର ପରିସମାପ୍ତି ଘଟିବାର ଆଶା ରହିଛି। ବୁଧ ଷଷ୍ଠଭାବସ୍ଥ ହେତୁ ପରିବାରର ସଦସ୍ୟଙ୍କ ସହ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଭୁଲ ବୁଝାମଣା ସୃଷ୍ଟିହେବାର ଆଶଙ୍କା ରହିଛି। ରାଜନୀତି, କଳା ସାହିତ୍ୟ, ସଙ୍ଗୀତ, ଆନୁଷ୍ଠାନିକ କାମ ତଥା ସାଂଗଠନିକ କ୍ଷେତ୍ରରେ ପୃଷ୍ଠପୋଷକତା ଲାଭକରିପାରନ୍ତି।

କର୍କଟ
ଆପଣଙ୍କ କୌଣସି କାମରେ ପାରିବାରିକ ସହମତିର ଅଭାବ ସମସ୍ୟା ସୃଷ୍ଟି କରିବ । ଶୁକ୍ରଙ୍କ ପ୍ରଭାବରେ ଭୋଗ ବିଳାସ, କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବିଭିନ୍ନ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

ସିଂହ
ବ୍ୟୟାଧିପ ଚନ୍ଦ୍ର କର୍ମଭାବସ୍ଥ ହେତୁ ବିନା ଖର୍ଚ୍ଚରେ ଆଜିର କାମ ପୂର୍ଣ୍ଣାଙ୍ଗ ହେବା କଷ୍ଟକର ହେବ। ସ୍ୱାସ୍ଥ୍ୟହାନି ସାଙ୍ଗକୁ ସନ୍ତାନଙ୍କ ସହ ମତଭେଦ ମାନସିକ ଅଶାନ୍ତି ବୃଦ୍ଧି କରିବାର ଆଶଙ୍କାକୁ ଏଡି ହେବନାହିଁ। କୌଣସି ନୂତନ କାର୍ଯ୍ୟାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

କନ୍ୟା
ନବମରେ ଚନ୍ଦ୍ର ଏବଂ ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ। ଶୁଭଖବର, ବନ୍ଧୁମିଳନ ସାଙ୍ଗକୁ ନୂଆ କାମଟିଏ ପାଇଁ ମନସ୍ଥ କରିପାରନ୍ତି। କିନ୍ତୁ ଚତୁର୍ଥସ୍ଥ ଶନି ହେତୁ ଶିକ୍ଷା, ସନ୍ତାନ ଓ ପ୍ରଣୟ କ୍ଷେତ୍ରରେ ସମସ୍ୟା ଦେଖାଦେବା ମଧ୍ୟ ଅବଶ୍ୟମ୍ଭାବୀ

ତୁଳା
ଆପଣଙ୍କ କହିବା କଥା ଅନୁଯାୟୀ କାମ ମଧ୍ୟ ତଦନୁରୂପ ହେବା ଯୋଗୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧିଜନିତ ସନ୍ଦେହ ବଳୟ ଭିତରକୁ ଆସିପାରନ୍ତି। ଅଫିସରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ ଅଥବା ସରକାରୀ କାମ ଓ ସହଯୋଗରୁ ଉପକୃତ ହେବେ।

ବିଛା
କେତେକ କଥା ମନ ଚାହୁଁଥିଲେ ମଧ୍ୟ ପରିବେଶ ଓ ପରିସ୍ଥିତି ତାହା କରାଇଦେବ ନାହିଁ। ଈର୍ଷାପରାୟଣ ହୋଇ ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ ଟାଣି ପାରନ୍ତି। ତଥାପି ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି ଓ ବ୍ୟବସାୟିକ କାମରେ ଆଶା ପୂରଣ ହୋଇପାରିବ। ଦିନଟିରେ ଅଧିକାଂଶ ସମୟ ବନ୍ଧୁଙ୍କ ସହ କଟାଇବେ ।

ଧନୁ
ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ଆଜିର ବିପରୀତ ରାଜଯୋଗ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସାହାଯ୍ୟ କରିବ। ସମସ୍ୟା ଓ ପ୍ରତିବନ୍ଧକ ହଟିଯିବା ସାଙ୍ଗକୁ ପକେଟ ମଧ୍ୟ ଖାଲି ରହିବ ନାହିଁ। କିନ୍ତୁ କର୍ମକ୍ଷେତ୍ର, ପରିବାର, ଯାତ୍ରା ତଥା ପ୍ରତିଦ୍ୱନ୍ଦ୍ୱିତାରେ ମନର ବଳ ଖୁବ୍ ଟାଣ ରହିବ ମାତ୍ର ଜିଦ୍‌ଖୋର ହେତୁ କିଛିଟା ବିଘ୍ନ ମଧ୍ୟ ଘଟିପାରେ।

ମକର
ରାଶିରେ କେତୁ ଓ ଚନ୍ଦ୍ରଙ୍କ ଅବସ୍ଥିତି ଆପଣଙ୍କୁ ବୃଥା ସମୟ ଅପଚୟ ଦିଗରେ ଲଗାଇପାରେ। ଫଳତଃ ଲକ୍ଷ୍ୟଭ୍ରଷ୍ଟ ହେବା ସାଙ୍ଗକୁ ପାଇବାକୁ ଥିବା ସୁଯୋଗ ମଧ୍ୟ ହରାଇପାରନ୍ତି। ବନ୍ଧୁ, ପରିବାର ଓ ନିକଟ ସମ୍ପର୍କୀୟ କିଛି ନ କହିଲେ ମଧ୍ୟ ଭୁଲ୍ ବୁଝିପାରନ୍ତି। ଆଗାମୀ ଆନୁଷ୍ଠାନିକ କାମ ସକାଶେ ପ୍ରସ୍ତୁତିରୁ ଖୁସି ରହିବେ କିନ୍ତୁ ପୂର୍ଣ୍ଣତଃ ଉପଭୋଗ୍ୟ ନ ହୋଇପାରେ ।

କୁମ୍ଭ

ବସୁଧା ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କୃଷ୍ଣପ୍ରସାଦ, ୨୨।୧୧(ଡି.ଏନ.ଏ.)


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ 'ବସୁଧା'ର ଉଦ୍‌ଘାଟନ କରୁଛନ୍ତି।

- କୃଷ୍ଣପ୍ରସାଦଠାରେ ହେଲା ଭିତ୍ତିପ୍ରସ୍ତର ସ୍ଥାପନ
- ୧୮୬ କୋଟି ଟଙ୍କା ବ୍ୟୟ ଅଟକଳ
- ୨ ଜିଲାର ୧୪୭ ଗ୍ରାମବାସୀଙ୍କୁ ମିଳିବ ମୁଣ୍ଡପିଛା ୭୦ଲିଟର ପାନୀୟ ଜଳ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋମୁଣ୍ଡିଆ ନିକଟ ଚାରଛକଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ 'ବସୁଧା'ର ଉଦ୍‌ଘାଟନ କରିଛନ୍ତି। ୧୮୬କୋଟି ଟଙ୍କା ବ୍ୟୟ ଅଟକଳରେ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ୨ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କୃଷ୍ଣପ୍ରସାଦ ଓ ଗଞ୍ଜାମ ବ୍ଲକର ୧୪୭ ଗ୍ରାମବାସୀ ଦୈନିକ ମୁଣ୍ଡ ପିଛା ୭୦ ଲିଟର ପାନୀୟ ଜଳ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲା ହୁମ୍ମାଠାରେ ହୋଇଥିବା ବୃହତ ଜଳଯୋଗାଣ ପ୍ରକଳ୍ପକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ ଯେ, ରାସ୍ତାଘାଟ, ବିଦ୍ୟୁତ୍, ଗମନାଗମନ, ବାତ୍ୟା ଆଶ୍ରୟସ୍ଥଳୀ ଆଦି ବିଭିନ୍ନ ଉନ୍ନୟନମୂଳକ ଯୋଜନା ଦ୍ୱାରା ମୁଖ୍ୟମନ୍ତ୍ରୀ କୃଷ୍ଣପ୍ରସାଦ ବ୍ଲକର ଭିତ୍ତିଭୂମିକୁ ସୁଦୃଢ କରିଛନ୍ତି। ତେଣୁ ଆସନ୍ତା ନିର୍ବାଚନରେ ପଞ୍ଚମ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରାଇବାକୁ ଦାସବର୍ମା ଆହ୍ୱାନ କରିଥିଲେ। ସାଂସଦ ପିନାକୀ ମିଶ୍ର ଯୋଗଦେଇ ଖୋର୍ଦ୍ଧା ବକ୍ସୀ ଜଗବନ୍ଧୁଙ୍କ ନାମରେ ପ୍ରକଳ୍ପଟିକୁ ନାମିତ କରାଯାଇଥିବା ପ୍ରକାଶ କରିଥିଲେ। ଅଞ୍ଚଳବାସୀଙ୍କ ଭାତହାଣ୍ଡି ଭାବେ ପରିଚିତ ଚିଲିକାର ଉନ୍ନତି କରାଯିବା ସହ ଖୁବ୍ ଶୀଘ୍ର ଏହାର ଏକ ସ୍ଥାୟୀ ସମାଧାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଏବଂ ଜଳଯୋଗାଣ ବିଭାଗୀୟ ସଚିବ ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ୨ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୧୨ ଇନିସ୍‌ପେକ୍ଟର ନିୟୋଜିତ ହୋଇଥିବାବେଳେ କୃଷ୍ଣପ୍ରସାଦ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୧୬ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲାପରିଷଦ ସଦସ୍ୟ କୈଳାଶ ଚନ୍ଦ୍ର ପରିଡ଼ା, ପ୍ରଭାତୀ ପ୍ରଧାନ, ବନ୍ଦନା ପ୍ରଧାନ, ବିଡିଓ ଅଶୋକ କୁମାର ମହାନ୍ତି, ବ୍ଲକ୍ ବିଜେଡି ସଭାପତି କୈଳାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ତିତ୍‌ଲି ହିରୋଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମୁଦ୍ରିକ ଝଡ଼ ତିତ୍‌ଲି ଏବଂ ପରବର୍ତ୍ତୀ ବନ୍ୟାରେ ଲୋକଙ୍କୁ ଉଦ୍ଧାର, ରିଲିଫ୍ ବଣ୍ଟନ କରିଥିବା ସମାଜସେବୀ ଓ କର୍ମଚାରୀମାନଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ସଚିବାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଜପତି ଜିଲାର ୧୯ ଓ ଗଞ୍ଜାମର ୬ଜଣଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତିତ୍‌ଲି ବିପର୍ଯ୍ୟୟ ସମୟରେ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷମାନେ ହିଁ ସମାଜର ପ୍ରକୃତ ହିରୋ। ସେମାନଙ୍କର ଏହି ସେବା ମନୋବୃତ୍ତି ଓ ସାହାଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ। ସେମାନେ ହିଁ ସମାଜର ପ୍ରକୃତ ଆଦର୍ଶ।

■ ମହାନଦୀ ବସ୍ ଦୁର୍ଘଟଣା

ତଦନ୍ତ ରିପୋର୍ଟ ଦାଖଲ କଲା ଯୁଗ୍ମ କମିଟି

କଟକ ଅଫିସ, ୨୨।୧୧

- ଦୁଇବର୍ଷ ତଳେ କିଣାଯାଇଥିଲା ବସ୍
- ମଇଁଷିଠାରୁ ୩୦ ମିଟର ଦୂରରେ ନଦୀକୁ ଖସିଥିଲା
- ଦୁଇଚକ ଫାଟିଯାଇଥିଲା, ପୋଲ ବାଡ଼ା ବି ଦୁର୍ବଳ ଥିଲା

କଟକ ମହାନଦୀ ପୋଲ ଉପରେ ମଙ୍ଗଳବାର ସନ୍ଧ୍ୟାରେ ଘଟିଥିବା ବସ୍ ଦୁର୍ଘଟଣାର ତଦନ୍ତ କରିଛି ଯୁଗ୍ମ କମିଟି। ୧୦ ଜଣିଆ ତଦନ୍ତକାରୀ ଦଳ ଗୁରୁବାର କାଳିଆବୁଦା ମଶାଣି ପଟ ଦେଇ ମହାନଦୀରେ ବୋଟ୍ ଯୋଗେ ବସ୍ ଖସିପଡ଼ିଥିବା ସ୍ଥାନକୁ ଯାଇଥିଲେ। ତଦନ୍ତରେ କଟକ ମୋଟରଯାନ ନିରୀକ୍ଷକ (ଏମ୍‌ଭିଆଇ) ରଶ୍ମିରଞ୍ଜିତ ଦଳବେହେରା, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସର୍ଭେ ଇଞ୍ଜିନିୟର ଅରୂପ ମିଶ୍ର, ମ୍ୟାଟେରିଆଲ ଇଞ୍ଜିନିୟର ହିମାଂଶୁ ଶେଖର ରାଉତ, ବୈଷୟିକ ପରିଚାଳକ ଦେବପ୍ରସାଦ ସାହୁ, ଜଗତପୁର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି, ମାମଲାର ତଦନ୍ତକାରୀ ଅଧିକାରୀ ପି.କେ. ଦାସଙ୍କ ସମେତ କଟକ ଅତିରିକ୍ତ ଆର୍‌ଟିଓ ରାଜେଶ ମାରାଣ୍ଡି, ସଡ଼କ ନିରାପତ୍ତା ଅଧିକାରୀ ପି.କେ. ରାଉତ ଓ କନିଷ୍ଠ ମୋଟରଯାନ ନିରୀକ୍ଷକ ଆର୍.ଏନ୍. ଜେନା ପ୍ରମୁଖ ସାମିଲ ଥିଲେ। ସେହିପରି ଦୁର୍ଘଟଣାଗ୍ରସ୍ତ ବସ୍ ନିର୍ମାଣକାରୀ ଟାଟା କମ୍ପାନୀ ପକ୍ଷରୁ ୨ ଜଣ ଯନ୍ତ୍ରୀ ମଧ୍ୟ ତଦନ୍ତ ସମୟରେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମୋଟରଯାନ ନିରୀକ୍ଷକ ଦଳବେହେରାଙ୍କ ତଦନ୍ତ ରିପୋର୍ଟକୁ ଆର୍‌ଟିଓ ଦୀପ୍ତିରଞ୍ଜନ ପାତ୍ରଙ୍କ ନିକଟରେ ଦାଖଲ କରିଛନ୍ତି। ଏହି ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଆର୍‌ଟିଓ ପାତ୍ର ସୂଚନା ଦେଇଛନ୍ତି।

ତଦନ୍ତ ଅନୁଯାୟୀ, ବସ୍‌ଟି ଦୁଇ ବର୍ଷ ତଳେ କିଣାଯାଇଥିଲା। ବସ୍‌ରେ ସ୍ପିଡ୍ ଗଭର୍ନର ଲାଗିଛି। ମଇଁଷିକୁ ଧକ୍କା ଦେବା ପରେ ବସ୍‌ର ଆଗ ଦୁଇ ଚକ ଫାଟିଯାଇଥିଲା। ଫଳରେ ଉକ୍ତ ସ୍ଥାନରୁ ପାଖାପାଖି ୩୦ ମିଟର ପରେ ବସ୍ ଫୁଟ୍‌ପାଥ ଉପରକୁ ଚଢି ପୋଲର ବାଡାକୁ ଭାଙ୍ଗି ନଦୀ ଭିତରକୁ ଖସି ପଡ଼ିଥିଲା। ଉକ୍ତ ପୋଲଟି ବହୁ ପୁରୁଣା ଓ ଏହାର ବାଡ଼ା ଦୁର୍ବଳ ଥିବାରୁ ସହଜରେ ଭାଙ୍ଗିଯାଇଥିଲା। ତେବେ ସ୍ପିଡ୍ ଗଭର୍ନର ଲାଗିଥିବାରୁ ବସ୍‌ର ବେଗ ୬୦ କିମିରୁ ଅଧିକ ହୋଇ ନ ଥିବ ବୋଲି ଏମ୍‌ଭିଆଇ ଦଳବେହେରା କହିଛନ୍ତି। ଅନ୍ୟପକ୍ଷରେ ମଇଁଷିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ଉପୁଜିଛି। ଡ୍ରାଇଭର କିଭଳି ଦୂରରୁ ମଇଁଷିକୁ ଦେଖିପାରି ନ ଥିଲେ ତାହା ବଡ଼ ପ୍ରଶ୍ନ ହୋଇଛି। ପରିବହନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁସାରେ, ହୁଏତ ମଇଁଷିଟି ପୋଲ ଉପରେ ଆଗରୁ ମରି ପଡ଼ିଥିଲା। ଗୋରୁ ଗାଡ଼ି ନେଇ ଯାଉଥିବା ବ୍ୟବସାୟୀମାନେ ମଇଁଷିଟିକୁ ପୋଲ ଉପରେ ଫିଙ୍ଗି ଦେଇ ଯାଇଥିବା ଅନୁମାନ କରାଯାଉଥିବା ସେ କହିଛନ୍ତି। ତେବେ ଉକ୍ତ ଦୁର୍ଘଟଣାର ଆଉ କେତେକ ଦିଗ ଯଥା ଡ୍ରାଇଭର ମଦ ପିଇଥିଲେ କି ନାହିଁ, ଗାଡ଼ିର ସ୍ପିଡ୍ ଗଭର୍ନର କାମ କରୁଥିଲା କି ନାହିଁ ଆଦି ଉପରେ ତଦନ୍ତ କରାଯିବ ବୋଲି ଆର୍‌ଟିଓ ପାତ୍ର ସୂଚନା ଦେଇଛନ୍ତି।

■ ୩ ମୃତକଙ୍କ ଠିକଣା ମିଳୁନି

ତଥ୍ୟ ମାଗିଲା ପିଏମ୍‌ଓ

କଟକ ଅଫିସ, ୨୨।୧୧

ମହାନଦୀ ବସ୍ ଦୁର୍ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଛି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)। ମୃତାହତ ଓ ଘଟଣାକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ଜିଲା ପ୍ରଶାସନକୁ ମଗାଯାଇଛି। ଦୁର୍ଘଟଣାକୁ ଇତିମଧ୍ୟରେ ୩ ଦିନ ବିତିଥିଲେ ମଧ୍ୟ ପ୍ରଶାସନ କିମ୍ବା ଏସ୍‌ସିବି ମେଡିକାଲ ପକ୍ଷରୁ ମୃତାହତଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ସଂଗ୍ରହ କରାଯାଇପାରିନାହିଁ। ଏପରି କି ଉକ୍ତ ଦୁର୍ଘଟଣାରେ ଯେଉଁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୩ ଜଣଙ୍କ ଘର ଠିକଣା ମେଡିକାଲ କିମ୍ବା ଜିଲା ପ୍ରଶାସନ ପାଖରେ ନ ଥିବା ଜଣାପଡ଼ିଛି। ତେବେ ସବିଶେଷ ତଥ୍ୟ ସଂଗ୍ରହ କରାଯାଉଥିବା ଜିଲା ଜରୁରିକାଳୀନ ଅଧିକାରୀ ପ୍ରବୋଧ କୁମାର ରାଉତ ସୂଚନା ଦେଇଛନ୍ତି। ଏସ୍‌ସିବି ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ସୁଦ୍ଧା ଆହତଙ୍କ ମଧ୍ୟରୁ ମୋଟ ୩୮ଜଣ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୩୨ଜଣ ୱାର୍ଡରେ ଚିକିତ୍ସିତ ଥିବାବେଳେ ଆଇସିୟୁରେ ଥିବା ୬ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଡାକ୍ତର ମହାରଣା କହିଛନ୍ତି।

ଅମୃତସର ବିସ୍ଫୋରଣ: ଅଭିଯୋଗକୁ ପାକ୍‌ର ଖଣ୍ଡନ

ଇସଲାମାବାଦ, ୨୨।୧୧(ପି.ଟି.)

ଅମୃତସରରେ ଆତଙ୍କବାଦୀଙ୍କ ଆକ୍ରମଣ ଅଭିଯୋଗରେ ପାକିସ୍ତାନର ସଂପୃକ୍ତି ଅଭିଯୋଗକୁ ପାକିସ୍ତାନ ପକ୍ଷରୁ ଖଣ୍ଡନ କରାଯାଇଛି। ଗତ ରବିବାର ରାତିରେ ହୋଇଥିବା ଆକ୍ରମଣରେ ବ୍ୟବହୃତ ଗ୍ରେନେଡ ପାକିସ୍ତାନ ସେନାର ଗୋଳାବାରୁଦ କାରଖାନାରେ ନିର୍ମାଣ ହୋଇଥିବା ଅମଗିନ୍ଦର ସିଂ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ ପ୍ରତ୍ୟାଖ୍ୟାନ କରିଛି।

CLASSIFIED DISPLAY

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

	SIZE	COLOR	B/W
For 15 insertions	6 × 8	40,000	35,000
8 insertions in a month	6 × 8	20,000	18,000
4 insertions in a month	6 × 8	11,000	10,000
Single day	6 × 8	2,800	2,500

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable

ଜଗତର କୁଟୀଳତା ଦେଖି ମୁଖ ଫେରାଇ ଚାଲିଯାଅନା । ଏ ଜଗତ ହେଲା ଯେପରି ଏକ ବିଷଧର ଆହତ ସର୍ପ । ତା'ର କୁଟୀଳଗତିରେ ସେ ଚାଲିଛି ଆପଣାର ନିୟତି ଅଭିମୁଖରେ । ତା'ହେଲା ତା'ର ବାହ୍ୟଖୋଳର (ସାପକାତି ପରି) ପରିବର୍ତ୍ତନ ଓ ଆଧ୍ୟାତ୍ମିକ ସିଦ୍ଧି । ଅପେକ୍ଷା କରି ଦେଖ –ଏହା ହେଲା ଏକ ବାଜିଖେଳ । ଏହି ହେୟତା ଭିତରୁ କିନ୍ତୁ ଭଗବାନ ଉଜ୍ଜ୍ୱଳ ହୋଇ ବିଜୟୀ ହୋଇ ଉଠି ଆସିବେ । –ଶ୍ରୀଅରବିନ୍ଦ

ଏଟିଏମ୍ ବନ୍ଦକୁ ରୋକାଯାଉ

ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ହାତପାହାନ୍ତାରେ ପହଞ୍ଚାଇବାକୁ ଯାଇ ୧୯୯୦ରେ ଦେଶରେ ଅଟୋମେଟେଡ ଟେଲର ମେଶିନ(ଏଟିଏମ୍) ପ୍ରଚଳନ କରାଯାଇଥିଲା । ଏହା ବ୍ୟାଙ୍କିଙ୍ଗ ସେବାରେ ଏକ ନୂଆ କ୍ରାନ୍ତି ଆଣିବା ଭଳି ଅନୁଭୂତ ହେଲା । ଆରମ୍ଭରେ ଏଟିଏମ୍ କିଓସ୍କଗୁଡିକ କେବଳ ସହର ମଧ୍ୟରେ ସୀମାବଦ୍ଧ ରହିଥିଲେ ହେଁ ଧୀରେ ଧୀରେ ଏହା ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ କାୟାବିସ୍ତାର କଲା । ଗ୍ରାହକଙ୍କୁ ବ୍ୟାଙ୍କର ସୀମିତ ବିକଳ୍ପ ଭାବେ ଏହି ମେଶିନକୁ ସ୍ୱୀକାର କରିବା ଲାଗି କିଛି ସମୟ ଲାଗିଥିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏଟିଏମ୍‌ରେ ଅଧିକରୁ ଅଧିକ ସୁବିଧା ଯୋଡାଯିବା ଯୋଗୁ ଏଥିପ୍ରତି ସେମାନଙ୍କ ଆଗ୍ରହ ବଢ଼ିଲା । ବ୍ୟାଙ୍କମାନେ ମଧ୍ୟ ନିଜ ଆଡୁ ଗ୍ରାହକଙ୍କୁ ଏଟିଏମ୍ ମାଧ୍ୟମରେ ନିଜର ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ ଆବଶ୍ୟକତା ପୂରଣ ଲାଗି ପ୍ରୋତ୍ସାହିତ କଲେ । ସମୟ ଏମିତି ଆସିଲା ଯେ, ଏଟିଏମ୍ ବିନା ବଞ୍ଚିବା ଲୋକଙ୍କ ଚିନ୍ତା ବାହାରେ ଥିଲା । ବିମୁଦ୍ରୀକରଣ ବେଳେ ଖାଲି ପଡିଥିବା ଅଥବା ନିଜ ଅଲିଆର ବାହାରେ ଥିବା ଏଟିଏମ୍‌କୁ ଦେଖି କଷ୍ଟ ଭୋଗିଥିବା ଲୋକେ ଏହାର ଆବଶ୍ୟକତାକୁ ଅନୁଭବ କରିଥିଲେ । କିନ୍ତୁ ସମୟ ବଦଳିଛି । ଏବେ ସ୍ମାର୍ଟଫୋନର ବହୁଳ ବ୍ୟବହାର ଏବଂ ଶସ୍ତା ଦରରେ ଡାଟା ଉପଲବ୍ଧତା ଯୋଗୁ ଡିଜିଟାଲ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହନ ମିଳୁଥିବାରୁ ଏଟିଏମ୍ ଏବେ ଅଲୋଡା ହେଲାଣି । ଏପରିକି ଆର୍ଥିକ ଦୃଷ୍ଟିରୁ ଅଯୌକ୍ତିକ ଦର୍ଶାଇ ବ୍ୟାଙ୍କଗୁଡିକ ଏଟିଏମ୍ ନେଟୱାର୍କକୁ ହ୍ରାସ କରିବାରେ ଲାଗିଛନ୍ତି ।

ପ୍ରତି ୧ ଲକ୍ଷ ଲୋକରେ ହାରାହାରି ୮.୯ ପ୍ରତିଶତ ସହ ବିଶ୍ୱ ସ୍ତରରେ ସବୁଠାରୁ କମ୍ ଏଟିଏମ୍ ପ୍ରବେଶ ଭାରତରେ ଦେଖିବାକୁ ମିଳେ । ଅକ୍ଟୋବର ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ତଥ୍ୟ ଅନୁଯାୟୀ ଦେଶରେ ପ୍ରାୟ ୨,୩୮,୦୦୦ ଏଟିଏମ୍ କାର୍ଯ୍ୟ କରୁଛି । ଦେଶରେ ଏଟିଏମ୍ ସେବା ଯୋଗାଣକାରୀଙ୍କ ସଂଗଠନ କନଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି(ସିଏଟିଏମ୍‌ଆଇ)ର ତଥ୍ୟ ଅନୁଯାୟୀ ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଶରେ ଅର୍ଦ୍ଧାଧିକ ଏଟିଏମ୍ ବନ୍ଦ ହୋଇଯିବାର ସମ୍ଭାବନା ରହିଛି । ଏହାର କହିବାନୁଯାୟୀ, ୧ ଲକ୍ଷ ଅଫ୍‌ସାଇଟ୍ ଏବଂ ୧୫ ହଜାରରୁ ଊର୍ଦ୍ଧ୍ୱ ହ୍ୱାଇଟ୍ ଲେଭେଲ(ସେବାପ୍ରଦାନକାରୀଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ନିଜସ୍ୱ ମେଶିନ)କୁ ମିଶାଇ ପ୍ରାୟ ୧,୧୩,୦୦୦ ଏଟିଏମ୍ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ବନ୍ଦ ହୋଇଯିବ ବୋଲି ଆଶା କରାଯାଉଛି । ବନ୍ଦ ହେବାକୁ ଥିବା ଅଧିକାଂଶ ଏଟିଏମ୍ ଅଣ ସହରାଞ୍ଚଳରେ ରହିଛି । ଅନ୍ୟପକ୍ଷରେ ବ୍ୟବସାୟ ଚଳାଇ ରଖିବାକୁ ଚାହୁଁଥିବା ଏଟିଏମ୍ ସେବା ଯୋଗାଣକାରୀଙ୍କ ପାଇଁ ଆର୍‌ବିଆଇ ପକ୍ଷରୁ ଚଳିତ ବର୍ଷ ଏପ୍ରିଲରୁ କଡ଼ା ନିୟମ ଲାଗୁ କରାଯାଇଛି । ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ ଏଟିଏମ୍ ସେବା ଯୋଗାଣକାରୀଙ୍କ ନିକଟରେ ସର୍ବନିମ୍ନ ୧୦୦ କୋଟି ଟଙ୍କାର ପାଣ୍ଠି ରହିବା ସହ ସମ୍ପୂର୍ଣ୍ଣ ସୁସଜ୍ଜିତ ୩୦୦ ନଗଦ ଭ୍ୟାନ, ଦୁଇ ଜଣ ଟଙ୍କା ସଂରକ୍ଷକ, ଦୁଇ ଜଣ ସଶସ୍ତ୍ର ଗାର୍ଡ ଏବଂ ଜଣେ ଡ୍ରାଇଭର ରହିବା ଆବଶ୍ୟକ । ଏହାଛଡା ଜିପିଏସ୍–ସିସିଟିଭି ଦ୍ୱାରା ଏହା ଉପରେ ନଜର ରଖାଯିବାର ବ୍ୟବସ୍ଥା ରହିବ । ଏହାପରେ ଜୁନ୍‌ରେ ଏଟିଏମ୍ ସଫ୍ଟୱେରର ଉନ୍ନତୀକରଣ କରିବାକୁ ଆଉ ଏକ ନିର୍ଦ୍ଦେଶାବଳୀ ଜାରି କରାଗଲା । ଭାରତରେ ଏଟିଏମ୍‌ଗୁଡିକ ୱିଣ୍ଡୋ ଏକ୍ସପି ସଫ୍ଟୱେର ଦ୍ୱାରା ପରିଚାଳିତ । କିନ୍ତୁ ଏହାକୁ ୱିଣ୍ଡୋ୧୦ ସଫ୍ଟୱେରରେ ପରିବର୍ତ୍ତନ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଏଟିଏମ୍ ସେବା ଯୋଗାଣକାରୀଙ୍କୁ ନିର୍ଦ୍ଦେଶ ଦେଲେ । ହାର୍ଡୱେର ଓ ସଫ୍ଟୱେରରେ ବ୍ୟାପକ ପରିବର୍ତ୍ତନ ଲାଗି ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ, ନଗଦ ପରିଚାଳନା ମାନକକୁ ନେଇ ନିକଟରେ ଦିଆଯାଇଥିବା ନିର୍ଦ୍ଦେଶ ଏବଂ ଟଙ୍କା ଲୋଡ କରିବା ଲାଗି କ୍ୟାସେଟ୍ ସ୍ୱାପ୍ ଯୋଗୁ ଏ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ଦେଖାଦେଇଛି । ଫଳରେ ଏହି ବ୍ୟବସାୟ ଏଟିଏମ୍ ସେବା ଯୋଗାଣକାରୀଙ୍କ ପାଇଁ ଆଉ ତର୍କସଙ୍ଗତ ହେଉ ନାହିଁ । ଆସନ୍ତାବର୍ଷ ମାର୍ଚ୍ଚରୁ ସମ୍ଭାବ୍ୟ ଅର୍ଦ୍ଧେକ ଏଟିଏମ୍ ବନ୍ଦ ହୋଇଗଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳବାସୀଙ୍କ ପାଇଁ ଘୋର ଅସୁବିଧା ସୃଷ୍ଟି କରିବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାଦ୍ୱାରା ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଆର୍ଥିକ ସମାବେଶ କାର୍ଯ୍ୟକ୍ରମକୁ ଜୋର୍ ଝଟ୍‌କା ଲାଗିବ ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ) ଅନ୍ତର୍ଗତରେ ଲକ୍ଷ ଲକ୍ଷ ହିତାଧିକାରୀଙ୍କୁ ସିଧାସଳଖ ଏହା ପ୍ରଭାବିତ କରିବ । କାରଣ ସେମାନେ ଏଟିଏମ୍ ମାଧ୍ୟମରେ ନଗଦ ରୂପରେ ନିଜର ସବ୍‌ସିଡି ଫେରି ପାଉଛନ୍ତି । ଏହାଛଡା ଦୀର୍ଘମିଆଦୀ ପ୍ରଭାବ ଦେଖିଲେ ମନେ ହେଉଛି ଯେ, ଏଟିଏମ୍ ସଂଖ୍ୟା ହ୍ରାସ ହେବା ଦ୍ୱାରା ଦେଶରେ ନଗଦ ଅର୍ଥର ପ୍ରଚଳନ ଯଥେଷ୍ଟ ହ୍ରାସ ପାଇବ । ଫଳରେ ଟଙ୍କା ପାଇବା ଲାଗି ବ୍ୟାଙ୍କଗୁଡିକରେ ଲମ୍ବା ଲାଇନ ଲାଗିବ, ଯାହା ବିମୁଦ୍ରୀକରଣ ବେଳେ ଦେଖିବାକୁ ମିଳିଥିଲା । ଅଧିକ ଦିନ ପର୍ଯ୍ୟନ୍ତ ଅର୍ଥର ପ୍ରୟୋଜନକୁ ମେଣ୍ଟାଇବାକୁ ଯାଇ ଲୋକେ ବ୍ୟାଙ୍କରୁ ମୋଟା ଅଙ୍କରେ ଟଙ୍କା କାଢ଼ିବାକୁ ବାଧ୍ୟ ହେବେ । ଏହାଦ୍ୱାରା ବ୍ୟାଙ୍କର ଆର୍ଥିକ ସନ୍ତୁଳନ ବିଗିଡିଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଏହାବାଦ୍ ଏଟିଏମ୍ ପରିଚାଳନା ଉପରେ ନିର୍ଭର କରୁଥିବା ହଜାର ହଜାର କର୍ମଚାରୀ ନିଯୁକ୍ତି ହରାଇବେ । ଏହି ସମ୍ଭାବ୍ୟ ବିପଦକୁ ସରକାର ଅଣଦେଖା କରିପାରିବେ ନାହିଁ । ଏଟିଏମ୍ ବନ୍ଦ ହେବା ପୂର୍ବରୁ କିଛି ଉପାୟ ବାହାର କରିବାର ଆବଶ୍ୟକତା ଦେଖାଦେଇଛି । ଆଉ କିଛି ମାସ ପରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଆମେ ଆଶାକରୁଛୁ ଯେ, ଆଉ ଏକ ମନୁଷ୍ୟକୃତ ସଙ୍କଟ ପ୍ରତି ସରକାର ସଜାଗ ରହିଛନ୍ତି ଏବଂ ଆଶୁ ବିପଦର ମୁକାବିଲା ଲାଗି ଲୋକଙ୍କୁ ସଚେତନ କରିବେ ।

ଆଜିର ଅର୍ଥନୀତି

ଦେଶ ସ୍ୱାର୍ଥର ଊର୍ଦ୍ଧ୍ୱରେ କେହି ନୁହନ୍ତି

ଡ. ସନ୍ତୋଷ କୁମାର ମହାପାତ୍ର

ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାର ମଧ୍ୟରେ ଯେଉଁ ବାଦବିବାଦ ଦେଖାଦେଇଛି, ତାହା ଆମ ଦେଶର ମର୍ଯ୍ୟାଦା ଅନ୍ତର୍ଜାତୀୟ ସ୍ତରରେ କ୍ଷୁଣ୍ଣ କରୁଛି । ଉଭୟଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ବେଶି ଲୋକଲୋଚନକୁ ଆସିଲା, ଯେତେବେଳେ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଏକ ସ୍ମାରକୀ ବକ୍ତୃତାମାଳାରେ ରିଜର୍ଭ ବ୍ୟାଙ୍କର ସ୍ୱାଧୀନତା ସରକାର କ୍ଷୁଣ୍ଣ କରୁଛନ୍ତି ବୋଲି କହିଲେ । ରିଜର୍ଭ ବ୍ୟାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକ ସଂସ୍ଥା, ଯାହା ଅର୍ଥନୀତିରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା, ମୂଲ୍ୟ ସ୍ଥିରତା ବଜାୟ ରଖିବା, ମାନ୍ଦାବସ୍ଥା, ଅବସ୍ଫୀତିକୁ ପ୍ରତିହତ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଋଣ କାରବାରକୁ ପରିଚାଳନା କରିବା, ବ୍ୟାଙ୍କ ଓ ଅଣବ୍ୟାଙ୍କିଙ୍ଗ୍ ସଂସ୍ଥାକୁ ନିୟନ୍ତ୍ରଣ କରିବା, ସୁଧହାର ନିୟନ୍ତ୍ରଣ, ଅର୍ଥନୀତିରେ ଋଣ କାରବାର, ଜମା ସଂଗ୍ରହ, ମୁଦ୍ରାର ବିନିମୟ ମୂଲ୍ୟ ପରିଚାଳନା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । ସେପରି ସଂସ୍ଥାକୁ ନିଜ ଅଲିଆରରେ ରଖିବା ଉଚିତ ନୁହେଁ । କିନ୍ତୁ ଏହାର ଅର୍ଥ ନୁହେଁ ଏହି ସଂସ୍ଥା ଭୁଲ କଲେ ସରକାର କିଛି କହିବେ ନାହିଁ । କିନ୍ତୁ ସରକାର ଦେଶ ଓ ଜନସାଧାରଣଙ୍କ ସ୍ୱାର୍ଥ ଅପେକ୍ଷା ପୁଞ୍ଜିପତି ଏବଂ ଶିଳ୍ପପତିଙ୍କ ସ୍ୱାର୍ଥ ତଥା ନିଜ ଦଳର ସ୍ୱାର୍ଥକୁ ଦେଶର ସ୍ୱାର୍ଥ ଭାବେ କହିବା ଉଚିତ ନୁହେଁ । ଦେଶର ସ୍ୱାର୍ଥ ଊର୍ଦ୍ଧ୍ୱରେ କେହି ନୁହନ୍ତି । ସେହିପରି ରିଜର୍ଭ ବ୍ୟାଙ୍କ ବଜାର ଦ୍ୱାରା ନିୟନ୍ତ୍ରିତ ହେବା ଅନୁଚିତ । ଯାହା ଦେଶର ହିତ ତାହା କରିବା ଉଚିତ । ବର୍ତ୍ତମାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ସେମାନେ ଏହି ସଂସ୍ଥାରେ ତାଙ୍କ ସଂସ୍ଥା ସହିତ ସଂଶ୍ଳିଷ୍ଟ ବା ବଜାର ଅର୍ଥନୀତିର ସମର୍ଥକ ଅର୍ଥନୀତିଜ୍ଞମାନଙ୍କୁ ସେହି ସଂସ୍ଥାରେ ଉପବିଷ୍ଟ କରିବାକୁ ଚାହିଁଥାନ୍ତି । ଏହା ମଧ୍ୟ ଭୁଲ ।

ରିଜର୍ଭ ବ୍ୟାଙ୍କ ଓ ସରକାର ମଧ୍ୟରେ ମତପାର୍ଥକ୍ୟର ଏକ କାରଣ ହେଲା ସୁଧହାର । ସରକାର ଚାହାନ୍ତି ଋଣ ସୁଧହାର କମ୍ ରହୁ, ଯାହାଦ୍ୱାରା ଲୋକଙ୍କ ଋଣ ପରିବ୍ୟୟ କମ୍ ହେବ ଏବଂ ସେମାନ ଋଣ ନେଇ ଅଧିକ ଦ୍ରବ୍ୟ କିଣିବେ । ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ଆର୍ଥିକ ଅଭିବୃଦ୍ଧି ଘଟିବ । ବାସ୍ତବରେ ସୁଧହାର ହ୍ରାସର ଲକ୍ଷ୍ୟ ହେଉଛି କମ୍ପାନୀମାନଙ୍କ ଋଣ ପରିବ୍ୟୟ ହ୍ରାସ କରିବା । ସାଧାରଣ ଜନତାଙ୍କର ନୁହେଁ । ପୁନଶ୍ଚ କେବଳ ସୁଧହାର ହ୍ରାସ କଲେ ଅଭିବୃଦ୍ଧି ଆପେଆପେ ହୋଇଯିବନି । ଏଥିପାଇଁ ଅନେକ କାରଣ ରହିଛି । ପୁନଶ୍ଚ ସୁଧହାର ବୃଦ୍ଧି ଓ ହ୍ରାସ ମୁଦ୍ରାସ୍ଫୀତିକୁ ଆଖି ଆଗରେ ରଖି ରିଜର୍ଭ ବ୍ୟାଙ୍କ ସ୍ଥିର କରିଥାଏ । ଏଥିରେ ସରକାର ହସ୍ତକ୍ଷେପ କରିବା ଆଦୌ ସମୀଚୀନ ନୁହେଁ । ଆମେରିକା ପରି କିଛି ଉନ୍ନତ ରାଷ୍ଟ୍ରରେ ସୁଧହାର ଅତ୍ୟନ୍ତ କମ୍ ଥିବାରୁ ଅନେକ ସମସ୍ୟା ଦେଖାଦେଇଛି । ବିଶ୍ୱ ଆର୍ଥିକ ସଙ୍କଟ ଏକ ଉଦାହରଣ । ପୂର୍ବରୁ ରିଜର୍ଭ ବ୍ୟାଙ୍କର ଗଭର୍ନର ସୁଧହାର ସ୍ଥିର କରୁଥିଲେ । ବର୍ତ୍ତମାନ ୬ ଜଣିଆ ମନିଟାରି ପଲିସି କମିଟି ସ୍ଥିର କରୁଛି, ଯେଉଁଥିରେ ସରକାରଙ୍କ ୩ ଜଣ ପ୍ରତିନିଧି ରହିଛନ୍ତି । ଯଦି ସିଦ୍ଧାନ୍ତ ସପକ୍ଷରେ ବା ବିପକ୍ଷରେ ଟାଇ ହୁଏ ଗଭର୍ନର କାଷ୍ଟିଂ ଭୋଟ ଦେଇପାରିବେ । ବିବାଦର ଦ୍ୱିତୀୟ କାରଣ ହେଲା ତ୍ୱରିତ ସୁଧାର ପଦକ୍ଷେପ । ୨୦୧୭ରେ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଏହି ପଦକ୍ଷେପ ଲାଗୁ କରାଯାଇଥିଲା, ଯେଉଁ ବ୍ୟାଙ୍କଗୁଡ଼ିକର ବିପଦପୂର୍ଣ୍ଣ ଆସେଟ୍ ଅନୁସାରେ ଆବଶ୍ୟକ ପୁଞ୍ଜି ନାହିଁ, ନିଟ୍ ଅଚଳ ସମ୍ପତ୍ତି ବା ଖରାପ ଋଣ ଅତ୍ୟଧିକ ଏବଂ ଆସେଟ୍‌ର ରିଟର୍ନ ହାର କମ୍ ସେହି ବ୍ୟାଙ୍କମାନେ ଏହିସବୁ କ୍ଷେତ୍ରରେ ସୁଧାର ଆଣିବା ପର୍ଯ୍ୟନ୍ତ ତାଙ୍କ ଉପରେ ୨ ପ୍ରକାର କଟକଣା ଲାଗୁ କରାଯାଇଛି । ଲାଭାଂଶ ପ୍ରଦାନ, ଶାଖା ପ୍ରସାରଣ, ନିର୍ଦ୍ଦେଶକଙ୍କ କମ୍ପେନସେସନ ଉପରେ ବାଧ୍ୟତାମୂଳକ କଟକଣା ଲାଗୁ କରାଯାଇଥିଲା ବେଳେ ଋଣ ପ୍ରଦାନ ଓ ଜମା ସଂଗ୍ରହ ଉପରେ ଇଚ୍ଛାଧୀନ କଟକଣା ଲାଗୁ କରାଯାଇଛି । ଏଠାରେ ଜମା ସଂଗ୍ରହ କହିଲେ ଅଧିକ ମୂଲ୍ୟର ଜମାକୁ ବୁଝାଏ । ବ୍ୟାଙ୍କମାନେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଅଚଳ ସମ୍ପତ୍ତି (ଏନ୍‌ପିଏ) ହ୍ରାସ କରିବା ସହିତ କିପରି ନୂତନ ଅଚଳ ସମ୍ପତ୍ତି ସୃଷ୍ଟି ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି । ଏହି ନିୟମ କୋହଳ କରିବାକୁ ସରକାର ଚାହୁଁଥିଲା ବେଳେ ରିଜର୍ଭ ବ୍ୟାଙ୍କ ରାଜି ହେଉନାହିଁ । ଏହି ବିବାଦ ଏକ ଭୟଙ୍କର ରୂପ ନେଇଥିଲା, ଯେତେବେଳେ ଫେବୃୟାରୀ ୨୦୧୮ରେ ବ୍ୟାଙ୍କର ଅଚଳ ସମ୍ପତ୍ତି ବା ଏନ୍‌ପିଏ ସଂକ୍ରାନ୍ତ ଏକ ନୂଆ କଡ଼ା ନିୟମ ପ୍ରଚଳନ କଲେ ଏବଂ ଅନେକ ଋଣ ବିନ୍ୟାସ ଯୋଜନା (ରିଷ୍ଟ୍ରକ୍ଚରିଙ୍ଗ୍) ଯଥା କର୍ପୋରେଟ ଡେବ୍ଟ ରିଷ୍ଟ୍ରକ୍ଚରିଙ୍ଗ୍ ଓ ଷ୍ଟ୍ରାଟେଜିକ ଡେବ୍ଟ ରିଷ୍ଟ୍ରକ୍ଚରିଙ୍ଗକୁ ବାତିଲ କରାଗଲା । ଯଦି କୌଣସି ଋଣକର୍ତ୍ତା ୧୮୦ ଦିନ ମଧ୍ୟରେ ଋଣ ବା ସୁଧ କିଛି ଫେରାଇଲେ ନାହିଁ, ତେବେ ଦେବାଳିଆ କାର୍ଯ୍ୟାନୁଷ୍ଠାନ ପାଇଁ ଇନ୍‌ସଲ୍‌ଭେନ୍‌ସି ବ୍ୟାଙ୍କରପ୍‌ସି କୋଡ୍ ଅନୁସାରେ ଦେବାଳିଆ କୋର୍ଟକୁ ପଠାଗଲା । ଏପରି କି ଗୋଟିଏ ଦିନ ମଧ୍ୟ ରିହାତି ଦିଆଗଲା ନାହିଁ । ଉଲ୍ଲେଖଯୋଗ୍ୟ ଯେ, ୯୦ ଦିନ ମଧ୍ୟରେ ଋଣକର୍ତ୍ତା ମୂଳଧନ ବା ସୁଧ କିଛି ନ ଦେଲେ, ସେହି ଋଣକୁ ଅଚଳ ସମ୍ପତ୍ତି ବା ଖରାପ ଋଣ ବିଚାର କରାଯାଇଥାଏ । ରିଜର୍ଭ ବ୍ୟାଙ୍କର ଫେବୃୟାରୀ ୧୨, ୨୦୧୮ ସର୍କୁଲାର ଯୋଗୁ ଅନେକ ଶକ୍ତିକ୍ଷେତ୍ରର କମ୍ପାନୀ ଏହି ଆଇନର ପରିସରଭୁକ୍ତ ହୋଇ ଅସୁବିଧାରେ ପଡିଲେ । ଏମାନେ ସରକାରଙ୍କ ଜରିଆରେ ରିଜର୍ଭ ବ୍ୟାଙ୍କ ଉପରେ ନିୟମ କୋହଳ ପାଇଁ ଚାପ ପକାଇଲେ । କିନ୍ତୁ ରିଜର୍ଭ ବ୍ୟାଙ୍କ ନିଜ ନିଷ୍ପତ୍ତିରେ ଅଟଳ ରହିବାରୁ ଏହି ଆଇନର ପରିସରଭୁକ୍ତ ହୋଇଥିବା ଅନେକ କମ୍ପାନୀ ଆଲାହାବାଦ ହାଇକୋର୍ଟଙ୍କ ଆଶ୍ରୟ ନେଲେ । କିନ୍ତୁ କୋର୍ଟ କୌଣସି ରିହାତି ନ ଦେଇ ଏକ ଉଚ୍ଚସ୍ତରୀୟ କମିଟି ମାଧ୍ୟମରେ ୨ ମାସ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ସମୟରେ ବର୍ତ୍ତମାନ ଚର୍ଚ୍ଚିତ ହୋଇଥିବା ରିଜର୍ଭ ବ୍ୟାଙ୍କ ଆଇନ ୧୯୩୪ର ଧାରା ୭ କଥା ସରକାରଙ୍କୁ ସୂଚାଇ ଦେଇଥିଲା, ଯେଉଁ ନିୟମ ଅନୁସାରେ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ରିଜର୍ଭ ବ୍ୟାଙ୍କକୁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦେଇପାରିବେ । ଅବଶ୍ୟ ଏଥିରେ ଜନସାଧାରଣ ନୁହେଁ, କମ୍ପାନୀଙ୍କ ସ୍ୱାର୍ଥ ନିହିତ ରହିଛି । ବର୍ତ୍ତମାନ ସରକାର ରିଜର୍ଭ ବ୍ୟାଙ୍କକୁ ଏହି ଧାରା କଥା ମନେ ପକାଇ ପରୋକ୍ଷରେ ଧମକ ଦେଇଛନ୍ତି ।

ବିବାଦର ଆଉ ଏକ କାରଣ ହେଉଛି ସରକାର ରିଜର୍ଭ ବ୍ୟାଙ୍କର କ୍ଷମତା ହ୍ରାସ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରଦାନ ନିୟାମକ ବୋର୍ଡ ଗଠନ କରିବା ପାଇଁ ଚେଷ୍ଟା କରିବା । ଏଥିପାଇଁ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ (ପିଏସ୍‌ଏସ୍) ଆଇନ ୨୦୦୭କୁ ସରକାର ଫାଇନାନ୍‌ସ ଆକ୍ଟ ୨୦୧୭ରେ ସଂଶୋଧନ କରିଛନ୍ତି । କ୍ୟାବିନେଟ୍‌ର ବିଚାର ପାଇଁ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ ବିଲ୍ ୨୦୧୮ ପ୍ରସ୍ତୁତ ହୋଇଛି । ଯଦିଓ ସଂଶୋଧିତ ଆଇନରେ ରିଜର୍ଭ ବ୍ୟାଙ୍କର ଗଭର୍ନର ଏହି ବୋର୍ଡର ମୁଖ୍ୟ ରହିବା କଥା, ଅର୍ଥନୈତିକ ବ୍ୟାପାର ସଚିବ ଏସ୍.ସି. ଗର୍ଗଙ୍କ ନେତୃତ୍ୱରେ ଗଠିତ କମିଟି ଭିନ୍ନ ମତ ଦେଇଛି । ପେମେଣ୍ଟ ବୋର୍ଡର ଅଧ୍ୟକ୍ଷ ସରକାର ନିଯୁକ୍ତି ଦେବା ପାଇଁ ଏହା ସୁପାରିସ କରିଛି ।

ବିବାଦର ଏକ ପ୍ରମୁଖ କାରଣ ହେଉଛି କେନ୍ଦ୍ର ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ପ୍ରତିବର୍ଷ (ଜୁଲାଇରୁ ଜୁନ୍) ଯେଉଁ ଲାଭାଂଶ ଦିଏ, ତା'ର ବୃଦ୍ଧି ଏବଂ ରିଜର୍ଭ ବ୍ୟାଙ୍କ ନିକଟରେ ଥିବା ରିଜର୍ଭର କିଛି ଅଂଶ କେନ୍ଦ୍ରକୁ ହସ୍ତାନ୍ତର କରିବା ପାଇଁ କେନ୍ଦ୍ର ଦାବି କରିବା, ଲାଭାଂଶ ବୃଦ୍ଧିକୁ ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ନଚିକେତ ମୋର ବିରୋଧ କରିବାରୁ କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା । ୨୦୧୫–୧୬ରେ ରିଜର୍ଭ ବ୍ୟାଙ୍କ ଲାଭାଂଶ ବାବଦରେ କେନ୍ଦ୍ର ସରକାରଙ୍କୁ ୬୫୮୮୦ କୋଟି ଟଙ୍କା ଦେଇଥିଲା ବେଳେ ୨୦୧୬–୧୭ରେ ବିମୁଦ୍ରୀକରଣ ଯୋଗୁ ରିଜର୍ଭ ବ୍ୟାଙ୍କର ବ୍ୟୟବୃଦ୍ଧି ହେତୁ ଏହି ଲାଭାଂଶ ପରିମାଣ ୩୦୬୫୯ କୋଟିକୁ ହ୍ରାସ ପାଇଥିଲା । ୨୦୧୭–୧୮ରେ ରିଜର୍ଭ ବ୍ୟାଙ୍କ ୫୦,୦୦୦ କୋଟି ଟଙ୍କା ପ୍ରଦାନ କରିବା ସତ୍ତ୍ୱେ ସରକାର ଏହାକୁ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଁ ଦାବି କରିଛନ୍ତି । ପୁନଶ୍ଚ ରିଜର୍ଭ ବ୍ୟାଙ୍କର ରିଜର୍ଭ ପରିମାଣ ୯.୫୯ ଲକ୍ଷ କୋଟି ଟଙ୍କା । ବାସ୍ତବରେ ସରକାର ସମ୍ବଳ ସଂଗ୍ରହ କରିବାରେ ବିଫଳ ହେବା ଏବଂ ନିର୍ବାଚନ ବର୍ଷରେ ଅଧିକ ବ୍ୟୟ ପାଇଁ ଏହି ସବୁ ପ୍ରସ୍ତାବ ଦେଇ

ସଂକ୍ଷେପରେ

ବସ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା

ନାଉଗାଁ,୨୨।୧୧(ସ୍ୱ.ପ୍ର.): ମଙ୍ଗଳବାର ସନ୍ଧ୍ୟାରେ କଟକ ମହାନଦୀ ପୋଲ ଉପରୁ ବସ ଖସିପଡ଼ି ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହି ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନାଉଗାଁ ବ୍ଲକ ତିରୁଣା ଗ୍ରାମର ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ବୁଧବାର ମହମବତୀ ପ୍ରଜ୍ୱଳନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଛି। କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈକୁଣ୍ଠ ବେହେରା, ସବ୍ୟସାଚୀ ବିଶ୍ୱାଳ, ଶ୍ରୀକାନ୍ତ ସ୍ୱାଇଁ, ଦେବଦତ ତ୍ରିପାଠୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ହନୁମାନ ବିଗ୍ରହ ପ୍ରତିଷ୍ଠା

କୁଜଙ୍ଗ,୨୨।୧୧(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ ପାଟପୁର ପଞ୍ଚାୟତ ବଉଳାଙ୍ଗ ଗ୍ରାମରେ ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ବାବା ରାଜୀବ ଲୋଚନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ କରିଥିଲେ। ଦାମୋଦର ଦାସ, ନୃସିଂହ ସ୍ୱାଇଁ, ପ୍ରଶାନ୍ତ ଜେନା, ସଦାଶିବ ପରିଜା, ନୃସିଂହ ଚରଣ ସ୍ୱାଇଁ, ପାର୍ଥଶାରଥୀ ଜେନା, ଦେବାଶିଷ ପରିଜା, ବୈରାଗୀ ସ୍ୱାଇଁ, ଫଗୁ ଦାସ, ସୁବାସ ମଲ୍ଲ ଓ ଟୁକୁନା ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଚତୁର୍ଥ ପ୍ରହର ନାମଯଜ୍ଞ, ଭଜନ, ପ୍ରବଚନ ଆଦି ହୋଇଥିଲା। ବିଭିନ୍ନ ଜନପ୍ରତିନିଧି ଓ ନେତାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଫଳ, କମ୍ବଳ ବାଣ୍ଟିଲେ ବିଷ୍ଣୁ

ବାଲିଆ,୨୨।୧୧: ବିରିଡ଼ି ବ୍ଲକ ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିର ଓ ୨୨ ମୌଜାର ସିଦ୍ଧେଶ୍ୱର ମନ୍ଦିରରେ କାର୍ତ୍ତିକ ବ୍ରତ ପାଳନ ପାଇଁ ଉପସ୍ଥିତ ଥିବା ହବିଶିଆଳିଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ଫଳ ଓ କମ୍ବଳ ବଣ୍ଟନ କରିଛନ୍ତି। ଏଥିସହ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକମାନଙ୍କୁ କହିଛନ୍ତି। ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିନତୀ ଦାସ, ଜିଲା ବିଜେଡି ଯୁବ ସଭାପତି ଅମରେନ୍ଦ୍ର ଦାସ, ଛାତ୍ର ବିଜେଡି ସଭାପତି ପ୍ରଦୀପ୍ତ ଭୂୟା, ରବିନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସଭ୍ୟା ଲତା ଦାସ, ନେତ୍ରାନନ୍ଦ ପାତ୍ର, ନୃସିଂହଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହାଜିପୁର ଜଗନ୍ନାଥ ମନ୍ଦିରରେ ୮୨ ଓ ସିଦ୍ଧେଶ୍ୱର ମନ୍ଦିରରେ ୫୪ ଜଣ ହବିଶିଆଳି ବ୍ରତ ପାଳନ କରୁଛନ୍ତି।

ବଳାତ୍କାର ଅଭିଯୋଗ: ଜଣେ କୋର୍ଟ ଚାଲାଣ

କୋରେଇ,୨୨।୧୧(ସ୍ୱ.ପ୍ର.): ବଳାତ୍କାର ଅଭିଯୋଗରେ କୋରେଇ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଧନେଶ୍ୱର ଗ୍ରାମର ମନ୍ମଥ ମଳିକ(୨୫)। ପ୍ରକାଶ ଯେ, ଗତ ୧୮ ତାରିଖରେ କୋରେଇ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ମନ୍ମଥ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୨୩୭/୧୮) ରୁଜୁ କରିଛି। ହେଲେ ମନ୍ମଥ ବଳାତ୍କାର ଅଭିଯୋଗକୁ ମିଥ୍ୟା କହିବା ସହ ମହିଳା ଜଣକ ତାଙ୍କୁ ଘରକୁ ଡାକିଥିବା କହିଥିଲେ।

ସିଜିଡି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଯାଜପୁରରୋଡ,୨୨।୧୧(ନି.ପ୍ର.): ସ୍ଥାନୀୟ ଚୋରଦା କାଳୀ ମେଲଣ ପଡ଼ିଆରେ ଗୁରୁବାର ଅପରାହ୍ନରେ ସହରୀ ଗ୍ୟାସ୍ ବିତରଣ(ସିଜିଡି) ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଭୟ ଯାଜପୁର ଓ କେଉଁଝର ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ ବୋଲି ଭଗତ କହିଛନ୍ତି। ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର, ଗ୍ୟାସ ବିତରଣ ସଂସ୍ଥା ଏବଂ ବିପିସିଏଲର ବହୁ ପଦାଧିକାରୀ ଯୋଗଦେଇଥିଲେ।

କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ନେତାଙ୍କ କଳିରେ କମ୍ପିଲା ମଞ୍ଚ

ବାଲିଯାତ୍ରା ମହୋତ୍ସବ ମଞ୍ଚରେ ଉପସ୍ଥିତ ଅତିଥିମାନେ।

ପାରାଦୀପ,୨୨।୧୧(ସ୍ୱ.ପ୍ର): ପାରାଦୀପର ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୧୮ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ବିଜୁ ମଇଦାନଠାରେ ଉଦ୍‌ଘାଟିତ ହୋଇଛି। ତେବେ ଗତ ୨୭ ବର୍ଷର ବାଲିଯାତ୍ରା ଇତିହାସରେ ଯାହା ଘଟି ନ ଥିଲା, ଚଳିତବର୍ଷ ତାହା ଦେଖିବାକୁ ମିଳିଛି। ମଞ୍ଚରେ ଅତିଥିମାନେ ପରସ୍ପରକୁ ଯେଭଳି ଆରୋପ ପ୍ରତ୍ୟାରୋପ କଲେ ତାହା ଉପସ୍ଥିତ ଦର୍ଶକଙ୍କୁ ଯେତିକି ଆଚମ୍ବିତ କରିଥିଲା, ସେତିକି ଉତ୍ସାହିତ ମଧ୍ୟ କରିଥିଲା। ସଭାଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ଦର୍ଶକମାନେ ନେତାମାନଙ୍କ ବାକ୍‌ଯୁଦ୍ଧ ଦେଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଅପେକ୍ଷା ନେତାଙ୍କ କଳିରେ ମଞ୍ଚ କମ୍ପି ଉଠିଥିଲା। ଜଗତ୍‌ସିଂହପୁର ଜିଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷ ୟାମିନୀ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ ସଂସ୍କୃତିମନ୍ତ୍ରୀ ଅଶୋକ ପଣ୍ଡା। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି, ଏମ୍‌ପି କୁଳମଣି ସାମଲ, ସ୍ଥାନୀୟ ବିଧାୟକ ଦାମୋଦର ରାଉତ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ଅତନୁ ସବ୍ୟସାଚୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୋର୍ଟ ଅର୍ଥ ପରାମର୍ଶ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

ମାମୁଘରକୁ ଯାଇ ବୋଉର ଇତିହାସ ଖୋଜନା: ଅତନୁ

ଦାମଙ୍କ ଦୀର୍ଘ ୪୫ ମିନିଟ୍ ଭାଷଣ ପରେ ଅତନୁ ସବ୍ୟସାଚୀ ନାୟକଙ୍କ ପାଳି ପଡିଥିଲା। ସେ ଦାମଙ୍କୁ ଇଙ୍ଗିତ କରି ମାମୁ ଘରକୁ ଯାଇ ବୋଉର ଇତିହାସ ଖୋଜନା ବୋଲି କହିଥିଲେ। ଏଥିସହ ସେ ଲକ୍ଷ୍ମଣ ରେଖା ଡେଇଁବେ ନାହିଁ ବୋଲି ସୂଚନା ଦେଇଥିଲେ।

କଳିଙ୍ଗ ବାଲିଯାତ୍ରାକୁ ନିଆଯାଉଥିବା ରଥଚକ।

କିନ୍ତୁ ସ୍ଥାନୀୟ ବିଧାୟକ ଭାବେ ଦାମ ଯୁବପିଢି ପାଇଁ କ'ଣ କରିଛନ୍ତି। ପାରାଦୀପ ବିକାଶରେ ତାଙ୍କର ଅବଦାନ କ'ଣ ବୋଲି ପ୍ରଶ୍ନ କରିଥିଲେ। ବିଜୁବାବୁଙ୍କ ନାମ ନେଇ ରାଜନୀତି କରିବା ବନ୍ଦ କରନ୍ତୁ ବୋଲି କହି ଦାମଙ୍କୁ ସମାଲୋଚନା କରିଥିଲେ।

୪୦ ବର୍ଷ ହେଲା ଇତିହାସ ଶୁଣୁଛୁ : କୁଳମଣି

ବାଲିଯାତ୍ରା ମଞ୍ଚରେ ଏମ୍‌ପି କୁଳମଣି ସାମଲଙ୍କର ଏକ ଭିନ୍ନ ରୂପ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସେ ଏଭଳି ଉତ୍ତ୍ୟକ୍ତ ହୋଇ କେବେ ଭାଷଣ ଦେଇ ନ ଥିଲେ। ମଞ୍ଚରେ ଦାମଙ୍କୁ ସମାଲୋଚନା କରିବାକୁ ଯାଇ ସେ କହିଲେ ଯେ ୪୦ ବର୍ଷ ହେଲା ଆମେ କେବଳ ଗପ ଶୁଣୁଛୁ। ବିଜୁବାବୁଙ୍କ ନାମ ନେଇ ଦାମ କେବଳ ଭାଷଣବାଜି କରୁଛନ୍ତି। ସ୍ଥାନୀୟ ଜନସାଧାରଣ, ଯୁବକଙ୍କ ପାଇଁ କ'ଣ କରିଛନ୍ତି। ବିଜୁବାବୁ ତାଙ୍କୁ ପାରାଦୀପ ଜଗାଇଦେଇ ଯାଇଥିବା କଥା ଦାମ କହୁଛନ୍ତି, ହେଲେ ଏହାର କିଛି ପ୍ରାମାଣିକ ତଥ୍ୟ ରହିଛି କି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହ ଦାମ କ'ଣ ପାରାଦୀପର ପଟ୍ଟା ପାଉତି କରିନେଇଛନ୍ତି, ତାଙ୍କ ଛଡ଼ା କ'ଣ ଆଉ କେହି ଏଠାରେ ନେତା ହୋଇପାରିବେନି ବୋଲି କୁଳମଣି ପ୍ରଶ୍ନ ଉଠାଇଥିଲେ।

ଶାଳୀନତା ଜାଣିନାହାନ୍ତି ଦାମ: ପ୍ରତାପ

ମଞ୍ଚରେ ମନ୍ତ୍ରୀ ପ୍ରତାପ ଜେନା ଦାମଙ୍କୁ ଅଧିକ ସମାଲୋଚନା କରିଥିଲେ। କହିଲେ ଦାମ ଶାଳୀନତା ଜାଣିନାହାନ୍ତି। ବାଲିଯାତ୍ରା ମହୋତ୍ସବ ଭଳି ସାଂସ୍କୃତିକ ମଞ୍ଚରେ ସେ ଅତିଥି ହୋଇଛନ୍ତି। ଏଠାରେ ଓଡ଼ିଆ ସଂସ୍କୃତି, ଇତିହାସ, ନୌବାଣିଜ୍ୟ ସମ୍ପର୍କରେ ନ କହି ସେ ଅନ୍ୟକୁ ରାଜନୈତିକ ଓ ବ୍ୟକ୍ତିଗତ ଆକ୍ଷେପ କରୁଛନ୍ତି। ପ୍ରଥମେ ସେ ନିଜକୁ ତର୍ଜମା କରନ୍ତୁ। ଜନପ୍ରତିନିଧି ଭାବେ ସେ ସ୍ଥାନୀୟ ଲୋକଙ୍କ ପାଇଁ କ'ଣ କରିଛନ୍ତି ତାହା ଚିନ୍ତା କରୁନ୍ତୁ। ସେହିପରି ବିଧାୟକ ମୁଦୁଲି, ମନ୍ତ୍ରୀ ପଣ୍ଡା ମଧ୍ୟ ସମାନ ଢଙ୍ଗରେ ଦାମଙ୍କୁ ଜବାବ ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ। ଅତିଥି ଆମନ୍ତ୍ରଣଠାରୁ ଆରମ୍ଭ କରି ସଭାମଞ୍ଚରେ ବସିବା, ପ୍ରଦୀପ ପ୍ରଜ୍ୱଳନ, ଚୌକି ଅଦଳ ବଦଳ ହେବା ପ୍ରଭୃତି ମଞ୍ଚରେ ରୋଚକ ସୃଷ୍ଟି କରିଥିଲା। ଶେଷରେ ବାଲିଯାତ୍ରା ସ୍ମରଣିକା ଉନ୍ମୋଚନ ହୋଇଥିଲା। ସନ୍ଧ୍ୟା ୭.୩୦ରୁ ରାତି ୧୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବଳିପଡ଼ିଥିଲା ନେତାଙ୍କ କଳି।

ବାଲିଯାତ୍ରା ପଡ଼ିଆରେ ବିଭିନ୍ନ ବେଶଧାରୀ କଳାକାର।

କାହାକୁ ଛାଡ଼ିଲେନି ଦାମ

ବିଧାୟକ ଦାମୋଦର ରାଉତଙ୍କ ବକ୍ତବ୍ୟ ପର୍ଯ୍ୟନ୍ତ ମଞ୍ଚରେ ବାଲିଯାତ୍ରା ଇତିହାସ ଓ ସଂସ୍କୃତି, ପରମ୍ପରା ଉପରେ ଆଲୋଚନା ଚାଲିଥିଲା। ଦାମ ମଧ୍ୟ ନିଜ ବକ୍ତବ୍ୟ ବାଲିଯାତ୍ରା ଇତିହାସରୁ ଆରମ୍ଭ କଲେ। କିନ୍ତୁ ପରେ ସେ ସମସ୍ତଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ଆକ୍ଷେପ କରିଥିଲେ। ଜଗତ୍‌ସିଂହପୁର ଏସପି, ଜିଲାପାଳଙ୍କଠାରୁ ଆରମ୍ଭ କରି ମଞ୍ଚରେ ଉପସ୍ଥିତ ସମସ୍ତ ନେତା, ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ସେ ବର୍ଷିଥିଲେ। ସନ୍ଧ୍ୟା ୫ଟାରୁ ଆସି ସର୍କିଟ ହାଉସରେ ବସିଥିଲେ ମଧ୍ୟ କାହିଁକି ତାଙ୍କୁ ପଚରାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ପୁରୀରୁ ରଥ ଚକ କାହିଁକି ଆଣିଛ, କ'ଣ ପାଇଁ ବାଲିଯାତ୍ରାରେ ରାଜନୀତି ପୁରାଯାଇଛି ବୋଲି ସେ କହିଥିଲେ। ଏହାପରେ ଏମ୍‌ପି ସାମଲ ଦୁର୍ନୀତିଗ୍ରସ୍ତ ହୋଇ ନିଜ ଲୋକଙ୍କ ନିଯୁକ୍ତି ଓ ଠିକା କାମ କରୁଥିବା କହିଥିଲେ। ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମଧ୍ୟ ସେ ଆକ୍ଷେପ କରି ନିଜ ଅଞ୍ଚଳ ଠିକ୍ ଅଛି କି ନାହିଁ ଦେଖ ବୋଲି କହିଥିଲେ। ଅତନୁଙ୍କୁ ପଡୋଶୀ ଜିଲାରୁ ଏଠାକୁ ଆସି ରାଜନୀତି କରୁଛନ୍ତି ବୋଲି କହି ଆକ୍ଷେପ କରିଥିଲେ। ଦାରୁ ଓ ନବକଳେବର ପ୍ରସଙ୍ଗ ଉଠାଇ ସେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ।

■ ବେଆଇନ ଗାର୍ମେଣ୍ଟ ଚାଲାଣ

ସେଲ୍ସଟ୍ୟାକ୍ସ ବିଭାଗର ଚଢ଼ାଉ, ୬ ଲକ୍ଷ ଜରିମାନା ଆଦାୟ

ଯାଜପୁର ଅଫିସ,୨୨।୧୧

ଯାଜପୁରରୋଡ ସେଲଟ୍ୟାକ୍ସ ଇନ୍‌ଟେଲିଜେନ୍ସ ବିଭାଗ ପକ୍ଷରୁ ବୁଧବାର ରାତିରେ ଜହ୍ନାଛକ ନିକଟରେ ଚଢାଉ କରି ୨ଟି ୬ ଚକିଆ ଗାଡିରେ ପରିବହନ ହେଉଥିବା ବେଆଇନ ଗାରମେଣ୍ଟ ଜବତ ହୋଇଛି। ଏଥିରେ ୬ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ ଯେ, ଡବ୍ଲ୍ୟୁ୧୧ସି ୬୫୩୪ ଓ ଡବ୍ଲ୍ୟୁ୧୧ଡି ୪୬୬୬ ନମ୍ବର ବିଶିଷ୍ଟ ୨ଟି ଟ୍ରକରେ କଲିକତାରୁ ଯାଜପୁରରୋଡକୁ ବିଭିନ୍ନ ଗାର୍‌ମେଣ୍ଟ ପରିବହନ ହେଉଥିଲା। ବିଭାଗୀୟ ଜିଏସ୍‌ଟି ଅଫିସର ମନ୍ମଥ ପ୍ରଧାନ, ଆସିଷ୍ଟାଣ୍ଟ ସିଟିଓ ସାରଦା ମହାନ୍ତି, ଶିବଶଙ୍କର ବାରିକ, ସୁଶାନ୍ତ ନନ୍ଦ ପ୍ରମୁଖ ଗାରମେଣ୍ଟ ଉପରେ ତଦନ୍ତ କରିବା ପରେ କାଗଜପତ୍ର ନ ଥିବା ଜଣାପଡିଥିଲା।

ଭାଜପାର ଜନ ପରାମର୍ଶ ପଦଯାତ୍ରା

ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

କୁଜଙ୍ଗ,୨୨।୧୧(ସ୍ୱ.ପ୍ର)

ଓଡ଼ିଶାରେ କେନ୍ଦ୍ରୀୟ ଯୋଜନାକୁ ଲାଗୁ ନ କରି ଗରିବ ଲୋକଙ୍କୁ ଏବେ ବିଜେଡି ସରକାର ବିପଦ ମୁହଁକୁ ଠେଲିଦେଇଛି। କେନ୍ଦ୍ରର ଆୟୁଷ୍ମାନ ଯୋଜନା ସାଧାରଣ ଲୋକଙ୍କ ହକ୍। କିନ୍ତୁ ଏହାକୁ ରାଜନୀତି ରଙ୍ଗ ଦେଇ ବିଜେଡି ସରକାର ଜନସାଧାରଣଙ୍କୁ ଏଥିରୁ ବଞ୍ଚିତ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଭାଜପା ନେତା ସମ୍ପାଦକ ସ୍ୱାଇଁ। କୁଜଙ୍ଗ ବ୍ଲକ୍ ଗରେଇ ପଞ୍ଚାୟତରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଅବସରରେ ସେ ଏହା କହିଛନ୍ତି। ଏହି ପଦଯାତ୍ରା ବିବଛପୁର ସ୍ୱପ୍ନେଶ୍ୱର ମନ୍ଦିରରୁ ବାହାରି ନାଳିଆପାଳ, ପାଟଣା, ଚନ୍ଦ୍ରଦ୍ୱଜପୁର, ଗରେଇ ଶାସନ, କୋଠମୂଳ, ଶିରୋଳ ଆଦି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ନିର୍ବାଚନମଣ୍ଡଳୀ ପ୍ରଭାରୀ ଉପେନ୍ଦ୍ର ବିଶ୍ୱାଳ, ରାହାମା ମଣ୍ଡଳ ସଭାପତି ନୃସିଂହ ଚୌଧୁରୀ, ସାଧାରଣ ସମ୍ପାଦକ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିବା ସହ କୃଷି, ରାସ୍ତା ତଥା ଅନ୍ୟାନ୍ୟ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିବା ଦେଖିଥିଲେ। ପ୍ରମୁଖ ସଂଗଠକ ସତ୍ୟବ୍ରତ ସ୍ୱାଇଁ, ନିତ୍ୟାନନ୍ଦ ବାରିକ, ପ୍ରଶାନ୍ତ ବାରିକ, ସଦାନନ୍ଦ ନାୟକ, ଉପେନ୍ଦ୍ର ଦାସ, ଅଶୋକ ନାୟକ, ବ୍ରହ୍ମାନନ୍ଦ ଲେଙ୍କା, ହୃଦାନନ୍ଦ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ସହରୀ ଗ୍ୟାସ୍ ବିତରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର

ପାରାଦୀପ,୨୨।୧୧(ସ୍ୱ.ପ୍ର)

ଭାରତ ରିସୋର୍ସ ପକ୍ଷରୁ ଗୁରବାର ସହରୀ ଗ୍ୟାସ ବିତରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ପାରାଦୀପ ରିଫାଇନାରୀ ଟାଉନ୍‌ସିପଠାରେ ହୋଇଛି। ଏହାକୁ ମିଶାଇ ଓଡ଼ିଶାର ୭ ଓ ଭାରତର ୬୫ ସ୍ଥାନରେ ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ପାରାଦୀପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ଏମ୍‌ପି ରଘୁନାଥ ମହାପାତ୍ର, ଭାଜପା ବିଧାୟକ ପ୍ରଦୀପ କୁମାର ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଗ୍ରାହକ ପ୍ରାକୃତିକ ଗ୍ୟାସ୍ ସହଜ ଓ ଶସ୍ତାରେ ଘର ପାଖରେ ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ. ଗୋପାଳକ୍ରିଷ୍ଣା, ପ୍ରତିଶ ଭାରତ, ଡି.ଏସ୍. ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ପାରାଦୀପରେ ଅନୁଷ୍ଠିତ ସହରୀ ଗ୍ୟାସ୍ ବିତରଣ ପ୍ରକଳ୍ପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସବୁ ଥାଇ ବି ଉପେକ୍ଷାର ଶିକାର

ଯାଜପୁର ଅଫିସ,୨୨।୧୧

ଯାଜପୁର ଜିଲାରେ ବିକାଶର ଧାରା ଜାରି ରହିଛି। ଏଭଳି ଉଦ୍‌ବୋଧନ ଜିଲାର ଲୋକଙ୍କ ପାଇଁ ପୁରୁଣା ହୋଇସାରିଛି। ବିଡ଼ମ୍ବନା ଯେ, ଖଣି ଓ ଶିଳ୍ପରେ ଭରପୁର ସୁକିନ୍ଦା ନିର୍ବାଚନ ମଣ୍ଡଳିର ଲୋକେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ଏବେ ବି ବାଧ୍ୟ ହେଉଛନ୍ତି । ଖଣି ଓ ଶିଳ୍ପାଞ୍ଚଳରେ ୪୦ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ମିଳିଛି ବୋଲି ଯେଉଁ ଡିଣ୍ଡିମ ପିଟାଯାଉଛି ତାହା ସମ୍ପୂର୍ଣ୍ଣ ନିରର୍ଥକ। ଏଠାରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରି ବାହାର ରାଜ୍ୟର ୭୦ପ୍ରତିଶତ ଲୋକ କାମ କରୁଛନ୍ତି। ଏପରିକି ବହୁ ବୈଷୟିକ ଡିଗ୍ରୀଧାରୀ ଏଠାରେ ନିଯୁକ୍ତି ନ ପାଇ ପରିବାର ଛାଡ଼ି ବିଦେଶକୁ ଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ନେତାଙ୍କ ସୁପାରିଶ ବିନା ଏଠାରେ ସାଧାରଣ ଲୋକ ନିଯୁକ୍ତି ପାଇବା ସାତ ସପନ ହୋଇଛି। ଅପରପକ୍ଷେ ବିରୋଧି କଂଗ୍ରେସ ନେତା ଶରତ ରାଉତ ନିଜ ନିର୍ବାଚନମଣ୍ଡଳୀରେ ଠିକ୍ ଭାବେ ସମୟ ଦେଉ ନ ଥିବା କାରଣରୁ ବିରୋଧୀଦଳର ପ୍ରକୃତ ଦାୟିତ୍ୱ ନିର୍ବାହ କରିପାରୁ ନାହାନ୍ତି। ଯାହାଫଳରେ କଂଗ୍ରେସ ଉପରୁ ଲୋକଙ୍କ ଆସ୍ଥା ଧୀରେ ଧୀରେ କମିବାକୁ ଲାଗିଥିବା ଦେଖିବାକୁ ମିଳୁଛି। ଆଉ ଏହାର ସୁଯୋଗ ନେଇ ବିଜେଡି ନେତୃବର୍ଗଙ୍କ ମନମାନୀ ଓ ଦାଦାଗିରି ସୀମା ଲଂଘିବାରେ ଲାଗିଛି । ଏଭଳିସ୍ଥିତିରେ ଭାଜପା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣି ସମର୍ଥନ ବଢିବାକୁ ଚେଷ୍ଟା କରୁଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

ସୁକିନ୍ଦା ନିର୍ବାଚନ ମଣ୍ଡଳୀ

- ■ କଂଗ୍ରେସ ଖସୁଛି, ଭାଜପା

ସଂକ୍ଷେପରେ

ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର,୨୨।୧୧(ଡିଏନଏ): ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ମଧ୍ୟପଡା ହାଇସ୍କୁଲ ପଡିଆରେ ବନ୍ଧପଡା ଗ୍ରାମ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ବୁଧବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ୩୦ ନଂ ଜୋନ ଜିଲା ପରିଷଦ ସଦସ୍ୟ ରବିନ୍ଦ୍ର ନାଥ ସେଠୀ, ସାମାଜିକ କର୍ମୀ ଶିବ ପ୍ରସାଦ ପାତ୍ର ଓ ବ୍ରଜ ମିଶ୍ର ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣି ସମ୍ମାନିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଅଂଶୁମାନ ବିଶ୍ୱାଳ, ବର୍ଷାରାଣୀ , ସନ୍ତୋଷ ସ୍ୱାଇଁ, ସଂଗ୍ରାମୀ କେଶରୀ ସାମଲ, ଏ. ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବବାହିନୀର ପ୍ରଶାନ୍ତ କୁମାର ସ୍ୱାଇଁ, ଶୁଭକାନ୍ତ ରାଉତ, ବିବେକାନନ୍ଦ ପାତ୍ର, ଶିବପ୍ରସାଦ ଆଚାର୍ଯ୍ୟ, ଗଣେଶ ସାମଲ, ମନୋଲିସା ପାତ୍ର, ସୌଭାଗ୍ୟ ବିଶ୍ୱାଳ, ଅର୍ପିତା ପ୍ରିୟଦର୍ଶିନୀ ପାତ୍ର, ନିର୍ମଳ ପାତ୍ର, ବିନୋଦ କୁମାର ସ୍ୱାଇଁ, ବିଭୂତି ସାମଲ ପ୍ରମୁଖ ପରିଚାଳନା କରିଥିଲେ।

ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ

ମାର୍ଶାଘାଇ,୨୨।୧୧(ଡିଏନଏ): ମାର୍ଶାଘାଇ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅଙ୍ଗୁଳାଇ ପଞ୍ଚାୟତ ହାଇସ୍କୁଲ ସଭାଗୃହରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଏବିଇଓ ମାଗୁଣି ଚରଣ ମହାନ୍ତି, ପ୍ରିୟମ୍ବଦା ନନ୍ଦ,ସମସ୍ତ ସିଆରସିସି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ଓଷ୍ଟା ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସନ୍ତା ୨୭ ତାରିଖ ମଙ୍ଗଳବାର ଅଙ୍ଗୁଳାଇ ପଞ୍ଚାୟତ ହାଇସ୍କୁଲ ପ୍ରାଙ୍ଗଣରେ ବିଜ୍ଞାନ ମେଳା ଆୟୋଜିତ ହେବ ବୋଲି ବ୍ଲକ ଶିକ୍ଷାଧିକାରୀ ବେହେରା ସୂଚନା ଦେଇଥିଲେ।

ଗୋଚର ଜମିରେ ବେଆଇନ ଇଟା ଭାଟି

ପଟ୍ଟାମୁଣ୍ଡାଇ, ୨୨।୧୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ଉଦୟପୁର ଗ୍ରାମରେ ଥିବା ଗୋଚର ଜମିକୁ ଅବରୋଧ କରି ସେହି ଗ୍ରାମର କେତେଜଣ ବ୍ୟକ୍ତି ବେଆଇନ ଭାବେ ଇଟାଭାଟି କରିଛନ୍ତି । ଫଳରେ ଆଖପାଖର ପରିବେଶ ପ୍ରଦୂଷଣ ହେବା ସହିତ ଗୃହପାଳିତ ପଶୁ ଚରିବାରେ ଅସୁବିଧା ହେଉଛି ।

ପ୍ରକାଶ ଯେ, ଉଦୟପୁର ଗ୍ରାମରେ ଗୃହପାଳିତ ପଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ୧ ଏକର ୨୨ ଡେସିମିଲ ପରିମିତ ଗୋଚର ଜମି ଏବେ ଅବରୋଧ ହୋଇ ରହିଛି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଗୋଚର ଜମିରୁ ଅବରୋଧ ହଟାଇବା ପାଇଁ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିକଟରେ ଗତ ୧୩ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ଡାମରପୁର ଆରଆଇଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ



ଉଦୟପୁର ଗ୍ରାମରେ ଥିବା ବେଆଇନ ଇଟାଭାଟି।

ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଆରଆଇ ଏ ପର୍ଯ୍ୟନ୍ତ ଅଭିଯୋଗର ତଦନ୍ତ ନ କରିବା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି । ଅନ୍ୟପକ୍ଷରେ ଉକ୍ତ ଗୋଚର ଜମିକୁ ଲାଗି ଉଦୟପୁର ସଂସ୍କୃତ ଟୋଲ୍ ଓ ଉଦୟପୁର ଝୁପି ସ୍କୁଲ ରହିଥିବା ବେଳେ ପୋଡା ଇଟା ଧୁଆଁ ଓ ଧୂଳିରେ ପିଲାମାନେ ଅଣ ନିଶ୍ୱାସୀ ହେବା ସହ ପାଠ ପଢିବାରେ ଘୋର ସମସ୍ୟା ଉପୁଜୁଛି । ଏହାଛଡା ଖେଳପଡିଆ ଭାବେ ବ୍ୟବହୃତ ହେଉଥିବା ଏହି ଗୋଚର ଜମିରେ ଏବେ ପିଲାମାନେ ଖେଳି ପାରୁ ନାହାନ୍ତି। କେତେଜଣ ବ୍ୟକ୍ତି ଗତ ୫-୬ବର୍ଷ ହେଲା ଗୋଚର ଜମିକୁ ବେଆଇନ ଭାବେ ଦଖଲ କରି ଇଟା ବ୍ୟବସାୟ କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆରଆଇ ଓ ତହସିଲଦାର ଏ ଦିଗରେ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ କହିଛନ୍ତି । ସେହିପରି ପୂର୍ବତନ ତହସିଲଦାରଙ୍କ ନିକଟରେ ବହୁବାର ଅଭିଯୋଗ ହେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଆଗାମୀ ଏକ ସପ୍ତାହ ମଧ୍ୟରେ ଗୋଚର ଜମିରୁ ଅବରୋଧ ହଟା ନ ଗଲେ ତହସିଲ ଆଗରେ ଧାରଣା ଦିଆଯିବ ବୋଲି ସୁନାକର ନାୟକ, ପ୍ରକାଶ କୁଣ୍ଡ, ଅମର କୁଣ୍ଡ, ରଞ୍ଜିତ ରାଉତ, ବିମଳ ବାରିକ, ଧୀରେନ ଦାସ, ଦାମୋଦର ସାହୁ, ଗଣେଶ କୁଣ୍ଡ, ରାଜେଶ କୁଣ୍ଡ ଚନ୍ଦ୍ରଭାନୁ କୁଣ୍ଡଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପିତା ଛଣ ଗିରି ଗିରି
ସୀତାଙ୍କୁ ରାବଣ ନଉଛି ହରି
ବିଭୂତି ଭୂଷଣ କରି ।

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରିନେଇଥିବା କଥା ରାମାୟଣରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ ମିଛସତ କହି ବା ପ୍ରଲୋଭିତ କରି ପରନାରୀକୁ ଅକ୍ତିଆର କରିବା ନେଇ ଚେଷ୍ଟା ଚଳାଉଥିବା କାମୁକ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ପୂରୁବ ସଦେଇ କି;
ସଦେଇ ହାତରେ ଯାଉଁଳି ମୁଦି
ତାକୁ ମଣିଷ ଦିଶଇ କି ?

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ମହମ୍ମଦଙ୍କ ଜୟନ୍ତୀ ପାଳିତ

ପଟ୍ଟାମୁଣ୍ଡାଇ,୨୨।୧୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିରେ ଇସଲାମୀୟ ଧର୍ମଗୁରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଶତାଧିକ ମୁସଲମାନ ଶ୍ରଦ୍ଧାଳୁ ଏକ ଶୋଭାଯାତ୍ରାରେ ବାହାରି ମହମ୍ମଦଙ୍କ ବାଣୀ ପ୍ରଚାର କରିବା ସହିତ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ । ଏଥିରେ ବରକତ ଅଲ୍ଲୀ ଖାଁ, ଅବଦୁଲ କରିମ, ସେକ୍ ଇସଲାମ୍, ଅଫସର ଅଲ୍ଲି, ସେକ୍ ମଦାନି, ରତନ ଅଲ୍ଲୀ, ତାହିର ଅଲ୍ଲୀ, ସେକ୍ ଅମରୁଲ୍, କାଲାନ୍ ଖାଁ, ସେକ୍ ସାହିଲ୍, ସେକ୍ ଆସ୍‌ଫାକ୍, ନିସାର୍ ଖାଁ, ସେକ୍ ଝୁନା, ସେକ୍ ନିଜାମୁଦ୍ଦିନ୍ , ସେକ୍ କୁନା, ଚାନ୍ଦ ଖାଁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ଶେଷରେ ମାଦ୍ରାସା ଠାରେ ମୌଲାନା ୱାସିମ୍ ଅଖତର କାଦିର, ମୌଲାନା ଜାକିର ହୁସେନ୍, ହାଫିଜ ସଲ୍ଲାଉଦ୍ଦିନ୍ ଖାଁ ଓ ହାଫିଜ ମୁସ୍ତାକ ଅଲ୍ଲି ପ୍ରମୁଖ ଶ୍ରଦ୍ଧାଳୁମାନଙ୍କୁ ଇଦ୍ ମିଲାଦୁନ୍ ନବୀ ଅବସରରେ ମହାପୁରୁଷ ମହମ୍ମଦଙ୍କ ବାଣୀ

ମହମ୍ମଦଙ୍କ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

ଚର୍ଚ୍ଚା କରି ମାନବ ସମାଜର ଶାନ୍ତି କାମନା କରିଥିଲେ । ମହମ୍ମଦଙ୍କ ଜୟନ୍ତୀ ପାଳନ ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ ଓ ଏସଡ଼ିପିଓ ଉମା ଶଙ୍କର ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

ଗହୀରମଥାରୁ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୨।୧୧(ଡିଏନଏ)

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଗୁରୁବାର ବେଆଇନ ଭାବେ ମାଛ ଧରୁଥିବା ଏକ ଟ୍ରଲରକୁ ରାଜନଗର ଓ ଭଦ୍ରକ ବନବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିଛି । ଏହି ଘଟଣାରେ ୭ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ସକାଳ ୯ଟାରେ ହବାଳିଖଟି ଠାରୁ ୨ କିମି ମଧ୍ୟରେ ଖରନାସୀ ଅଞ୍ଚଳର ଏକ ଟ୍ରଲର ମାଛ ଧରୁଥିବା ବେଳେ ବନବିଭାଗ ଟିମ୍ ଧରିଥିଲେ। ଗିରଫ ମତ୍ସ୍ୟଜୀବୀ ହେଲେ ତପନ କୁମାର ଦାସ, ରୂପାନ୍ତର ଦାସ, ସହଦେବ ଦାସ, ନିମାଇଁ ଦାସ, ଉତ୍ତମ ଦାସ, ନେପାଳ ଦାସ, ପ୍ରହ୍ଲାଦ ବେହେରା।

କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମାର୍ଶାଘାଇ ଚଳଚଞ୍ଚଳ

ମାର୍ଶାଘାଇ,୨୨।୧୧(ଡିଏନ୍ଏ)

କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମାର୍ଶାଘାଇ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ବିଭିନ୍ନ ଶିବ ମନ୍ଦିରଗୁଡିକ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜାଯାଇଛି । କେତେକ ସ୍ଥାନରେ କାର୍ତ୍ତିକଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି । ବୁଧବାର ବଡଓଷା କରିଥିବା ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପଣା ଲାଗି କରିଥିଲେ । ଗୁରୁବାର ସକାଳେ ଗଜ ଭୋଗ ପାଇ ବଡଓଷା ଉଦ୍‌ଯାପନ କରିଥିଲେ । ଅପରପକ୍ଷରେ ମାର୍ଶାଘାଇର କେତେକ ଗାଁରେ ଭୋର ସମୟରେ ପିଲା ଠାରୁ ବଡ ପର୍ଯ୍ୟନ୍ତ ସୋଲ ନିର୍ମିତ ଡ଼ିଙ୍ଗି ନଦୀ ପୋଖରୀରେ ଭସାଇଥିଲେ । ଆସନ୍ତାକାଲି କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବଜାର , ହାଟରେ ଡଙ୍ଗା କିଣିବା ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ବୋଇତ ଭସାଇବା ଆମ ଓଡିଆ ସଂସ୍କୃତିର ଏକ ପରମ୍ପରା । ଅତୀତରେ ସାଧବମାନେ ସମୁଦ୍ର ପଥରେ ଆଷାଢରେ ଯାଇ କାର୍ତ୍ତିକରେ ଫେରନ୍ତି ଏବଂ ମାର୍ଗଶୀରରେ ଜାଭା ,ସୁମାତ୍ରା ଓ ବାଲି ଦୀପକୁ ପାଲଟଣା ବୋଇତରେ ଯାଇ ବେପାର ବଣିଜ କରି ବୈଶାଖରେ ସ୍ୱଦେଶକୁ ଫେରିଥାନ୍ତି । ସାଧବାଣୀମାନେ ସାଧବମାନଙ୍କ ଫେରିବା ବାଟକୁ ଚାହିଁ ବସିଥାନ୍ତି । ଏହି ସ୍ମୃତିକୁ ବଜାୟ ରଖିବା ପାଇଁ ପୁରପଲ୍ଲୀରେ ଜନସାଧାରଣ 'ଆ-କା-ମା-ବୈ , ପାନ ଗୁଆ ଥୋଇ - ପାନ ଗୁଆ ତୋର-ମାସକ ଧରମ ମୋର' କହି ବୋଇତ ବା ଡଙ୍ଗା ଭସାଇଥାନ୍ତି ।

ମା' କମଳା ଦେବୀଙ୍କ ସ୍ମରଣ ଉତ୍ସବ ପାଳିତ

ରାଜନଗର,୨୨।୧୧(ଡି.ଏନ.ଏ.)

ରାଜନଗର ବ୍ଲକ କେରଡାଗଡସ୍ଥିତ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମପୀଠରେ ମାଆ କମଳା ଦେବୀଙ୍କ ସ୍ମରଣ ଉତ୍ସବ ତିନିଦିନ ଧରି ପାଳିତ ହୋଇଯାଇଛି। ୧୮ତାରିଖ ସନ୍ଧ୍ୟାରୁ ଅଧିବାସ କରାଯାଇ ଅଷ୍ଟମ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ନୃସିଂହ ଟିକିରୀ ମଠର ମହନ୍ତ ହୃଷିକେଶ ଦାସ ବାବାଜୀ ମହାରାଜ ଓ ଡାକ୍ତର ଶ୍ରୀକାନ୍ତ ଦାସ ଯୋଗଦେଇ ଶ୍ରୀମଦ୍ ବାୟାବାବାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଗୁରୁବାର ମଧ୍ୟାହ୍ନରେ ନଗର ସଂକୀର୍ତ୍ତନ କରାଯାଇ ମହୋତ୍ସବ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଭାପତି ଅନିଲ କୁମାର ବଳ, ସଂପାଦକ ପାରେଶ୍ୱର ଦାସ, ନୀଳମଣି ଦାସ, ଅକ୍ଷୟ କୁମାର ରାଉତ, ଦିବାକର ରାଉତ ଏବଂ ଟ୍ରଷ୍ଟ ବୋର୍ଡର ସଂପାଦକ ଭକ୍ତିଚୈତନ୍ୟ ଦାସ ପରିଚାଳନା କରିଥିଲେ। ୨୦ ତାରିଖ ଦିନ ଆଶ୍ରମ ଠାରେ ଆସନ୍ତାବର୍ଷ ମାର୍ଚ୍ଚ ମାସରେ ଶ୍ରୀମଦ୍ ବାୟାବାବାଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ପଦ୍ମନାଭ ସାମଲ, ଭକ୍ତିଚୈତନ୍ୟ ଦାସ, ଦେବକୀନନ୍ଦନ ଦାସ, ହରେକୃଷ୍ଣ ବେହେରା, ଗଣେଶ୍ୱର ନାୟକ, ରାଜକିଶୋର ପଟ୍ଟନାୟକ, ମନୋଜ ମହାନ୍ତି, ଚିନ୍ମୟ ମହାପାତ୍ର, ଅନିଲ କୁମାର ବଳ, କପିଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

+PILES CLINIC+
Near Budheswari Temple, ମଧ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁଚୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409203163

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ !! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଳ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ଡ୍ୟୁଇଲ୍ସ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଜାମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ

ସଂକ୍ଷେପରେ

ଆଜି ଚେଲିଟୋଳ ବୋଇତ ବନ୍ଦାଣ

ତିର୍ତ୍ତୋଲ,୨୨।୧୧(ଡି.ଏନ.ଏ.): ତିର୍ତ୍ତୋଲର ଐତିହାସିକ ଚେଲିଟୋଳ ବାଲିଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହେବ। ପ୍ରାତଃରେ ସ୍ଥାନୀୟ ଜନସାଧାରଣଙ୍କ ସହ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ବୋଇତ ବନ୍ଦାପନା କରିବା ସହ ଗୋପିଆକୁଦ ମହାନଦୀ ଘାଟରେ ବୋଇତ ଭସାଇବେ। ୭ଦିନ ବ୍ୟାପୀ ଏଠାରେ ହେବାକୁ ଥିବା ବାଲିଯାତ୍ରା ମହୋତ୍ସବକୁ ସନ୍ଧ୍ୟାରେ ଏମ୍‌ପି ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରିବେ। ମହୋତ୍ସବରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ସାହିତ୍ୟିକ ହରପ୍ରସାଦ ଦାସ, ଜିଲା ପରିଷଦ ଅଧକ୍ଷା ପ୍ରୀୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ବିଡିଓ ରଞ୍ଜନ କୁମାର ପରିଡା, ସିଡିପିଓ ତନୁପ୍ରଭା ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ।

ବାଲିଯାତ୍ରା ବେଳେ ଭାରିଯାନ ଚଳାଚଳ ବନ୍ଦ ଦାବି

ତିର୍ତ୍ତୋଲ,୨୨। ୧୧(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ମହାନଦୀ ପଠା ଗୋପିଆକୁଦଠାରେ ଶୁକ୍ରବାର କାର୍ତ୍ତିକ ପୁର୍ଣ୍ଣମୀଠାରୁ ୭ଦିନ ଧରି ଚେଲିଟୋଳ ବାଲିଯାତ୍ରା ଅନୁଷ୍ଠିତ ହେବ। ଏହି ସମୟରେ ମହାନଦୀ ଓ ପାଇକା ନଦୀରୁ ବାଲି ପରିବହନ କରୁଥିବା ଟ୍ରକ୍ ଚଳାଚଳ ବନ୍ଦ କରିବାକୁ ଦାବି ହୋଇଛି। ଏନେଇ ଗୁରୁବାର କୋଲର ସମିତିସଭ୍ୟ ରଞ୍ଜିତ ପାଲ ଓ ପଞ୍ଚାୟତବାସୀଙ୍କ ତରଫରୁ ତହସିଲଦାର ସୁଜାତା ପାତ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବାଲିଯାତ୍ରା ହେଉଥିବା ପଡିଆ ପାର୍ଶ୍ୱଦେଇ ଯାଇଥିବା କୋଲର-ତିର୍ତ୍ତୋଲ ରାସ୍ତାରେ ବାଲିବୋଝେଇ ଭାରିଯାନ ଚଳାଚଳ କଲେ ବାଲିଯାତ୍ରା ଦେଖିବାକୁ ଆସୁଥିବା ଲୋକମାନେ ପ୍ରଭାବିତ ହେବେ। ଏହି ରାସ୍ତାରେ ଧୋୟା ଅଞ୍ଚଳର କୋଲର, ଧନୁଆ, ରଘୁନାଥପୁର, ତାରତୋଲ, ସାମନ୍ତରାପୁର, ଅରିଲୋ ପ୍ରଭୃତି ଗ୍ରାମର ଲୋକମାନେ ବାଲିଯାତ୍ରା ଦେଖିବାକୁ ଆସିବେ। ତେଣୁ ବାଲିଯାତ୍ରା ସମୟରେ ନଦୀରୁ ବାଲି ଉଠାଣ ବନ୍ଦ ସହ ଏହି ରାସ୍ତାରେ ବାଲି ବୋଝେଇ ଟ୍ରକ ଚାଳାଚଳ ବନ୍ଦ ପାଇଁ ଏଥିରେ ନିବେଦନ କରାଯାଇଛି।

ବିଜୁ ଯୁବବାହିନୀକୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ

ବିରିଡ଼ି,୨୨।୧୧(ଡି.ଏନ.ଏ.): ବିରିଡ଼ି ବ୍ଲକ ଅଧୀନ ୨୧ ପଞ୍ଚାୟତର ବିଜୁ ଯୁବ ବାହିନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ଗୁରୁବାର ବିଧାୟିକା ରାଜଶ୍ରୀ ମଲ୍ଲିକ ଏହି କ୍ରୀଡ଼ା ସାମଗ୍ରୀ ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୧ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ। ଏହି କ୍ରୀଡା ଶିକ୍ଷକମାନେ ଯୁବବାହିନୀକୁ ସହାୟତା କରିବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହାର ତଦାରଖ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଧାୟିକା ମଲ୍ଲିକଙ୍କ ସହ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜିକା ସୁନିତା ସାହୁଙ୍କ ସହ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ବସ୍ ଦୁର୍ଘଟଣାରେ ମୃତକଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରଦ୍ଧାଞ୍ଜଳି

ବାଲିକୁଦା,୨୨।୧୧(ସ୍ୱ.ପ୍ର.): ମହାନଦୀରେ ବସ ଖସି ମୃତ୍ୟୁ ଘଟିଥିବା ଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବାଲିକୁଦାର ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ନେତା ବିଶ୍ୱନାଥ ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଅରିଲୋ ପଞ୍ଚାୟତର ଭଗବାନ ସିଣ୍ଢୋଳ ଗାଁର ଜୁନିୟର କ୍ଲବ ପକ୍ଷରୁ ସମୂହ ମହବତୀ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଦାସ ଯୋଗଦେଇ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। କ୍ଲବର ସଭାପତି ଚନ୍ଦନ ସାହୁ, ଉପସଭାପତି ଶୈଳେନ୍ଦ୍ର ଦାସ, ବ୍ରହ୍ମାନନ୍ଦ ଦାସ, ଶିକ୍ଷାବିତ୍ ତ୍ରିନାଥ ଦାସ, ତାପସ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସ୍ଥାନୀୟ ତ୍ରିନାଥ ମଣ୍ଡପଠାରୁ ବାହାରି ଅମଣିଆ ପାଟନା, ବାଲି, ଶଙ୍ଗାଳୋ, ଭଗବାନ ସିଣ୍ଢୋଳ ଦେଇ ଶ୍ରୀଅରବିନ୍ଦ ଆଶ୍ରମରେ ପହଞ୍ଚିଥିଲା। ସେଠାରେ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ମଧ୍ୟ ସମୂହ ଦୀପଦାନ କରାଯାଇଥିଲା। ସଭାପତି କୈଳାସ ବିଶ୍ୱାଳ, ସମ୍ପାଦକ ଅରୁଣ ମହାନ୍ତି, ଅଞ୍ଜନ ସାହୁ, ପବିତ୍ର ମୋହନ ସାଉ, ସୁଶ୍ରୀ ସ୍ମିତା ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

▌ ଜୟପୁରକୁ ଜିଲାର ପ୍ରଥମ ବୟନ ଗ୍ରାମ ଘୋଷଣା

ବଦଳିବ ପାରମ୍ପରିକ ବୁଣାକାରଙ୍କ ଭାଗ୍ୟ

ଜଗତ୍‌ସିଂହପୁର ଅଫିସ/ରଘୁନାଥପୁର, ୨୨।୧୧(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ଜୟପୁର ଗ୍ରାମରେ ପ୍ରାୟ ୯୦ ପରିବାର ବସବାସ କରୁଛନ୍ତି। ଏହି ପରିବାରଗୁଡିକ ବିଶେଷକରି ପାରମ୍ପରିକ ହସ୍ତତନ୍ତ ଉପରେ ନିର୍ଭରଶୀଳ। ସେମାନେ ହସ୍ତତନ୍ତ ଶାଢ଼ୀ, ଜଲା, ବୁଟି, ବାନ୍ଧ, ଧୋତି, ବେଡସିଟ୍, ସୂତା ଓ ଉଲ ତିଆରି ଶାଲ୍, ଟାୱେଲ, ରୁମାଲ୍ ଆଦି ତିଆରି କରନ୍ତି। ଏଥିରୁ ଯାହା ରୋଜଗାର ହୁଏ, ସେଥିରେ ସେମାନଙ୍କ ଗୁଜୁରାଣ ମେଣ୍ଟେ। ଏସବୁ ହସ୍ତତନ୍ତ ସାମଗ୍ରୀ ବିକ୍ରି ପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ଶ୍ରୀ ଶ୍ରୀ ପାର୍ବତୀ ତନ୍ତୁବାୟ ସହଯୋଗ ସମିତି ଲିଃ କରାଯାଇଛି। ସମିତି ସହଯୋଗରେ ଏହି ସାମଗ୍ରୀ ସବୁ ରାଜ୍ୟର ବିଭିନ୍ନ ବୟନିକା ଷ୍ଟଲରେ ବିକ୍ରି ହୋଇଥାଏ। ବୟନ ଶିଳ୍ପ ଓ ଉକ୍ତ ଗ୍ରାମବାସୀଙ୍କ ବିକାଶ ପାଇଁ ଜିଲାପାଳ ୟାମିନୀ ଷଡ଼ଙ୍ଗୀ ବିଶେଷ ଧ୍ୟାନ ଦେଇଛନ୍ତି। ଜିଲା ପ୍ରଶାସନ ଉଦ୍ୟମ ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ସହଯୋଗରେ ଜୟପୁରକୁ ଏବେ ବୟନ ଗ୍ରାମ ଭାବେ ଘୋଷଣା କରାଯାଇଛି। ଗୁରୁବାର ଏହା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏହି ଗ୍ରାମରେ ଏକ ବିକ୍ରୟ କେନ୍ଦ୍ର, ପାରମ୍ପରିକ ଖାଦ୍ୟ କେନ୍ଦ୍ର ଓ ତନ୍ତୁବାୟ ପ୍ରଦର୍ଶନ ହଲ୍ ରହିଛି। ଆଗାମୀ ଦିନରେ ଯେପରି ଉକ୍ତ ଗ୍ରାମକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ସେଥିପ୍ରତି ପର୍ଯ୍ୟଟନ, ବୟନ ଓ ହସ୍ତତନ୍ତ ବିଭାଗ ଧ୍ୟାନ ଦେବ ବୋଲି ପତିଶ୍ରୁତି ମିଳିଛି। ଜିଲା ପ୍ରଶାସନର ଏହି ଆନ୍ତରିକତା ପାଇଁ ଗ୍ରାମବାସୀ ଉତ୍ସାହିତ ହୋଇପଡିଛନ୍ତି।

ଜୟପୁର ଗ୍ରାମର ମହିଳା ବୁଣାକାରମାନେ ହସ୍ତଶିଳ୍ପ ପ୍ରଦର୍ଶନ କରୁଛନ୍ତି।

- **କାର୍ଯ୍ୟକ୍ଷମ ହେଲା ପାରମ୍ପରିକ ଖାଦ୍ୟ, ବିକ୍ରୟ କେନ୍ଦ୍ର**
- **ଖୋଲିଲା ତନ୍ତୁବାୟ ସାମଗ୍ରୀ ପ୍ରଦର୍ଶନୀ ହଲ୍**
- **ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ହେବ ଉଦ୍ୟମ**
- **ସହଯୋଗ କରିବେ ପର୍ଯ୍ୟଟନ, ବୟନ ଓ ହସ୍ତତନ୍ତ ବିଭାଗ**

ଜୟପୁର ଗ୍ରାମଟି କଟକ-ପାରାଦୀପ ରାଜ୍ୟ ରାଜପଥଠାରୁ ୧୫୦ ମିଟର ଦୂରରେ ରହିଛି। ଏହି ଗ୍ରାମରେ ଗୁରୁବାର ଏକ ଉତ୍ସବ ହୋଇଥିଲା। ଏଥିରେ ଜିଲାପାଳ ୟାମିନୀ ଷଡ଼ଙ୍ଗୀ ଯୋଗଦେଇ କହିଲେ ଯେ, ଜୟପୁର ଗ୍ରାମର ବୁଣାକାରମାନେ ପାରମ୍ପରିକ ହସ୍ତତନ୍ତରେ ବହୁ ସୁନ୍ଦର ସାମଗ୍ରୀ ବୁଣାବୁଣି କରନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ଏହାର ଯଥେଷ୍ଟ ଚାହିଦା ରହିଛି। ବିଶେଷକରି ମହିଳା କାରିଗରଙ୍କ ଭୂମିକା ଏକ୍ଷେତ୍ରରେ ଉଲ୍ଲେଖନୀୟ। ତେଣୁ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ବୟନିକା ଶିଳ୍ପର ବିକାଶ ପାଇଁ ଉଦ୍ୟମ କରାଯାଇଛି। ଏହି ବୟନ ଗ୍ରାମ ନିର୍ମାଣରେ ପାରାଦୀପ ପୋର୍ଟ ଟ୍ରଷ୍ଟ, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ, ଓରମାସ୍, ଓଡ଼ିଶା ଜୀବିକା ମିଶନ ସହାୟତା କରିଛନ୍ତି। ତେବେ ଆଗକୁ ପ୍ରତ୍ୟେକଙ୍କ ସହଯୋଗ ରହିଲେ ଏହି ବୟନ ଗ୍ରାମର ଉନ୍ନତି ନିଶ୍ଚୟ ହେବ ବୋଲି ଜିଲାପାଳ କହିଥିଲେ। ଜୟପୁର ବୟନ ଗ୍ରାମ ପାଇଁ ଉପକୂଳ ଜିଲାରେ ଏଣିକି ସୋନପୁର ଓ ବରଗଡ଼ ଭଳି ଅଞ୍ଚଳରୁ ଉତ୍ପାଦିତ ବୟନ ଶିଳ୍ପ ଜାତ ସାମଗ୍ରୀ ମିଳିପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଉତ୍ସବରେ ପାରାଦୀପ ପୋର୍ଟ ଟ୍ରଷ୍ଟ ଅଧକ୍ଷ ରିଙ୍କେଶ ରାୟ ଯୋଗଦେଇ କହିଲେ ଯେ ଜିଲାପାଳଙ୍କ ଏହା ଏକ ସଫଳ ପରିକଳ୍ପନା। ପାରାଦୀପ ପୋର୍ଟ ଟ୍ରଷ୍ଟ ସହଯୋଗ କରିଥିବାରୁ ସେମାନେ ଗର୍ବିତ। ବୟନ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ କୁମାର ବାରିକ ବୟନ ଗ୍ରାମକୁ ଅଧିକରୁ ଅଧିକ ଉନ୍ନତମାନର ଗଢିତୋଳିବା ପାଇଁ ବିଭାଗ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପର୍ଯ୍ୟଟନ ବିଭାଗ ମଧ୍ୟ ସହଯୋଗର ହାତ ବଢାଇବ। ଏହି ଜିଲାରେ ମା' ଶାରଳାଙ୍କ ମନ୍ଦିର, ଗୋରେଖନାଥ ମନ୍ଦିର ଓ ପାରାଦୀପ ବନ୍ଦର ଭଳି ପର୍ଯ୍ୟଟନସ୍ଥଳ ଥିବାରୁ ପର୍ଯ୍ୟଟକ ଆସୁଛନ୍ତି। ଏବେ ଜୟପୁର ବୟନ ଗ୍ରାମକୁ ମଧ୍ୟ ପର୍ଯ୍ୟଟକ ଆସିବେ। ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବା ଦିଗରେ ପର୍ଯ୍ୟଟନ ବିଭାଗ ଦାୟିତ୍ୱବାନ ହେବ ବୋଲି ବିଭାଗୀୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ବାରିକ କହିଥିଲେ। ଉତ୍ସବରେ ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ରଘୁନାଥପୁର ବ୍ଲକ ଅଧକ୍ଷା ସ୍ୱପ୍ନ ସରିତା ବଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ର, ଛପଡ଼ା ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଓରମାସ ମୁଖ୍ୟ ନିର୍ବାହୀ ସତ୍ୟସୁନ୍ଦର ଶିବରାମ ପାଇଟାଳଙ୍କ ସମେତ ସମିତିର କର୍ମକର୍ତ୍ତା, ଗ୍ରାମବାସୀ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନୌକା ବିହାର ପାଇଁ ନୂଆ ପଦକ୍ଷେପ

ଗୋପାଳ ସାଗରରେ ଚାଲିବ ବୋଟ୍

ଜଗତ୍‌ସିଂହପୁର ଅଫିସ,୨୨।୧୧

ସ୍ଥାନୀୟ ଗୋପାଳ ସାଗରରେ ବୋଇତ ବନ୍ଦାଣ ଉତ୍ସବ ଅବସରରେ ଶୁକ୍ରବାରଠାରୁ ଚାଲିବ ବୋଟ୍, ଯାହାକି ଜଗତ୍‌ସିଂହପୁର ସହରରେ ପ୍ରଥମ। ପ୍ରତ୍ୟହ ସକାଳ ୮ରୁ ଅପରାହ୍ଣ ୫ଟା ମଧ୍ୟରେ ଲୋକଙ୍କ ମନୋରଞ୍ଜନ ପାଇଁ ମା'ବନଦୁର୍ଗା ପୂଜା କମିଟି ତରଫରୁ ଏଭଳି ପଦକ୍ଷେପ ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨ଟି ବୋଟ୍ ବ୍ୟବସ୍ଥା କରାଯାଇଛି। ପ୍ରତି ବୋଟ୍‌ରେ ଅତିବେଶିରେ ୪ ଜଣ ନୌକା ବିହାର କରିପାରିବେ। ନୌକା ବିହାର ପାଇଁ ଟିକେଟ୍ କାଟିଥିବା ଯାତ୍ରୀଙ୍କୁ ଲାଇଫ୍ ଜ୍ୟାକେଟ୍ ଯୋଗାଇ ଦିଆଯିବ। ଏଥିସହ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ। ସେହିପରି ଚକୋଲେଟ୍, ଆଇସ୍‌କ୍ରିମ୍ ଓ ଅନ୍ୟାନ୍ୟ ଉପହାର ଦେବାକୁ ବ୍ୟବସ୍ଥା ହୋଇଥିବା କହିଛନ୍ତି କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ଲେଙ୍କା। ଆସନ୍ତା ୨ ମାସ ଭିତରେ ଆଉ ୪ଟି ବୋଟ୍ କିଣାଯିବ। ଟିକେଟ୍ ମୂଲ୍ୟ ୩୦ ଟଙ୍କା ରଖାଯାଇଛି। ପ୍ରତି ବୋଟ୍ ପାଇଁ ୩୦ ମିନିଟ୍ ସମୟ ଧାର୍ଯ୍ୟ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର ସହରରେ ଏଭଳି ନୌକା ବିହାର ଭଳି ପଦକ୍ଷେପରେ କମିଟି ସଭାପତି ସିଦ୍ଧାର୍ଥ ଲେଙ୍କା, କାଉନ୍‌ସିଲର ହେମନ୍ତ କୁମାର ଲେଙ୍କା, ଉପଦେଷ୍ଟା ଗଣେଶ୍ୱର ମାଣିଆ, ସୁଜିତ ଘୋଷ, ଦିଲୀପ ବେହେରା, ସାରଦା ଦାଶ, ସଭ୍ୟ ଚାଇଁଆ, ଟୁଟୁଆ, ଗେଡ, ସନିଆ, ଗୋବର୍ଦ୍ଧନ ଜେନା, ସୁକାନ୍ତ ନନ୍ଦି, ନାଣ୍ଟୁ, ସତ୍ୟନାରାୟଣ ସିଂହ ଓ ଗୋଲେଖ ସିଂହ ପ୍ରମୁଖଙ୍କ ସହଯୋଗ ରହିଛି।

ଅତିଥି ସୁଶ୍ରୀ ଶୁଭଶ୍ରୀର ପତ୍ରିକା ଉନ୍ମୋଚନ କରୁଛନ୍ତି।

ଶୁଶ୍ରୀ ଶୁଭଶ୍ରୀର ପତ୍ରିକା ଉନ୍ମୋଚନ

ତିର୍ତ୍ତୋଲ,୨୨।୧୧ (ଡି.ଏନ.ଏ.)

ଶୁଶ୍ରୀ ଶୁଭଶ୍ରୀର ତ୍ରୈମାସିକ ସାହିତ୍ୟ ପତ୍ରିକା ଉନ୍ମୋଚନ ଉତ୍ସବ ବୁଧବାର ସନ୍ଧ୍ୟାରେ ଖନ୍ଦୋଳସ୍ଥିତ ଗଡେଶ୍ୱର ମଣ୍ଡପରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ସାହିତ୍ୟିକା ଆରତୀ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ଓ ଏହା ମାଧ୍ୟମରେ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଥାଏ ବୋଲି କହିଥିଲେ। କଳାକାହ୍ନୁ ଚୌହାନ, ଦୟାନିଧି ପ୍ରଧାନ, ରୁଦ୍ର ପ୍ରସନ୍ନ ରଥ, ପରମାନନ୍ଦ ମିଶ୍ର, ନିତ୍ୟାନନ୍ଦ ନାୟକ, ସମୀର ଦାସ, ଗୋଲୋକ ଚନ୍ଦ୍ର ପଲାଇ, ଅଧାପିକା ରାଜଶ୍ରୀ ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ଶିବପ୍ରସାଦ ବାହିନୀପତି, କାଦମ୍ବିନୀ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗଡେଶ୍ୱର ଯୁବ ପରିଷଦକୁ ଯୁବବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସବିତା ନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବି ଅମରଜିତ ସାହୁ, ସଂଗ୍ରାମ କେଶରୀ ସ୍ୱାଇଁ, ନୀଳମଣି ମଲ୍ଲିକଙ୍କ ସମେତ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

ଅଧିକ ଅମଳକ୍ଷମ ଧାନ ଚାଷ କର୍ମଶାଳା

ତିର୍ତ୍ତୋଲ,୨୨।୧୧(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ ବାଲିପାଟଣା ଗ୍ରାମର ବିଲ୍ୱଗୋରେଖନାଥ ମନ୍ଦିର ପ୍ରାଙ୍ଗଣରେ ଅଧିକ ଅମଳକ୍ଷମ ଧାନଚାଷ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ବୈଜ୍ଞାନିକ ରଞ୍ଜନ କୁମାର ମାହୁନ୍ତ 'ଜଳଧି ଧାନ' କମ୍ ସମୟ ମଧ୍ୟରେ କିପରି ଅଧିକ ଅମଳ ହୋଇପାରୁଛି, ତାହାର ପ୍ରଣାଳି ବିଷୟରେ କହିଥିଲେ। ଅବସରପ୍ରାପ୍ତ ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର ସିଂ ଜଳଧି ଧାନ ଦ୍ୱାରା ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଥିଲେ। ଅକ୍ଷୟ ଦାସ, ଚିତ୍ତରଞ୍ଜନ ସାହୁ, ନୟନ ପାଳ, କମଳାକାନ୍ତ ପରିଡା, ବସନ୍ତ ସାହୁ, ପବିତ୍ର ପରିଜା, ପ୍ରକାଶ ମଲ୍ଲିକ, ତପନ ବେହେରା, ଗୋଲେଖ ନାୟକ, ରବୀନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

ବ୍ଲକ କଂଗ୍ରେସ ଓବିସି ସେଲ୍ ବୈଠକ

ବାଲିଆ,୨୨।୧୧

ବାଲିଆ ଭଗବତୀଙ୍କ ପୀଠରେ ଗୁରୁବାର ବିରିଡ଼ି ବ୍ଲକ କଂଗ୍ରେସ ଓବିସି ସେଲ୍‌ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ବିରିଡି ବ୍ଲକ କଂଗ୍ରେସ ଓବିସି ସେଲ୍ ଅଧକ୍ଷ ଅରବିନ୍ଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ନବନିଯୁକ୍ତ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରଥମେ ସାହୁ ସମସ୍ତ କର୍ମକର୍ତ୍ତାଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ପରେ ବିରିଡି ବ୍ଲକ କଂଗ୍ରେସ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦିଆଯାଇଥିଲା। ରବିଷ୍ଟ ନେତା ବିଜୟ କୁମାର ଭୂୟାଁ ଯୋଗଦେଇ ବିରିଡି ବ୍ଲକରେ କଂଗ୍ରେସ ସଂଗଠନକୁ ଆଗେଇ ନେବାକୁ ନୂତନ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। କୋଷାଧକ୍ଷ ନିହାର ରଞ୍ଜନ ସ୍ୱାଇଁ ଦଳକୁ ଏବେଠୁ ସୁଦୃଢ କଲେ ଆସନ୍ତା ନିର୍ବାଚନରେ ଆମେ ସଫଳତା ପାଇବା ବୋଲି କହିଥିଲେ। କର୍ମକର୍ତ୍ତାମାନେ ଅତି କମରେ ପଞ୍ଚାୟତରୁ ୧୦ ଜଣ ଲେଖାଏ ସଭ୍ୟ ସଂଗ୍ରହ କରିବାକୁ କୁହାଯାଇଥିଲା। ବୈଠକରେ ସମୀର ଖୁଣ୍ଟିଆ, ନରେଶ ରାଉତରାୟ, ସୁରେନ୍ଦ୍ର ରାଉତରାୟ, କୈଳାସ ସ୍ୱାଇଁ, ନୃସିଂହ ଖୁଣ୍ଟିଆ, ଚିତ୍ରସେନ ସାହୁ, ରାମଚନ୍ଦ୍ର ସାହୁ, ସନାତନ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

ବୈଠକରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

ଜିଲାନାସୀରେ କୃଷକ ତାଲିମ ଶିବିର

କୁଜଙ୍ଗ,୨୨।୧୧(ସ୍ୱ.ପ୍ର)

କୃଷି ବିଜ୍ଞାନ କେନ୍ଦ୍ର ଜଗତ୍‌ସିଂହପୁର ପକ୍ଷରୁ ଗୁରୁବାର କୁଜଙ୍ଗ ବ୍ଲକ ଜିଲାନାସୀ ପଞ୍ଚାୟତର ସାହାରାଡ଼ିଆ ଗ୍ରାମରେ ଏକ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସହଯୋଗରେ ସ୍ଥାନୀୟ ସାହାରାଡ଼ିଆ କୃଷକ ପରିବାର ସମିତି ଦ୍ୱାରା ଆୟୋଜିତ ଏହି ଶିବିରରେ ବିଭିନ୍ନ ଚାଷ କ୍ଷେତ୍ରରେ କିପରି ବୈଜ୍ଞାନିକ ପଦ୍ଧତିର ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ତଥା ସାହାରାଡ଼ିଆ କୃଷକ ପରିବାର ସମିତିର ସଭାପତି ପ୍ରମୋଦ କୁମାର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ରଞ୍ଜନ ପଟ୍ଟନାୟକ, ଫସଲ ସ

ସଂକ୍ଷେପରେ

ଜିଲା କଂଗ୍ରେସର ଜୋନସ୍ତରୀୟ ବୈଠକ

କେନ୍ଦ୍ରାପଡା ଅଫିସ, ୨୨।୧୧: କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଭବନ ପରିସରରେ ଜୋନ୍‌ସ୍ତରୀୟ ସାଂଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଚିନ୍ମୟ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ 'ମୋ ବୁଥ୍, ମୋ ଗୌରବ' କାର୍ଯ୍ୟକ୍ରମକୁ ଗୁରତ୍ୱ ଦିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ମାନସ ମଲ୍ଲିକ, ଉପସଭାପତି ସଞ୍ଜୟ ରାଉତ, କମଳାକାନ୍ତ ବେହେରା, ଅନ୍ତର୍ଯାମୀ ସ୍ୱାଇଁ, ମୀର ମୁର୍ଶିଦ, ସଂଗ୍ରାମ ଜେନା ପ୍ରମୁଖ ଏଥିରେ ଯୋଗ ଦେଇ ବୈଠକର ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ। ଜୋନସ୍ତରର କଂଗ୍ରେସ କାର୍ଯ୍ୟକାରୀ କମିଟି ଓ ପ୍ରତ୍ୟେକ ଜୋନର ବୁଥ୍ କମିଟି ଗଠନ କରି ଡିସେମ୍ବର ୫ ତାରିଖ ସୁଦ୍ଧା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ଜୋନ ସଭାପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କୁ ବିଭିନ୍ନ ଜୋନ୍‌ରେ ସାଂଗଠନିକ ତତ୍ତ୍ୱାବଧାରକ ଭାବେ ଦାୟିତ୍ୱ ଦିଆଯାଇଛି। ବୈଠକରେ ଜିଲାର ସମସ୍ତ ଜୋନ୍‌ର କର୍ମକର୍ତ୍ତା ସାମିଲ ହୋଇଥିଲେ ।

ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

ଆଳି, ୨୨।୧୧ (ଡି.ଏନ୍.ଏ.): ଆଳି ଥାନା ସିଙ୍ଗିରୀ ପଞ୍ଚାୟତ ରାଉତା ଗ୍ରାମର ପ୍ରମୋଦ ମଥାନ(୫୫)ଙ୍କ ମୃତଦେହ ଗୁରୁବାର ନିକଟସ୍ଥ ପାଟନାଳିରୁ ଉଦ୍ଧାର କରାଯାଇଛି। ପ୍ରମୋଦ ୨ଦିନ ହେବ ନିଖୋଜ ଥିଲେ। ଗତ ମଙ୍ଗଳବାର ପ୍ରମୋଦ ବିଲ ଦେଖିବାକୁ ଯାଉଥିବା କହି ଘରୁ ବାହାରି ଥିଲେ ହେଁ ଆଉ ଫେରି ନଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର ପତ୍ତା ମିଳି ନଥିଲା। ତେବେ ଗୁରୁବାର ସକାଳେ ଗାଁଠାରୁ ୪ କିଲୋମିଟର ଦୂର ଅର୍ଜୁନପୁର ଅରେହିକଣା ପାଟନାଳୀ ନିକଟରେ ତାଙ୍କ ଶବ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପରିବାର ଲୋକେ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଳି ପୋଲିସ ପାଣିରୁ ଶବ ଜବତ କରିବା ସହ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପ୍ରମୋଦଙ୍କ ସ୍ତ୍ରୀ ସୁବାସିନୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କେନ୍ଦ୍ରାପଡା ଅଫିସ, ୨୨।୧୧: ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରର ସୁରଭି ଉତ୍ସବରେ କେନ୍ଦ୍ରାପଡା ଜିଲାର ୨୩ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ନିହାରିକା ତ୍ରିପାଠୀ, ଦେବାଶିଷ ସାମଲ, ହିମଶ୍ରୀ ରାଉତ, କାଞ୍ଚଳବାଳା ଦାସ, ସୌମ୍ୟରଞ୍ଜନ ନାୟକ, ଋତୁପର୍ଣ୍ଣା ବିଶୋଇ, ମିହିର କୁମାର ଦାସ, ସୁଶାନ୍ତ କୁମାର ମଣ୍ଡଳ, ପ୍ରତିକ୍ଷା ଦାସ, ସ୍ୱାଗତ ସୌମ୍ୟରଞ୍ଜନ କର, ପ୍ରିତିପୁଷ୍ପା ଦାସ, ତନଭି ରାଉତ ଓ ସୋନାକ୍ଷୀ ନାୟକଙ୍କୁ ସମ୍ମାନିତ କରିଥିଲେ। ସେହିପରି ଶୁଭଦର୍ଶନୀ ଦାସ, ସ୍ୱର୍ଣ୍ଣପ୍ରଭା ସେଠୀ, ଲୋପାମୁଦ୍ରା ସେଠୀ, ପ୍ରଭୁ ପ୍ରସାଦ ବେଦାନ୍ତ, ଝଙ୍କିତା ଦାସ, ମୋନାଲିସା ଦାସ, ବିଷ୍ଣୁପ୍ରିୟା ମଲିକ, ଇପସିତା ମଲ୍ଲିକ, ସ୍ନେହାଶ୍ରୀ କର ଓ ନିତୁ ପ୍ରିୟଦର୍ଶିନୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏଥିସହ ଉତ୍ସବରେ ଗାଇଡ୍ ଶିକ୍ଷକ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଚନ୍ଦ୍ରଶେଖର ତ୍ରିପାଠୀ, ରଶ୍ମିତା ରାୟ, ଆରାଧନା ଦାସ, ବିଜୟଲକ୍ଷ୍ମୀ ମହାରଣା, ପ୍ରକାଶଚନ୍ଦ୍ର ଦାସ ଓ ହରପ୍ରିୟା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୬ ସନ୍ଧ୍ୟାରେ ଆୟୋଜିତ ଏହି ଉତ୍ସବରେ ଓପେପାର ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂହ ପୂନିଆ ବିଭିନ୍ନ ପ୍ରତିଯୋଗିତାରେ ଜିଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ ।

ଇନ୍ଦିରା ଗାନ୍ଧୀ ଜୟନ୍ତୀ

କେନ୍ଦ୍ରାପଡା ଅଫିସ, ୨୨।୧୧: ସହରର କଜଳାସ୍ଥିତ କଂଗ୍ରେସ ଭବନରେ ଜିଲା କଂଗ୍ରେସ ପକ୍ଷରୁ ସୋମବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଜିଲା ସଭାପତି ଚିନ୍ମୟ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ଅନ୍ନପୂର୍ଣ୍ଣା ଦାସ, ଜୀନତ ପ୍ରିୟଦର୍ଶିନୀ ରାଉତ, ଚିନ୍ମୟୀ କର ଓ ନିରୂପମା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ଆଉ ଦେଖାଯାଉନି ସୋଲ ଡଙ୍ଗା

ପାଟକୁରା, ୨୨।୧୧ (ଡି.ଏନ୍.ଏ)

ସୋଲ ଡଙ୍ଗା ତିଆରିରେ ବ୍ୟସ୍ତ ନିରଞ୍ଜନ ଓ ପରିବାର ଲୋକେ ।

- ରସାୟନିକ ସାର ପ୍ରଭାବ, ମିଳୁନି ପ୍ରକୃତିଜାତ ସୋଲ
- ପ୍ରୋତ୍ସାହନ ମିଳୁନି, ସଙ୍କଟରେ ଶୋଲ କାରିଗର

କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋରରୁ 'ଆ କା ମା ବଇ, ପାନ ଗୁଆ ଖାଇ, ପାନ ଗୁଆ ତୋର ମାସକ ଧର୍ମ ମୋର' ଗୀତ ସାଙ୍ଗକୁ ହୁଳହୁଳି ହରିବୋଲରେ କମ୍ପିଉଠେ ପୋଖରୀଟୁଠ। ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ମହିଳାମାନେ ସୋଲ ତିଆରି ଡଙ୍ଗାରେ ପାନ, ଗୁଆ, ଅରୁଆ ଚାଉଳ ମୁଗ ଜାଇ ରଖି ବନ୍ଦାପନା କରି ପୋଖରୀ ବା ନଦୀରେ ଡଙ୍ଗା ଭସାନ୍ତି। କାହିଁ କେଉଁ କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି। କିନ୍ତୁ ଏବେ ପରିବର୍ତ୍ତିତ ପରିବେଶ ସାଙ୍ଗକୁ ଚାଷ କାର୍ଯ୍ୟରେ ନାନା ରାସାୟନିକ ସାର ପ୍ରୟୋଗ ଯୋଗୁ ଆଉ ବିଲ ବାଡ଼ିରେ ସୋଲ ଗଛ ହେଉନି। ହାତଗଣତି କେତୋଟି ବିଲରେ ସୋଲ ଗଛ ହେଉଥିବା ବେଳେ ଗାଁ ଗହଳିରେ ଜାଳେଣି ଅଭାବ ଯୋଗୁ ଲୋକମାନେ ସୋଲ ଗଛକୁ ଜାଳେଣି ଭାବେ ବ୍ୟବହାର କରୁଛନ୍ତି। ଗରଦପୁର ବ୍ଲକ ପାଟକୁରା ଅଞ୍ଚଳରେ ସୋଲ ଗଛ ଅଭାବ ଯୋଗୁ ଗତ କିଛିବର୍ଷ ହେବ ସୋଲ କାରିଗରଙ୍କ ପ୍ରତି ସଙ୍କଟ ଦେଖାଦେଇଛି। ଫଳରେ କାର୍ତ୍ତିକ ପୂର୍ଣ୍ଣିମା ସକାଳେ ଆଉ ନଈ, ପୋଖରୀରେ ପ୍ରକୃତିଜାତ ସୋଲରେ ତିଆରି ଡଙ୍ଗା ଦେଖିବାକୁ ମିଳୁନି।

ବିବାହ, ବ୍ରତ ଓ ବିଭିନ୍ନ ଦେବଦେବୀଙ୍କ ପୂଜାରେ ସୋଲ ତିଆରି ମୁକୁଟ, ହାର, ଟାହିଆ, ଫୁଲ ଛତ୍ରୀର ଆବଶ୍ୟକ ହୁଏ। ଏଥିପାଇଁ ପାଟକୁରା ଅଞ୍ଚଳର ସୋଲ କାରିଗରମାନେ ବେଡ଼ାରୀ, କିଣିଲୋ, ଦଳୁଆଣି, ବେରୁହାଁ ପାଟ ଆଦି ବୁଲି ସୋଲ ସଂଗ୍ରହ କରନ୍ତି। କିନ୍ତୁ ଏବେ ସୋଲଗଛ ହେଉ ନ ଥିବାରୁ କାରିଗରମାନେ କର୍କ (ସୋଲ ଜାତୀୟ ଦ୍ରବ୍ୟ)ରେ କାମ ଚଳାଉଛନ୍ତି। କିନ୍ତୁ ଏହା ବ୍ୟୟବହୁଳ ହୋଇଥିବା ବେଳେ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁ ନଥିବା ପଦ୍ମପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ସୋଲ କାରିଗର ନିରଞ୍ଜନ ରଣା କହିଛନ୍ତି। ତେବେ ବାପଅଜା ଅମଳରୁ ଆପଣେଇ ନେଇଥିବା ଏହି କୌଳିକ ବୃତ୍ତିକୁ ଜାବୁଡ଼ି ଧରିଥିବାରୁ ଜୀବିକା ନିର୍ବାହ କରିବା କଷ୍ଟକର ହୋଇପଡ଼ିଲାଣି। ଏଥିପାଇଁ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ମିଳୁ ନଥିବା ବେଳେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉନି। ପିଲାବେଳୁ ଘର ଲୋକଙ୍କଠାରୁ ଶିଖିଥିବା କାମ କରୁଛୁ। ଏହି କାର୍ଯ୍ୟରେ ସ୍ତ୍ରୀ ଜୋସ୍ନା, ସାନଭାଇ ସୁବାସ, ପୁଅ ରାଜେଶ, ରାକେଶ ମଧ୍ୟ ସହଯୋଗ କରନ୍ତି। ଆଗରୁ ପାଟରେ ଜଳ ଭର୍ତ୍ତି ହୋଇ ରହୁଥିବାରୁ ସୋଲ ପ୍ରବଳ ମାତ୍ରାରେ ହେଉଥିଲା। କିନ୍ତୁ ଏବେ ବିଲ ଶୁଖିଲା ପଡୁଥିବା ବେଳେ ରାସାୟନିକ ସାର ପ୍ରୟୋଗ ଯୋଗୁ ସୋଲ ଗଛ କାଁ ଭାଁ ସ୍ଥାନରେ ଦେଖିବାକୁ ମିଳୁଛି। ତେବେ ସୋଲ କାରିଗରଙ୍କୁ ସରକାରୀ ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ଦିଆ ନ ଗଲେ ଆଗାମୀ ଦିନରେ ଡଙ୍ଗା ଭସା ପରମ୍ପରା ବି ବନ୍ଦ ହୋଇଯିବ ବୋଲି ନିରଞ୍ଜନ କହିଛନ୍ତି।

■ ନାବାଳିକା ଛାତ୍ରୀଙ୍କ ଅପହରଣ ମାମଲା

କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଭେଟିଲେ ପରିବାରଲୋକେ

କେନ୍ଦ୍ରାପଡା ଅଫିସ, ୨୨।୧୧

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଥାନାରେ ପୋଲିସ ମନମୁଖି କାର୍ଯ୍ୟନେଇ ଏକାଧିକ ବାର ଅଭିଯୋଗ ଆସୁଛି। କେଉଁଠି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁ ନଥିବା ବେଳେ ବହୁ ସମୟରେ ଅଭିଯୋଗକାରୀଙ୍କୁ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛି। ଫଳରେ ଅଭିଯୋଗକାରୀ ନିଜ ଥାନା ଅଞ୍ଚଳର ପୋଲିସ ଉପରୁ ଭରସା ତୁଟାଇ ଏସ୍‌ପି ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଥିବା ନଜିର ରହିଛି। ଏଭଳି ଆଉ ଏକ ଘଟଣା ଗୁରୁବାର ନଜରକୁ ଆସିଛି।

ପାଟକୁରା ଥାନା ଅଞ୍ଚଳର ଜନୈକା ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପଡ଼ିଶା ଘରର ଜନୈକ ଯୁବକ ଗତ ଶନିବାର ଅପହରଣ କରି ନେଇଥିଲେ। ବହୁ ଖୋଜାଖୋଜି ପରେ ମହାକାଳପଡା ଥାନା ଅଞ୍ଚଳର ଏକ ବିଲ ମଧ୍ୟରୁ ନାବାଳିକାଙ୍କୁ ହାତଗୋଡ ବନ୍ଧା ଅବସ୍ଥାରେ ରବିବାର ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ପାଟକୁରା ଥାନାରେ ପୀଡିତା ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଅଭିଯୋଗ ପତ୍ରକୁ ଥାନାରେ ପଞ୍ଜୀକରଣ କରାଯାଉନାହିଁ। ଏପରି ଅଭିଯୋଗ ଆଣି ପୀଡିତା ଓ ପରିବାର ସଦସ୍ୟ ଶୁକ୍ରବାର ଏସ୍‌ପିଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ ପୀଡିତାଙ୍କ ବାପାଙ୍କ ବୟାନ ଅନୁଯାୟୀ, ଝିଅକୁ ପ୍ରଥମେ ଯୁବକ ବାହାଘର ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଝିଅ ମନା କରିବାରୁ ଗୋଟିଏ ଘରେ ପୂରାଇ ମାଡ଼ ମାରିଥିଲେ। ଏଥିରେ ସଫଳ ନ ହେବାରୁ ଝିଅକୁ ଅପହରଣ କରିନେଇ ଧାନ କ୍ଷେତରେ ଲୁଚାଇ ରଖିଥିଲେ। ବହୁ ଖୋଜାଖୋଜି ପରେ ଝିଅକୁ ପାଇଥିଲୁ ବୋଲି ନାବାଳିକାଙ୍କ ବାପା କହିଛନ୍ତି। ଏହାର ତଦନ୍ତ ପାଇଁ ଏସ୍‌ପି ନୀତିଶେଖର ପାଟକୁରା ଥାନାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଯମୁନାବାଦରେ ରାଧାକୃଷ୍ଣ ପୂଜା

ପୂଜା ମଣ୍ଡପରେ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି।

ପାଟକୁରା, ୨୨।୧୧ (ଡି.ଏନ୍.ଏ.)

ଗରଦପୁର ବ୍ଲକ ଅଧୀନ ପାଟକୁରା ପଞ୍ଚାୟତ ଯମୁନାବାଦ ଗ୍ରାମରେ ପଞ୍ଚୁକ ୫ଦିନ ଧରି ରାଧାକୃଷ୍ଣଙ୍କ ପୂଜା ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପରେ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ରଙ୍ଗବେରଙ୍ଗର ଆଲୋକମାଳାରେ ମଣ୍ଡପ ସାଜସଜ୍ଜା କରାଯାଇଛି। ରାଧାକୃଷ୍ଣଙ୍କ ପୂଜା ପାଇଁ ଗ୍ରାମ ପରିବେଶ ଉତ୍ସବମୁଖର ହୋଇଛି। ୫ଦିନ ଧରି ହେବାକୁ ଥିବା ଏହି ପୂଜା ମଣ୍ଡପ ନିକଟରେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏଥିସହ ରାହାସ ପାଠ କରାଯାଉଛି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହେଉଛି।

'ଧୋ ରେ ବାଇଆ ଧୋ' ଶିଶୁ ପତ୍ରିକା ଉନ୍ମୋଚିତ

କେନ୍ଦ୍ରାପଡ଼ା ଅଫିସ୍, ୨୨।୧୧

କେନ୍ଦ୍ରାପଡା ବ୍ଲକ କୋରୋସ୍ଥିତ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ଦ୍ୱାରା ପ୍ରକଶିତ 'ଧୋ ରେ ବାଇଆ ଧୋ' ଶିଶୁପତ୍ରିକା ଇତିମଧ୍ୟରେ ଉନ୍ମୋଚିତ ହୋଇଯାଇଛି। ପତ୍ରିକା ପ୍ରତିଷ୍ଠାତା ମହେନ୍ଦ୍ର ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ପୁରୀ ଜିଲା ଖଣ୍ଡପଡ଼ା ବେଣାଗାଡିଆଠାରେ ଏହି ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଏଥିରେ ପୁରୀ ଗୋବର୍ଦ୍ଧନ ପୀଠ ସଚିବ ମାତୃପ୍ରସାଦ ମିଶ୍ର, ଚିନ୍ମୟ ମିଶନର ଆଚାର୍ଯ୍ୟ କ୍ରିଷ୍ଣାପ୍ରେମାନନ୍ଦ ସରସ୍ୱତୀ, ପତ୍ରକାର ଅରୁଣ ପଣ୍ଡା, ସାମାଜିକ କର୍ମୀ ପ୍ରବୀର ମହାନ୍ତି, ଇଂ. ହେମନ୍ତ କୁମାର ସ୍ୱାଇଁ ଓ ସମ୍ପାଦକ ହେମନ୍ତ ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବକୁ ଅଖିଳ କୁମାର ମହାରଣା ପରିଚାଳନା କରିଥିଲେ।

ଈଶ୍ୱରୀୟ ସ୍ନେହ ମିଳନ ସମାରୋହ

ସମ୍ମାନ ସମାରୋହରେ ଯୋଗ ଦେଇଥିବା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଉଣୀଭାଇମାନେ ।

ପାଟକୁରା, ୨୨।୧୧ (ଡି.ଏନ୍.ଏ.)

ଗରଦପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଈଶ୍ୱରୀୟ ସ୍ନେହ ମିଳନ ଓ ସମ୍ମାନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ, ଗରଦପୁର ବିଡିଓ ଧରଣୀଧର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାସ ରଞ୍ଜନ ଦାସ, ସୁରଜ ଭାଇ, ଗୀତା ଭଉଣୀ ଓ ବି.କେ. ଦୁର୍ଗେଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜରେ ଜଣେ ଭଲ ମଣିଷ ହେବା ପାଇଁ ରାଜଯୋଗ ଓ ଈଶ୍ୱରୀୟ ଜ୍ଞାନ ନିହାତି ଆବଶ୍ୟକ। ଐଶ୍ୱରିକ ଶକ୍ତି ସୁସ୍ଥ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ରହ୍ମାକୁମାରୀ ଅସ୍ମିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ପଙ୍କାମୁଣ୍ଡାଇ, ୨୨।୧୧ (ସ୍ୱ.ପ୍ର)

ପଙ୍କାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତରେ ମୁଁହିରୋ ମୁଁଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଆଖିଆ ଛକସ୍ଥିତ ଲିଙ୍ଗରାଜ ମନ୍ଦିର ପରିସରରେ ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନିଲ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଧ୍ରୁବ ଚରଣ ସାହୁ ମୁଖ୍ୟଅତିଥି, ସରପଞ୍ଚ ପ୍ରଫୁଲ୍ଲ ତରାଇ ମୁଖ୍ୟବକ୍ତା, ସ୍ୱପ୍ନରଞ୍ଜନ ବେହେରା, ରାଜେନ୍ଦ୍ର ଜେନା, ପ୍ରକାଶ ଦାସ ଓ ସୁରେଶ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କେତେଜଣ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡା ଅଫିସ, ୨୨।୧୧

ଟାଉନ ଥାନା ଅନ୍ତର୍ଗତ ସହରର ମନକରପୁରର ଅଶୋକ ନାୟକଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଝୁଲନ୍ତା ଶବ ଗୁରୁବାର ସନ୍ଧ୍ୟାରେ ଉଦ୍ଧାର ହୋଇଛି। ତେବେ ସରସ୍ୱତୀଙ୍କ ମୃତ୍ୟୁକୁ ନେଇ ସ୍ୱାମୀ ଅଶୋକ ଓ ସରସ୍ୱତୀଙ୍କ ବାପା ସଦର ଥାନା ଅନ୍ତର୍ଗତ ନରିଲୋ ଗ୍ରାମର ଶୁକଦେବ ନାୟକ ଟାଉନ ଥାନାରେ ଦୁଇଟି ପୃଥକ୍ ଅଭିଯୋଗ କରିଛନ୍ତି। ଅଶୋକଙ୍କ ଅଭିଯୋଗ ଅନୁଯାୟୀ ଗତ ୮ ମାସର ବିବାହ ଅବଧି ମଧ୍ୟରେ ବଡଭାଇ ଓ ଭାଉଜଙ୍କ ଅତ୍ୟାଚାର ସହି ନପାରି ସରସ୍ୱତୀ ଆତ୍ମହତ୍ୟା କରିଛି। ଶୁକଦେବଙ୍କ ଅଭିଯୋଗ ଅନୁଯାୟୀ, ବାହାଘର ପରେ ଶାଶୁଘର ଲୋକେ ସରସ୍ୱତୀଙ୍କୁ ହଇରାଣ କରୁଥିଲେ। ତେବେ ଅଶୋକଙ୍କ ପରିବାର ସଦସ୍ୟ ମିଳିମିଶି ସରସ୍ୱତୀଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାକୁ ମୃତଦେହ ଫ୍ୟାନରେ ଝୁଲାଇ ଦେଇଛନ୍ତି। ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଶବକୁ ଜବତ କରିଥିବା ଜଣାପଡିଛି।

■ ବନ୍ୟା ଯୋଗୁ ପଧାନପଡା ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟଣା

ବିପନ୍ନଙ୍କୁ ଘରଭଙ୍ଗା ଟଙ୍କା ଯୋଗାଇ ଦେବାକୁ ଦାବି

ରାଜକନିକା, ୨୨।୧୧ (ଡି.ଏନ୍.ଏ.)

ଗତ ସେପ୍ଟେମ୍ବରରେ ଖରସ୍ରୋତା ଓ ବୈତରଣୀ ନଦୀ ବନ୍ୟାରେ ରାଜକନିକା ବ୍ଲକ ପଧାନପଡା ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିରେ ବଡହଲୁପଡ଼ା, ସାନହଲୁପଡ଼ା ଓ ବାଲିସାହି ଗ୍ରାମର ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଲୋକମାନେ ନିକଟସ୍ଥ ଆଶ୍ରୟସ୍ଥଳ ବା ବିଦ୍ୟାଳୟ ଗୃହରେ ଆଶ୍ରୟ ନେଇଥିଲେ। ତେବେ ଅଦ୍ୟାବଧି ବିପନ୍ନ ପରିବାରଗୁଡ଼ିକୁ ଘର ଭଙ୍ଗା ମିଳି ନଥିବାରୁ ଲୋକମାନେ ଏବେ ବି ପଲିଥିନ୍ ତଳେ ମୁଣ୍ଡ ଗୁଞ୍ଜିଛନ୍ତି। ଆର୍ଥିକ ଦୁରବସ୍ଥା ଯୋଗୁ ଲୋକମାନେ ନିଜ ଖର୍ଚ୍ଚରେ ଘର ମରାମତି କରିପାରୁ ନଥିବାରୁ ତୁରନ୍ତ ବିପନ୍ନ ପରିବାରକୁ ଘରଭଙ୍ଗା ଟଙ୍କା ଓ ରିଲିଫ୍ ଟଙ୍କା ଯୋଗାଇ ଦେବାକୁ ଅଞ୍ଚଳବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବରରେ ଖରସ୍ରୋତା ଓ ବୈତରଣୀରେ ବନ୍ୟା ଯୋଗୁ ବହୁ ଘର ଭାଙ୍ଗି ଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ତେବେ କେ

ସଂକ୍ଷେପରେ

ଆଜିଠୁ ଦାମଙ୍କ ଅଭିଯାନ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ): ବରିଷ୍ଠ ନେତା ଦାମୋଦର ରାଉତ ଶୁକ୍ରବାର ନିଜର ପରବର୍ତ୍ତୀ ରଣନୀତି ନେଇ ଘୋଷଣା କରିବେ। ଏଥିପାଇଁ ଅପରାହ୍ନରେ ରାଜଧାନୀରେ ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀ ଡାକିଛନ୍ତି। ଅଲଗା ଦଳ ନ କରି ପୂର୍ବରୁ ଥିବା ସମତାକ୍ରାନ୍ତି ଦଳରେ ଦାମ ନିଜକୁ ସାମିଲ କରିବେ। ଦାମଙ୍କ ପ୍ରସ୍ତାବକ୍ରମେ ସମତାକ୍ରାନ୍ତି ଦଳ ପୂର୍ବରୁ 'ବିଜୁ' ଶବ୍ଦ ଯୋଡ଼ାଯିବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏବଂ ଦାମୋଦର ରାଉତ ମିଳିତ ଭାବେ ଏହି ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବେ ବୋଲି ଖବର ମିଳିଛି।

ଖବରଦାତାଙ୍କୁ କ୍ରୀଡ଼ା ସଚିବଙ୍କ ଦୁର୍ବ୍ୟବହାର ଘଟଣା

ଛାତ୍ର, ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ): ହକି ବିଶ୍ୱକପ୍‌ର ଟିକେଟ ବିକ୍ରିରେ ଅବ୍ୟବସ୍ଥା ଏବଂ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ପ୍ରତିନିଧିଙ୍କୁ କ୍ରୀଡା ସଚିବ ବିଶାଲ ଦେବଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ତାଙ୍କ ବାସଭବନ ଘେରାଉ ଉଦ୍ୟମ କରାଯାଇଛି। ଛାତ୍ର ଓ ଯୁବକ କଂଗ୍ରେସ ପକ୍ଷରୁ ରୁପାଲି ଛକରୁ ଏକ ଶୋଭାଯାତ୍ରା ବାହାରି ସଚିବଙ୍କ ବାସଭବନ ଅଭିମୁଖେ ଯାଇଥିଲା। ସଚିବଙ୍କ କୁଶପୁତ୍ତଳିକା ଦାହ କରି କର୍ମୀମାନେ ବାସଭବନ ଘେରାଉ ପାଇଁ ଯିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେଠାରେ କିଛି ସମୟ ପୋଲିସ ସହ ବିକ୍ଷୋଭକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ କଂଗ୍ରେସ କର୍ମୀମାନଙ୍କୁ ଅଟକାଇବା ସହ ସେଠାରୁ ଉଠାଇ ନେଇଥିଲା। ସୁଚନାଯୋଗ୍ୟ, ଗତ ବୁଧବାର କ୍ରୀଡା ସଚିବଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଯାଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯିବା ସହ ବୁମ୍ ଠେଲି ଦେଇଥିବା ନେଇ ଅଭିଯୋଗ ହୋଇଥିଲା।

ସମାଜ ବିକାଶ ପାଇଁ ଦକ୍ଷ ମାନବ ସମ୍ବଳ ଜରୁରୀ

- 'ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ'ର ସମୀକ୍ଷା
- ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଓଡ଼ିଶାର ସରକାରୀ ଶିଳ୍ପ ଓ ବୈଷୟିକ ତାଲିମ ସଂସ୍ଥା(ଆଇଟିଆଇ)ଗୁଡ଼ିକର ରୂପରେଖ ପରିବର୍ତ୍ତନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଗୁରୁବାର ସଚିବାଳୟରେ ଅନୁଷ୍ଠିତ ହୋଇଛି। ସରକାରୀ ଆଇଟିଆଇ ପ୍ରଶିକ୍ଷକମାନଙ୍କର ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣ(ଟିଭିଇଟି) କ୍ଷେତ୍ରରେ ଉତ୍ତମ ପ୍ରଶାସନିକ ଜ୍ଞାନ, ଦକ୍ଷତା ଏବଂ ପ୍ରଶିକ୍ଷଣକୁ ପ୍ରୋତ୍ସାହନ ସହ ପ୍ରଚଳିତ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଏଥିରେ ପ୍ରାଥମିକତା ଦିଆଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ)ର ଏହି କାର୍ଯ୍ୟକ୍ରମକୁ ସାମାଜିକ ସଙ୍ଗଠନ ଟେମାସେକ୍ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲ୍ ଆର୍ଥିକ ସହାୟତା ଓ ସହଯୋଗ କରିଥିବା ଜଣାପଡିଛି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷା ଦେବୀ ଏହି 'ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ'ର ମୂଲ୍ୟାୟନ ଏବଂ ସମୀକ୍ଷାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଓଏସ୍‌ଡିଏ, ଟିଏଫ୍‌ଆଇ ଏବଂ ଆଇଟିଇଏସ୍ ପୂର୍ବ ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଛି। ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ସୁଦୂରପ୍ରସାରୀ ଲକ୍ଷ୍ୟ ହାସଲ ଏବଂ କୁଶଳୀ ମାନବ ସମ୍ବଳ ସୃଷ୍ଟିରେ ଏହା ସହାୟକ ହେବ। ସେହିପରି କମିଶନର ତଥା ଦକ୍ଷତା ବିକାଶ ସଚିବ ସଞ୍ଜୟ ସିଂ କହିଛନ୍ତି ଯେ, ସମାଜକୁ ଦକ୍ଷ ପେସାଗତ ମାନବ ସମ୍ବଳ ଦ୍ୱାରା ପରିବର୍ତ୍ତନ କରିବା ଏବଂ ଧାର୍ଯ୍ୟଲକ୍ଷ୍ୟ ହାସଲ କରିବା ଦିଗରେ ଏହା ସହାୟକ ହେବ। ପ୍ରଶିକ୍ଷଣ ନେଇଥିବା ପ୍ରତିନିଧିମାନେ ୨ ସପ୍ତାହରେ ଯେଉଁ ଜ୍ଞାନ ଆହରଣ କଲେ, ତାହା ଟିଭିଇଟି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। 'ଇଣ୍ଡିଆ ସ୍କିଲ୍ସ' କାର୍ଯ୍ୟକ୍ରମରେ ଭାଗନେଇଥିବା ୧୦୦ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଓଡ଼ିଶାର ୨୨ ଜଣ ବିଭିନ୍ନ କ୍ଷେତ୍ରରେ ପୁରସ୍କାର ଜିତିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ ବିଦ୍ୟାଳୟସ୍ତରରେ ସଚେତନତା ସୃଷ୍ଟି କରାଯିବ ବୋଲି ସଚିବ ସିଂ କହିଛନ୍ତି।

ଆଇଟିଆଇ ଏଜୁକେଶନ ସର୍ଭିସ,ଏସିଆ ନିର୍ଦ୍ଦେଶକ ଲିମ୍ ବୁନ୍ ଟିଅଙ୍ଗ କହିଛନ୍ତି ଯେ, ରାଜ୍ୟ ସରକାର 'ସ୍କିଲ୍ସ ଇକୋ ସିଷ୍ଟମ'କୁ ପୁନରୁଜ୍ଜୀବିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଇଟିଆଇ ଶିକ୍ଷାକ୍ଷେତ୍ରରେ ଗୁଣାତ୍ମକ ମାନ ସହ ଭିତ୍ତିଭୂମି ବିକାଶ, ଉଚ୍ଚକୋଟୀର ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ।

ସେହିପରି ଟେମାସେକ୍ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲ(ଟିଏଫ୍‌ଆଇ)ର ଜିରାଲ୍ଡ ୟୋ କହିଛନ୍ତି ଯେ, ଟିଏଫ୍‌ଆଇ ଆଗାମୀ ଦିନରେ ଓଡ଼ିଶା ସହଯୋଗରେ ଏହିପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବ। ଏହା ଦ୍ୱାରା ଓଡ଼ିଶା–ସିଙ୍ଗାପୁର ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ।

କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ କରି ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନଙ୍କର ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ଗସ୍ତରେ ଥିବା ପ୍ରତିନିଧି ଦଳ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ମୂଲ୍ୟାୟନ ଏବଂ ସମୀକ୍ଷା କରିବା ନିମନ୍ତେ ଜଟଣୀସ୍ଥିତ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ଆଇଟିଆଇ, ବ୍ରହ୍ମପୁର, କଟକ ଓ ଭୁବନେଶ୍ୱରସ୍ଥିତ ସରକାରୀ ଆଇଟିଆଇ, କଟକର ସ୍କିଲ୍ ମ୍ୟୁଜିୟମ ଏବଂ ୱାର୍ଲଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରିଛନ୍ତି।

ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ ଓ ସଚିବ ସଞ୍ଜୟ ସିଂ।

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜୁ ମହିଳା ଜନତା ଦଳ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି ବିଜୁ ମହିଳା ଜନତା ଦଳ ସଭ୍ୟାମାନେ।

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ନେଇ ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ଓଡ଼ିଶା ବିଧାନସଭାରେ ଏ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ମଧ୍ୟ ସର୍ବସମ୍ମତକ୍ରମେ ଗୃହୀତ କରାଇଛନ୍ତି। ମହିଳାଙ୍କ ପାଇଁ ଏପରି ପଦକ୍ଷେପ ନେଇଥିବାରୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ମିନତି ବେହେରାଙ୍କ ଅଧ୍ୟକ୍ଷତାରେ ଶତାଧିକ ମହିଳା କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଛନ୍ତି। ଏ ନେଇ ମିନତି କହିଛନ୍ତି ଯେ, ମହିଳାଙ୍କ ସ୍ୱରକୁ ଉଭୟ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ଶାଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ନାରୀ ସଶକ୍ତୀକରଣ ଦିଗରେ ନବୀନ ବାବୁଙ୍କ ଭୂମିକା ଅନ୍ୟ ନେତୃବୃନ୍ଦଙ୍କ ପାଇଁ ଉଦାହରଣ। ଆଗାମୀ ନିର୍ବାଚନରେ ଯୋଗ୍ୟ ମହିଳାଙ୍କୁ ବିଜେଡି ନିଶ୍ଚୟ ପ୍ରାର୍ଥୀ ହେବାର ସୁଯୋଗ ଦେବ ବୋଲି ମିନତି କହିଛନ୍ତି।

ସିଟି ଗ୍ୟାସ୍ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

୧୨୯ ଜିଲାକୁ ପାଇପ ଯୋଗେ ଗ୍ୟାସ୍ ମିଳିବ

ନୂଆଦିଲ୍ଲୀ,୨୨।୧୧(ପି.ଟି.)

୧୮ଟି ରାଜ୍ୟର ୧୨୯ଟି ଜିଲାକୁ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ସହ ଯାନବାହନ ଲାଗି ସିଏନଜି ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆଦିଲ୍ଲୀର ବିଜ୍ଞାନ ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ଏହି ସିଟି ଗ୍ୟାସ୍ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହା ଦ୍ୱାରା ଜନସଂଖ୍ୟାର ଏକ–ଚତୁର୍ଥାଂଶଙ୍କୁ ପାଇପ ଯୋଗେ ଗ୍ୟାସ୍ ଯୋଗାଇ ଦିଆଯାଇପାରିବ। ଓଡିଶାର ୭ଟି ଭୌଗୋଳିକ କ୍ଷେତ୍ରରେ ଏହି ସହରୀ ଗ୍ୟାସ୍ ବିତରଣ ପ୍ରକଳ୍ପର ଶିଳାନ୍ୟାସ ହୋଇଛି।

ଓଡିଶାର ସୁନ୍ଦରଗଡ ଓ ଝାରସୁଗୁଡା ଜିଲା ଯାଜପୁର ଓ କେନ୍ଦୁଝର ଜିଲା, ଅନୁଗୋଳ ଓ ଢେଙ୍କାନାଳ ଜିଲା , ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜ ଜିଲା, ବରଗଡ, ଦେବଗଡ ଓ ସମ୍ବଲପୁର ଜିଲା, ଗଞ୍ଜାମ, ନୟାଗଡ ଓ ପୁରୀ ଜିଲା, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲା ପରି ଭୌଗୋଳିକ କ୍ଷେତ୍ରଗୁଡିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଇଛି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ରାଉରକେଲା ଠାରେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରାମ କ୍ରିପାଳ ଯାଦବ ବ୍ରହ୍ମପୁରରେ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ଯାଜପୁରଠାରେ ଉପସ୍ଥିତ ଥିଲେ ।

ନିର୍ଗମନ ଜନିତ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ସରକାର ପରିବେଶ ଅନୁକୂଳ ପ୍ରାକୃତିକ ଗ୍ୟାସର ବ୍ୟବହାର ବଢ଼ାଇବାକୁ ଚାହୁଁଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ୧୨୪ଟି ନୂଆ ଜିଲାରେ ଦଶମ ପର୍ଯ୍ୟାୟ ସିଟି ଗ୍ୟାସ୍ ଲାଇସେନ୍ସ ପ୍ରଦାନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିକଶିତ ଭିତ୍ତିଭୂମି ଲାଗି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦଶମ ପର୍ଯ୍ୟାୟ ଲାଇସେନ୍ସ ପ୍ରଦାନ ଶେଷ ହେଲେ ୪୦୦ରୁ ଊର୍ଦ୍ଧ୍ୱ ଜିଲା ଏବଂ ଜନସଂଖ୍ୟାର ୭୦ ପ୍ରତିଶତଙ୍କୁ ପ୍ରାକୃତିକ ଗ୍ୟାସ ଇନ୍ଧନ ଭାବେ ମିଳିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୨ କୋଟି ପରିବାରରେ ପାଇପ ଯୋଗେ ରନ୍ଧନ ଗ୍ୟାସ ପହଞ୍ଚିପାରିବ। ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ପରିବାରକୁ ପାଇପ ଯୋଗେ ରନ୍ଧନ ଗ୍ୟାସ ମିଳିପାରୁଛି। ସେହିପରି ସିଏନଜି ଷ୍ଟେସନ ସଂଖ୍ୟା ୧୦ ହଜାରରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ନୂଆଦିଲ୍ଲୀର ବିଜ୍ଞାନଭବନରୁ ସିଟି ଗ୍ୟାସ୍ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଭାରତକୁ ଗ୍ୟାସ୍‌ଭିତ୍ତିକ ଅର୍ଥ ବ୍ୟବସ୍ଥାରେ ପରିଣତ କରିବା ଦିଗରେ ଏହା ଏକ ପଦକ୍ଷେପ। ଗ୍ୟାସ୍ କେବଳ ପରିବେଶ ଅନୁକୂଳ ଇନ୍ଧନ ନୁହେଁ ଏହା ଅନ୍ୟ ତରଳ ଇନ୍ଧନ ଏବଂ ସବ୍‌ସିଡିଯୁକ୍ତ ଏଲପିଜି ତୁଳନାରେ ଶସ୍ତା। ଏହା ଆଉ ଏକ ସବକା ସାଥ ସବକା ବିକାଶ କାର୍ଯ୍ୟକ୍ରମ । ଯେଉଁଥିରେ ସ୍ୱଚ୍ଛଭାରତର ମନ୍ତ୍ର ଲୁଚି ରହିଛି ବୋଲି ଧର୍ମେନ୍ଦ୍ର କହିଥିଲେ। ସିଟି ଗ୍ୟାସ୍ ବିତରଣ (ସିଜିଡି) ନେଟୱର୍କ ଗ୍ୟାସ୍ ଯୋଗାଣ ଉତ୍ସରୁ ଗ୍ରାହକଙ୍କ ଦ୍ୱାର ପର୍ଯ୍ୟନ୍ତ ପାଇପଲାଇନ ନିର୍ମାଣ କରିବା ସହ ଗାଡ଼ିକୁ ଇନ୍ଧନ ଯୋଗାଣ ଲାଗି ସିଏନଜି ଡିସ୍‌ପେନ୍‌ସିଂ ଷ୍ଟେଶନ ନିର୍ମାଣ କରିବ।

ସାଲେପୁର ବିକାଶ ପାଇଁ ବୈଠକ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ସାଲେପୁର ଅଞ୍ଚଳର ବିକାଶ ପାଇଁ ଗୁରୁବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରକୋଷ୍ଠରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସାଲେପୁରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ବର୍ଷାଦିନେ ସ୍ଥାନୀୟ ଅଞ୍ଚଳରେ ଜଳ ନିଷ୍କାସନ ଏକ ଗୁରୁତର ସମସ୍ୟା ହୋଇଛି । ଏଥିପାଇଁ ଦୁଇଟି ଡ୍ରେନ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୭ଦିନ ମଧ୍ୟରେ ସର୍ଭେ କାର୍ଯ୍ୟ, ଜମି ମାଲିକଙ୍କ ସହ ଆଲୋଚନା, ଜମି ଚିହ୍ନଟ, ଜମିର ମୂଲ୍ୟ ନିର୍ଦ୍ଧାରଣ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ୨୦ଦିନ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷକରି ପ୍ରସ୍ତାବ ପଠାଇବାକୁ କୁହାଯାଇଛି । ବି.କେ. ସିନେମା ହଲ୍ ପାଖ ଡ୍ରେନ୍ କାର୍ଯ୍ୟ ମଧ୍ୟ ଆସନ୍ତା ଜାନୁୟାରୀରେ ଆରମ୍ଭ ହେବ। ଏପ୍ରିଲ ମାସ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ସାଲେପୁର ବଜାରରେ ଜନଗହଳିକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯିବ । ସାଲେପୁର ବଜାରର ସମସ୍ତ ଡ୍ରେନ ବ୍ୟବସ୍ଥାକୁ ବକ୍ସ ସିଷ୍ଟମ କରାଯିବ । ବର୍ଷାଦିନେ ବଜାରର ମୁଖ୍ୟ ରାସ୍ତା, ବିଜୁ ପଟ୍ଟନାୟକ ଛକ ଏବଂ ବିକଳାନନ୍ଦ କର ଦୋକାନ ସାମ୍ନାରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମ୍ପୂର୍ଣ୍ଣ ହୋଇ ନ ଥିବା ବକ୍ସ ଡ୍ରେନ୍‌ଗୁଡିକର କାର୍ଯ୍ୟ ଶେଷ କରିବା, ପୂର୍ତ୍ତ ବିଭାଗ ତରଫରୁ ଲାଇଟ ପୋଷ୍ଟ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବା, କ୍ରାକ୍‌ଷ୍ଟକ୍ଚରଗୁଡିକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି। ବୈଠକରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଓଏସ୍‌ଡି– କମ୍– ମୁଖ୍ୟଯନ୍ତ୍ରୀ (ଡିପିଆଇଆର୍) ଓ. ପି. ପଟେଲ, ସାଲେପୁର ତହସିଲଦାର ପଦ୍ମଜା ଦାଶ, ଡ୍ରେନେଜ ମୁଖ୍ୟଯନ୍ତ୍ରୀ ପ୍ରତାପ କୁମାର ନାୟକଙ୍କ ସମେତ ପୂର୍ତ୍ତ ବିଭାଗ ବିଭିନ୍ନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଅଧିକାରୀଙ୍କ ଆଲୋଚନା କରୁଛନ୍ତି।

ବିଜେଡି ମୁଖପାତ୍ର ଅଛନ୍ତି ଅମିତାଭ ଦାସ

ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)

ବିଜେଡି ପକ୍ଷରୁ ଗତ ୧୨ତାରିଖରେ ନୂତନ ମୁଖପାତ୍ର ତାଲିକା ପ୍ରକାଶ କରାଯାଇଥିଲା। ସେହି ତାଲିକାରେ ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଆଇନଜୀବୀ ତଥା ବିଜେଡି ଆଇନଜୀବୀ ସାମୁଖ୍ୟର ଉପଦେଷ୍ଟା ଅସିମ ଅମିତାଭ ଦାସଙ୍କ ନାମ ଭୁଲକ୍ରମେ ପ୍ରକାଶ ପାଇପାରି ନ ଥିଲା ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ଅମିତାଭ ଦାସ ପୂର୍ବଭଳି ଦଳର ମୁଖପାତ୍ର ଭାବେ କାର୍ଯ୍ୟରତ ଅଛନ୍ତି ବୋଲି ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha
Tel : 0674-2540051(EPABX), Website : www.optcl.co.in, **CIN : U40102OR2004SGC007553**
Lifeline of Odisha

e-Tender Notice No. : CPC-44/2018-19 Date : 23.11.2018

NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

ODISHA POWER TRANSMISSION CORPORATION LIMITED, Bhubaneswar invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of 9 (Nine) Nos. of river crossing locations by putting 18 nos. of OC+15/UR+6 towers for different existing 33 kV and 11 kV line crossings to get adequate Navigational clearance over various rivers for National Water Ways-5 under KED-I, Kendrapara and KED-II, Marshaghai at an Estimated Cost of the Package for ₹14.29 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from **Dt. 26.11.2018 / 11:00 AM** up to **Dt. 19.12.2018 / 12:45 PM**. Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

Note : Bidders are requested to regularly visit official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Chief General Manager (C.P.C.)
CR. Advt. No.61/18-19 email id : sgm.cpc@optcl.co.in
Please connect us : optcl.odisha optcl_odisha energyodisha

GOVT. OF ODISHA, OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel. 06766-258301(O), E-Mail: se_nerwkjr@rediffmail.com
"e" Procurement Notice for PMGSY Works (Batch-I)
Identification No. PMGSY Online NCB No. 241
Letter No. 3009 / Date:13-11-2018
1015-O

1. Name of the Work :- Project proposals under PMGSY (2018-19

କେନ୍ଦ୍ରୀୟ ଯୋଜନା ଲାଗୁ କରିବାରେ ଶେଷଆଡୁ ପ୍ରଥମ: ରାମକ୍ରିପାଲ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସିଟି ଗ୍ୟାସ ବିତରଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡିଶା ଆସିଥିବା ଅବସରରେ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ରାମ କ୍ରିପାଲ ଯାଦବ ଗୁରୁବାର ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ପଛଆଡୁ ପ୍ରଥମ ବୋଲି ସେ ସମାଲୋଚନା କରିଛନ୍ତି। ରାମ କ୍ରିପାଲ କହିଛନ୍ତି ଯେ, ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ ଅବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଥବା ପ୍ରଧାନମନ୍ତ୍ରୀ ପେନସନ ଯୋଜନା ସବୁଥିରେ ଓଡିଶାରେ ଭ୍ରଷ୍ଟାଚାର ଚାଲିଛି। ଏଠାରେ ଖୋଲାଖୋଲି ଭାବେ ପିସି କାରବାର ଚାଲିଛି। ସରକାର ଜନତା ଓ ଗରିବମାନଙ୍କ ଟଙ୍କା ଲୁଟି ଭ୍ରଷ୍ଟାଚାରର ଏକ ପିଢି ତିଆରି କରିଛନ୍ତି। ଗତଥର ଓଡିଶା ଗସ୍ତରେ ଆସିଥିବା ବେଳେ ଭାରତ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ କିପରି ଚାଲିଛି ତା'ର ସମୀକ୍ଷା କରିଥିଲି। ଗ୍ରାମୀଣ ଶୌଚାଳୟ ଯୋଜନା ଛଡା ଭାରତ ସରକାରଙ୍କ ଅନ୍ୟ କୌଣସି ଯୋଜନା ରାଜ୍ୟରେ ଠିକ୍ ଭାବେ ଲାଗୁ ହେଉନାହିଁ। ଏଠିକା ସରକାର କେବଳ ଜନତାଙ୍କ ଟଙ୍କା ଲୁଟିବାର ରାସ୍ତା ତିଆରି କରୁଛନ୍ତି। ଲୋକମାନଙ୍କର ଏ ସରକାର ଉପରେ ଯେଉଁ ରାଗ ଅଛି ତାହା ଆସନ୍ତା ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ରାମ କ୍ରିପାଲ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଯଦି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ଓଡିଶା ପଛୁଆ ତେବେ କେନ୍ଦ୍ର ସରକାର କିପରି ପୁରସ୍କୃତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ତା'ର ଉତ୍ତର ରଖନ୍ତୁ।

ପ୍ରଥମ ପୃଷ୍ଠାରୁ...

ବୈଷ୍ଣବ ପରିଡ଼ାଙ୍କ ...

ପୀଡ଼ିତ ଥିଲେ। ୧୫ଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ବୈଷ୍ଣବ ଯାଜପୁର ଜିଲାର ଶ୍ରୀରାମପୁର ଗ୍ରାମରେ ୧୯୪୧ ଫେବୃୟାରୀ ୧୫ରେ ଜନ୍ମଗ୍ରହଣ କରିଥିଲେ। ୨୦୧୦ ଜୁଲାଇରେ ସେ ବିଜେଡିରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୫୫ରେ ମାଟ୍ରିକ ପାସ୍ କରିବା ପରେ ସେ କଲିକତାରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ମସ୍କୋ ୟୁନିଭରସିଟିରୁ ଏମ୍‌ଫିଲ୍ ଡିଗ୍ରୀ ହାସଲ କରିଥିଲେ। ସେ କାର୍ଲମାର୍କ୍ସଙ୍କର ଅନୁଗତ ଥିଲେ। ୧୯୬୦ରୁ ୧୯୯୨ ଯାଏ ସେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ(ସିପିଆଇ)ର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ୧୯୭୪ରୁ ୧୯୮୯ ଯାଏ ସପରିବାର ମସ୍କୋରେ ରହିଥିଲେ। ୧୯୯୩ରେ ସିପିଆଇରୁ ଇସ୍ତଫା ଦେଇ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୯୭ରେ କଂଗ୍ରେସରୁ ଇସ୍ତଫା ଦେଇ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୦୮ରେ ସେ ବିଜେଡିରେ ଯୋଗଦେଇ ସାଧାରଣ ସମ୍ପାଦକ ଓ ମୁଖପାତ୍ର ଦାୟିତ୍ୱ ତୁଲାଇଥିଲେ। ୨୦୧୬ରେ ରାଜ୍ୟ ସଭା ସଦସ୍ୟ କାର୍ଯ୍ୟକାଳ ଶେଷ ହେବା ପରେ ସେ ଓଡ଼ିଆ ଭାଷା ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସଭା ସମିତି କରି ଭାଷାକୁ ସବୁସ୍ତରରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ। ଜୀବନ କାଳରେ ସେ ୮୦ରୁ ଊର୍ଦ୍ଧ୍ୱ ପୁସ୍ତକ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି। ଓଡ଼ିଆ ସାହିତ୍ୟର ୨୮ଜଣ ଲେଖକଙ୍କର ଗଳ୍ପମାଳା ସମେତ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଉପନ୍ୟାସ 'ମାଟିର ମଣିଷ'କୁ ସେ ରୁଷୀୟ ଭାଷାରେ ଅନୁବାଦ କରିଥିଲେ। ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପରିଡ଼ାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା। ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ବରେଣ୍ୟ ସୃଜନ ସ୍ରଷ୍ଟା ଭାବେ ସମ୍ମାନିତ କରିଛନ୍ତି।

ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସଭବନକୁ ରାଜନେତା, ଲେଖକ, ସମାଜସେବୀ, ସାଧାରଣ ଲୋକଙ୍କର ସୁଅ ଛୁଟିଥିଲା। ପରିଡ଼ାଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ୍ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପରିଡ଼ାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ନୟାପଲ୍ଲୀସ୍ଥିତ ବାସଭବନକୁ ଯାଇ ମୁଖ୍ୟମନ୍ତ୍ରୀ ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଷ୍ଣବଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଟୁଇଟ ଜରିଆରେ ସେ କହିଛନ୍ତି ଯେ, ପୂର୍ବତନ ସାଂସଦଙ୍କ ବିୟୋଗରେ ସେ ମର୍ମାହତ। ଜଣେ ରାଜନେତା, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ଓଡ଼ିଆ ଭାଷା ସୁରକ୍ଷା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଛନ୍ତି। ବୈଷ୍ଣବଙ୍କ ବିୟୋଗରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଉତ୍କଳ ଭାରତ ସଭାପତି ଐର ଖାରବେଳ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରମୁଖ ଶୋକ ପ୍ରକାଶ କରିବା ସହ ପରିଡ଼ାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ସିପିଆଇ ଓ ସିପିଆଇ(ଏମ୍) ପକ୍ଷରୁ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ରାଜ୍ୟ କମିଟି ସଭ୍ୟ ଅଭିରାମ ବେହେରା, ସିଟିଜେନ୍ ଫୋରମ ଆବାହକ ପ୍ରଦୀପ୍ତ ନାୟକ, ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ବାଲଟ ପେପରକୁ ...

ଅଙ୍ଗୁଳି ନିର୍ଦ୍ଦେଶ କରିବା ଅନୁଚିତ ବୋଲି ଅଦାଲତ କହିଛନ୍ତି। ପ୍ରକାଶ ଯେ, ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଇଭିଏମ୍ ବିବାଦ ଅଧିକ ତେଜିଥିଲା। ଭାଜପା ଇଭିଏମ୍ ଟାମ୍ପରିଂ କରି ଜିତିଥିବା ବିଏସ୍‌ପି ସୁପ୍ରିମୋ ମାୟାବତୀ ଅଭିଯୋଗ କରିବା ପରେ ସମାଜବାଦୀ ପାର୍ଟି, କଂଗ୍ରେସ ଓ ଅନ୍ୟ ଦଳ ସମନ ସ୍ୱର ଉଠାଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ଇଭିଏମ୍‌କୁ ହ୍ୟାକ୍ କରାଯାଇପାରିବ ବୋଲି ବିଧାନସଭାରେ କହିଥିଲେ।

ପାଟିରେ ଟୁଥ୍‌ପିକ୍ ...

ତହସିଲଦାର ଦୟାମୟ ପାଢ଼ୀ, ବିଡିଏ ସଚିବ ସମିତ କୁମାର ରାଉତ, ବାଣିଜ୍ୟକର ବିଭାଗ ସହକାରୀ କମିଶନର ବିଭୁଦତ୍ତ ଆଚାରୀ, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ସେ ଏହି କୌଶଳ ପ୍ରଦର୍ଶନ କରିଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମନୋଜ ୨୦୧୭ ଅଗଷ୍ଟ ୨୮ରେ ପ୍ରଥମ ଥର ପାଇଁ ଗିନିଜ ବୁକ ଅଫ ରେକର୍ଡସ୍‌ରେ ନିଜ ନାମ ସ୍ଥାନିତ କରିଥିଲେ। ପାଟିରେ ୪୫୯ ଷ୍ଟ୍ରକୁ ୩୦ ସେକେଣ୍ଡ ପୂରାଇ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ଏହାପୂର୍ବରୁ ୨୦୧୭ ମେରେ ୨୧ ଜଳନ୍ତା କ୍ୟାଣ୍ଡେଲକୁ ୩୦ ସେକେଣ୍ଡ ପାଟିରେ ପୂରାଇ ରଖି ଇଣ୍ଡିଆ ବୁକ ଅଫ ରେକର୍ଡସ୍‌ରେ ନିଜ ନାମ ସ୍ଥାନିତ କରିଥିଲେ । ଏଥିସହ ରେକର୍ଡସ୍ ସେକ୍ଟର ଅଫ ୱାଲ୍ଡ ରେକର୍ଡସ୍‌ରେ ୧୧ଟି ଛୋଟ ଛୋଟ କଳା ପ୍ରଦର୍ଶନ କରି ନାମ ସ୍ଥାନିତ କରିଥିଲେ। ସେପ୍ଟେମ୍ବର ୮ରେ ୨୬୫ ତାସକୁ ଏକ ମିନିଟ ପର୍ଯ୍ୟନ୍ତ ପାଟିରେ ପୂରାଇ ରଖି ପୁଣି ରେକର୍ଡସ୍ ସେକ୍ଟର ବୁକ ଅଫ ୱାଲ୍ଡ ରେକର୍ଡସ୍‌ରେ ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ।

ଆଜିଠୁ ...

ଏଥିପାଇଁ କଟକ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଓ ସିଏମ୍‌ସି ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଅପରାହ୍ନ ୫ଟାରେ ବାଲିଯାତ୍ରା ପଡ଼ିଆରେ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଏଥିରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା, ଗାନ୍ଧି ଶିଳ୍ପ ବଜାର, ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ, ଭିନ୍ନକ୍ଷମ ଓ କିନ୍ନରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡିକର ସ୍ୱତନ୍ତ୍ର ପ୍ରଦର୍ଶନୀ ସହ ବଜାରର ଆୟୋଜନ କରାଯାଇଥିବା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ୧୦୮୨ଟି ପ୍ଲଟ୍‌ରେ ବିଭିନ୍ନ ଷ୍ଟଲ୍‌ଗୁଡିକ ରହିଛି। ଏଥିରେ ବିଭିନ୍ନ ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ଘରକରଣା, ହାତ ତିଆରି, ଇଲେକ୍ଟ୍ରୋନିକ୍ ସାମଗ୍ରୀ ସହ ବଜାରକୁ ଆସୁଥିବା ନୂଆ ଉତ୍ପାଦ ଉପଲବ୍ଧ ହେବ। ବିଭିନ୍ନ କମ୍ପାନୀ, ବ୍ୟାଙ୍କ୍, ସରକାରଙ୍କ ପକ୍ଷରୁ କେତେକ ଷ୍ଟଲ୍ ମଧ୍ୟ ଖୋଲାଯାଇଛି। ଆଉ କେତେକ ଷ୍ଟଲ୍ ଓ ନିର୍ଦ୍ଧାରିତ ମଞ୍ଚରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତେବେ ବାଲିଯାତ୍ରାର ପ୍ରମୁଖ ଆକର୍ଷଣ ସାଜିବ ଗଣକବି ବୈଷ୍ଣବ ପାଣି ମଞ୍ଚ। ଦେଶ ବିଦେଶର କଳାକାରମାନେ ଏହି ମଞ୍ଚରେ ଲୋକଙ୍କୁ ମନୋରଞ୍ଜନ ଯୋଗାଇବେ। ଓଡ଼ିଶାର ସମ୍ପର୍କ ଓ ଉତ୍କଳର ସାଧବପୁଅଙ୍କ ବେପାର ବଣିଜକୁ ନୃତ୍ୟରେ ସଜାଇବେ ଇଣ୍ଡୋନେସିଆର କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ୍ ଫାଉଣ୍ଡେଶନର କଳାକାର। ଚଳିତ ବର୍ଷ ବାଲିଯାତ୍ରା ବୁଲାକୁ ଅଧିକ ସଫଳ ତଥା ସୁରକ୍ଷିତ କରିବା ପାଇଁ ପ୍ରଶାସନ ଓ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଚାଳକଙ୍କ ବିରୋଧରେ ...

ରେଳଲାଇନ ପାରହେବା ନେଇ ରେଳପଥକୁ ସତର୍କତା ସୂଚନା ଦିଆଯାଇଛି। ଘଟଣା ଦିନ ରେଳପଥ ପକ୍ଷରୁ ଏ ନେଇ ସତର୍କ ସୂଚନା ରେଳ ଚାଳକଙ୍କୁ ଦିଆଯାଇଥିଲା। ରେଳ ଚାଳକ ଉକ୍ତ ସତର୍କତା ଆଦେଶ ପାଳନ କରିଛନ୍ତି କି ନାହିଁ ତାହାର ତଦନ୍ତ ବିଭାଗ କରୁଛି ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ ଧରିତ୍ରୀକୁ ସୂଚନା ଦେଇଛନ୍ତି। ହାତୀ ଚଳପ୍ରଚଳ ଅଞ୍ଚଳରେ ରେଳ ଚଳାଚଳ ନେଇ ସରକାର କେତେକ ନୀତିନିୟମ ଲାଗୁ କରିଛନ୍ତି। ରେଳଗାଡିର ବେଗ କମାଇବା, କ୍ରମାଗତ ହର୍ନ ବଜାଇ ହାତୀଙ୍କ ଗତିବିଧି ଉପରେ ତୀକ୍ଷଣ ଦୃଷ୍ଟି ରଖିବା ଭଳି କେତେକ ସୂଚନା ଟ୍ରେନ ଚାଳକଙ୍କୁ ପାଳନ କରିବାକୁ କୁହାଯାଇଛି। ସେସବୁ ନିୟମ ପାଳନ ହୋଇଛି କି ନାହିଁ ତାହାର ବିଭାଗୀୟ ଯାଞ୍ଚ ଚାଲିଛି ବୋଲି ଜୋଷୀ କହିଛନ୍ତି।

ସୌଭାଗ୍ୟ ମିଶ୍ରଙ୍କୁ ସାରଳା ସମ୍ମାନ

ସାରଳା ସାହିତ୍ୟ ସଂସଦର ୩୭ତମ ବାର୍ଷିକ ଉତ୍ସବ

ସୌଭାଗ୍ୟ ମିଶ୍ର ଓ ଅନ୍ୟ ପ୍ରତିଭାଙ୍କୁ ରାଜ୍ୟପାଳ ଗଣେଶୀ ଲାଲ୍ ପୁରସ୍କାର ପ୍ରଦାନ କରୁଛନ୍ତି।

କଟକ ଅଫିସ, ୨୨।୧୧

ପ୍ରଖ୍ୟାତ କବି ଡ. ସୌଭାଗ୍ୟ କୁମାର ମିଶ୍ରଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ସାରଳା ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୫୦ହଜାର ଟଙ୍କା, ତାମ୍ର ଫଳକ ଓ ଉପଢୌକନ ପ୍ରଦାନ କରାଯାଇଛି। ସେହିପରି ଖ୍ୟାତନାମା ପଦାର୍ଥ ବିଜ୍ଞାନୀ ପ୍ରଫେସର ଡ. ତ୍ରିଲୋଚନ ପ୍ରଧାନଙ୍କୁ କଳିଙ୍ଗରତ୍ନ ଓ ପ୍ରଥିତଯଶା କବି ଡ. ଜଗନ୍ନାଥ ପ୍ରସାଦ ଦାସଙ୍କୁ ସାହିତ୍ୟ ରତ୍ନ ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବକୁ ଉଦ୍‌ଘାଟନ କରିବା ସହ ୩ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିଥିଲେ। ସଂସଦର ପ୍ରତିଷ୍ଠାତା ତଥା ସଭାପତି ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରସ୍ୱତୀ ସମ୍ମାନପ୍ରାପ୍ତ କବି ରମାକାନ୍ତ ରଥ ସମ୍ମାନିତ ଅତିଥି, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ପଦ୍ମଶ୍ରୀ ଡ. ପ୍ରତିଭା ରାୟ ବିଶିଷ୍ଟ ଅତିଥି ଓ ପୂର୍ବତନ ଶାସନ ସଚିବ ସହଦେବ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂସଦର ସାରଳା ସାହିତ୍ୟ ସମୀକ୍ଷା ଓ ଇଂ. ପ୍ରଭାକର ସ୍ୱାଇଁଙ୍କ ଅନୁବାଦିତ ଗ୍ରନ୍ଥ ମନୁଭଣ୍ଡାରୀଙ୍କ ଶ୍ରେଷ୍ଠ କାହାଣୀ ଗ୍ରନ୍ଥକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ସାରଳା ଦାସ ବିଶ୍ୱ ସାହିତ୍ୟରେ ବିସ୍ମୟ। ତାଙ୍କ ମହାଭାରତ ଓଡ଼ିଆ ଜାତିର ଜୀବନ ବେଦ ଏବଂ ଏକ ଅନୁପମ ସୃଷ୍ଟି। ସାରଳା ତାଙ୍କ କୃତୀ ମଧ୍ୟରେ ନାରୀ ଶକ୍ତିର ଆରାଧନା ସହିତ ନାରୀ ସଶକ୍ତୀକରଣ ଉପରେ ପ୍ରାଧାନ୍ୟ ଦେଇଛନ୍ତି ବୋଲି ସେ କହିଥିଲେ।

ଦେବ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଜଣାଶୁଣା ଲେଖକ ତଥା ଥିଏଟର ବ୍ୟକ୍ତିତ୍ୱ ଦେବ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ନୂଆଦିଲ୍ଲୀଠାରେ ପାଳିତ ହୋଇଯାଇଛି। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର, ମଞ୍ଚ ନାଟକ, ସାହିତ୍ୟ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହ ସରକାରୀ ପଦାଧିକାରୀମାନେ ଯୋଗଦେଇ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଅଧ୍ୟାପନା କରିଥିବା ମହାପାତ୍ର ୧୯୪୮ରେ ବମ୍ବେରୁ ଓଡ଼ିଆ ଭାଷାରେ ପ୍ରଥମ ହାତଲେଖା ପତ୍ରିକା 'କୁଙ୍କୁମ' ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଲଳିତ ମାନସିଂ ଯୋଗଦେଇ ମହାପାତ୍ର ଜଣେ ବହୁମୁଖୀ ପ୍ରତିଭା ଥିବା କହିଥିଲେ। ତାଙ୍କ ଜୀବନ କୌଣସି ଫିଲ୍ମଠାରୁ କମ୍ ନ ଥିଲା, ଯାହାକୁ ନେଇ ଓଡ଼ିଆ ଫିଲ୍ମ ନିର୍ମାତାମାନେ ଏକ ଫିଲ୍ମ କରିବା ଉଚିତ ବୋଲି ସେ କହିଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ରେସିଡେଣ୍ଟ କମିଶନର ସଞ୍ଜିବ କୁମାର ମିଶ୍ର, ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତା ଆଶିଷ ବିଦ୍ୟାର୍ଥୀ, ଫକିରମୋହନ ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ମୋନିକା ଦାସ, ପଦ୍ମଭୂଷଣ ଯତୀନ ଦାସ ଓ ଦେବ ମହାପାତ୍ରଙ୍କ ପୁଅ ତଥା ଜଣାଶୁଣା ସାମ୍ବାଦିକ ସତ୍ୟେନ୍ ମହାପାତ୍ର ଉପସ୍ଥିତ ରହି ଦେବ ମହାପାତ୍ରଙ୍କ ଜୀବନ ଏବଂ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହେବା ସହ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

DADLS-190

ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୩ ନଭେମ୍ବର, ୨୦୧୮

ସାଧାରଣ ସଭା

ସମୟ – ସଂଧ୍ୟା ୫.୩୦ ମି.
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମ

ସଂକ୍ଷେପରେ

ସଚିନ-ବିନ୍ନି ବଂଶଲଙ୍କୁ ଆଇଟି ନୋଟିସ

ନୂଆଦିଲ୍ଲୀ,୨୨-୧୧: ୱାଲ୍‌ମାର୍ଟ ସହ ଡିଲ୍‌କୁ ନେଇ ଫ୍ଲିପ୍‌କାର୍ଟର ଦୁଇ ପ୍ରତିଷ୍ଠାତା ସଚିନ ବଂଶଲ ଓ ବିନ୍ନି ବଂଶଲଙ୍କୁ ଆୟକର(ଆଇଟି) ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଫ୍ଲିପ୍‌କାର୍ଟକୁ ୱାଲମାର୍ଟ ଇଣ୍ଟରନ୍ୟାଶନାଲକୁ ବିକ୍ରି କରିବା ଦ୍ୱାରା ସେମାନେ କେତେ ଆୟ କରିଛନ୍ତି ଏବଂ ଏଥିରେ ଆର୍ଥିକ ଲାଭର ପରିମାଣ କେତେ ଜଣାଇବାକୁ ଆୟକର ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ଦୁଇ ପ୍ରତିଷ୍ଠାତାଙ୍କ ସମେତ ଏହାର ଫ୍ଲିପ୍‌କାର୍ଟର ଅଂଶଧନ ରଖିଥିବା ୩୫ ଅନ୍ୟ ଅଂଶୀଦାରଙ୍କୁ ମଧ୍ୟ ନୋଟିସ ଜାରି କରାଯାଇ ସେମାନଙ୍କଠାରୁ ଆୟର ବିବରଣୀ ଲୋଡାଯାଇଛି। ସୂଚନାଥାଉ କି, ଚଳିତ ବର୍ଷ ମେ' ୯ରେ ବିକ୍ରିକୁ ନେଇ ୱାଲମାର୍ଟ ସହ ଫ୍ଲିପ୍‌କାର୍ଟର ଚୁକ୍ତି ହୋଇଥିଲା। ତଦନୁଯାୟୀ ଫ୍ଲିପ୍‌କାର୍ଟର ୭୭ ପ୍ରତିଷ୍ଠିତ ଅଂଶଧନକୁ ୱାଲମାର୍ଟ ପ୍ରାୟ ୧୬ ବିଲିୟନ ଡଲାରରେ କିଣିଛି। ଏହି କିଣାବିକା ପରେ ଆଇଟି ବିଭାଗ ପକ୍ଷରୁ ୱାଲମାର୍ଟକୁ ନୋଟିସ ପଠାଯାଇ ଫ୍ଲିପ୍‌କାର୍ଟର ୪୬ ଶେୟାରଧାରକଙ୍କ ତାଲିକା ମାଗିଥିଲା।

ଖୋଲାଯିବ ୫୪୩ ପାସ୍‌ପୋର୍ଟ ସେବା କେନ୍ଦ୍ର

ନୂଆଦିଲ୍ଲୀ,୨୨-୧୧: ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଦେଶର ୫୪୩ ଲୋକସଭା ଆସନରେ ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲାଯିବ ବୋଲି ଆମେରିକାର ନ୍ୟୁୟର୍କ ଗସ୍ତରେ ଯାଇଥିବା ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.କେ.ସିଂ କହିଛନ୍ତି। ବିଦେଶ ହେଉ ଅଥବା ଦେଶରେ ସାଧାରଣ ଜନତା ଯେପରି ପାସ୍‌ପୋର୍ଟ ପାଇବାରେ ଅସୁବିଧାର ସମ୍ମୁଖୀନ ନ ହେବେ ସେଥିଲାଗି ସରକାର ସାରା ଦେଶରେ ପାସ୍‌ପୋର୍ଟ ସେବା କେନ୍ଦ୍ରକୁ ବିସ୍ତାର କରିବେ। ନ୍ୟୁୟର୍କରେ ଭାରତୀୟ କନସୁଲେଟ୍‌ରେ ପାସ୍‌ପୋର୍ଟ ସେବା କେନ୍ଦ୍ର ଉଦ୍‌ଘାଟନ କରିବା ଅବସରରେ ସେ ଉକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପାସପୋର୍ଟ ସେବା କେନ୍ଦ୍ର ଦ୍ୱାରା ଲୋକଙ୍କୁ ପାସ୍‌ପୋର୍ଟ ଯୋଗାଣକୁ ସହଜ ତଥା ସରଳ କରାଯାଇପାରିଛି। ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଏହି ସୁବିଧା ମିଳିପାରିବ। ସରକାର ପାସ୍‌ପୋର୍ଟ ଲାଗି ଆବେଦନ ଦାଖଲ କରିବା, ସମାନ ମାନଦଣ୍ଡ ଲାଗୁ କରିବା, ଡିଜିଟାଲିକରଣ, ଆବେଦନର ସ୍ଥିତି ଜାଣିବାରେ ସୁବିଧା ଆଦି ବ୍ୟବସ୍ଥାକୁ ଆପଣାଛନ୍ତି। ପ୍ରତି ୫୦ରୁ ୬୦ କିମି ଦୂରତାରେ ଏକ ପାସପୋର୍ଟ ସେବା କେନ୍ଦ୍ର ପ୍ରତିଷ୍ଠା କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

ଭାଜପା ବିଧାୟକ ଦେଶର ସବୁଠୁ ବଡ଼ ଧନୀ ବିଲ୍ଡର

ମୁମ୍ବାଇ,୨୨-୧୧: ଲୋଢା ଗ୍ରୁପ୍ ପ୍ରତିଷ୍ଠାତା ତଥା ଭାଜପା ବିଧାୟକ ମଙ୍ଗଳ ପ୍ରଭାତ ଲୋଢା(୬୨) ଦେଶର ସବୁଠାରୁ ବଡ଼ ଧନୀ ବିଲ୍ଡର ଭାବେ ଉଭା ହୋଇଛନ୍ତି। ତାଙ୍କର ସମ୍ପତ୍ତି ପରିମାଣ ୨୭,୧୫୦ କୋଟି ଟଙ୍କା ବୋଲି ଅନୁମାନ କରାଯାଉଛି। ରିସର୍ଚ୍ଚ ଫାର୍ମ ହୁରୁନ ଏବଂ ଗ୍ରୋହେ ପକ୍ଷରୁ 'ଇଣ୍ଡିଆ ରିଏଲ ଇଷ୍ଟେଟ୍ ରିଚ୍ ଲିଷ୍ଟ' ଜାରି କରାଯାଇଛି। ଏଥିରେ ଏମ୍ୟେସି ଗ୍ରୁପ୍ ଅଧକ୍ଷ ଜିତେନ୍ଦ୍ର ବିରୱାନୀ(୫୨) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ନିକଟରେ ୨୩,୧୬୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଡିଏଲ୍‌ଏଫ୍ ଅଧକ୍ଷ କେ.ପି.ସିଂହ ୨୩,୪୬୦ କୋଟି ଟଙ୍କାର ସମ୍ପତ୍ତି ସହ ଶୀର୍ଷରେ ଥିଲେ। କିନ୍ତୁ ଏଥର ସେ ୧୦୦ ଶୀର୍ଷ ବିଲ୍ଡରଙ୍କ ମଧ୍ୟରେ ସ୍ଥାନ ପାଇପାରିନାହାନ୍ତି। ଶେୟାରଧାରକ ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ନିଜର ଅଂଶଧନ ହ୍ରାସ କରିବା ଯୋଗୁ ତାଙ୍କର ମୋଟ ସମ୍ପତ୍ତି ପରିମାଣ ହ୍ରାସ ପାଇଛି। ତାଙ୍କ ନିକଟରେ ଡିଏଲ୍‌ଏଫ୍‌ର ମାତ୍ର ୦.୮୧% ଶେୟାର ରହିଛି। ତେବେ ତାଙ୍କ ପୁଅ ରାଜୀବ ସିଂହ ଚଳିତ ବର୍ଷ ୩୩ ନମ୍ବରରେ ରହିଛନ୍ତି। ଗତ ବର୍ଷର ତାଲିକାରେ ସେ ସାମିଲ ହୋଇ ନ ଥିଲେ। ରାଜୀବଙ୍କ ସମ୍ପତ୍ତି ପରିମାଣ ୧୭,୬୯୦ କୋଟି ଟଙ୍କା ହୋଇଥିବା ବେଳେ ଚନ୍ଦ୍ର ଆହୁଜା ୧୪,୪୨୦ କୋଟି ଟଙ୍କା ୪ର୍ଥ ଓ ବିକାଶ ଓବେରୟ ୧୦,୯୮୦କୋଟି ଟଙ୍କାର ସମ୍ପତ୍ତି ସହ ୫ମ ସ୍ଥାନରେ ରହିଛନ୍ତି।

ଭାରତୀୟ ଗେମିଂ ବଜାରରେ ଦ୍ରୁତ ଅଭିବୃଦ୍ଧି ହେଉଥିବାରୁ ଏଠାରେ ପ୍ରମୁଖ ବଜାର ଅଂଶୀଦାର ହେବାକୁ ଲକ୍ଷ୍ୟ ରହିଛି।
– ଆର୍‌ନଲ୍ଡ ସୁ, କଞ୍ଜ୍ୟୁମର ବିଜନେସ ଆଣ୍ଡ ଆର୍‌ଓକି ବିଜନେସ ମୁଖ୍ୟ, ଆସସ ଇଣ୍ଡିଆ

ଏକ୍ସସି ୯୦ ହାଇବ୍ରିଡ୍ ଯାନକୁ ଘରୋଇ ବଜାରରେ ଆସେମ୍ବୁଲ କରିବା ସହ ଅଧିକ ନୂଆ ମଡେଲ ଆଣିବା ଦିଗରେ ପଦକ୍ଷେପ ନେଉଛୁ।
– ଚାର୍ଲସ ଫ୍ରମ୍ପ, ଏମ୍‌ଡି, ଭଲଭୋ ଇଣ୍ଡିଆ

ସରକାର ଦେଲେ କ୍ଷମତା

ଋଣଖିଲାପିଙ୍କୁ ରୋକିବ ବ୍ୟାଙ୍କ

- ୱିଲଫୁଲ ଡିଫଲ୍ଟର ବିଦେଶ ଯାଇପାରିବେ ନାହିଁ
- ଲୁକ୍ ଆଉଟ ନୋଟିସ ଜାରି ଲାଗି ଲେଖିବେ ଅଧିକାରୀ
- ୫୦ କୋଟିରୁ ଊର୍ଦ୍ଧ୍ୱ ଋଣଗ୍ରହୀତାଙ୍କ ପାସ୍‌ପୋର୍ଟ ମଗାଯାଇଥିଲା
- କମିଟି ସୁପାରିସ୍ ଭିତ୍ତିରେ ନିଷ୍ପତ୍ତି

ନୂଆଦିଲ୍ଲୀ,୨୨-୧୧

ଜାଣିଶୁଣି ଋଣ ପରିଶୋଧ ନ କରି ବିଦେଶ ପଳାଉଥିବା ଶିଳ୍ପପତିଙ୍କୁ ଏଣିକି ବ୍ୟାଙ୍କ ରୋକିବ। ଋଣ ଦେଇଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ପୃକ୍ତ ୱିଲଫୁଲ ଡିଫଲ୍ଟର୍ ବା ଜାଣିଶୁଣି ଋଣଖିଲାପିଙ୍କ ବିରୋଧରେ ଲୁକ୍ ଆଉଟ ନୋଟିସ ଜାରି କରିବାକୁ କେନ୍ଦ୍ର ସରକାରଙ୍କୁ ଲେଖିପାରିବ। ଏନେଇ ସରକାର ଏକ ସର୍କୁଲାର ଜାରି ସେମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି।

ଆର୍ଥିକ ସେବା ସଚିବ ରାଜୀବ କୁମାରଙ୍କ ଅଧକ୍ଷତାରେ ଗଠିତ କମିଟିର ସୁପାରିସକୁ ଗ୍ରହଣ କରି କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମୁଖ୍ୟଙ୍କୁ ଜାଣିଶୁଣି ଋଣଖିଲାପକାରୀଙ୍କ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏଣିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶୀର୍ଷ ଅଧିକାରୀଙ୍କୁ କ୍ଷମତା ମିଳି ଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହଜ ତଥା ତ୍ୱରାନ୍ୱିତ ହେବ। ଏହାଦ୍ୱାରା ଋଣ ନେଇଥିବା ବ୍ୟକ୍ତି ଏହାକୁ ପରିଶୋଧ ନ କରି ଆଉ ବିଦେଶ ପଳାଇପାରିବେ ନାହିଁ। ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ବ୍ୟବସ୍ଥା ହେବ। ସୂଚନାଥାଉ କି, ୫୦ କୋଟି ଅଥବା ତଦୂର୍ଦ୍ଧ୍ୱ ଋଣ ନେଇଥିବା ପ୍ରମୋଟରଙ୍କ ପାସପୋର୍ଟ ତଥ୍ୟ ଦାଖଲ କରିବାକୁ କେନ୍ଦ୍ର ସରକାର ବ୍ୟାଙ୍କଗୁଡିକୁ ଗତ ମାର୍ଚ୍ଚରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏନ୍‌ପିଏ ହୋଇଥିବା ୫୦ କୋଟି ଟଙ୍କାରୁ ଅଧିକ ଋଣ କ୍ଷେତ୍ରରେ କୌଣସି ଜାଲିଆତି ହୋଇଥିବାର ଅନୁମାନ କରୁଥିଲେ ବ୍ୟାଙ୍କଗୁଡିକ ନିଜ ଆଡୁ ଏହାର ତଦନ୍ତ କରିବାକୁ କୁହାଯାଇଥିଲା। ତଦନ୍ତରେ ଜାଲିଆତିର ପ୍ରମାଣ ମିଳିଲେ ଏହି ମାମଲାଗୁଡିକୁ ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଥବା ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ ଭଳି ଯାଞ୍ଚ ଏଜେନ୍ସିକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଜର୍ଭ ବ୍ୟାଙ୍କର ଗାଇଡଲାଇନ ଅନୁଯାୟୀ ଜଣେ ୱିଲଫୁଲ ଡିଫଲ୍ଟର ସକ୍ଷମ ଥାଇ ମଧ୍ୟ ଜାଣିଶୁଣି ଋଣ ପରିଶୋଧ କରୁ ନ ଥିଲେ ତାଙ୍କୁ ୱିଲଫୁଲ୍ ଡିଫଲ୍ଟର କୁହାଯିବ। ସେହିପରି ଜଣେ ଋଣଗ୍ରହୀତାଙ୍କ ବିଦେଶ ଯିବା ଉପରେ କଟକଣା ଜାରି କରିବା ଲାଗି ସୁପାରିସ କରିବା ପୂର୍ବରୁ ଏହାର ଆଇନଗତ ଦିଗକୁ ବିଚାର କରି ଯଥେଷ୍ଟ କାରଣ ଦର୍ଶାଇବାକୁ ବ୍ୟାଙ୍କଗୁଡିକୁ କୁହାଯାଇଛି। ଉକ୍ତ କମିଟିରେ ରିଜର୍ଭ ବ୍ୟାଙ୍କ, ଗୃହ, ବୈଦେଶିକ ମନ୍ତ୍ରଣାଳୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇର ଅଧିକାରୀ ସଦସ୍ୟ ଭାବେ ରହିଥିଲେ। ଉଲ୍ଲେଖ କରାଯାଇପାରେ ଯେ, ନୀରବ ମୋଦି, ବିଜୟ ମାଲ୍ୟା, ମେହୁଲ ଚୋକ୍‌ସୀଙ୍କ ଭଳି ବହୁ ୱିଲଫୁଲ ଡିଫଲ୍ଟର ଦେଶ ଛାଡି ଏବେ ବିଦେଶରେ ରହୁଛନ୍ତି। ସେମାନଙ୍କୁ ଫେରାଇବା ଲାଗି କେନ୍ଦ୍ର ସରକାରଙ୍କୁ ବହୁ କଷ୍ଟ ସହିବାକୁ ପଡୁଛି। ଖାଲି ସେତିକି ନୁହେଁ ସେମାନଙ୍କ ଯୋଗୁ ବିରୋଧୀ ଦଳଗୁଡିକ କ୍ରମାଗତ ସମାଲୋଚନା କରୁଛନ୍ତି।

ତନିଷ୍କ ପକ୍ଷରୁ କମ୍ବୋ ଅଫର

ଭୁବନେଶ୍ୱର,୨୨-୧୧

ତନିଷ୍କ ପକ୍ଷରୁ କମ୍ବୋ ଅଫର ଆରମ୍ଭ ହୋଇଛି। ଏହା ଦ୍ୱାରା ଗ୍ରାହକ ବିବାହ ସଫିଂ ଅଭିଜ୍ଞତାକୁ ଆହୁରୀ ଆକର୍ଷକ କରିପାରିବେ। ସ୍ଥାନୀୟ ଚନ୍ଦ୍ରଶେଖରପୁର ଶୋ'ରୁମ ଠାରେ ତନିଷ୍କର ବିଜନେସ ପାର୍ଟନର ମାନିକ ହଂସ, କମ୍ପାନୀର ଏବିଏମ୍ ସୁମିତ ଘୋଷ ଏହି ଅଫର ସମ୍ପର୍କରେ ଘୋଷଣା କରିଥିଲେ। ଏହି ଅଫର ଦ୍ୱାରା ଗ୍ରାହକମାନେ ସୁନା ଗହଣାର ଗଢ଼ାମୂଲ୍ୟ ଓ ହୀରା ଗହଣାର ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି, ପୁରୁଣା ସୁନା ଗହଣା ଏକ୍ସଚେଞ୍ଜ ଉପରେ ଶତ ପ୍ରତିଶତ ମୂଲ୍ୟ ପାଇପାରିବେ। ଏହି ଅଫର ତନିଷ୍କର ସମସ୍ତ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ଏହାର ଅବଧି ଡିସେମ୍ବର ମାସ ପର୍ଯ୍ୟନ୍ତ ରହିବ ବୋଲି ହଂସ ସୂଚନା ଦେଇଛନ୍ତି। ଶୋ'ରୁମରେ କମ୍ପାନୀର ସଦ୍ୟତମ କଲେକ୍ସନ ଯଥା– ଉତ୍ସବ, ଲାବଣ୍ୟମ, ଗୁଲନାଜ ଏବଂ ଅଭିର ଉପଲବ୍ଧ ରହିଥିବା ଘୋଷ କହିଛନ୍ତି।

କାନାରା ବ୍ୟାଙ୍କର ସଂସ୍ଥାପକ ଦିବସ

ଭୁବନେଶ୍ୱର,୨୨-୧୧

କାନାରା ବ୍ୟାଙ୍କ ପକ୍ଷରୁ ଏହାର ୧୧୩ ତମ ସଂସ୍ଥାପକ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ବ୍ୟାଙ୍କ ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆର୍‌ବିଆଇ ଭୁବନେଶ୍ୱର କାର୍ଯ୍ୟାଳୟର ବ୍ୟାଙ୍କିଙ୍ଗ ଲୋକପାଳ ଶ୍ରୀଧର ବେହେରାଙ୍କ ଉପସ୍ଥିତିରେ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ଗ୍ରାହକ ସମ୍ମିଳନୀ ଏହି ଅବସରରେ ଆୟୋଜନ କରାଯାଇଥିଲା। ଏଥିରେ ବ୍ୟାଙ୍କର ବିଭିନ୍ନ କ୍ଲଷ୍ଟରରୁ ଗ୍ରାହକମାନେ ଯୋଗ ଦେଇଥିଲେ। ଗ୍ରାହକ ଅଭିଯୋଗର ତ୍ୱରିତ ସମାଧାନ, ଗ୍ରାହକ ସେବା ଉପରେ ପ୍ରାଥମିକତା ଦେବାକୁ ବେହେରା ଏଥିରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶାଖାମାନଙ୍କ ଦ୍ୱାରା କ୍ରେଡିଟ ଲିଙ୍କେଜ୍ ପ୍ରୋଗ୍ରାମ ଏବଂ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ କରାଯାଇଥିଲା।

ମାଇଁ ହୋମ ଆଣିଲା ସଲିଡ୍ ଏଚ୍‌ଡି ସୁପର ଷ୍ଟ୍ରଙ୍ଗ୍ ସିମେଣ୍ଟ

ଭୁବନେଶ୍ୱର,୨୨-୧୧

ପ୍ରମୁଖ ସିମେଣ୍ଟ କମ୍ପାନୀ ମାଇଁ ହୋମ୍ ଇଣ୍ଡଷ୍ଟ୍ରି ଲିମିଟେଡ୍ ପକ୍ଷରୁ ନୂତନ ବ୍ରାଣ୍ଡର ସିମେଣ୍ଟ ସଲିଡ୍ ଏଚ୍‌ଡି ସୁପର ଷ୍ଟ୍ରଙ୍ଗ ଓଡିଶା ବଜାରରେ ପ୍ରବେଶ କରିଛି। ଏଚ୍‌ଇଏଏସ୍ ବୈଷୟିକ ଜ୍ଞାନକୌଶଳରେ ଏହାକୁ ନିର୍ମାଣ କରାଯାଇଛି। ପ୍ରିମିୟମ ଗୁଣବତ୍ତାଯୁକ୍ତ ଏହି ସିମେଣ୍ଟ ଓଡିଶା ବଜାରରେ ଶୁକ୍ରବାରଠାରୁ ଉପଲବ୍ଧ ହେଉଥିବା କମ୍ପାନୀର ମାର୍କେଟିଂ ବିଭାଗ ବରିଷ୍ଠ ସଭାପତି ବିଜୟ ବର୍ଦ୍ଧନ ରାଓ କହିଛନ୍ତି। ଏହି ଅବସରରେ କମ୍ପାନୀ ପକ୍ଷରୁ ଏକ ଡିଲର ମିଟ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଏହି ଏଚ୍‌ଡି ପ୍ଲସ ସିମେଣ୍ଟ ଅଧିକ ଶକ୍ତିଶାଳୀ ତଥା ଭରସାଯୋଗ୍ୟ ହୋଇପାରିଛି ବୋଲି ମାର୍କେଟିଂ ସଭାପତି ସାଇ ପ୍ରକାଶ ସୂଚନା ଦେଇଛନ୍ତି। ଉକ୍ତ ବ୍ରାଣ୍ଡର ୩ଟି ସୁପର ଷ୍ଟ୍ରଙ୍ଗ କ୍ୱାଲିଟିକୁ ବଜାରକୁ ଆସିଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହୋଇପାରିଛି ବୋଲି ଉପସଭାପତି ସଞ୍ଜୀବ ଗୁପ୍ତା ସୂଚନା ଦେଇଛନ୍ତି।

ଆର୍‌ପିଏଫ୍, ଆରପିଏସ୍‌ଏଫ୍ ପରୀକ୍ଷା ତାରିଖ ଘୋଷଣା

ଭୁବନେଶ୍ୱର,୨୨-୧୧

ରେଲୱେ ପ୍ରୋଟେକଶନ ଫୋର୍ସ (ଆର୍‌ପିଏଫ୍)ର କେନ୍ଦ୍ରୀୟ ଚୟନ କମିଟି ଆର୍‌ପିଏଫ ଏବଂ ଆର୍‌ପିଏସ୍‌ଏଫ୍‌ରେ ସବଇନ୍ସପେକ୍ଟର ଚୟନ ଲାଗି କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ନିମନ୍ତେ ସୂଚୀ ତାରିଖ ଘୋଷଣା କରିଛି। ଯେଉଁ ପ୍ରାର୍ଥୀମାନେ ଏହି ପରୀକ୍ଷାରେ ଭାଗ ନେବେ ସେମାନେ ରେଲୱେ ପ୍ରୋଟେକଶନ ଫୋର୍ସର ବିଭାଗୀୟ ୱେବସାଇଟ୍ ଜରିଆରେ ପ୍ରକାଶିତ ନୋଟିସକୁ ଧ୍ୟାନ ଦେବାକୁ ରେଲୱେ ପକ୍ଷରୁ ସୂଚନା ରହିଛି। ଆର୍‌ପିଏଫ୍ ଏସ୍‌ଆଇ ସିବିଟି ୨୦୧୮ ପରୀକ୍ଷା ତିନୋଟି ପର୍ଯ୍ୟାୟରେ କରିବାକୁ ଧାର୍ଯ୍ୟ ହୋଇଛି। ଇ ଏବଂ ଏଫ୍ ଗ୍ରୁପ ପାଇଁ ୧୯ ଡିସେମ୍ବର, ଏ ଏବଂ ବି ଗ୍ରୁପ ପାଇଁ ୫ ଜାନୁୟାରୀ, ସି ଏବଂ ଡି ଗ୍ରୁପ ପ୍ରାର୍ଥୀଙ୍କ ପାଇଁ ୯ ଜାନୁୟାରୀରେ ପରୀକ୍ଷା ହେବ ବୋଲି ସୂଚନା ରହିଛି।

ଭାରତୀୟ ରେଳପଥର ଜୋନାଲ ରେଳପଥ ପ୍ରଡକ୍ସନ ୟୁନିଟଗୁଡିକୁ ୬ଟି ଭିନ୍ନ ଭିନ୍ନ ଗ୍ରୁପରେ ବିଭକ୍ତ କରାଯାଇଛି। ଏହି ବର୍ଗରେ ମୋଟ ୧୧୨୦ ପଦବୀ ଲାଗି ପ୍ରାର୍ଥୀଙ୍କୁ ଚୟନ କରାଯିବ। ଏଥିଲାଗି ଜୁନ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷାରେ ବସିବାକୁ ଥିବା ପ୍ରାର୍ଥୀଙ୍କୁ ରୋଲ ନମ୍ବର ବଣ୍ଟନ ହୋଇ ସାରିଛି। ସିବିଟି ପରୀକ୍ଷା ତାରିଖ, ପରୀକ୍ଷା କେନ୍ଦ୍ର, ସମୟ ଏବଂ ସବିଶେଷ ସୂଚନାକୁ ପ୍ରାର୍ଥୀମାନେ ପରୀକ୍ଷାର ୧୦ ଦିନ ଆଗରୁ ରେଲୱେ ୱେବସାଇଟରୁ ଡାଉନଲୋଡ କରିପାରିବେ। ସେହିଭଳି ଚାକିରୀ ଆଶାୟୀ ପ୍ରାର୍ଥୀମାନଙ୍କୁ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରି ଠକୁଥିବା ଅସାଧୁ ବ୍ୟବସାୟୀଙ୍କଠାରୁ ସାବଧାନ ରହିବା ପାଇଁ ରେଲୱେ କହିଛି। ଏପରି ହେଉଥିଲେ ନିକଟବର୍ତ୍ତୀ ପୋଲିସ ଷ୍ଟେଶନ ଏବଂ ରେଲୱେକୁ ସୂଚିତ କରାଇବାକୁ କୁହାଯାଇଛି।

ଟାଟା ମୋଟର୍ସ–ଗଲ୍ଫ ଅଏଲ୍ ଚୁକ୍ତି

ଭୁବନେଶ୍ୱର,୨୨-୧୧

ଟାଟା ମୋଟର୍ସ ଓ ଗଲ୍ଫ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ଦୁଇ କମ୍ପାନୀ ମିଳିତ ଭାବେ କୋ ବ୍ରାଣ୍ଡେଡ ଲୁବ୍ରିକାଣ୍ଟ ପ୍ରସ୍ତୁତ କରିବେ। ଏହି ଅବସରରେ ଟାଟା ମୋଟର୍ସ ସଭାପତି ମୟାଙ୍କ ପାରେଖ, ଟାଟା ମୋଟର୍ସ ପିଭିବିୟୁ ସେଲସ ମାର୍କେଟିଂ ଆଣ୍ଡ କଷ୍ଟମର ସପୋର୍ଟ ଉପସଭାପତି ସୁଭଜିତ ରାଓ, ଗଲ୍ଫ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ଲିମିଟେଡ ଏମ୍‌ଡି ରବି ଚାୱଲା, ଅଟୋମୋଟିଭ୍ ଓଇଏମ୍ ବିଜନେସ ଶିବରାଜ ମେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ମୋଟର୍ସ ସର୍ବଦା ନୂତନ କାର୍ଯ୍ୟକ୍ରମମାନ ହାତକୁ ନେଇଥାଏ ବୋଲି କମ୍ପାନୀର ପାସେଞ୍ଜର ଭେଇକିଲ ବିଜନେସ ୟୁନିଟ ସଭାପତି ମୟାଙ୍କ ପାରେଖ ସୂଚନା ଦେଇଛନ୍ତି। ବିକ୍ରି ପରବର୍ତ୍ତୀ ସେବାକୁ ଧ୍ୟାନରେ ରଖି ଏଭଳି ଏକ ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଛନ୍ତି।

ଜେରଥ୍ ପାଥ୍ ଲ୍ୟାବ୍‌ର ଆଲର୍ଜି ପରୀକ୍ଷଣ ଆଜିଠାରୁ

ଭୁବନେଶ୍ୱର,୨୨-୧୧

ଜେରଥ୍ ପାଥ୍ ଲ୍ୟାବ୍ ଆଲର୍ଜି ଟେଷ୍ଟିଂ ସେଣ୍ଟର ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାରଠାରୁ ଦୁଇ ଦିନ ବ୍ୟାପି ଆଲର୍ଜି ପରୀକ୍ଷଣ ନେଇ ଘୋଷଣା ହୋଇଛି। ସେଣ୍ଟର ପକ୍ଷରୁ କଟକ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, ଭୁବନେଶ୍ୱରର ପଟିଆ, ଖଣ୍ଡଗିରି, ନୟାଗଡ, ପୁରୀ, ରାୟଗଡା, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର, ସୋନପୁର, ସୋହେଲା, ବରଗଡ, ଜୟପୁର, କେନ୍ଦୁଝର, ଭବାନୀପାଟଣା, ନବରଙ୍ଗପୁର, କୋରାପୁଟ, ରାଉରକେଲା, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ, ବାରିପଦା, ବୁର୍ଲା, ବ୍ରହ୍ମପୁର, ପୁରୀ, ଢେଙ୍କାନାଳ, କାମାକ୍ଷାନଗର, ଅନୁଗୋଳ ଭଳି ସ୍ଥାନଗୁଡିକରେ ଶୁକ୍ରବାର ଏବଂ ଶନିବାର ଏହା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ରୁ ୫ଟା ମଧ୍ୟରେ ଏହି ପରୀକ୍ଷଣ କରାଯିବ। ଫୁଡ, ସ୍କିନ ଏବଂ ଇନହେଲାଣ୍ଟ ବର୍ଗରେ ସମ୍ପୂର୍ଣ୍ଣ ପରୀକ୍ଷଣ ସୁବିଧା ଜେରଥ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଏହା ପ୍ରକାଶ କରିଛି। ଯେଉଁ ବ୍ୟକ୍ତିମାନେ ନିଜର ପରୀକ୍ଷଣ କରାଇବା

ହକି ଷ୍ଟାଡିୟମ

ନୂଆ ରୂପରେ କଳିଙ୍ଗ

ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀ ଭାବେ ବିବେଚିତ ହେଉଥିବା ଭୁବନେଶ୍ୱର ଉପରେ ଏବେ ସମଗ୍ର ବିଶ୍ୱବାସୀଙ୍କ ନଜର । ଏଠାରେ ନଭେମ୍ବର ୨୮ରୁ ହେବାକୁ ଯାଉଛି ହକି ବିଶ୍ୱକପ୍। ହକିର ଏହି ମହା କ୍ରୀଡ଼ାକୁମ୍ଭ ପାଇଁ ନୂଆ ରୂପରେ ସଜେଇ ହୋଇଛି କଳିଙ୍ଗ ଷ୍ଟାଡିୟମ। ପୂର୍ବର ହକି କମ୍ପ୍ଲେକ୍ସକୁ ପରିବର୍ଦ୍ଧିତ କରାଯାଇ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ନୂଆକରି ନିର୍ମାଣ କରାଯାଇଛି। ପୂର୍ବରୁ କେବଳ ଇଷ୍ଟ ଓ ୱେଷ୍ଟ ଷ୍ଟାଣ୍ଡ ଥିଲା। ୪ଟି ଯାକ ଷ୍ଟାଣ୍ଡକୁ ଯିବା ପାଇଁ ରାସ୍ତା ପ୍ରଶସ୍ତ କରାଯାଇଛି। ଷ୍ଟାଡିୟମର ମୁଖ୍ୟ ପ୍ରବେଶ ପଥ ଭାବେ ବିବେଚିତ ହେଉଥିବା ୩ ଓ ୪ ନମ୍ବର ଗେଟ୍‌କୁ ୨ ଲେନ୍ ବିଶିଷ୍ଟ କରାଯାଇଛି। ଗମନାଗମନର ସୁବିଧା ପାଇଁ ୮ଏ, ୮ବି, ୭ଏ ଓ ୪ଏ ନୂଆ ଗେଟ୍ ଖୋଲାଯାଇଛି। ୨-୩ ଏବଂ ୪-୫ ଗେଟ୍ ମଝିରେ ୨ଟି ଫୁଟ୍ ଓଭର ବ୍ରିଜ ନିର୍ମାଣ କରାଯାଇଛି। ଫଳରେ ଏହାକୁ ବ୍ୟବହାର କରି ଦର୍ଶକମାନେ ସିଧା ନର୍ଥ ଓ ସାଉଥ୍ ଷ୍ଟାଣ୍ଡକୁ ଯାଇପାରିବେ। ଷ୍ଟାଡିୟମ ପରିସରରେ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବା ସହ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି।

ଫୁଟ ଓଭରବ୍ରିଜ

୩ ନଂ ଗେଟ୍

ହକି ଷ୍ଟାଡିୟମର ସମ୍ମୁଖ ଭାଗ ।
ଫଟୋ: ମୌସମ ନନ୍ଦ

ରହମାନଙ୍କ ଆହ୍ୱାନ

ଭୁବନେଶ୍ୱର,୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅବ୍ୟବହିତ ପୂର୍ବରୁ ଏଥିରେ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଯାଉଥିବା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ହକି ପ୍ରଶଂସକଙ୍କ ପାଇଁ ଏକ ସ୍ୱତନ୍ତ୍ର ତଥା ଭିନ୍ନ ପ୍ରକାର ଆହ୍ୱାନ ଦେଇଛନ୍ତି। ବିଶ୍ୱକପ୍‌ର ଅଫିସିଆଲ ଗୀତ 'ଜୟ ଇଣ୍ଡିଆ' ପାଇଁ ସେ ଏକ ହୁକ୍ ଷ୍ଟେପ୍ ଜାରି କରିଛନ୍ତି। ରହମନ ଟୁଇଟରରେ ଏକ ଟିଜର ଭିଡିଓ ଜାରି କରିଛନ୍ତି ଯେଉଁଥିରେ ସୁପରଷ୍ଟାର ଶାହରୁଖ ଖାନ୍ ଓ ସେ ମିଳିତ ଭାବେ ହୁକ୍ ଷ୍ଟେପ୍ କରୁଛନ୍ତି ଓ ଏହି ହକି ଷ୍ଟେପ୍ କରିବା ପାଇଁ ସେ ହକି ପ୍ରେମୀଙ୍କୁ ଚ୍ୟାଲେଞ୍ଜ୍ କରିଛନ୍ତି।

ଏହି ଚ୍ୟାଲେଞ୍ଜରୁ ରହମନ ଦୁଇଜଣ ବିଜେତା ଚୟନ କରିବେ ଓ ଏହି ଦୁଇଜଣ ଉଦ୍‌ଘାଟନୀ ସମାରୋହରେ ଶାହରୁଖ ଓ ତାଙ୍କ ସହିତ ମଞ୍ଚକୁ ଯିବାର ସୁଯୋଗ ପାଇବେ।

ଏହି ଚ୍ୟାଲେଞ୍ଜରେ ଅଂଶଗ୍ରହଣ କରିବା ପାଇଁ ହାସ୍‌ଟାଗ ହାର୍ଟବିଟ୍ ଫର ହକିକୁ ବ୍ୟବହାର କରି ସୋସିଆଲ ମିଡିଆରେ ଏକ ଭିଡିଓ ଅପ୍‌ଲୋଡ କରିବାକୁ ହେବ। ଏହି ଚ୍ୟାଲେଞ୍ଜ୍ ଦ୍ୱାରା ରହମନ ଭାରତୀୟ ଦଳ ପ୍ରତି ସମର୍ଥନ ହାସଲ କରିବା ପାଇଁ କ୍ରୀଡ଼ାପ୍ରେମୀଙ୍କ ମନରେ ଆହୁରି ପ୍ରବଳ ଉତ୍ସାହ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଏହା ହକିପ୍ରେମୀଙ୍କୁ ଆହୁରି ଉତ୍ସାହିତ କରିବ।

ଷ୍ଟେପ୍ ଚ୍ୟାଲେଞ୍ଜ୍ ସମ୍ପର୍କରେ

ଷ୍ଟେପ୍: ହକି ବାଡିଟି ପଡିଆରେ ବାଡେଇ ହେବା ବେଳେ ଯେଉଁ ଶବ୍ଦ ସୃଷ୍ଟି ହୁଏ ସେଥିରେ ରହମନ ଅନୁପ୍ରାଣିତ ହୋଇଥିଲେ ଓ ତାହା ଜୟ ଇଣ୍ଡିଆକୁ ବିଟ୍ ପ୍ରଦାନ କରିଛି ଓ ସେହିଠାରୁ ଏହି ଷ୍ଟେପ୍ ସୃଷ୍ଟି ହୋଇଛି। ଏହି ଷ୍ଟେପ୍‌ରେ ରହମନ ଏକ ଷ୍ଟିକ୍ ଧରିଛନ୍ତି ଓ ତାହାକୁ ପଡିଆରେ ବାଡ଼ଉଛନ୍ତି ଓ ଏହା ପରେ ନିଜର ହୃଦୟକୁ ଏଭଳି ଚାପ ଦେଉଛନ୍ତି ଓ ଜୋରରେ କହୁଛନ୍ତି ମାଇଁ ହାର୍ଟ ବିଟ୍ ଫର ହକି ବା ମେରା ଦିଲ୍ ହକି କେଲିଏ ଧଡକ୍‌ତା ହେ।

ଚ୍ୟାଲେଞ୍ଜ୍: ସେହି ଷ୍ଟେପ୍ କରି ନିଜର ଭିଡିଓକୁ ଏଆରଆର ଏଫ୍‌ବି ୱାଲ୍‌ରେ ଅପ୍‌ଲୋଡ କରନ୍ତୁ କିମ୍ବା ହାସ୍‌ଟ୍ୟାଗ ହାର୍ଟ ବିଟ୍ସ ଫର ହକି ଲେଖି ନିଜ ସୋସିଆଲ ମିଡିଆରେ ଅପ ଲୋଡ କରନ୍ତୁ।

ବିଜେତା: ଶାହରୁଖ ଓ ରହମନ ଦୁଇଜଣ ବିଜେତାଙ୍କୁ ଚୟନ କରିବେ ଓ ଏହି ଦୁଇ ଜଣ ଉଦ୍‌ଘାଟନୀ ଉତ୍ସବରେ ଜୟ ଇଣ୍ଡିଆ ମଞ୍ଚରେ ଲାଇଭ ପ୍ରଦର୍ଶନ କରିପାରିବେ।

ଉଲ୍ଲେଖଥାଉ କି, ହକି ବିଶ୍ୱକପ୍‌ର ଗୀତ ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆକୁ ରହମନ ସଙ୍ଗୀତରେ ସଜାଇଛନ୍ତି ଓ ଗୀତିକାର ଗୁଲଜାର ଏହାର ରଚନା କରିଛନ୍ତି। ଏହି ମ୍ୟୁଜିକ ଭିଡିଓରେ ନୂତନ ଭାରତ ଓ ପାରମ୍ପରିକ ଏବଂ ସହରାଞ୍ଚଳ ପର୍ଯ୍ୟନ୍ତ ତୃଣମୂଳ ଭାରତକୁ ଦେଖିବାକୁ ମିଳିବ। ଏହାର କେନ୍ଦ୍ରରେ ରହିବ ହକି ଓ ଟିମ୍ ଇଣ୍ଡିଆ। ଏହି ଗୀତ ଓ ତା'ର ଭିଡିଓ ଯଥାକ୍ରମେ ଆସନ୍ତା ୨୩ ଓ ୨୫ ତାରିଖରେ ଉନ୍ମୋଚିତ ହେବ।

ଶାହରୁଖ ଖାନ ଓ ଏ.ଆର. ରହମନ ।

'ବିପର୍ଯ୍ୟୟ ଘଟାଇବା ଦକ୍ଷତା ରଖିଛୁ'

ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ତୃତୀୟ ବିଦେଶୀ ଦଳ ଭାବେ ଫ୍ରାନ୍ସ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଲୋ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଟିମ୍ ହୋଇଥିଲେ ହେଁ ଫ୍ରାନ୍ସ ବିପର୍ଯ୍ୟୟ ସୃଷ୍ଟି କରିବାର ଦକ୍ଷତା ରଖିଛି ବୋଲି କହିଛନ୍ତି ଫ୍ରାନ୍ସ କୋଚ୍ ଡେଲ୍‌ମି ଜେରନ। ପ୍ରଥମ ଦୁଇ ଦଳ ଭାବେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ଓ ୧୫ ନମ୍ବର ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଦକ୍ଷିଣ ଆଫ୍ରିକା ବୁଧବାର ଏଠାରେ ପହଞ୍ଚିଥିଲା।

ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ଏବେ ୨୦ ନମ୍ବର ସ୍ଥାନରେ ରହିଛି। ତେଣୁ ସବୁଠାରୁ ଲୋ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ ଭାବେ ଏହି ଦଳ ଆଗାମୀ ବିଶ୍ୱକପ୍ ଖେଳିବ। ତେବେ ର୍ୟାଙ୍କିଙ୍ଗ୍‌କୁ ନେଇ ଚିନ୍ତିତ ନୁହନ୍ତି ଜେରନ। ଆମେ କଳିଙ୍ଗ ଷ୍ଟାଡିୟମରେ ଶ୍ରେଷ୍ଠ ପ୍ରଦର୍ଶନ କରି ଉଚ୍ଚ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଚେଷ୍ଟା କରିବୁ। ଫଳରେ ଆମ ପାଇଁ ଆଗକୁ ବଢ଼ିବା ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଆର୍ଜେଣ୍ଟିନା, ସ୍ପେନ୍ ଓ ନ୍ୟୁଜିଲାଣ୍ଡ ସହିତ ପୁଲ୍ 'ଏ'ରେ ସ୍ଥାନ ପାଇଥିବା ଫ୍ରାନ୍ସ ଲିଗ୍ ପର୍ଯ୍ୟାୟରେ ଅତିକମ୍‌ରେ ଗୋଟିଏ ବିଜୟ ହାସଲ କଲେ କ୍ରସ୍ ଓଭର ପାଇଁ ସୁଯୋଗ ସୃଷ୍ଟି କରିପାରିବ। ''ଓଡ଼ିଶାରେ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ଆମେ ସବୁଠାରୁ ଲୋ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ। ଆମେ ଏକ କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିଛୁ। ତେବେ ଏହାକୁ ଦୃଷ୍ଟିରେ ରଖି ଆମେ ଭଲ ପ୍ରସ୍ତୁତି କରିଛୁ। ଏଠାରେ ଭଲ ପ୍ରଦର୍ଶନ କରି ବିଶ୍ୱର ଟପ୍-୧୦ ର୍ୟାଙ୍କିଙ୍ଗ୍‌ର ନିକଟତର ହେବା ଆମର ମୁଖ୍ୟ ଲକ୍ଷ୍ୟ'' ବୋଲି ଜେରନ କହିଛନ୍ତି। ନଭେମ୍ବର ୨୯ରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରି ଫ୍ରାନ୍ସ ଏହାର ଅଭିଯାନ ଆରମ୍ଭ କରିବ। ''ଆମ ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ଦିଲ୍ଲୀରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ହକି ବିଶ୍ୱକପ୍‌ରେ ଖେଳିଥିବା କେତେକ ଖେଳାଳିଙ୍କୁ ଆମେ ସିନିୟର ଦଳରେ ସାମିଲ କରିଛୁ। ଜୁନିୟର ବିଶ୍ୱକପ୍‌ରେ ଆମେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲୁ। ସେଠାରୁ ଆମ ଖେଳାଳିମାନେ ଭଲ ଅଭିଜ୍ଞତା ଲାଭ କରିଛନ୍ତି। ଟ୍ରେନିଂ ସମୟରେ ଆମେ କଠିନ ଅଭ୍ୟାସ କରିଛୁ। ପିଲାମାନେ ବଡ଼ ପ୍ଲାଟ୍‌ଫର୍ମରେ ଖେଳିବାକୁ ବ୍ୟଗ୍ର। ଅତିକମ୍‌ରେ ଗୋଟିଏ ବିପର୍ଯ୍ୟୟ ଘଟାଇ ପାରିଲେ ଆମ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ ଲାଗି ସୁଯୋଗ ସୃଷ୍ଟି ହୋଇପାରିବ। ଆଗାମୀ ଟୁର୍ନାମେଣ୍ଟ ପାଇଁ ଆମ ଉପରେ କୌଣସି ଚାପ ନାହିଁ'' ବୋଲି କହିଛନ୍ତି ଜେରନ।

ଫ୍ରାନ୍ସ ପହଞ୍ଚିଲା

ଆଉ ୪ ଦିନ

ଆଜି ଆସିବ ସ୍ପେନ୍, ଇଂଲଣ୍ଡ, ନ୍ୟୁଜିଲାଣ୍ଡ

ହକି ବିଶ୍ୱକପ୍‌ରେ ଭାଗନେବା ପାଇଁ ବିଶ୍ୱର ୭, ୮ ଓ ୯ ନମ୍ବର ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ ଇଂଲଣ୍ଡ, ସ୍ପେନ୍ ଓ ନ୍ୟୁଜିଲାଣ୍ଡ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସ୍ପେନ୍ ସକାଳ ୯ଟାରେ ଏବଂ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ରାତି ୧୧ଟା ୨୫ରେ ବିଜୁ ପଟ୍ଟନାୟକ ବିମାନବନ୍ଦରର ଟର୍ମିନାଲ-୨ରେ ପହଞ୍ଚିବ।

ସଂକ୍ଷେପରେ

ସାହାଣୀ କପ୍: ଆର୍‌ଏସ୍‌ପିର ସହଜ ବିଜୟ

କଟକ ଅଫିସ, ୨୨।୧୧: ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍‌ରେ ଗୁରୁବାର ୪ଟି ମ୍ୟାଚ୍ ଖେଳାଯାଇଛି। କୁଚିଣ୍ଡା ଭେନ୍ୟୁରେ ଝାରସୁଗୁଡ଼ା ଓ କଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ଟାଇବ୍ରେକର ପଦ୍ଧତିରେ କଟକ ୫-୪ ଗୋଲରେ ଝାରସୁଗୁଡ଼ାକୁ ହରାଇଥିଲା। ସମ୍ବଲପୁର ଭେନ୍ୟୁରେ ମଧ୍ୟ ବାଲେଶ୍ୱର ଓ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଫଳାଫଳ ମଧ୍ୟ ଅନୁରୂପ ଟାଇବ୍ରେକର ପଦ୍ଧତିରେ ନିର୍ଦ୍ଧାରଣ ହୋଇଛି। ଏଥିରେ ବାଲେଶ୍ୱର ୩-୨ ଗୋଲରେ ବିଜୟୀ ହୋଇଛି। ନାକଟୀଦେଉଳ ଭେନ୍ୟୁରେ ଢେଙ୍କାନାଳ ଓ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ପରେ ଟାଇବ୍ରେକର ପଦ୍ଧତିରେ ଢେଙ୍କାନାଳ ୪-୩ ଗୋଲରେ ବିଜୟୀ ହୋଇଛି। ସେହିପରି ହୀରାକୁଦ ଭେନ୍ୟୁରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆର୍‌ଏସ୍‌ପି) ଓ ବଲାଙ୍ଗୀର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଆର୍‌ଏସ୍‌ପି ୨-୦ ଗୋଲରେ ବିଜୟୀ ହୋଇଛି।

ଫର୍ମୁଲାୱାନକୁ ଫେରିବେ କୁବିକା

ଆବୁଧାବି,୨୨।୧୧ (ଏଏଫ୍‌ପି): ପୋଲାଣ୍ଡ ଡ୍ରାଇଭର ରବର୍ଟ କୁବିକା ଫର୍ମୁଲା ୱାନକୁ ଫେରିବେ। ୨୦୧୯ରେ ସେ ୱିଲିୟମ୍ସ ଟିମ୍ ତରଫରୁ ପ୍ରତିନିଧିତ୍ୱ କରିବେ। ୨୦୧୧ରେ ଏକ ରାଲି ବେଳେ ଦୁର୍ଘଟଣାରେ କୁବିକା ଗୁରୁତର ଆହତ ହୋଇଥିଲେ। ତାଙ୍କ ଡାହାଣ ହାତ ଜଖମ ହୋଇଯାଇଥିଲା। ସେ ୮ବର୍ଷ ବ୍ୟବଧାନରେ ଫର୍ମୁଲାୱାନକୁ ଫେରିବେ। ୨୦୧୯ରେ ସେ ବ୍ରିଟିଶ ଟିମ୍‌ରେ ଇଂଲିଶମ୍ୟାନ ଜର୍ଜ ରସେଲଙ୍କ ସହ ଯୋଗ ଦେବେ।

ଆଇସିସି ଟି୨୦ ମହିଳା ବିଶ୍ୱକପ୍‌ରେ ଆମ ଭଲ ପ୍ରଦର୍ଶନ ପଛରେ ନୂଆ କୋଚ୍ ରମେଶ ପାୱାରଙ୍କ ବିଶେଷ ଭୂମିକା ରହିଛି ।

–ହରମନପ୍ରୀତ କୌର, ଭାରତୀୟ ଅଧିନାୟିକା

ଓପନର ମାର୍କସ ହାରିସ ବର୍ତ୍ତମାନ ଫର୍ମରେ ଥିବାରୁ ତାଙ୍କୁ ଭାରତ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ନେବା ଉଚିତ୍ ।

–ଡାରେନ ଲେମ୍ୟାନ, ପୂର୍ବତନ ଅଷ୍ଟ୍ରେଲିଆ କୋଚ୍

ପ୍ଲେଇଂ କମ୍ବିନେଶନର ପୁନର୍ବିଚାର ହୋଇପାରେ

ମେଲବୋର୍ନ,୨୨।୧୧ (ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ଏଠାରେ ଶୁକ୍ରବାର ଖେଳାଯିବ। ସିରିଜର ପ୍ରଥମ ମ୍ୟାଚରେ ଅଳ୍ପକେ ପରାଜିତ ହୋଇଥିବାରୁ ଭ୍ରମଣକାରୀ ଦଳ ଏହାର ପ୍ଲେଇଂ କମ୍ବିନେଶନର ପୁନର୍ବିଚାର କରିପାରେ। ଏଠାରେ ବିଜୟ ସହ ଦଳ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ। କ୍ରମାଗତ ୭ଟି ଦ୍ୱିପାକ୍ଷିକ ଟି୨୦ ସିରିଜ ଜିତିଥିବା କୋହଲି ଏବଂ ତାଙ୍କ ଦଳ ଏହି ସଂଖ୍ୟାକୁ ୮ରେ ପରିଣତ କରିବା ଲକ୍ଷ୍ୟରେ ରହିଛନ୍ତି। ଦ୍ୱିତୀୟ ମ୍ୟାଚ ଜିତିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଥିବାରୁ ଦଳ ଏହାର ଉଭୟ ବ୍ୟାଟିଂ ଓ ବୋଲିଂ କମ୍ବିନେଶନରେ କିଛି ଅଦଳବଦଳ କରିପାରେ। ବ୍ୟାଟିଂ ଲାଇନ୍‌ଅପ୍ ଦେଖିବାକୁ ଗଲେ କେ.ଏଲ. ରାହୁଲଙ୍କ ଫର୍ମରେ ସ୍ଥିରତା ପରିଲକ୍ଷିତ ହେଉନାହିଁ। ମାଞ୍ଚେଷ୍ଟର ସିଟିରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଅପରାଜିତ ୧୦୧ ପରେ ସେ ପରବର୍ତ୍ତୀ ୬ଟି ମ୍ୟାଚରେ ୩୦ରନ ଅତିକ୍ରମ କରିପାରି ନାହାନ୍ତି। ଟିମ୍ ମ୍ୟାନେଜମେଣ୍ଟ ମନୀଷ ପାଣ୍ଡେଙ୍କୁ ସଂରକ୍ଷିତ ଖେଳାଳି ଭାବେ ରଖି ତାଙ୍କୁ ୩ ନମ୍ବର ସ୍ଥାନରେ ନିୟୋଜିତ କରିଛି। ଅଧିନାୟକ ନିଜେ ବ୍ୟାଟିଂ ଅର୍ଡରରେ ୪ ନମ୍ବର ସ୍ଥାନକୁ ଖସି ଆସିଛନ୍ତି। ରାହୁଲଙ୍କୁ ସ୍ଥିର ପ୍ରଦର୍ଶନ କରି ଦେଖାଇବାକୁ ହେବ। ଏହାଦ୍ୱାରା ସେ ଆଗାମି ଟେଷ୍ଟ ସିରିଜ ଲାଗି ଟପ୍ ଅର୍ଡରରେ ତାଙ୍କ ସ୍ଥାନ ପକ୍କା କରିପାରିବେ। ଟିମ୍ ମ୍ୟାନେଜମେଣ୍ଟ ବୋଲିଂ ଆଟାକ୍ ଉପରେ ମଧ୍ୟ ନଜର ଦେବ। ଘାସୁଆ ପିଚ୍‌ରେ ଅନୁଷ୍ଠିତ ପ୍ରଥମ ଟି୨୦ରେ କ୍ରୁନାଲ ପାଣ୍ଡ୍ୟା ତାଙ୍କ ଉଇକେଟ ବିହୀନ ୪ ଓଭର ବୋଲିଂରେ ୫୫ ରନ ଦେଇଥିଲେ। ଏଥିରେ ତିନୋଟି ଛକା ସାମିଲ ଥିଲା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମସିଜି) ଓ ଗାବା ପିଚ୍‌ର ଲକ୍ଷଣ ପ୍ରାୟ ସମାନ। ତେଣୁ କୋହଲି ହୁଏତ ଟି୨୦ରେ ଭଲ ରେକର୍ଡ ରଖିଥିବା ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ସାମିଲ କରିପାରନ୍ତି। ପ୍ରଥମ ମ୍ୟାଚ ସ୍ୱଳ୍ପ ବ୍ୟବଧାନରେ ପରାଜିତ ହୋଇଥିବାରୁ ଟିମ୍ ମ୍ୟାନେଜମେଣ୍ଟ ହୁଏତ ଦଳରେ ପରିବର୍ତ୍ତନ ନ କରିପାରେ। ପାଣ୍ଡ୍ୟାଙ୍କୁ ଯଦି ଦଳରୁ ବାଦ୍ ଦିଆଯାଏ ତେବେ ଦଳରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଅଭାବ ପରିଲକ୍ଷିତ ହୋଇପାରେ। ତେଣୁ କୋହଲି ରିସ୍କ ନେବାକୁ ପସନ୍ଦ କରି ନ ପାରନ୍ତି। ଭାରତ ୨୦୧୭ ଜୁଲାଇଠାରୁ ଏହି ଫର୍ମାଟରେ ଆଧିପତ୍ୟ ବିସ୍ତାର କରି ଆସୁଥିବାରୁ ହୁଏତ ଦଳର ରଣକୌଶଳରେ କେଉଁଠି ତ୍ରୁଟି ରହିଯାଇଥାଇପାରେ। ସେ ଦିଗପ୍ରତି ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଧ୍ୟାନ ଦେଇପାରେ। ବ୍ରିସ୍‌ବେନରେ ଭାରତୀୟ ଫିଲ୍ଡିଂରେ ଢିଲା ପରିଲକ୍ଷିତ ହୋଇଥିଲା। ଏପରିକି କୋହଲି ନିଜେ ଦୁଇଥର ଫିଲ୍ଡିଂ ମିସ୍ କରିଥିଲେ। ବିପକ୍ଷ ଦଳର ଆରୋନ୍ ଫିଞ୍ଚଙ୍କ ଏକ କ୍ୟାଚ୍ ସେ ଡ୍ରପ୍ କରିଥିଲେ। ଭାରତ ତୁଳନାରେ ଅଷ୍ଟ୍ରେଲିଆ ଗ୍ରାଉଣ୍ଡଗୁଡ଼ିକର ବାଉଣ୍ଡାରୀ ବଡ଼ ତେଣୁ ଦଳ ପାଇଁ ଏହା ଆଉ ଏକ ଚ୍ୟାଲେଞ୍ଜ ଭଳି।

ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, କେ.ଏଲ. ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଦିନେଶ କାର୍ତ୍ତିକ (ଉଇକେଟକିପର), ରିଷଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ଉମେଶ ଯାଦବ, ଖଲିଲ ଅହମ୍ମଦ, ୱାଶିଂଟନ ସୁନ୍ଦର।

ଅଷ୍ଟ୍ରେଲିଆ ଦଳ : ଆରୋନ ଫିଞ୍ଚ (ଅଧିନାୟକ), ଆଷ୍ଟନ ଅଗର, ଜାସନ ବେହ୍ରନଡର୍ଫ, ଆଲେକ୍ସ କ୍ୟାରେ, ନାଥାନ କୋଲ୍‌ଟର ନାଇଲ, ଖ୍ରିସ୍ ଲିନ୍, ବେନ୍ ମ୍ୟାକଡରମଟ, ଗ୍ଲେନ ମାକ୍ସୱେଲ, ଡି'ଆର୍ସି ଶର୍ଟ, ବିଲି ଷ୍ଟାନଲେକ୍, ମାର୍କସ ଷ୍ଟୋଇନିସ, ଆଣ୍ଡ୍ରୁ ଟାଇ, ଆଡାମ ଜାମ୍ପା।

କୁଚ୍‌ବିହାର ଟ୍ରଫିରେ ଗୋଆ ବିପକ୍ଷରେ ବିଜୟୀ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

ଓଡ଼ିଶା ୧୦ ଉଇକେଟରେ ବିଜୟୀ

କଟକ ଅଫିସ,୨୨।୧୧

କୁଚ୍ ବିହାର ଟ୍ରଫି

ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଚାଲିଥିବା୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୧୦ ଉଇକେଟରେ ଘରୋଇ ଗୋଆକୁ ପରାସ୍ତ କରିଛି। ପ୍ରତିଯୋଗିତାର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୨୬ ତାରିଖରେ ସମ୍ବଲପୁର ବୀର ସୁରେନ୍ଦ୍ରସାଏ ଷ୍ଟାଡିୟମରେ ଓଡ଼ିଶା କେରଳକୁ ଭେଟିବ। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଫଲୋଅନ ପାଇ ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରୁଥିବା ଗୋଆ ୬ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ପୀୟୂଷ ଯାଦବ ୫୬ ରନ୍‌ରେ ଅପରାଜିତ ଥିଲେ। ତେବେ ତୃତୀୟ ଦିବସ ତଥା ଗୁରୁବାର ଗୋଆ ଦଳୀୟ ସ୍କୋରରେ ୬୫ରନ୍ ଯୋଡ଼ିବା ସହ ବଳକା ୪ଟି ଯାକ ଉଇକେଟ ହରାଇଥିଲା। ପୀୟୂଷ ଦଳ ପକ୍ଷରୁ ସର୍ବାଧିକ ୯୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଏନ୍.ବି. ଭୂୟାଁ ୩ଟି, ନୀତିଶ ସାମନ୍ତରାୟ ଓ ରଘୁନାଥ ମଲ୍ଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଫଳରେ ଓଡ଼ିଶାର ପ୍ରଥମ ଇନିଂସ୍ ୩୬୮ ରନ୍ ଜବାବରେ ଗୋଆ ପ୍ରଥମ ଇନିଂସ୍‌ରେ ୧୦୪ ରନ, ଦ୍ୱିତୀୟ ଇନିଂସ୍‌ରେ ୨୬୪ ରନ୍ ସଂଗ୍ରହ କରି ଓଡ଼ିଶା ସମ୍ମୁଖରେ ମାତ୍ର ୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ବିନା ଉଇକେଟରେ ଓଡ଼ିଶା ବିଜୟୀ ହୋଇଥିଲା।

ବିଦର୍ଭ ୩୨୦/୭

କଟକ ଅଫିସ,୨୨।୧୧

ନାଗପୁରର ଭିସିଏ କଲମାନା କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଠାରୁ ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିର ଓଡ଼ିଶା– ବିଦର୍ଭ ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ବିଦର୍ଭ ୭ ଉଇକେଟ ବିନିମୟରେ ୩୨୦ ରନ୍ କରିଛି। ୪ ଦିବସ ବିଶିଷ୍ଟ ଏହି ମ୍ୟାଚ୍‌ରେ ବିଦର୍ଭ ଓଡ଼ିଶା ବିପକ୍ଷରେ ପ୍ରଥମ ଇନିଂସ୍‌ରେ ବୃହତ୍ତ ରନ୍ ସଂଗ୍ରହ କରିବ ବୋଲି ଆଶା କରାଯାଏ। ତେବେ ଗତ ଦୁଇଟି ମ୍ୟାଚ୍‌ରେ ମଧ୍ୟ ଓଡ଼ିଶାର ପ୍ରଦର୍ଶନ ନିରାଶାଜନକ ରହିଥିଲା। ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହିତ ୩ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ୍–ସି ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି। ବିଦର୍ଭ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳୀୟ ସ୍କୋର ୧୦ ହୋଇଥିବା ବିଦର୍ଭ ଓପ୍‌ନର ଏ.ଏମ୍ କୁମାରଙ୍କ ଉଇକେଟ ପତନ ଘଟିଥିଲା। ମାତ୍ର ପରବର୍ତ୍ତୀ ଉଇକେଟଗୁଡ଼ିକରେ ଦଳ ସହଜରେ ଭାଗୀଦାରି ସୃଷ୍ଟି କରିଥିଲା। ଓପ୍‌ନର ଏ. ଡାଇଡେ (୬୦ରନ୍), ଅଧିନାୟକ ଏମ.ଆର କାଲେ(୮୯ରନ୍) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଡି.ଜି. ନାଲକାନ୍ଦେ(୪୦ରନ୍) ଓ ଏମ.ଆର ରାଉତ(୩୦ରନ୍) ଦ୍ରୁତ ଇନିଂସ୍ ଖେଳିଥିଲେ। ଓଡ଼ିଶା ପକ୍ଷରୁ କାର୍ତ୍ତିକ ବିଶ୍ୱାଳ, ସୌରଭ କନୌଜିଆ ୨ଟି ଲେଖାଏ ଉଇକେଟ ହାସଲ କରିଛନ୍ତି।

ଓଡ଼ିଆ ପ୍ରଶଂସକଙ୍କ ଉତ୍ସାହ ଦେଖି ହକି ଇଣ୍ଡିଆ ଅଭିଭୂତ

ଭୁବନେଶ୍ୱର, ୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍

ଆଉ ୪ ଦିନ ପରେ ଆୟୋଜନ ହେବାକୁ ଯାଉଛି ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ। ଏହି ମେଗା ଇଭେଣ୍ଟକୁ ନେଇ ଭୁବନେଶ୍ୱର ସମେତ ସାରା ଓଡ଼ିଶା ତଥା ଦେଶରେ ପ୍ରଶଂସକଙ୍କ ନାହିଁ ନ ଥିବା ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ପୂର୍ବରୁ ଭାରତରେ ଦୁଇଥର ହକି ବିଶ୍ୱକପ୍ ଆୟୋଜନ ହୋଇଛି। ତେବେ ପୂର୍ବରୁ ପ୍ରଶଂସକଙ୍କ ମଧ୍ୟରେ ଏଭଳି ଉତ୍ସାହ ଦେଖିବାକୁ ମିଳି ନ ଥିଲା। ଏହାକୁ ଦେଖି ହକି ଇଣ୍ଡିଆ ବେଶ୍ ଅଭିଭୂତ ହୋଇଛି।

ଉଦ୍‌ଘାଟନୀ ଉତ୍ସବ ପାଇଁ ଅନଲାଇନ୍‌ରେ ଟିକେଟ ବିକ୍ରି ଆରମ୍ଭ ହେବାର ମାତ୍ର କେତେ ଘଣ୍ଟା ମଧ୍ୟରେ ଆଶାଠାରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଟିକେଟ ପାଇଁ ଟିକେଟିଂ ୱେବ୍ ସାଇଟ୍‌ରେ ଲଗ୍ ଅନ୍ କରିଥିଲେ। ଗତ ୨୦ ତାରିଖ ଅପରାହ୍ନ ୧୨ଟାରେ ଅନଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ପାଖାପାଖି ଏକ ଲକ୍ଷରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଟିକେଟ ପାଇଁ ଲଗ୍ କରିଥିଲେ। ଏତେ ସଂଖ୍ୟାରେ ପ୍ରଶଂସକ ଟିକେଟ ପାଇଁ ପ୍ରୟାସ କରିବା ଫଳରେ ଆରମ୍ଭରୁ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ତେବେ କିଛି ସମୟ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବାରେ ଆୟୋଜକମାନେ ସଫଳ ହୋଇଥିଲେ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୨୭ ତାରିଖରେ ଆୟୋଜନ ହେବାକୁ ଥିବା ଏହି ଗ୍ରାଣ୍ଡ ଓପନିଂ ସେରିମନି ପାଇଁ ପ୍ରଶଂସକଙ୍କ ନାହିଁ ନ ଥିବା ଉତ୍ସାହ ଦେଖି ଆୟୋଜକମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସବୁ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ଉତ୍ସବର ଷ୍ଟେଜ୍ ବା ମଞ୍ଚ ନିର୍ମାଣ ଲାଗି ଷ୍ଟାଡିୟମର ବହୁତ ଅଂଶ ବ୍ୟବହୃତ ହୋଇଛି। ତେଣୁ ଷ୍ଟାଡିୟମର ସିଟ୍ ସଂଖ୍ୟାକୁ କମାଇ ଦିଆଯାଇଛି। ପୁଣି ସ୍ପନସର ରାଇଟ ବା ପ୍ରାୟୋଜନ ଅଧିକାର ଓ ଅନ୍ୟାନ୍ୟ ଦାୟିତ୍ୱ ସହିତ ଉତ୍ସବରେ କେତେକ ଜାତୀୟ ତଥା ଆନ୍ତର୍ଜାତିକ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଫଳରେ ପ୍ରଶଂସକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି ଉତ୍ସବକୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ବିସ୍ତାର କରିବାକୁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ଯଦିଓ କଟକରେ ଏବେ କିଛି ଟିକେଟ ବିକ୍ରି ହେବାକୁ ବାକି ରହିଛି।

ଭୁବନେଶ୍ୱରରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବାର ଗୋଟିଏ ଦିନ ପରେ କଟକରେ ୨୮ ତାରିଖରେ ବିଶ୍ୱକପ୍ ସମାରୋହର ଆୟୋଜନ ହେବ। ଓସ୍କାର ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାଁ ଓ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ପରିବେଷଣ କରିବେ। ତେବେ ବାରବାଟୀରେ ରହମନଙ୍କ ସମେତ ଆଉ କେତେକ ବଲିଉଡ କଳାକାର ଯୋଗ ଦେବେ ବୋଲି କୁହାଯାଇଛି। ସୁପରହିଟ ଚଳଚ୍ଚିତ୍ର 'ବାହୁବଳୀ'ର ହିରୋ ପ୍ରଭାସ ବାରବାଟୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ବିଭିନ୍ନ ଜିଲା ଓ ବ୍ଲକ୍‌ରେ ବଡ଼ ବଡ଼ ପର୍ଦ୍ଦା ଲଗାଇବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ସରକାର ମଧ୍ୟ ଏ ନେଇ ଅନୁକୂଳ ମତ ପ୍ରକାଶ କରିଛନ୍ତି ଓ ଏହି ଉତ୍ସବରେ ବ୍ୟାପକ ପ୍ରଚାର ତଥା ପସାରଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି।

ଏଥି ସହିତ ଦୂରଦର୍ଶନ ମଧ୍ୟ ଏହି ଇଭେଣ୍ଟର ସିଧା ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ରାଜ୍ୟ ତଥା ଦେଶରେ ବହୁ ସଂଖ୍ୟାରେ ପ୍ରଶଂସକ ଏହି ଉଦ୍‌ଘାଟନୀ ଉତ୍ସବକୁ ଉପଭୋଗ କରିପାରିବେ। ହକି ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏ ନେଇ ଚାଲିଥିବା ପ୍ରସ୍ତୁତି ଓ ପ୍ରୟାସକୁ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଧ୍ୟକ୍ଷ ନରିନ୍ଦର ଧ୍ରୁବ ବାତ୍ରା ବେଶ୍ ପ୍ରଶଂସା କରିଛନ୍ତି। ବିଶ୍ୱକପ୍ ନେଇ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି ଓ ଏହା ଦେଖି ଆମେ ଅଭିଭୂତ ବୋଲି ସେ କହିଛନ୍ତି। ଏହି ମେଗା ଇଭେଣ୍ଟକୁ ସଫଳ କରିବା ପାଇଁ ଆୟୋଜକମାନ ପ୍ରୟାସ ବେଶ୍ ପ୍ରଶଂସନୀୟ ବୋଲି ସେ କହିଛନ୍ତି।

ଉଦ୍‌ଘାଟନୀ ପାଇଁ ଉତ୍କଣ୍ଠା ବଢୁଛି

ହକି ବିଶ୍ୱକପ୍ ପାଇଁ ୨୭ ତାରିଖରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହ ପାଇଁ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍‌ଲାଇନ୍‌ରେ ଟିକେଟ କିଣିଥିବା ଦର୍ଶକଙ୍କ ଟିକେଟ ବିମୋଚନ ପ୍ରକ୍ରିୟା ଗୁରୁବାର ଆରମ୍ଭ ହୋଇଛି। ଟିକେଟ କିଣିଥିବା ଦର୍ଶକମାନେ ସନ୍ଧ୍ୟାରେ ଗେଟ୍ ନମ୍ବର ୪ ନିକଟରେ ଖୋଲାଯାଇଥିବା କାଉଣ୍ଟରରେ ପ୍ରକୃତ ଟିକେଟ ନେବା ପାଇଁ ଭିଡ଼ ଲଗାଇଥିବା ଦେଖାଯାଇଛି। ଉଦ୍‌ଘାଟନୀ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ ବଲିଉଡ୍ ଅଭିନେତା ଶାହରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଓ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିବେ। ଉଦ୍‌ଘାଟନୀ ଉତ୍ସବକୁ ସେମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି ଟିକେଟ ନେଉଥିବା ଅବସରରେ ଅନେକ ଦର୍ଶକ ପ୍ରକାଶ କରିଛନ୍ତି।

■ ପୂର୍ବାଞ୍ଚଳ ଓପନ୍ ସ୍ନୁକର ଚାମ୍ପିୟନଶିପ୍

ସତ୍ୟଦୀପ, ହରିହର, ସିଦ୍ଧାର୍ଥ, ଗୋବିନ୍ଦ ବିଜୟୀ

ଭୁବନେଶ୍ୱର,୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଭିନ୍‌ଟେଜ କ୍ଲବ୍‌ଠାରେ ଅଷ୍ଟମ ଏମ୍‌ଆଇଟି ଓପନ୍ ପୂର୍ବାଞ୍ଚଳ ସ୍ନୁକର ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସରେ ପହଞ୍ଚିଛି। ଦ୍ୱିତୀୟ ଦିନର ମ୍ୟାଚ୍‌ଗୁଡ଼ିକରେ ଉସମାନ ଖାଁ ୨–୧ରେ ଗୌତମ ଦାସକୁ ହରାଇଛନ୍ତି। ସେହିପରି ସତ୍ୟଦୀପ ଦାସ ୨–୦ରେ ଦୀବେଶ ଉପାଧ୍ୟାୟଙ୍କୁ ହରାଇଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ହରିହର ଗୁରୁ ୨–୦ରେ ଅଜୟ ଆଚାର୍ଯ୍ୟଙ୍କୁ, ସୌମ୍ୟ ମହାନ୍ତି ୨–୦ରେ ସୌମ୍ୟ ଜୋଗନିଆଙ୍କୁ, ଗୋବିନ୍ଦ ଶର୍ମା ୨–୦ରେ ଅର୍ପିତ ଜେନାଙ୍କୁ, ଅମ୍ରିତ ବାଙ୍କୁ ୨–୧ରେ ଲକ୍ଷ ଅଙ୍କିତ୍‌ଙ୍କୁ, ସିଦ୍ଧାର୍ଥ ଜେନା ୨–୧ରେ ସୌମ୍ୟକାନ୍ତ ମହାପାତ୍ରଙ୍କୁ, ଇନ୍ଦ୍ରଜିତ୍ ଷଡଙ୍ଗୀ ୨–୦ ଐଶ୍ୱର୍ଯ୍ୟ ଅଗ୍ରୱାଲଙ୍କୁ, ହର୍ଶାଲ ଚୌଙ୍କ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୩/୨୦୧୮ Bhubaneswar, Friday, November 23 / 2018

ରାଜେଶଙ୍କ ଚମକ: ଓଡ଼ିଶା ବିଜୟୀ

ରଣଜୀ ଟ୍ରଫି

ଭୁବନେଶ୍ୱର, ୨୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜେଶ ମହାନ୍ତିଙ୍କୁ ସାଥୀ ଖେଳାଳିମାନେ ଟେକି ଧରିଛନ୍ତି।

ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମରେ ଘରୋଇ ଆସାମ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲା (ଗ୍ରୁପ୍-ସି)ରେ ଓଡ଼ିଶା ବୃହତ ବିଜୟ ହାସଲ କରିଛି। ମ୍ୟାଚ୍‌ର ୩ୟ ଦିବସରେ ଗୁରୁବାର ଆସାମ ପୂର୍ବଦିନର ସ୍କୋର (୬୦/୪)ରେ ଆଉ ୭୨ ରନ ଯୋଗ କରି ୨ୟ ଇନିଂସରେ ୧୩୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୪ ରନର ଛୋଟିଆ ଟାର୍ଗେଟ୍‌କୁ ଓଡ଼ିଶା ୩.୩ ଓଭରରେ ଗୋଟିଏ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଓପନର୍ ଅନୁରାଗ ଷଡ଼ଙ୍ଗୀ ୫ ରନ କରି ଆଉଟ୍ ହୋଇଥିବାବେଳେ ଗୋବିନ୍ଦ ପୋଦ୍ଦାର ୯ ଓ ରାଜେଶ ଧୂପର କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଥିଲେ। ବିଜୟ ସହ ବିପ୍ଲବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ୬ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ବୋନସ ପଏଣ୍ଟ ହରାଇଛି। ଯଦି ଏହି ଲକ୍ଷ୍ୟକୁ ଓଡ଼ିଶା କୌଣସି ଉଇକେଟ୍ ନ ହରାଇ ହାସଲ କରିଥାନ୍ତା ତେବେ ବୋନସ୍ ପଏଣ୍ଟ ଅର୍ଜନ କରିଥାନ୍ତା। ଓଡ଼ିଶା ଏବେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୭ ପଏଣ୍ଟ ଅର୍ଜନ କରି ଗ୍ରୁପ୍-ସି'ର ୪ର୍ଥ ସ୍ଥାନରେ ରହିଛି। ପୂର୍ବରୁ ଓଡ଼ିଶା କିଟ୍ କ୍ରିକେଟ ଷ୍ଟାଡିୟମରେ ତା'ର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଥିଲା। ଦଳ ହରିୟାଣା ବିପକ୍ଷରେ ମ୍ୟାଚ୍ ଅମୀମାଂସିତ ଓ ଉତ୍ତରପ୍ରଦେଶ ବିପକ୍ଷରେ ପରାଜୟବରଣ କରିଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ତ୍ରିପୁରାକୁ ଭେଟିବ। ରାଉଣ୍ଡ-୪'ର ଏହି ମ୍ୟାଚ୍ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ନଭେମ୍ବର ୨୮ରୁ ଆରମ୍ଭ ହେବ।

ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶାର ଡାହାଣହାତୀ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ କମାଲ ଦେଖିବାକୁ ମିଳିଛି। ରାଜେଶ ଉଭୟ ଇନିଂସରେ ଯଥାକ୍ରମେ ୫ ଓ ୬ଟି ଉଇକେଟ୍ ନେଇ ମ୍ୟାଚ୍‌ରେ ୧୧ ଉଇକେଟ୍ ଅକ୍ତିଆର କରିଥିଲେ। ରାଜେଶଙ୍କ ୫ ଉଇକେଟ୍ ସଫଳତା ଯୋଗୁ ଆସାମ ପ୍ରଥମ ଇନିଂସରେ ମାତ୍ର ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଓଡ଼ିଶା ଅଧିନାୟକ ବିପ୍ଲବ ସାମନ୍ତରାୟ (୬୨) ଓ ଅନୁରାଗ (୭୭)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ଇନିଂସରେ ୨୪୦ ରନ କରିଥିଲା। ୧୧୯ ରନ ପଛୁଆ ରହିଥିବା ଘରୋଇ ଆସାମ ୨ୟ ଇନିଂସରେ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୩୨ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶିବଶଙ୍କର ରାୟ ସର୍ବାଧିକ ୫୬ ରନ କରିଥିବାବେଳେ ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପ୍ରଥମ ଇନିଂସ ଭଳି ରାଜେଶଙ୍କ ବଲକୁ ସାମ୍ନା କରି ନ ପାରି ୬ଜଣ ଆସାମ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଥିଲେ। ଫଳରେ ରାଜେଶ ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ତାଙ୍କର ପ୍ରଥମ ୧୦ ଉଇକେଟ୍ ସଫଳତା।

ସଂକ୍ଷିପ୍ତ ସ୍କୋର : ଆସାମ– ୧୨୧/୧୦ ଏବଂ ୧୩୨/୧୦ (ଶିବଶଙ୍କର ୫୬, ରଣଜିତ୍‌ମାଲୀ ୧୧, ଅମିତ୍‌ସିହ୍ନା ୭, ରାଜେଶ ୬/୫୫, ଦେବବ୍ରତ ପ୍ରଧାନ ୨/୩୫, ବସନ୍ତ ମହାନ୍ତି ୧/୨୪)।
ଓଡ଼ିଶା– ୨୪୦/୧୦ ଏବଂ ୧୬/୧, ୩.୩ ଓଭର (ଅନୁରାଗ ୫, ପୋଦ୍ଦାର ୯*, ଧୂପର ୦*, ମୁକ୍ତାର ହୁସେନ-୧/୨)।

ଅଷ୍ଟ୍ରେଲିଆ ଦଳରେ ହାରିସ, ଟ୍ରେମେନ ନୂଆ ମୁହଁ

ମେଲବୋର୍ନ, ୨୨।୧୧(ପି.ଟି.)

ଭ୍ରମଣକାରୀ ଭାରତ ବିପକ୍ଷ ଆଗାମୀ ଟେଷ୍ଟ ସିରିଜର ପ୍ରଥମ ଦୁଇମ୍ୟାଚ୍ ଲାଗି ଗୁରୁବାର ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଭିକ୍ଟୋରିଆ ଓପନର୍ ମାର୍କସ ହାରିସ ଓ ଦ୍ରୁତ ବୋଲର କ୍ରିସ୍ ଟ୍ରେମେନ ଦୁଇ ନୂଆମୁହଁ ଭାବେ ୧୪ ଜଣିଆ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି। ଘରୋଇ କ୍ରିକେଟରେ ହାରିସ ୮୭.୫୦ ଆଭରେଜରେ ୪୩୭ ରନ କରିଥିବାବେଳେ ଟ୍ରେମେନ ୨୪ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ସେହିଭଳି ଅଭିଜ୍ଞ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଉସମାନ ଖାୱାଜା ସୁସ୍ଥ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଟିମ୍ ପାଇନ୍‌ଙ୍କ ଦଳ ପାଇଁ ଖୁସି ଖବର। ଜୋଶ୍ ହାଜେଲଉଡ୍ ଓ ମିଚେଲ ମାର୍ଶ ମିଳିତଭାବେ ପୂର୍ବଭଳି ଉପ-ଅଧିନାୟକ ଦାୟିତ୍ୱ ତୁଲାଇବେ। ଚଳିତବର୍ଷ ପ୍ରାରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହୋଇଥିବା ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲା ପରେ ଉଭୟ ହାଜେଲଉଡ୍ ଓ ମାର୍ଶଙ୍କୁ ଯୁଗ୍ମଭାବେ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଅନ୍ୟତମ ବ୍ୟାଟ୍ସମ୍ୟାନ ପିଟର ହ୍ୟାଣ୍ଡସ୍‌କମ୍ବ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ୟୁଏଇରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜରେ ସ୍ଥାନ ପାଇ ନ ଥିବା ହ୍ୟାଣ୍ଡସ୍‌କମ୍ବ ଘରୋଇ କ୍ରିକେଟରେ ପ୍ରଭାବୀ ପ୍ରଦର୍ଶନ କରି ପୁଣିଥରେ ଟେଷ୍ଟ ଦଳକୁ ଫେରିଛନ୍ତି।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ଟି ଟେଷ୍ଟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ମ୍ୟାଚ୍ ଡିସେମ୍ବର ୬ରୁ ଆଡିଲେଡ୍‌ରେ ଆରମ୍ଭ ହେବ। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଚାଲିଛି।

ଭାରତ ବିପକ୍ଷ ଟେଷ୍ଟ ସିରିଜ

ପ୍ରଥମ ୨ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ– ଟିମ୍ ପାଇନ୍ (ଅଧିନାୟକ ଓ ଉଇକେଟ୍‌କିପର), ଆରୋନ୍ ଫିଞ୍ଚ, ପ୍ୟାଟ୍ କୁମିନ୍ସ, ପିଟର ହ୍ୟାଣ୍ଡସ୍‌କମ୍ବ, ମାର୍କସ ହାରିସ, ଜୋଶ୍ ହାଜେଲଉଡ୍ ଓ ମିଚେଲ ମାର୍ଶ (ଉଭୟ ଉପ-ଅଧିନାୟକ), ଟ୍ରାଭିସ ହେଡ୍, ଉସମାନ ଖାୱାଜା, ନାଥନ ଲିୟନ, ଶନ୍ ମାର୍ଶ, ମିଚେଲ ଷ୍ଟାର୍କ, କ୍ରିସ୍ ଟ୍ରେମେନ ଓ ପିଟର ସିଡ୍‌ଲୀ।

ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ମେରୀ କମ୍

ନୂଆଦିଲ୍ଲୀ, ୨୨।୧୧(ପି.ଟି.)

କିମ୍ବଦନ୍ତୀ ଭାରତୀୟ ବକ୍ସର ଏମ୍.ସି. ମେରୀ କମ୍ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ୪୮ କିଗ୍ରା ବର୍ଗର ସେମିଫାଇନାଲ ମୁକାବିଲାରେ ୩୫ ବର୍ଷୀୟା ମେରୀ କମ୍ ଉତ୍ତର କୋରିଆର କିମ୍ ହ୍ୟାଙ୍ଗ୍ ମି'ଙ୍କୁ ପରାସ୍ତ କରି ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଫାଇନାଲରେ ମେରୀ କମ୍‌ଙ୍କ ମୁକାବିଲା ଶନିବାର ୟୁକ୍ରେନର ହନ୍ନା ଓଖୋଟାଙ୍କୁ ଭେଟିବେ। ପୂର୍ବରୁ ସେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୫ଥର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମେରୀ କମ୍ ଏଥିସହ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଇତିହାସର ଶ୍ରେଷ୍ଠ ବକ୍ସର ହେବାର କୃତିତ୍ୱ ହାସଲ କରିଛନ୍ତି। ଆୟର୍ଲାଣ୍ଡର କିମ୍ବଦନ୍ତୀ ବକ୍ସର କେଟୀ ଟେଲର (୫ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ) ଓ ମେରୀ କମ୍ (୫ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ) ଉଭୟ ୬ଟି ଲେଖାଏ ପଦକ ଜିତି ଏହି ସମ୍ମାନଜନକ ପ୍ରତିଯୋଗିତାରେ ମିଳିତଭାବେ ଶ୍ରେଷ୍ଠ ବକ୍ସର ବିବେଚିତ ହେଉଥିଲେ। କିନ୍ତୁ ମେରୀ କମ୍ ଏବେ ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିବା ସହ ତାଙ୍କୁ ପଛରେ ପକାଇ ଦେଇଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ

ସଂକ୍ଷେପରେ

ବେଆଇନ ଗାର୍ମେଣ୍ଟ ଚାଲାଣ
ସେଲ୍ସଟ୍ୟାକ୍ସ ବିଭାଗର ଚଢ଼ାଉ, ୬ ଲକ୍ଷ ଜରିମାନା ଆଦାୟ

ଯାଜପୁର ଅଫିସ,୨୨।୧୧: ଯାଜପୁରରୋଡ ସେଲଟ୍ୟାକ୍ସ ଇନ୍‌ଟେଲିଜେନ୍ସ ବିଭାଗ ପକ୍ଷରୁ ବୁଧବାର ରାତିରେ ଜହ୍ନାଛକ ନିକଟରେ ଚଢ଼ାଉ କରି ୨ଟି ୬ ଚକିଆ ଗାଡିରେ ପରିବହନ ହେଉଥିବା ବେଆଇନ ଗାରମେଣ୍ଟ ଜବତ ହୋଇଛି। ଏଥିରେ ୬ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ ଯେ, ଡବ୍ଲ୍ୟୁ୧୧ସି ୬୫୩୪ ଓ ଡବ୍ଲ୍ୟୁ୧୧ଡି ୪୬୬୬ ନମ୍ବର ବିଶିଷ୍ଟ ୨ଟି ଟ୍ରକରେ କଲିକତାରୁ ଯାଜପୁରରୋଡକୁ ବିଭିନ୍ନ ଗାର୍‌ମେଣ୍ଟ ପରିବହନ ହେଉଥିଲା। ବିଭାଗୀୟ ଜିଏସ୍‌ଟି ଅଫିସର ମନ୍ମଥ ପ୍ରଧାନ, ଆସିଷ୍ଟାଣ୍ଟ ସିଟିଓ ସାରଦା ମହାନ୍ତି, ଶିବଶଙ୍କର ବାରିକ, ସୁଶାନ୍ତ ନନ୍ଦ ପ୍ରମୁଖ ଗାରମେଣ୍ଟ ଉପରେ ତଦନ୍ତ କରିବା ପରେ କାଗଜପତ୍ର ନ ଥିବା ଜଣାପଡିଥିଲା।

ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକ

ଯାଜପୁର ଅଫିସ,୨୨।୧୧: ବର୍ଷିୟାନ ନେତା, ପୂର୍ବତନ ରାଜ୍ୟ ସଭା ସଦସ୍ୟ, କୁଟନୀତିଜ୍ଞ ଓ ଭାଷା ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାର ବୈଷ୍ଣବ ପରିଡାଙ୍କ ବିୟୋଗରେ ଜିଲାପାଳ ରଞ୍ଜନ କୁମାର ଦାସ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଶୋକବ୍ୟକ୍ତ କରିଛନ୍ତି। ଏହାସହ ଯାଜପୁର ଏମ୍‌ପି ରୀତା ତରାଇ, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ପ୍ରଣବବଲୱନ୍ତ ରାୟ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ଭାଜପା ଜିଲା ସଭାପତି ଗୌତମ ରାୟ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଆଲେକଜାଣ୍ଡାର ଦାସ, କଂଗ୍ରେସ ଜିଲା ସଭାନେତ୍ରୀ ଆରତି ସ୍ୱାଇଁ, ଆମ ଓଡିଆ ସଚିବ ଘନ ପରିଡା ପ୍ରମୁଖ ଯାଜପୁର ଜିଲା ଶ୍ରୀରାମପୁର ନିବାସୀ ସ୍ୱର୍ଗତ ପରିଡା ଜଣେ ବାଗ୍ମୀ, ସ୍ପଷ୍ଟବାଦୀ ଓ ଧୂରୀଣ ରାଜନୈତିକ ବ୍ୟକ୍ତି ଭାବେ ସମସ୍ତଙ୍କ ନିକଟରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଅର୍ପଣ କରିଛନ୍ତି।

ବଳାତ୍କାର ଅଭିଯୋଗ: ଜଣେ କୋର୍ଟ ଚାଲାଣ

କୋରେଇ,୨୨।୧୧(ସ୍ୱ.ପ୍ର.): ବଳାତ୍କାର ଅଭିଯୋଗରେ କୋରେଇ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଧନେଶ୍ୱର ଗ୍ରାମର ମନ୍ମଥ ମଳିକ(୨୫)। ପ୍ରକାଶ ଯେ, ଗତ ୧୮ ତାରିଖରେ କୋରେଇ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ମନ୍ମଥ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୨୩୭/୧୮) ରୁଜୁ କରିଛି। ହେଲେ ମନ୍ମଥ ବଳାତ୍କାର ଅଭିଯୋଗକୁ ମିଥ୍ୟା କହିବା ସହ ମହିଳା ଜଣକ ତାଙ୍କୁ ଘରକୁ ଡାକିଥିବା କହିଥିଲେ।

ପ୍ରାଥମିକ ବୃତ୍ତି ପରୀକ୍ଷାଫଳ ପ୍ରକାଶିତ

ବରା,୨୨।୧୧(ସ୍ୱ.ପ୍ର.): ବରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରାଥମିକ ବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି। ୨୦୧୮ ଶିକ୍ଷା ବର୍ଷର ୩ୟ ଓ ୫ମ ଶ୍ରେଣୀରେ ମୋଟ ୧୪ ଜଣ ଛାତ୍ରୀଛାତ୍ର ବୃତ୍ତି ପାଇବେ ବୋଲି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ବୃତ୍ତିଧାରୀ ଓ ଅବିଭାବକଙ୍କ ଅବଗତି ନିମନ୍ତେ ପ୍ରଧାନଶିକ୍ଷକଙ୍କ ଜରିଆରେ ବ୍ୟାଙ୍କରେ ଜମାଖାତା ଖୋଲିବା ପାଇଁ ଜଣାଇ ଦିଆଯାଇଛି।

ଛୋଟ ପିଲାଙ୍କୁ ପୋଷାକ ବଣ୍ଟନ

ଯାଜପୁରରୋଡ, ୨୨।୧୧(ନି.ପ୍ର.): ବ୍ୟାସନଗର ପୌର ପରିଷଦର ଜଗନ୍ନାଥ ସାହିରେ ଗୁରୁବାର ଜଗନ୍ନାଥ ସେବା ସମିତି ପକ୍ଷରୁ ଛୋଟ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଚନ୍ଦ୍ର ପ୍ରକାଶ ଜେନା, ଶକ୍ତି କୁମାର ମହାନ୍ତି, ପ୍ରକାଶ ମିଶ୍ର, ଅବିନାଶ ଖମ୍ବାର, ବିନୋଦ ସେଠୀ, ରାମ କୁମାର ରାୟ, ସୁନିଲ କୁମାର ପାତ୍ର, ହିମାଂଶୁ ନାୟକ, ରାଜେଶ ରାଉତ, ଅଜିତ ରାଉତ, ସେକ୍ ନଇମ ପ୍ରମୁଖ ଯୋଗଦେଇ ପୋଷାକ ବିତରଣ କରିଥିଲେ । ଏହି ଜଗନ୍ନାଥ ସମିତି ଅନାଥ ଶିଶୁଙ୍କୁ ଥଇଥାନ କରିବା ସହ ଗରିବ ଶିଶୁଙ୍କୁ ସହାୟତା ଯୋଗାଉଛି ।

■ ଏନ୍‌ଜିଟି ନିର୍ଦ୍ଦେଶକୁ ଅବମାନନା
ରାଣୀବନ୍ଧ ଏମଆଇପି ପୋଡି କ୍ରଶର ପାଇଁ ରାସ୍ତା

ଯାଜପୁର ଅଫିସ,୨୨।୧୧

■ଚାଷୀଙ୍କ ପେଟରେ ଲାତ, ଆର୍‌ଡିସିଙ୍କ ହ୍ୱାରସ୍ତ
■ସରକାରୀ ଜମିରେ ଦିଲୀପ ବିଲ୍‌କନ କ୍ରଶର ନିର୍ମାଣାଧୀନ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ମହିଶରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଣୀବନ୍ଧ ଓ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଏମ୍‌ଆଇପି) ପୋଡି ସେଠାରେ କ୍ରଶର ପାଇଁ ରାସ୍ତା ନିର୍ମାଣ ହେଉଛି। ଡଙ୍କାରୀ ମୌଜାରେ ବେଆଇନ କଳାପଥର ଖାଦାନ ଓ ଚାଲାଣକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଓ ସୁପ୍ରିମ କୋର୍ଟରେ ମାମଲା ବିଚାରାଧିନ ରହିଛି। ଏହାସତ୍ତ୍ୱେ ଦିଲୀପ ବିଲ୍‌କନ ନାମକ ଏକ କମ୍ପାନୀ ସେଠାରେ ଏକ ଅତ୍ୟାଧୁନିକ କ୍ରଶର ନିର୍ମାଣ ଚଳାଇଛି। ଜଣେ ଶାସକ ଦଳର ଜିଲା ପରିଷଦ ସଭ୍ୟ ତାଙ୍କ ପଟ୍ଟାଜମି ୧.୫୬ଏକର ଓ ୪.୩୬ଏକର ସରକାରୀ ଜମି ଏହି କ୍ରଶର ପାଇଁ ଲିଜ୍ ସୂତ୍ରରେ ଦେଇଥିବା ସୂଚନା ମିଳିଛି। ଏହାବାଦ ରାହାଡ଼ପୁରର ୪ଟି ପଥର ଖାଦାନ ଲିଜ୍ ଦିଆଯାଇଥିଲେ ମଧ୍ୟ ଇଜିଲାଦାରମାନେ ଲିଜ୍ ବାହାରୁ ପଥର ଖାଦାନରୁ ବେଆଇନ ପଥର ବାହାର କରି ଶହଶହ ଟ୍ରିପ୍ ଚୋରା ଚାଲାଣ କରୁଛନ୍ତି। ଉକ୍ତ ହାଇୱେ କ୍ୱାରୀ ନମ୍ବର ୧, ୭ ଓ ୯ ଲିଜ୍ ବାତିଲ ହୋଇଥିଲେ ମଧ୍ୟ ଦୈନିକ ଶହଶହ ଟ୍ରିପ୍ କଳାପଥର ଚୋରାଚାଲାଣ ହେଉଛି। ଏଥିରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱହାନୀ ହେବା ସହ ରାଣୀବନ୍ଧ ଓ ପାଇକରାପୁର ଏମ୍‌ଆଇପି କ୍ଷତିଗ୍ରସ୍ତ ହେବାର ସମ୍ଭାବନା ପୁଣି ସୃଷ୍ଟି କରିଛି।

ପାଇକରାପୁର ଏମ୍‌ଆଇପିରେ ୨୦୧୪ ରୁ ୨୦୧୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କୌଣସି ଅନୁଦାନ ମିଳିନାହିଁ କିମ୍ବା ମରାମତି କାର୍ଯ୍ୟ ହୋଇପାରି ନାହିଁ। ୨୦୧୭-୧୮ ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ୮ଲକ୍ଷ ଟଙ୍କା ଅନୁଦାନ ଆସିଛି। ରାଣୀବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦୧୫-୧୬ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ କେନାଲ କଂକ୍ରିଟକରଣ ପାଇଁ ୨ଟି ପର୍ଯ୍ୟାୟରେ ଅନୁଦାନ ମିଳିଛି। ଗୋଟିଏରେ ୨ଲକ୍ଷ ୯୧ହଜାର ୧୭୯ଟଙ୍କା ଏବଂ ଅନ୍ୟଟିରେ ୨ଲକ୍ଷ ୭ହଜାର ୮୩୩ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ୯ଲକ୍ଷ ୨୯ହଜାର ଟଙ୍କା ଅନୁଦାନ ମିଳିଛି। ରାଣୀବନ୍ଧ ପ୍ରକଳ୍ପ ପାଣିରେ ରମ୍ଭେଇ, କାଦୁଅମାଗୁର ଆଦି ଗ୍ରାମର ପ୍ରାୟ ୪୮ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି। କିନ୍ତୁ ଡଙ୍କାରୀ ପାହାଡ଼ରେ କଳାପଥର ଖନନ ଆରମ୍ଭ ପରେ ଜଳସେଚନ ଠପ୍ ହୋଇ ଯାଇଛି। ପାହାଡ଼ର ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବର୍ଷା ପାଣି ଠିକ ଭାବେ ପାଦଦେଶକୁ ଆସିପାରୁ ନାହିଁ। ପାହାଡ଼ରୁ ଝରୁଥିବା ରତୁଭିତ୍ତିକ ଝରଣା ମଧ୍ୟ ଏଠାରେ ବନ୍ଦ ହୋଇ ଯାଇଛି। ଯଦ୍ୱାରା ରାଣୀବନ୍ଧ ଡ୍ୟାମରେ ଜଳ ସଂରକ୍ଷିତ ହୋଇ ନ ପାରି ଚାଷୀଙ୍କ ଆଶା ମଉଳି ଯାଇଛି। ଅନୁରୂପ ଭାବେ ପାଇକରା ଏମ୍‌ଆଇପି ଜରିଆରେ ୪୧ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ପରିକଳ୍ପନା କରାଯାଇଥିଲା। କିନ୍ତୁ କଳାପଥର ଖାଦାନର ପଥର ଗୁଣ୍ଡ ଯୋଗୁ ଏହି ଡ୍ୟାମ୍ ମଧ୍ୟ ତାର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା ୮୨/୩୧।୧।୨୦୧୮ରେ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ପ୍ରକଳ୍ପର ପାଣି ଉପରେ ନିର୍ଭର କରି ଚାଷ କରୁଥିବା ପ୍ରାୟ ୧୦ହଜାର ଚାଷୀଙ୍କ ପାଇଁ ଅକାଳ ପଡ଼ିଯାଇଛି। ଏବେ ରାଣୀବନ୍ଧ ନିକଟରେ ପୁଣି ଦିଲୀପ ବିଲ୍‌କନ ନାମକ ଏକ କମ୍ପାନୀ ବୃହତ କ୍ରଶର ସ୍ଥାପନ କରିବାକୁ ଯାଉଛି। ସେଠାରେ ଏକାଧିକ ହୋମ୍‌ପାଇପ ରଖି ରାଣୀବନ୍ଧ ଉପରେ ରାସ୍ତା ନିର୍ମାଣ କରି ବ୍ୟବସାୟ ଚଳାଇଛି। ଏହିମର୍ମରେ ମହିଶରା ଓ ସମ୍ପାରୁ ଗ୍ରାମ ପଞ୍ଚାୟତର ଜନସାଧାରଣ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏସଂକ୍ରାନ୍ତରେ ଏମ୍‌ଆଇପିର ଏସ୍‌ଡିଓ ପ୍ରଦ୍ୟୁମ୍ନ କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ରାଣୀବନ୍ଧ ଭିତରେ ରାସ୍ତା ନିର୍ମାଣ ସମ୍ପର୍କରେ ନଜରକୁ ଆସିନାହିଁ । ଆସନ୍ତାକାଲି ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ଖଣି ସୁରକ୍ଷା ସପ୍ତାହ ପାଳିତ

କାଳିଆପାଣି, ୨୨।୧୧(ଡି.ଏନ୍.ଏ.)

ଇମ୍ପା କମ୍ପାନୀ ପକ୍ଷରୁ ଗୁରୁବାର ସୁକିନ୍ଦା ଖଣିରେ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ଖଣିର ପରିଚାଳକ ବିକାଶ ମହାନ୍ତିଙ୍କ ନେତୃତ୍ୱରେ ଓଡ଼ିଶା ଖଣି ନିଗମ ଅଧୀନ ଦୈତାରୀ ଖଣିର ସୁଭ୍ରକାନ୍ତ ଜେନା, ଉତ୍କଳ ଆଲୁମିନାର ଫଇକତ ସରକାର ପ୍ରମୁଖ ଇମ୍ପାର ସୁକିନ୍ଦା ଖଣି ପରିଦର୍ଶନ କରିଥିଲେ। ଖଣି ଜୋନ୍ ପକ୍ଷରୁ ପ୍ରତିବର୍ଷ ୭ ଦିନ ଧରି ଖଣି ଅଞ୍ଚଳରେ ସୁରକ୍ଷା ସପ୍ତାହ ପାଳନ କରାଯାଇଥାଏ । ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ନିୟନ୍ତ୍ରଣରେ ଥିବା ପ୍ରାୟ ୩୩ଟି ଧାତବ ଖଣିର ସମସ୍ତ ଖଣିରେ ସୁରକ୍ଷା ସପ୍ତାହ ପାଳିତ ହେଉଛି। ଇମ୍ପା ଖଣି କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ସୁରକ୍ଷା ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଖଣିର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଇମ୍ପା ଖଣି ଉପସଭାପତି ସୁଧାଂଶୁ ପାଟନୀ ଉପସ୍ଥିତ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ସୁରକ୍ଷା ଉପରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ସଚେତନ ରହି କାର୍ଯ୍ୟକରିବାକୁ ଉପଦେଶ ଦେଇଥିଲେ । ବରିଷ୍ଠ ପରିଚାଳକ ମନୋଜ ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ ୧୧ ଦିନରେ ଗଣଧାରଣା
ସାମିଲ ହେଲା ବ୍ୟାସ ପ୍ରିଣ୍ଟ ମିଡିଆ, ଆଇନଜୀବୀ ସଂଘ

ଧାରଣାସ୍ଥଳରେ ବସିଥିବା ବ୍ୟାସ ପ୍ରିଣ୍ଟ ମିଡିଆ, ଆଇନଜୀବୀ ସଂଘର ସଭ୍ୟ।

କୋରେଇ,୨୨।୧୧(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଗୁରୁବାର ୧୧ ଦିନରେ ପହଞ୍ଚିଛି। ଗୁରୁବାର ବ୍ୟାସ ପ୍ରିଣ୍ଟ ମିଡିଆ ଓ ଆଇନଜୀବୀ ସଂଘ ଧାରଣାରେ ସାମିଲ ହୋଇଥିଲା। ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ ସଭାପତି ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେବଳ ମେଡିକାଲ କଲେଜ ନୁହେଁ ଯାଜପୁର ନିଆଯାଇଥିବା ଜିଲା ସଦର ମହକୁମାକୁ ବିଧାୟକମାନେ ପାଣିକୋଇଲିକୁ ଆଣି ବିଜୁବାବୁଙ୍କ ସ୍ୱପ୍ନ ସାକାର କରିବାକୁ ବକ୍ତାମାନେ କହିଥିଲେ। ପ୍ରିଣ୍ଟ ମିଡିଆ ଉପଦେଷ୍ଟା ବାବୁରାମ ଜେନା, ସମ୍ପାଦକ ଚିନ୍ତାମଣୀ ପାଢୀ, ଉପସଭାପତି ଉମାକାନ୍ତ ରାଉତ, କୋଷାଧ୍ୟକ୍ଷ ଜଗଦୀଶ ମଟାଣିଆ, ଜ୍ଞାନରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅଇନଜୀବୀ ସଂଘ ପକ୍ଷରୁ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ନାରାୟଣ ପତି, ରାମ ଚନ୍ଦ୍ର ପହୀ, ଅରୁଣ ସାହୁ, ଧନେଶ୍ୱର ସାହୁ ପ୍ରମୁଖ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ନବ ନିର୍ମାଣ କୃଷକ ସଂଘର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଯାଜପୁର ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ, ସହ ସଂଯୋଜକ ବସନ୍ତ ନାୟକ, ବ୍ଲକ ସଂଯୋଜକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବ୍ୟାସନଗର ବିଜେଡି ପକ୍ଷରୁ ଗିରିଧାରୀ ବାରିକ, ବ୍ରଜ କିଶୋର ରାଉତ, ଶିଶିର ରାଉତ, ସିପିଏମ ନେତା ପ୍ରଫୁଲ୍ଲ ନାୟକ, ଭ୍ରମରବର ରାଉତ, ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡା, ଧରଣୀଧର ଘଡାଇ, ସୁବାସ ଧଳ, ବଟକୃଷ୍ଣ ସାହୁ, କୃଷକ ନେତା ବଳରାମ ସାହୁ, ଗଣେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଏହି ଧାରଣାରେ ଯାଜପୁରର ବରପୁତ୍ର ତଥା ପୂର୍ବତନ ରାଜ୍ୟସଭା ଏମ୍‌ପି ବୈଷ୍ଣବ ପରିଡାଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ସିଜିଡି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଯାଜପୁରରୋଡ,୨୨।୧୧(ନି.ପ୍ର.)

ସ୍ଥାନୀୟ ଚୋରଦା କାଳୀ ମେଲଣ ପଡ଼ିଆରେ ଗୁରୁବାର ଅପରାହ୍ନରେ ସହରୀ ଗ୍ୟାସ୍ ବିତରଣ(ସିଜିଡି) ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଭୟ ଯାଜପୁର ଓ କେଉଁଝର ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ ବୋଲି ଭଗତ କହିଛନ୍ତି। ସେହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର, ଗ୍ୟାସ ବିତରଣ ସଂସ୍ଥା ଏବଂ ବିପିସିଏଲର ବହୁ ପଦାଧିକାରୀ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ କୋରେଇ ବିଧାୟିକା ସଞ୍ଚିତା ମହାନ୍ତି, ଜିଲା ଭାଜପା ସଭାପତି ଗୌତମ ରାୟ, ବରିଷ୍ଠ ଭାଜପା ନେତା ସୁରେନ୍ଦ୍ର ପଣ୍ଡା, ବ୍ୟାସଦେବ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ, ସଭାନେତ୍ରୀ ସବିତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ବିପିସିଏଲ କଲିକତା ଇଷ୍ଟ ଜୋନ ଏଚଆରଇ ସୁକୁମଲ ଜୈନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହରୀ ଗ୍ୟାସ ବିତରଣ ସଂସ୍ଥାର ଡିଜିଏମ ହରମିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ସେତୁ ନିର୍ମାଣ ନାମରେ କଟାଯାଉଛି ଜଙ୍ଗଲ

କାଳିଆପାଣି, ୨୨।୧୧(ଡି.ଏନ୍.ଏ.)

ବେଆଇନ ଭାବେ ଗଛ କଟାଯାଇ କ୍ୟାମ୍ପ୍ ନିର୍ମାଣ କରାଯାଇଛି।

ନଗଡା ଅଞ୍ଚଳକୁ ସଂଯୋଗୀକରଣ କରୁଥିବା ରାସ୍ତାର ମଇଁଷି ପହଁରା ନାଳ ଉପରେ ବିଜୁସେତୁ ଯୋଜନାରେ ଏକ ପୋଲ ନିର୍ମାଣ କରାଯାଉଛି। ଏ ନେଇ ଠିକାଦାର ଜଙ୍ଗଲରୁ ବେଆଇନଭାବେ ଗଛ କାଟି କ୍ୟାମ୍ପ ନିର୍ମାଣ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ୨୦୧୪ରେ ଟାଟା ଛକରୁ ଦେଓଗାଁ ରାସ୍ତାର ମଇଁଷି ପହଁରା ନାଳରେ ୨କୋଟି ୨୪ଲକ୍ଷ ଟଙ୍କା ଅଟକଳରେ ଉକ୍ତ ପୋଲ ନିର୍ମାଣ ନିମନ୍ତେ ଟେଣ୍ଡର କରାଯାଇଥିଲା। ଯାହାର କାର୍ଯ୍ୟାଦେଶ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଜନୈକ ଠିକାଦାର ଟେଣ୍ଡର ମାଧ୍ୟମରେ ପାଇଥିଲେ। କିନ୍ତୁ ଠିକାଦାର ନିଜେ ସେତୁ କାମ ନ କରି ସମ୍ପର୍କୀୟ ଯାଜପୁର ଅଞ୍ଚଳର ସୁଦୀପ୍ତ କର ନାମକ ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଦେଇଥିବା ଜଣାପଡିଛି। ସମ୍ପୃକ୍ତ ଠିକାଦାର ଗତ ବର୍ଷ ସେତୁ ନିର୍ମାଣ ସମୟରେ ବ୍ୟାପକ ଗଛ କାଟି କ୍ୟାମ୍ପ କରିବା ସହ ସେତୁ ନିର୍ମାଣ ସମୟରେ ସେଣ୍ଟ୍ରିଂ କାମ ପାଇଁ ବ୍ୟବହାର କରିଥିଲେ। ଏବେ ଠିକାଦାର ପୁନର୍ବାର ସେତୁ ନିର୍ମାଣ କାମ ଆରମ୍ଭ କରିଥିବାବେଳେ ନୂତନ କ୍ୟାମ୍ପ ନିର୍ମାଣ କରୁଥିବାରୁ ପୁଣି ଗଛ କଟା ଆରମ୍ଭ କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏ ନେଇ ବନବିଭାଗ ଅଧିକାରୀ ଗଣେଶ୍ୱର ଦାସଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ଆସି ନାହିଁ। ଅଭିଯୋଗ ଆସିଲା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଆନ୍ଦୋଳନକୁ ଓହ୍ଲାଇବ ନାଗରିକ କମିଟି

ବିଞ୍ଚାରପୁର, ୨୨।୧୧(ଡି.ଏନ୍.ଏ.)

ଏନ୍‌ଏସି ପ୍ରତିଷ୍ଠା ପ୍ରସଙ୍ଗ

ବିଞ୍ଚାରପୁର ବ୍ଲକରେ ଏନ୍‌ଏସି ପ୍ରତିଷ୍ଠା ନେଇ ଆନ୍ଦୋଳନକୁ ଓହ୍ଲାଇବ ନାଗରିକ କମିଟି । ବୁଧବାର ଅବିଭକ୍ତ ବିଞ୍ଚାରପୁର ପଞ୍ଚାୟତର ପୂର୍ବତନ ସରପଞ

ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

ସଂକ୍ଷେପରେ

ଭସାଣି ଉତ୍ସବ ପାଇଁ ପ୍ରସ୍ତୁତି

ଛତିଆ,୨୨।୧୧(ଡି.ଏନ୍.ଏ.)- ବୈରୀ ଥାନା ଅଧୀନ ବୈରୀ ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ୨୪ ତାରିଖରେ ଅନୁଷ୍ଠିତ ହେବ । ଏହି ଅବସରରେ ବୈରୀ ଥାନା ପରିସରରେ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଏବଂ ସାହି ମୁରବୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଅଧକ୍ଷତା କରିଥିଲେ। ଭସାଣି ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ରାତି ୧୦ଟା ମଧ୍ୟରେ ନିକଟସ୍ଥ କେନାଲରେ ସମସ୍ତ ମେଢ଼ ବିସର୍ଜନ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ବିଭିନ୍ନ ସାହିର ମେଢ଼ ଗୁଡିକ ମଣ୍ଡପରୁ ବାହାରି ଶୋଭାଯାତ୍ରାରେ ସାମିଲ ହେବେ। ପରେ ତରକାଇ ଠାକୁରାଣୀଙ୍କ ପାଖରେ ଏକତ୍ରିତ ହୋଇ ବିସର୍ଜନ ପାଇଁ ବାହାରିବେ।

ଯାନବାହନ ତନଖି: ୩୪,୬୫୦ ଟଙ୍କା ଜରିମାନା ଆଦାୟ

ରସୁଲପୁର,୨୨।୧୧(ଡିଏନଏ)- ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ଯାନବାହାନ ତନଖି କରାଯାଇଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଗାଡ଼ି ମୋଟର ଯାଞ୍ଚ ବେଳେ ୮୫ଟି ଗାଡ଼ିରୁ ୩୪,୬୫୦ଟଙ୍କା ଆଦାୟ କରାଯାଇଛି। ଚଣ୍ଡିଖୋଲ ମାଜିଷ୍ଟ୍ରେଟ୍‌ଙ୍କ ନେହା ଅଗ୍ରୱାଲା ଘଟଣାସ୍ଥଳରେ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟକୁ ତଦାରଖ କରିଥିଲେ। ଯାଞ୍ଚ ବେଳେ କୁଆଖିଆ ଥାନାଧିକାରୀ ଆଶିଷ କୁମାର ସାହୁ ଓ ଥାନାର ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ। ଯାଞ୍ଚ ବେଳେ ୮୫ଟି ଗାଡିର ଦରକାରୀ କାଗଜପତ୍ରରେ ତ୍ରୁଟି ଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା।

ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ

ଧର୍ମଶାଳା, ୨୨।୧୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ଝାରଶୋଳଠାରେ ସୋମବାର ଧର୍ମଶାଳା ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୧ ତମ ଜୟନ୍ତୀ ପାଳିତ ହେଇଯାଇଛି। ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ କିଷାନ ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୩ ନଂ ଜୋନ୍ ସଭାପତି ପ୍ରଫୁଲ୍ଲ କୁମାର ରାୟ, କୃଷକ ନେତା ବସନ୍ତ କୁମାର ପରିଡ଼ା, ୧୪ନଂ ଜୋନ୍ ସଭାପତି ସୁଧାକର ରାଉତ, ଦେବାଶିଷ ପରିଡ଼ା, ଅମରେନ୍ଦ୍ର ସାମଲ, ଦେବବ୍ରତ ରାୟ, ଲକ୍ଷ୍ମୀଧର ସାମଲ, ମୁରଲୀଧର ପରିଡ଼ା, ରଘୁନାଥ ଦାସ, କାଲୁଆ ରାଉତ, ଗଗନ ରାଉତ, ନକୁଳ ଜେନା, ଝୁଲାଆ ଦେଉରୀ, ସୁଲୋଚନା ଦେଉରୀ, କିରଣ ବେହେରା, ମହମ୍ମଦ ଏକବାଲ ଆଲାମ ପ୍ରମୁଖ ଯୋଗଦେଇଥିଲେ। ସାଗର ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

ପେନ୍‌ସନଧାରୀଙ୍କ ଆଲୋଚନା ସଭା

ଧର୍ମଶାଳା, ୨୨।୧୧(ଡି.ଏନ୍.ଏ.)- ୟୁକୋବ୍ୟାଙ୍କ ଶାଖା ପକ୍ଷରୁ ଗୁରୁବାର ପେନସନ୍‌ଧାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମିଳିତ ଆଲୋଚନା ସଭା ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ରାଜେଶ କୁମାର ବେହେରାଙ୍କ ସଭାପତିତ୍ୱରେ ପେନ୍‌ସନଧାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚିତ ହୋଇଯାଇଛି। ସମସ୍ୟାଗୁଡିକର ତୁରନ୍ତ ସମାଧାନ କରାଯିବ ବୋଲି ଶାଖା ପରିଚାଳକ କହିଛନ୍ତି। ବୟସ୍କ ପେନ୍‌ସନଧାରୀଙ୍କ ପାଇଁ ବ୍ୟାଙ୍କ ପରିସରରେ ବିଶ୍ରାମ ନେବା ବ୍ୟବସ୍ଥା ସହ ଅନ୍ୟାନ୍ୟ ସୁବିଧା କରାଯିବା ନେଇ ସହକାରୀ ମ୍ୟାନେଜର ଦାଶରଥୀ ଦାସ ସୂଚନା ଦେଇଛନ୍ତି।

■କଲ୍ୟାଣ ମଣ୍ଡପ ବାଉଣ୍ଡାରି ୱାଲ ଅର୍ଥ ହଡ଼ପ ଘଟଣା

ବିଧାୟିକାଙ୍କ ନିର୍ଦ୍ଦେଶ ହେଲାନି କାର୍ଯ୍ୟକାରୀ

ଦଶରଥପୁର,୨୨।୧୧(ଡିଏନ୍ଏ)

ଦଶରଥପୁର ବ୍ଲକ

- ■କାମ ହୋଇନି, ଉଠାଣ ହୋଇଛି ୧୦ଲକ୍ଷ ଟଙ୍କା
- ■ ପୂର୍ବତନ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଏତଲା ପାଇଁ ଥିଲା ନିର୍ଦ୍ଦେଶ
- ■ ୮ଦିନ ପରେ ବି ହେଲାନି ଏତଲା

ଦଶରଥପୁର ବ୍ଲକରେ ଗତ ୧୪ତାରିଖ ବୁଧବାର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପ ବାଉଣ୍ଡାରି ୱାଲ ଅର୍ଥ ହଡ଼ପ ହୋଇଥିବା ପ୍ରସଙ୍ଗ ଉପରେ ଜୋରଦାର ଆଲୋଚନା କରାଯାଇଥିଲା। ଉକ୍ତ ଅର୍ଥ ହଡ଼ପ ଘଟଣାରେ ଥାଳକୁଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଏତଲା କରିବାକୁ ବିଧାୟିକା ପ୍ରମିଳା ମଲ୍ଲିକ ବୈଠକରେ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ସେମାନଙ୍କ ନାମରେ ୭ଦିନ ମଧ୍ୟରେ ଏତଲା କରିବାକୁ ବୈଠକରେ ପ୍ରକାଶ କରିଥିଲେ। ମାତ୍ର ଏହି ବୈଠକକୁ ୮ଦିନ ବିତିଯାଇଥିଲେ ମଧ୍ୟ ବିଡିଓ ଏଯାବତ୍ ସେମାନଙ୍କ ନାମରେ ଏତଲା କରି ନାହାନ୍ତି। ଯାହାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ବିଡିଓ ବିଧାୟିକାଙ୍କ ନିର୍ଦ୍ଦେଶକୁ ବେଖାତିର କରିଥିବା ଚର୍ଚ୍ଚା ହେଉଛି। ସୂଚନା ଯେ, ୨୦୦୪ ଜାନୁୟାରୀ ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଥାଳକୁଡିଠାରେ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହାପରେ ପର୍ଯ୍ୟାୟ କ୍ରମେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇସାରିଥିବା ବେଳେ ୨୦୧୬-୧୭ ଆର୍ଥିକ ବର୍ଷରେ ଉକ୍ତ ମଣ୍ଡପର ଚତୁଃପାର୍ଶ୍ୱ ବାଉଣ୍ଡାରୀ ୱାଲ ହେବା ଲାଗି ଟିଏଫ୍‌ସି/ଏସ୍‌ଏଫ୍‌ସି ଷ୍ଟେଟ୍ ଫାଇନାନ୍ସ କମିଶନ ଓ ସେଣ୍ଟ୍ରାଲ ଫାଇନାନ୍ସ କମିଶନ ପକ୍ଷରୁ ପଞ୍ଚାୟତ ଆକାଉଣ୍ଟକୁ ୧୦ଲକ୍ଷ ଟଙ୍କା ଆସିଥିଲା। ତେବେ ଏହି ଅର୍ଥରେ ମଣ୍ଡପଠାରେ ବାଉଣ୍ଡାରି ୱାଲ ପାଇଁ ଇଟା ଖଣ୍ଡିଏ ଯୋଡାଯାଇ ନ ଥିବା ବେଳେ ବ୍ୟାଙ୍କ ଆକାଉଣ୍ଟରୁ ୧୦ଲକ୍ଷ ଟଙ୍କା ଉଠାଣ ହୋଇସାରିଛି। ଯାହାକୁ ନେଇ ୧୪ତାରିଖ ପଞ୍ଚାୟତ ସମିତି ବୈଠକରେ ତୁମ୍ବିତୋଫାନ ହୋଇଥିଲା। ଏହି ଘଟଣାରେ ବିଧାୟିକା ପ୍ରତିକ୍ରିୟା ବ୍ୟକ୍ତ କରି ଉକ୍ତ ସମୟର ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଏତଲା କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ବିଡିଓ ଏତଲା ନ କଲେ ତାଙ୍କ ବିରୋଧରେ ବିଧାୟିକା ବିଭାଗୀୟ ସଚିବଙ୍କ ନିକଟରେ ଅଭିଯୋଗ କରିବାକୁ ବୈଠକରେ ପ୍ରକାଶ କରିଥିଲେ। ମାତ୍ର ୮ ଦିନ ପରେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପଛରେ କେଉଁ ରହସ୍ୟ ରହିଛି ସେ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ଉକ୍ତ ସମୟର ସରପଞ୍ଚଙ୍କୁ ପଚାରିବାରେ, ସମସ୍ତ ଟଙ୍କା ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହୋଇଛି। କେବଳ ଏତଲା କାହିଁକି, ସବୁ ପ୍ରକାରର ତଦନ୍ତକୁ ସେ ପୂର୍ଣ୍ଣ ସ୍ୱାଗତ କରୁଛନ୍ତି। ତାଙ୍କୁ ବଦନାମ କରାଯିବାକୁ ଏଭଳି ଅପଚେଷ୍ଟା କରାଯାଉଥିଲେ ହେଁ ସେ ଏଥିରେ ତିଳେମାତ୍ର ବିଚଳିତ ନୁହନ୍ତି ବୋଲି କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ବିଡିଓ ନାୟକଙ୍କୁ ପଚାରିବାରେ, ବ୍ଲକରେ କାର୍ଯ୍ୟ ବ୍ୟସ୍ତ ଥିବାରୁ ଏତାଲା କରାଯାଇ ପାରି ନାହିଁ। ଖୁବ୍ ଶୀଘ୍ର କରାଯିବ ବୋଲି ପ୍ରକାଶ କରିଛନ୍ତି।

ବ୍ଲକ ଘେରାଉ ପାଇଁ ଭାଜପାର ପ୍ରସ୍ତୁତି

ପ୍ରସ୍ତୁତି ବୈଠକରେ ଉପସ୍ଥିତ ଭାଜପା କର୍ମୀ ।

ବିରଜାକ୍ଷେତ୍ର,୨୨।୧୧(ଡି.ଏନ୍.ଏ)

ଆସନ୍ତା ୨୮ତାରିଖରେ ଭାଜପା ପକ୍ଷରୁ ଯାଜପୁର ବ୍ଲକ ଘେରାଉ କରାଯିବ ବୋଲି ଜଣାପଡ଼ିଛି। ଏନେଇ ବରୁଆଁସ୍ଥିତ ଦଶହରା ପଡ଼ିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ସଭାପତି ଗୌତମ ରାୟ, ବରିଷ୍ଠ ଭାଜପା ନେତା ସୁଦୀପ୍ତ ପଣ୍ଡା, ମନ୍ମଥ ବରାଳ, ସୁରଜଲାଲ ସାମଲ, ଅଶୋକ ମହାନ୍ତି, ମହେଶ୍ୱରପୁର ସରପଞ୍ଚ ସୁରେଶ କୁମାର ରାଉତ ସମେତ ଭାଜପାର ବହୁ ଆଗଧାଡ଼ିର ନେତା ଯୋଗ ଦେଇଥିଲେ। ବିଭିନ୍ନ ପ୍ରସଙ୍ଗକୁ ନେଇ ଭାଜପା ବ୍ଲକ ଘେରାଉ କରିବ ବୋଲି ଜିଲା ସଭାପତି ରାୟ ସୂଚନା ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଯାଜପୁର ବ୍ଲକର ୨୬ଟି ପଞ୍ଚାୟତରୁ ବହୁ ଭାଜପା ଦଳୀୟ କର୍ମୀ ଯୋଗ ଦେଇଥିଲେ।

୮୦ ବର୍ଷ ଧରି ବଜାୟ ରହିଛି ବାଦୀପାଲା ପରମ୍ପରା

ଦଶରଥପୁର,୨୨।୧୧(ଡିଏନ୍ଏ)

ମଣ୍ଡପରେ ପାଲା ପରିବେଷଣ କରାଯାଉଛି ।

ଦଶରଥପୁର ବ୍ଲକ ବଉଳାଙ୍ଗ ବଜାରରେ ଶ୍ରୀଶ୍ରୀ ସତ୍ୟ ନାରାୟଣ ପାଲା କମିଟି ପକ୍ଷରୁ ପଞ୍ଚକର ପ୍ରଥମ ଦିନରୁ ବାଦି ପାଲା ଅନୁଷ୍ଠିତ ହୋଇଆସୁଛି। ୧୯୩୯ ମସିହାରେ ସ୍ଥାନୀୟ ଲୋକଙ୍କୁ ନେଇ ଗଠନ ହୋଇଥିବା ଏହି କମିଟିରେ ପର୍ଯ୍ୟାୟ କ୍ରମେ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ବଦଳି ଚାଲିଥିଲେ ମଧ୍ୟ ୮୦ବର୍ଷରେ ପଦାର୍ପଣ କରିଥିବା ଏହି ଅନୁଷ୍ଠାନ ଓଡ଼ିଆ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଥିବା ଦେଖାଯାଇଛି। ପ୍ରତିବର୍ଷ ଏଠାରେ ପଞ୍ଚକର ପ୍ରଥମ ଦିନରୁ ପ୍ରତ୍ୟେହ ରାତିରେ ପାଞ୍ଚରାତି ବ୍ୟାପି ବାଦିପାଲା ଅନୁଷ୍ଠିତ ହେଉଥିବା ବେଳେ ପାଲା ଦେଖିବାକୁ ଦୈନିକ ହଜାର ହଜାର ଦର୍ଶକଙ୍କର ଭିଡ ଲାଗିଥିବା ଦେଖିବାକୁ ମିଳିଛି। ଏଠାରେ ଚାଲିଆସୁଥିବା ଏହି ଅନୁଷ୍ଠାନ ଲାଗି ସ୍ଥାନୀୟ ଡାହାଣହତା, ଗୋପାଳପୁର, ଛତିଣା, କନିକାପଡା, ଅସନପୁର ଓ ମଙ୍ଗଳପୁର ପଞ୍ଚାୟତବାସୀ ଓ ବଉଳାଙ୍ଗ ବଜାର ସହାୟତାରେ ଏଠାରେ ପ୍ରତିବର୍ଷ ପାଲା ସଂସ୍କୃତିକୁ ବଜାୟ ରଖିବାକୁ ଚେଷ୍ଟା କରାଯାଉଛି ବୋଲି ସତ୍ୟ ନାରାୟଣ ପାଲା କମିଟି ସଭାପତି ଭାଗିରଥି ସାମଲ ଏବଂ ସମ୍ପାଦକ ଦିଲୀପ କୁମାର ସାମଲ ସୂଚନା ଦେଇଛନ୍ତି ।

ହିତାଧିକାରୀଙ୍କୁ ଭତ୍ତା, ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ

ଚଣ୍ଡିଖୋଲ,୨୨।୧୧(ଡି.ଏନ.ଏ)

ବଡଚଣା ବ୍ଲକ ଅଧୀନ ଖଇରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା ଓ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ନେତା ଗଣେଶ୍ୱର ବରାଳ ଅଧକ୍ଷତା କରିଥିଲେ। ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁମତୀ ବାସ୍କେ, ସରପଞ୍ଚ ହରପ୍ରିୟା ବରାଳ, ନିବେଦିତା ସାହୁ, ସମିତି ସଭ୍ୟା ସ୍ୱର୍ଣ୍ଣରେଖା ପୁଷ୍ଟି, ଆଦିକନ୍ଦ ଜେନା ପ୍ରମୁଖ ଯୋଗଦେଇ ପଞ୍ଚାୟତର ୩୬ ଭତ୍ତା, ୧୫୦ ସ୍ୱାସ୍ଥ୍ୟ ବୀମା କାର୍ଡ, ୪୬ ପଡିକାର୍ଡ, ୨୧କୃଷକ କାର୍ଡ ଆଦି ବଣ୍ଟନ କରିଥିଲେ। ଏତଦ୍‌ସହ ବଡ଼ଚଣା ପଞ୍ଚାୟତର ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ।

ଭାଗବତ ପରାୟଣ

ସିଂହପୁର,୨୨।୧୧(ଡି.ଏନ୍.ଏ.)

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବିଶ୍ୱାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଚକ୍ରପୁର ଗ୍ରାମରେ ମଙ୍ଗଳବାର ଭାଗବତ ପରାୟଣ ଆରମ୍ଭ ହୋଇଯାଇଛି। ଏହା ୭ ଦିନ ଧରି ଚାଲିବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଭଜନ, ଭାଗବତ ଚର୍ଚ୍ଚା, ପ୍ରବୋଚନ, ପାଲା ପରିବେଷଣ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗ୍ରାମବାସୀ ପୂଜା ପରିଚାଳନା କରୁଛନ୍ତି। ନବକିଶୋର ସାମଲ କର୍ତ୍ତାଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜକ ନରେଶ ଦାଶ, ରମେଶ ଦାଶ ଭାଗବତ ପାଠ ଓ ଚର୍ଚ୍ଚା କରୁଛନ୍ତି।

ମା' ବୁଢେଇ ପୀଠରେ ଅଷ୍ଟପ୍ରହର

ଛତିଆ,୨୨।୧୧(ଡି.ଏନ୍.ଏ.)

ପବିତ୍ର ପଞ୍ଚୁକ ଉପଲକ୍ଷେ ଛତିଆ ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମର ଗ୍ରାମଦେବତୀ ମା' ବୁଢେଇଙ୍କ ପୀଠରେ ବୁଧବାର ଅଷ୍ଟପ୍ରହର ନାମଯଜ୍ଞ ଶେଷ ହୋଇଛି। ଏହି ନାମଯଜ୍ଞ ୩ ଦିନଧରି ଚାଲିଥିଲା। ଏଥିରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ୧୦ରୁ ଊର୍ଦ୍ଧ୍ୱ ସହ ପ୍ରଭୁ କୃପା ଲାଭ କରିଥିଲେ। ସହଦେବ ବାରିକ୍ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ଛତିଆ ଅଞ୍ଚଳବାସୀ ଭକ୍ତବୃନ୍ଦ ଅଷ୍ଟପ୍ରହରରେ ସହଯୋଗ କରିଥିଲେ ।

ପୂର୍ବତନ ରାଜ୍ୟ ସଭା ସଦସ୍ୟ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ଶୋକ

ବିରଜାକ୍ଷେତ୍ର,୨୨।୧୧(ଡି.ଏନ୍.ଏ)

ଯାଜପୁର ଜିଲା କଂଗ୍ରେସ କମିଟି ତରଫରୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ବୈଷ୍ଣବ ଚରଣ ପରିଡ଼ାଙ୍କ ଆକସ୍ମିକ ବିୟୋଗରେ ଶୋକପ୍ରକାଶ କରାଯାଇଛି। ପରିଡ଼ା ଯାଜପୁର ଜିଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁରରେ ଜନ୍ମଗ୍ରହଣ କରିଥିଲେ। ସେ କମ୍ୟୁନିଷ୍ଟ ଦଳର ଜଣେ ନେତା ହିସାବରେ ପ୍ରଥମେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ଋଷିଆରେ ବହୁଦିନ ଅବସ୍ଥାନ କରିବା ଅବସରରେ ଓଡ଼ିଆ ଭାଷାରେ 'ସୋଭିଏତ୍ ଦେଶ' ନାମକ ପତ୍ରିକା ପ୍ରକାଶନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ସେ କଂଗ୍ରେସ ଦଳରେ ଯୋଗଦେଇ ରାଜ୍ୟ କଂଗ୍ରେସର ମୁଖପାତ୍ରଭାବେ ବହୁଦିନ କାର୍ଯ୍ୟ କରିଥିଲେ। ପରେ ବିଜେଡ଼ିରେ ଯୋଗଦେଇ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ଓଡ଼ିଆ ଭାଷା ସମ୍ମିଳନୀ ସଭାପତି ଭାବରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକଜୁଟ୍ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯାଜପୁରର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ସେ ଏମ୍‌ପି ପାଣ୍ଠିର ସୁବିନିଯୋଗ କରିଥିଲେ। ତାଙ୍କର ଆକସ୍ମିକ ବିୟୋଗରେ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ରାଜ୍ୟ ସମ୍ପାଦକ ଭାସ୍କର ମହାନ୍ତି, ରାଜ୍ୟ ସମ୍ପାଦକ ପଦ୍ମାକର ଗୁରୁ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ହୃଷିକେଶ ପତି, ଅବଦୁଲ ସଲିମ, ଅକ୍ଷୟ ଶତପଥି, ରାଜ୍ୟ ମହିଳା କଂଗ୍ରେସ କୋଷାଧକ୍ଷା ପ୍ରତିମା କର, ଦୁର୍ଯ୍ୟୋଧନ ବେହେରା, ଗୋବିନ୍ଦ ଚନ୍ଦ୍ର ସାହୁ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ନିକୁଞ୍ଜ ସାମଲ, ଭରତ ବେହେରା, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ବିଳାସ ରାଉତରାୟ, ବିଦ୍ୟାଧର ବାରିକ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

ଦଳିତ, ସଂଖ୍ୟାଲଘୁଙ୍କ ଅଧିକାର ସମ୍ପର୍କରେ ଆଲୋଚନାଚକ୍ର

ବରୀ,୨୨।୧୧(ସ୍ୱ.ପ୍ର.)

ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବର୍ଗର ସାମ୍ବିଧାନିକ, ସାମାଜିକ, ଆର୍ଥିକ ଓ ରାଜନୈତିକ ଅଧିକାର ସମ୍ପର୍କରେ ଆଲୋଚନାଚକ୍ର ଓ ସଚେତନତା ଜରୁରୀ ବୋଲି ବରିଷ୍ଠ କଂଗ୍ରେସ ନେତା ସନତ୍ କୁମାର ଜେନା ଗୁରୁବାର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏ ନେଇ ସ୍ଥାନୀୟ ସାନ୍ତମୁଣ୍ଡସ୍ଥିତ ଧାରପୁର ସେବା ସମବାୟ ସମିତି ପରିସରରେ ଗୁରୁବାର ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଲୋକସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ହେଉଛନ୍ତି ଦଳିତ ଓ ଆଦିବାସୀ ବର୍ଗର। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ ଓ ଦିନ ମଜୁରିଆଭାବେ ଜୀବିକା ନିର୍ବାହ କରିଥାନ୍ତି। ପଛୁଆ ବର୍ଗର ସାମାଜିକ ଓ ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ରାଜ୍ୟରେ ଲୋକସଂଖ୍ୟାର ୫୪ ଭାଗ ହେଉଛନ୍ତି ପଛୁଆ ବର୍ଗ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ ସାମ୍ବିଧାନିକ ଅଧିକାର ଯଥା ଶିକ୍ଷା ଓ ଚାକିରି କ୍ଷେତ୍ରରେ ସୁଯୋଗ ମିଳିପାରୁନାହିଁ । ଏସବୁକୁ ବିଚାରକୁ ନେଇ ଆଗାମୀ ଦିନରେ ସାମ୍ବିଧାନିକ, ସାମାଜିକ, ଆର୍ଥିକ ଓ ରାଜନୈତିକ ଅଧିକାର ସମ୍ପର୍କରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କରାଯିବ ବୋଲି କୁହାଯାଇଛି। ଏ ନେଇ ସାମାଜିକ ନ୍ୟାୟ ଅଭିଯାନ ଓଡ଼ିଶା ଆବାହକ କୃଷ୍ଣଚନ୍ଦ୍ର ଶଗରିଆ ଓ ଅକ୍ଷୟ କୁମାର ମଲିକ ଦାୟିତ୍ୱରେ

ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

ସଂକ୍ଷେପରେ

ଶ୍ରୀଜଗନ୍ନାଥଙ୍କ କାଞ୍ଚି ଅଭିଯାନ ବେଶ

ଖଣ୍ଡପଡା,୨୨।୧୧(ସ୍ୱ.ପ୍ର.): ପବିତ୍ର କାର୍ତ୍ତିକମାସ ଗୁରୁବାର ଚତୁର୍ଦ୍ଦଶୀ ତିଥିରେ ଖଣ୍ଡପଡା ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ କାଞ୍ଚି ଅଭିଯାନ ବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ଏହି ବେଶ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପରେ ଠାକୁରଙ୍କ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା।

ଗୁଳିକାଣ୍ଡ ମାମଲାର ୨୧ ବର୍ଷ ପରେ ୪ ଅଭିଯୁକ୍ତ ଗିରଫ

ଓଡ଼ଗାଁ,୨୨।୧୧(ସ୍ୱ.ପ୍ର.): ଓଡଗାଁ ଥାନା ଅନ୍ତର୍ଗତ ଗିରିଡିପଲ୍ଲୀ ପଞ୍ଚାୟତର ପାଣ ଖଜୁରିଆ ଗ୍ରାମରେ ଏକ ଗୁଳିକାଣ୍ଡ ମାମଲାର ୨୧ ବର୍ଷ ପରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇଦିଆଯାଇଛି । ୧୯୯୭ ମସିହାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇ ଗୁଳିକାଣ୍ଡ ହୋଇଥିଲା । ଏହି ମାମଲାରେ ପୋଲସ ସମୁଦାୟ ୧୯ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ମାମଲାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଜିଆର କେସ ନଂ. ୩୫୦/୯୭ ଅନୁସାରେ ଗିରଫ କରି ଅଦାଲତରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ଏପରିସ୍ଥଳେ ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କ ମଧ୍ୟରୁ ଖଲିଆ ନାୟକ(୬୦), ସହରି ନାୟକ(୭୦), ସୁଦର ନାୟକ(୭୦) ଓ ଲକ୍ଷ୍ମୀଧର ନାୟକ(୪୮)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଅଭିଯୁକ୍ତଙ୍କ ଇତିମଧ୍ୟରେ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟମାନେ ଫେରାର ଥିବା ପୋଲିସ ପ୍ରକାଶ କରିଛି।

ମହିଳାଙ୍କଠାରୁ ଟଙ୍କା, ମୋବାଇଲ ଲୁଟ୍

ବୋଲଗଡ଼,୨୨।୧୧(ଡି.ଏନ.ଏ.): ବୋଲଗଡ଼ ଅଞ୍ଚଳର ଜଣେ ମହିଳାଙ୍କଠାରୁ ଟଙ୍କା ଓ ମୋବାଇଲ୍ ଲୁଟ୍ ଅଭିଯୋଗ ହୋଇଛି। ଗୁରୁବାର ଏହି ଥାନା ଅଧୀନ ରାଜସୁନାଖଳା ଗଣେଶ ବଜାରଠାରେ ଅପରାହ୍ନ ବେଳେ ୨ ଦୁର୍ବୃତ୍ତ ମହିଳାଙ୍କଠାରୁ ବ୍ୟାଗ୍ ସହ ୧୪ ହଜାର ଟଙ୍କା ଓ ଗୋଟିଏ ମୋବାଇଲକୁ ଝାମ୍ପିନେଇ ବାଇକ୍ ଯୋଗେ ଫେରାର ହୋଇଯାଇଛନ୍ତି। ଘଟଣାରୁ ପ୍ରକାଶ, ବେଗୁନିଆ ଥାନା କଣ୍ଟାବାଡ ଗ୍ରାମର କାଶୀନାଥ ପ୍ରଧାନଙ୍କ ସ୍ତ୍ରୀ ଝିନା ବେଗୁନିଆ ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ଏକ ଅଟୋରେ ରାଜସୁନାଖଳା ଗଣେଶ ବଜାରଠାରେ ଓହ୍ଲାଇଥିଲେ। ସେଠାରୁ ଝିନା ଏକ ସୁନାଗହଣା ଦୋକାନକୁ ଯିବା ରାସ୍ତାରେ ଲୁଟ୍‌ର ଶିକାର ହୋଇଥିଲେ । ଖବର ପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି ।

ନାବାଳକଙ୍କ ମୃତ୍ୟୁ ସନ୍ଦେହ ଘେରରେ

ନୟାଗଡ଼ ଅଫିସ,୨୨।୧୧: ନୟାଗଡ଼ ଜିଲା ଇଟାମାଟି ଥାନା କେନ୍ଦୁଢ଼ିପି ଗ୍ରାମରେ ଗୁରୁବାର ଜଣେ ନାବାଳକ(୧୪)ଙ୍କ ମୃତ୍ୟୁ ଘଟିଛି। ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ନାବାଳକ ନବମ ଶ୍ରେଣୀ ଛାତ୍ର ଥିଲେ। ସେ ଖଇରପଟି ରାସ୍ତା କଡ଼ରେ ଅଚେତ ଅବସ୍ଥାରେ ପଡ଼ିଥିବା ଖବର ପାଇ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳକ ଜଣଙ୍କ ଘରୁ କୌଣସି କାରଣରୁ ରାଗି କରି ଚାଲି ଆସିଥିବା ବେଳେ ସେ ବିଷ ଖାଇ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ଏ ନେଇ ଇଟାମାଟି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରକାଶ କରିଛନ୍ତି।

ବାର୍‌ହା ଉପଦ୍ରବରେ ଚାଷୀ ଆତଙ୍କିତ

ନୟାଗଡ଼ ଅଫିସ,୨୨।୧୧

ମୁଣ୍ଡଖାଳ ଦୁଣ୍ଡରେ ମାରି ଚାଷୀ ନିଜ ଜମିରେ ଧାନ ଫସଲ କରିଛନ୍ତି। ଧାନ ଏବେ ପାଚି ଆସୁଥିବା ବେଳେ ବାର୍‌ହା ଜମିରେ ପଶି ଖାଇବା ସହ ଏହାକୁ ନଷ୍ଟ କରି ଦେଉଛନ୍ତି। ଏକର କି ଦୁଇ ଏକର ନୁହେଁ ନୟାଗଡ଼ ବ୍ଲକ ଜହ୍ନିପଦା ପଞ୍ଚାୟତର ୩ଟି ଗ୍ରାମର ୬୦ ଏକରରୁ ଅଧିକ ଜମିରେ ହୋଇଥିବା ପାଚିଲା ଧାନ ଫସଲ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବନବିଭାଗଠାରେ ଅଭିଯୋଗ କଲେ ବିଭାଗୀୟ କର୍ମଚାରୀମାନେ ତାଙ୍କ କଥା କର୍ଣ୍ଣପାତ କରୁନାହାନ୍ତି। ସେହିଭଳି ପ୍ରଶାସନ ତରଫରୁ ମଧ୍ୟ କାହାର ଦେଖାନାହିଁ।

ପ୍ରକାଶ ଯେ, ଜହ୍ନିପଦା ପଞ୍ଚାୟତର ଜାମୁସାହି, କାଳିଆପଲ୍ଲୀ ଓ ଶ୍ୟାମଘନପୁର ଗ୍ରାମର ଲୋକଙ୍କ ଜମି ଶୁକରମଲ୍ଲ ପାହାଡ଼ର ପାଦଦେଶରେ ଅଛି। ଉକ୍ତ ଜମିରେ ଲୋକମାନେ ଧାନ, ମୁଗ, ବିରି ଚାଷ କରି ଗୁଜୁରାଣ ମେଣ୍ଟାନ୍ତି। ମାତ୍ର ୨ ବର୍ଷ ହେଲାଣି ଧାନ ପାଚି ଆସିଲା ବେଳକୁ ଜଙ୍ଗଲରୁ ପ୍ରାୟ ୨୦୦ ବାର୍‌ହା ଦଳ ଦଳ ହୋଇ ଆସି ଜମିରେ ପଶି ଧାନ ଫସଲକୁ ନଷ୍ଟ କରିଦେଉଛନ୍ତି। ଏହାର ପ୍ରତିକାର ପାଇଁ କିଛି ଜମିରେ ଚାଷୀମାନେ ମଞ୍ଚା କରି ବସି ବାର୍‌ହାମାନଙ୍କୁ ଜଗି ରହିଥିବା ମଧ୍ୟ ଦେଖିବାକୁ ମିଳୁଛି। ବାରହା ଘଉଡ଼ାଇବା ପାଇଁ ବାଣ, ନିଆଁଝୁଲା ଆଦି ବ୍ୟବହାର କରୁଥିଲେ ମଧ୍ୟ ବାର୍‌ହା ପୁନର୍ବାର ଆସୁଛନ୍ତି। ଚାଷୀ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆନନ୍ଦ ପ୍ରଧାନ, ପୀତବାସ ପ୍ରଧାନ, ସୁରେନ୍ଦ୍ର ବରାଡ଼, ଭାଗୀରଥି ବରାଡ଼, ବିରଞ୍ଚି ପରିଡ଼ାଙ୍କ ଭଳି ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ବାର୍‌ହା ଯାହା ଧାନ ଖାଉଛନ୍ତି ତା' ଠାରୁ ଅଧିକା ନଷ୍ଟ କରି ଦେଉଥିବା ଚାଷୀ ନୀଳକଣ୍ଠ ରାଉତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବାର୍‌ହା ମାରିଲେ ଜେଲ୍‌ଦଣ୍ଡ ପୁଣି ନ ମାରିଲେ ଧାନ ନଷ୍ଟ କରିଦେଉଛନ୍ତି। ଏପରିସ୍ଥଳେ ଚାଷୀ ବର୍ତ୍ତମାନ ନିରୁପାୟ ହୋଇଛନ୍ତି। ଚାଷୀଙ୍କ କହିବାନୁସାରେ ଜଙ୍ଗଲରୁ ସନ୍ଧ୍ୟା ସମୟରେ ବାର୍‌ହା ଦଳଦଳ ହୋଇ ଆସି ଜମିରେ ପଶି ଫସଲକୁ ନଷ୍ଟ କରି ଦେଉଛନ୍ତି। ସମିତିରୁ ଲୋନ୍ ଆଣିଥିବା ବେଳେ କିପରି ସେମାନଙ୍କ ଟଙ୍କା ପଇଠ କରିବେ ସେ ନେଇ ଚାଷୀମାନେ ଚିନ୍ତିତ ଅଛନ୍ତି। ତେଣୁ ବନବିଭାଗ ତରଫରୁ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି। ଜହ୍ନିପଦା ସରପଞ୍ଚଙ୍କ ପ୍ରତିନିଧି ଅରୁଣ ରାଉତରାୟଙ୍କ କହିବା ଅନୁଯାୟୀ ଧାନ ଫସଲ ନଷ୍ଟ କରାଯାଉଥିବା ନେଇ ବନବିଭାଗକୁ ଖବର ଦିଆଯାଉଥିଲେ ମଧ୍ୟ କେହି ଏ ଦିଗରେ ଧ୍ୟାନ ଦେଉନାହାନ୍ତି। ଏ ନେଇ ଦର୍ପନାରାୟଣପୁର ଫରେଷ୍ଟର ଲୋକମାନ ଅଲ୍ଲୀଙ୍କୁ ପଚାରିବାରୁ ସେ କୁହନ୍ତି ଆମ ପାଖରେ ଚାଷୀ ଅଭିଯୋଗ କଲେ ତଦନ୍ତ କରି କ୍ଷତିପୂରଣ ଦିଆଯିବ। ଏକର ପ୍ରତି ୮ରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଥିବା ଅଲ୍ଲୀ ସୂଚନା ଦେଇଥିଲେ।

ଚାଷୀମାନେ ଧାନ କ୍ଷେତରେ ମଞ୍ଚାରେ ଜଗି ରହିଛନ୍ତି।

- ନୟାଗଡ଼ ବ୍ଲକ ଜହ୍ନିପଦା ପଞ୍ଚାୟତର ୩ ଗ୍ରାମ
- ୬୦ ଏକରରୁ ଅଧିକ ଜମିର ଫସଲ ନଷ୍ଟ
- ଶୁଣୁନି ବନବିଭାଗ, ପହଞ୍ଚିନି ପ୍ରଶାସନ
- ପ୍ରତିକାର ପାଇଁ ମଞ୍ଚା କରି ଜଗୁଛନ୍ତି ଚାଷୀ

କୁରାଳ ଜଗୁ ରାଉତରାୟ ଫୁଟବଲ ଟୁର୍ନାମେଣ୍ଟ: ଫିରିଙ୍ଗିଆ ଚାମ୍ପିୟନ

ଓଡ଼ଗାଁ, ୨୨।୧୧(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ବ୍ଲକ କୁରାଳ ହାଇସ୍କୁଲ ଖେଳ ପଡିଆରେ ଜଗୁ ରାଉତରାୟ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଆନ୍ତଃ ଜିଲା ଜଗୁ ରାଉତରାୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଗୁରୁବାର ଫାଇନାଲ ମ୍ୟାଚରେ ଫିରିଙ୍ଗିଆ ୨-୧ ଗୋଲରେ ବାଇଗୁଣିଆକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ମ୍ୟାଚର ପ୍ରଥମାର୍ଦ୍ଧ ୫ମ ମିନିଟରେ ବାଇଗୁଣିଆର ବିଚିତ୍ର କୁମାର ନାୟକ ପ୍ରଥମେ ଫିରିଙ୍ଗିଆ ବିପକ୍ଷରେ ଗୋଲସ୍କୋର କରିଥିବା ବେଳେ ପରବର୍ତ୍ତୀ ୪ ମିନିଟରେ ଫିରିଙ୍ଗିଆର ଜୁଗଲ ଖାନ୍ ଗୋଟିଏ ଗୋଲସ୍କୋର କରି ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲେ । ହେଲେ ମ୍ୟାଚର ୨ୟାର୍ଦ୍ଧ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ୩୦ତମ ମିନିଟ୍‌ରେ ଫିରିଙ୍ଗିଆର ବିଜୟ କୁମାର ମୁଖି ବିଜୟ ସୂଚକ ଗୋଲ ଦେଇ ଦଳକୁ ୨-୧ରେ ବିଜୟୀ କରାଇଥିଲେ । ରେଫରି ମନୋରଞ୍ଜନ ଦାଶ, ଜଗନ୍ନାଥ ପରିଡା, ପ୍ରସନ୍ନ କୁମାର ପ୍ରଧାନ ଓ ସୁବାସ ଚନ୍ଦ୍ର ସାହୁ ମ୍ୟାଚ ପରିଚାଳନା କରିଥିଲେ । ଗଣେଶ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପୋଲିସ ଅଧିକାରୀ ରଜତ କୁମାର ମହାପାତ୍ର, ଅର୍ଜୁନ କୁମାର, ପ୍ରଭାତ କୁମାର ପ୍ରଧାନ ଓ କୃଷ୍ଣମୂର୍ତ୍ତି ଦୋରା ଓ ବିଜନ କୁମାର ପାଇକରାୟ ସହଯୋଗ କରିଥିଲେ । ଆସୋସିଏଶନ ସଭାପତି ତଥା ସରପଞ୍ଚ ଝିଲି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ତହସିଲଦାର ପ୍ରମୋଦ କୁମାର ନାୟକ ମୁଖ୍ୟ ଅତିଥି ଓ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ ।

ଚାମ୍ପିୟନ ଟିମ୍ ସହ ଅତିଥିମାନେ।

୨ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଗଣିଆ,୨୨।୧୧(ଡି.ଏନ.ଏ.)

ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଗଣିଆ ଥାନା ବଡଶିଲିଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ୨ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛ ପୋଡ଼ି ନଷ୍ଟ କରାଯାଇଛି। ଖଣ୍ଡପଡା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନା, ଦଶପଲ୍ଲା ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପ୍ରମୋଦ କୁମାର ଦଳବେହେରା, ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଏଏସ୍‌ଆଇ ଅମୂଲ୍ୟ କୁମାର ମହାନ୍ତି, କନଷ୍ଟେବଳ ଭାସ୍କର ପ୍ରଧାନ, ତୁଷାରକାନ୍ତି କରଣ ଓ ନଟବର ନାୟକଙ୍କ ସମେତ ଡିଭିଏଫର ୫୦ଜଣିଆ ପୋଲିସ ଟିମ୍ ଏହି ଚଢାଉରେ ସାମିଲ ଥିଲେ। ଗୁରୁବାର ସକାଳୁ ବଡଶିଲିଙ୍ଗା ପଞ୍ଚାୟତର ସେନେପେରି, ବୁରିଆପାଲ୍ଲୁ, ଡିମିରିପାଟି ଓ ଇନ୍ଦାଗାଡୁ ଗ୍ରାମର ୨ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡିକୁ ଉପାଡି ପରେ ପୋଡି ନଷ୍ଟ କରିଦେଇଥିଲେ । ନଷ୍ଟ ହୋଇଥିବା ଗଞ୍ଜେଇ ଗଛଗୁଡିକର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି । ସୂଚନାଯୋଗ୍ୟ ବଣଜଙ୍ଗଲ ଘେରା ଆଦିବାସୀ ପ୍ରବଣ ଇଲାକାରେ କେତେକ ଅସାଧୁ ବ୍ୟବସାୟୀ ନିରୀହ ଆଦିବାସୀ ଲୋକଙ୍କୁ ପ୍ରଚୁର ଅର୍ଥର ପ୍ରଲୋଭନ ଦେଖାଇ ଗଞ୍ଜେଇ ଚାଷ କରିବା ପାଇଁ ପ୍ରବର୍ତ୍ତାଇଥାନ୍ତି। ପରେ ଏହି ଗଞ୍ଜେଇ ସୀମାନ୍ତ ବୌଦ୍ଧ, ଫୁଲବାଣୀ, କଟକ ଓ ନୟାଗଡ଼ ଜିଲାର ଦଶପଲ୍ଲା ଅଞ୍ଚଳକୁ ଚୋରା ଚାଲାଣ ହୋଇଥାଏ।

ଗଞ୍ଜେଇ ଗଛଗୁଡିକୁ ପୋଡ଼ି ନଷ୍ଟ କରାଯାଉଛି।

ଖୋର୍ଦ୍ଧା ସୁପରଲିଗ୍ ଫୁଟବଲ: ଶରଧାପୁର ବିଜୟୀ

ଖୋର୍ଦ୍ଧା ଅଫିସ,୨୨।୧୧

ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଖୋର୍ଦ୍ଧା ସୁପରଲିଗ୍ ଫୁଟବଲ୍ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚରେ ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ୧-୦ ଗୋଲରେ ତରତୁଆର ରାଇଜିଂ ଷ୍ଟାରକୁ ପରାସ୍ତ କରି ବିଜୟୀ ହୋଇଛି। ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିବାବେଳେ ୨ୟାର୍ଦ୍ଧରେ ନାସିର ରହେମାନ ଏକ ଗୋଲ କରି ଶରଧାପୁର ଦଳକୁ ଅଗ୍ରଣୀ ରଖିଥିଲେ। ତରତୁଆ ଦଳ ଖେଳକୁ ବରାବର ସ୍ଥିତିକୁ ଆଣିବାକୁ ସୁଯୋଗ ପାଇଥିଲେ ମଧ୍ୟ ହାତଛଡା କରିଥିଲେ। ରବି ନାରାୟଣ ରଣା, ଅମଜାଦ୍ ଖାଁ, ଅବଦୁଲ ଅହମ୍ମଦ, ଅରୁଣ ଦାସ, ଖେଳ ପରିଚାଳନା କରିଥିଲେ ।

ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ଜଣେ ଗିରଫ

ଗଣିଆ,୨୨।୧୧(ଡି.ଏନ୍.ଏ.)

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳର ସଂରକ୍ଷିତ ଜଙ୍ଗଲରୁ ଗଛ କାଟୁଥିବାବେଳେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗୁରୁବାର ସକାଳୁ ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ବଡମୂଳ ମାଳିସାହି ଗ୍ରାମର ରବୀନ୍ଦ୍ର ରଣା (୩୨)। ମିଳିଥିବା ସୂଚନା ଅନୁଯାୟୀ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ବଡମୂଳ ପୋଢଗଡାଣି ନିକଟ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ନଂ. ୮ରେ ରବୀନ୍ଦ୍ର ଏକ କଞ୍ଚା କଂସଗଛ କାଟୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ବନରକ୍ଷୀ ଦୀପକ କୁମାର ମିଶ୍ର ଓ ପ୍ରଭାକର ସାହୁଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରବୀନ୍ଦ୍ରଙ୍କୁ ଗିରଫ କରିଥିଲେ। ସେଠାରୁ କଟା ଗଛ ସହ ରବୀନ୍ଦ୍ରଙ୍କଠାରୁ ଏକ ଟାଙ୍ଗିଆ ଜବତ କରାଯାଇଛି। ଏ ନେଇ ବନ୍ୟପ୍ରାଣୀ ବିଭାଗ ତରଫରୁ କେସ୍ ନଂ.୦୧/୨୦୧୮-୧୯ ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଦଶପଲ୍ଲା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ରବୀନ୍ଦ୍ରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗିରଫ ରବୀନ୍ଦ୍ର ।

ବଡ଼ଓଷା ପାଇଁ ଦେବାଳୟ ଉତ୍ସବମୁଖର

ବୋଲଗଡ଼,୨୨।୧୧(ଡି.ଏନ.ଏ.)

ବଡ଼ଓଷା ପର୍ବ ଅବସରରେ ବୋଲଗଡ଼ ବ୍ଲକ୍ ଅଞ୍ଚଳସ୍ଥ ଦେବାଳୟଗୁଡିକ ଉତ୍ସବ ମୁଖର ହୋଇଉଠିଛି। ଦେବଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଗୁରୁବାର ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ସମାଗମ ହୋଇଛି। ଏ ଅବସରରେ କନ୍ତାଇଲୋ, ବଡ଼କୁମାରୀ, ସାଗରଗାଁ, ଗୋବର୍ଦ୍ଧନପୁର ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ଦେବ ମନ୍ଦିର, ତାଳଡୁମ୍ବର ପଶ୍ଚିମେଶ୍ୱର ଦେବ, ରୋଳସିଂହର ସିଂଘେଶ୍ୱର ଦେବ ମନ୍ଦିର ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ସେହିପରି ବାଙ୍କୋଇ ତାରେଶ୍ୱର ଦେବ, ସମ୍ପୁର ବାଲୁଙ୍କେଶ୍ୱର ଦେବ, ଖଙ୍ଗୁରିଆ ଅମୃତେଶ୍ୱର ଦେବ, ମାଳିସାହି ଓ ଦିବ୍ୟସିଂହପୁରର ସୋମନାଥ ଦେବ, କଳାମାଟିଆର ଚନ୍ଦ୍ରଶେଖର ଦେବ, କଳାଙ୍କର ଭୁବନେଶ୍ୱର ଦେବ, ପିଟୁକୁଳିର ନୀଳକଣ୍ଠେଶ୍ୱର ଦେବ, ହାଟବସ୍ତୁର ଅମୃତେଶ୍ୱର ଦେବ, ମାଣିବନ୍ଧର ମାଣିକେଶ୍ୱର ଦେବ ଓ ଧଳାପଥରସ୍ଥିତ ଧବଳେଶ୍ୱର ଦେବ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି ।

ଶ୍ରୀଜଗନ୍ନାଥଙ୍କ ରାଜା ବେଶ

ନୟାଗଡ଼ ଅଫିସ,୨୨।୧୧

ନୟାଗଡ଼ ଜିଲା ଶରଣକୁଳସ୍ଥିତ ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ପାଞ୍ଚଦିନ ବ୍ୟାପୀ ପଞ୍ଚୁକ ଯାତ୍ରା ଚାଲୁରହିଛି। ଗୁରୁବାର ପୀଠରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରା ରାଜାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମଧ୍ୟାହ୍ନରେ ସମସ୍ତ ନୀତିକାନ୍ତିକୁ ସମାପନ କରାଯିବା ପରେ ସେବକମାନେ ତିନି ଠାକୁରଙ୍କୁ ରାଜାବେଶରେ ସୁସଜ୍ଜିତ କରିଥିଲେ। ପରେ ସନ୍ଧ୍ୟାରେ ଭକ୍ତମାନଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ଯାଇଥିଲା। ଏହି ବେଶକୁ ଦେଖିବା ପାଇଁ ଭକ୍ତଙ୍କର ସମାଗମ ହୋଇଥିଲା।

ଠାକୁରଙ୍କ ରାଜା ବେଶ।

ବୈଷ୍ଣବ ପରିଡ଼ାଙ୍କ ପରଲୋକରେ ଶୋକ

ନୟାଗଡ଼ ଅଫିସ,୨୨।୧୧

ଭାଷା ଆନ୍ଦୋଳନର ମହାନ ପୁରୋଧା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ପରିଡ଼ାଙ୍କ ମୃତ୍ୟୁରେ ନୟାଗଡ଼ ଭାଷା ଆନ୍ଦୋଳନ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ବରିଷ୍ଠ ସାହିତ୍ୟିକ, ଭାଷା ଆନ୍ଦୋଳନର ଉଦ୍ୟକ୍ତା ତଥା ଜଣେ ସମାଜବାଦୀ ଭାବେ ସ୍ୱର୍ଗତ ପରିଡ଼ା ଖୁବ୍ ଲୋକପ୍ରିୟ ଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା

ସଂକ୍ଷେପରେ

ନର୍ସଙ୍କୁ ମାଡ଼ ମାରିଲେ ଡାକ୍ତର

ଛତ୍ରପୁର,୨୨।୧୧(ଡି.ଏନ୍.ଏ.): ଗଞ୍ଜାମ ଜିଲା ଛତ୍ରପୁର ହସ୍‌ପିଟାଲର ନର୍ସ କବିତା ମାହାନ୍ତିଙ୍କୁ ଜଣେ ଡାକ୍ତର ମାଡ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଖବର ପାଇବା ପରେ ଛତ୍ରପୁର ଥାନା ଅଧିକାରୀ ପ୍ରିୟଶ ରଞ୍ଜନ ଛୋଟରାଏ ଛତ୍ରପୁର ହସ୍‌ପିଟାଲକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି। ପରେ ଡାକ୍ତରଙ୍କ ନାମରେ ନର୍ସ ଜଣକ ଛତ୍ରପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ହସ୍‌ପିଟାଲରେ ଡ୍ୟୁଟିରେ ନ ଥିବା ଜଣେ ଡାକ୍ତର ରାତିରେ ହସ୍‌ପିଟାଲକୁ ଆସିଥିଲେ। ଏହି ସମୟରେ ପ୍ରସୂତି ଗୃହରେ ଜଣେ ମହିଳାଙ୍କ ପ୍ରସବ କାର୍ଯ୍ୟରେ ନର୍ସ କବିତା ଓ ତାଙ୍କ ସହଯୋଗୀ ନର୍ସ ମମତା ବେହେରା ନିୟୋଜିତ ଥିଲେ। ଡ୍ୟୁଟିରେ ନ ଥିବା ଡାକ୍ତର ଜଣକ ଆସି କମେଣ୍ଟ ମାରିଥିଲେ। ପରେ ମହିଳାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ନର୍ସ କବିତା ପ୍ରସୂତି ଗୃହରୁ ବାହାରକୁ ଆସିଥିଲେ। ଏହାପରେ ଡାକ୍ତର ଜଣକ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ମାଡ ମାରିବାର କାରଣ ଜଣା ପଡିନାହିଁ।

ଅଟୋ ଓଲଟି ୬ ମହିଳା ଶ୍ରମିକ ଆହତ

ଭଞ୍ଜନଗର,୨୨।୧୧(ଡି.ଏନ.ଏ): ଭଞ୍ଜନଗର ଥାନା ଅନ୍ତର୍ଗତ ମାଣ୍ଡିଆଖାଇ ନିକଟରେ ଗୁରୁବାର ଅଟୋ ଓଲଟି ପଡ଼ିବାରୁ ୬ ମହିଳା ଶ୍ରମିକଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଆହତ ଶ୍ରମିକ ଭାଗ୍ୟ ନାଇକ, ଭାଗ୍ୟ ନାୟକ, ଚୁନ୍ନୁ ଗୌଡ଼, ଉର୍ମିଳା ନାୟକ, ମଙ୍ଗୁଲି ନାୟକ ଓ ପି.ନାୟକ ପ୍ରମୁଖ ଭଞ୍ଜନଗର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଶ୍ରମିକମାନେ ମାଣ୍ଡିଆଖାଇ ନିକଟରେ ହେଉଥିବା ଏକ ସେତୁ କାମକୁ ଯାଇ ସନ୍ଧ୍ୟାରେ ଅଟୋରେ ବିଞ୍ଜିରି ଫେରୁଥିଲେ। ଚାଳକ ଭାରସାମ୍ୟ ହରାଇବାରୁ ଅଟୋଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟ

ମୁଣ୍ଡମରେଇ କଲେଜ ବିଜୟୀ

ଉଗଡହଣ୍ଡି/ ପାଟପୁର,୨୨।୧୧(ଡି.ଏନ.ଏ.): ପାଟପୁର କଲେଜ ଖେଳ ପଡିଆରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟରେ ମୁଣ୍ଡମରେଇ କଲେଜ ପ୍ରତିପକ୍ଷ ଧରାକୋଟ କଲେଜକୁ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଧରାକୋଟ କଲେଜ ଟିମ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୦୫ ରନ କରିଥିଲେ। ଜବାବରେ ମୁଣ୍ଡମରେଇ ୧୨ ଓଭରରେ ୧୦୬ ରନ କରି ବିଜୟୀ ହୋଇଥିଲେ।

କିଛି ତଥ୍ୟ

ନଭେମ୍ବର ୯ ତାରିଖ ସୁଦ୍ଧା ବ୍ୟାଙ୍କଗୁଡିକର ଋଣ ପ୍ରଦାନରେ ୧୪.୮୮% ବୃଦ୍ଧି ଘଟି ୯୧.୧୧ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ସମୟରେ ଜମା ଅଭିବୃଦ୍ଧି ୯.୧୩% ସ୍ତରରେ ରହି ୧୧୮.୨୫ ଲକ୍ଷ କୋଟି ରହିଛି।

- ଆର୍‌ବିଆଇ

■ ପ୍ରାଚୀନ କଳିଙ୍ଗ ନୌ-ବାଣିଜ୍ୟର ପ୍ରତୀକ

ବିଲୁପ୍ତ ହୋଇଯାଇଛି ଗୋପାଳପୁର ପୁରାତନ ବନ୍ଦର

ବ୍ରହ୍ମପୁର ଅଫିସ,୨୨।୧୧

ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟର ପ୍ରତୀକ ଗଞ୍ଜାମ ଜିଲା ଗୋପାଳପୁର ପୁରୁଣା ବନ୍ଦର ବିଲୁପ୍ତ ହୋଇଯାଇଛି। ଶତାଧିକ ବର୍ଷ ପରେ ଅନ୍ୟତ୍ର ନିର୍ମିତ ହୋଇଛି ନୂଆ ବନ୍ଦର। ହଜିଯାଇଛି ଅତୀତର ସାଧବ ପୁଅର ଦରିଆପାରି ବେପାର। ସମୁଦ୍ର କୂଳରେ ପାଳନ କରାଯାଉଛି ପବିତ୍ର କାର୍ତ୍ତିକ ପୁର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ଗୋପାଳପୁରରେ ବନ୍ଦର ହୋଇଥିଲା। ଏହା ନୌବାଣିଜ୍ୟ ପରମ୍ପରା ସୃଷ୍ଟି କରିଥିଲା। କଳିଙ୍ଗ ସାମ୍ରାଜ୍ୟର ଓଡ଼ିଆ ସାଧବ ପୁଅମାନେ ସେଠାରୁ ଜାଭା, ସୁମାତ୍ରା, ବର୍ମା ଓ ରେଙ୍ଗୁନ ଆଦି ସ୍ଥାନକୁ ଯାଇ ବେପାର କରୁଥିଲେ। ଧନ ସମ୍ପତ୍ତି ଆଣି ଆର୍ଥିକ ସ୍ଥିତି ସମୃଦ୍ଧ କରିବାରେ ସକ୍ଷମ ହେଉଥିଲେ। ଗୋପାଳପୁର ସମୁଦ୍ର ସମେତ ଗଞ୍ଜାମ ସହରାଞ୍ଚଳରୁ ମାତ୍ର ୧ କି.ମି. ଦୂରରେ ଥିଲା ଋଷିକୂଲ୍ୟା ନଦୀ ମୁହାଣ। ତାକୁ ଗଞ୍ଜାମ ବନ୍ଦର କୁହାଯାଉଥିଲା। ସେଠାରୁ ମଧ୍ୟ ବଣିକମାନେ ନୌ-ବାଣିଜ୍ୟ ପାଇଁ ବିଦେଶକୁ ଯାଉଥିଲେ। ପାଲୁରରେ ମଧ୍ୟ ବନ୍ଦର ଥିଲା। ଦେଶର ପୂର୍ବ ଉପକୂଳବର୍ତ୍ତୀ ବନ୍ଦରଠାରୁ ଏହା ପ୍ରାଚୀନ ବନ୍ଦର ଭାବେ ଖ୍ୟାତି ଅର୍ଜନ କରିଥିଲା।

ଗଞ୍ଜାମ ଜିଲା ସୀମାନ୍ତ କଳିଙ୍ଗପାଟଣା ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ ବିମଲିପାଟଣାମ୍ ଆଦି ସ୍ଥାନରେ ମଧ୍ୟ ନୌ-ବାଣିଜ୍ୟ ପାଇଁ ବନ୍ଦର ଥିଲା ଓ ଏବେ ବି ଅଛି। ଅତୀତରେ ଗୋପାଳପୁର ବନ୍ଦର ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱୀକୃତି ପାଇଥିଲା। ସେତେବେଳେ ଗୋପାଳପୁରକୁ ମନସୁର କୋଟା କୁହାଯାଉଥିଲା ଓ ବନ୍ଦର ବେଶ ସମୃଦ୍ଧିଶାଳୀ ହୋଇପାରିଥିଲା। ଦକ୍ଷିଣାଞ୍ଚଳର ହଜାର ହଜାର ଓଡ଼ିଆ ରେଙ୍ଗୁନ ଯାଇ ବେପାର ବଣିଜ କରୁଥିବା ଐତିହାସିକ ତଥ୍ୟ ରହିଛି। ଗୋପାଳପୁର ସମୁଦ୍ର କୂଳରେ ମୂକ ସାକ୍ଷୀ ଭାବେ ଏବେ ବି ଅଛି ବତିଘର। ଗଭୀର ସମୁଦ୍ରରେ ଜାହାଜ ଯାତାୟାତ ବେଳେ ବତୀଘର ଆଲୋକ ସିଗ୍‌ନାଲ ଭାବେ କାର୍ଯ୍ୟ କରୁଥିଲା।

ଗୋପାଳପୁର ବନ୍ଦର ଲୁପ୍ତ ହୋଇଯାଇଛି। ନୌବାଣିଜ୍ୟର ପୁରାତନ ପରମ୍ପରା ହଜିଯାଇଛି। ବନ୍ଦର ଲୋପ ହେବାର ବହୁ ବର୍ଷ ପରେ ପୁଣି ବନ୍ଦର ନିର୍ମାଣ ଲାଗି

- ■ ହଜି ଯାଇଛି ସାଧବ ପୁଅର ଦରିଆପାରି ବେପାର
- ■ ଆର୍ଯ୍ୟପଲ୍ଲୀରେ ନିର୍ମିତ ହେଲା ନୂଆ ବନ୍ଦର
- ■ ସମୁଦ୍ର କୂଳରେ ପାଳନ ହେଉଛି ବୋଇତ ବନ୍ଦାଣ ଉତ୍ସବ

ସରକାରୀସ୍ତରରେ ଚିନ୍ତା କରାଗଲା। ୧୯୭୭ରେ ଓଡ଼ିଶାରେ ଜନତା ପାର୍ଟି ସରକାର ଗଠନ ହୋଇଥିଲା। ଦେଶରେ ମଧ୍ୟ ଅଣ କଂଗ୍ରେସ ସରକାର ଶାସନ କ୍ଷମତାକୁ ଆସିଥିଲା। ରାଜ୍ୟ ମନ୍ତ୍ରିମଣ୍ଡଳରେ ତତ୍କାଳୀନ ଆସିକା ବିଧାୟକ ସ୍ୱର୍ଗତ ହରିହର ସ୍ୱାଇଁ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ପଦ ପାଇଥିଲେ। ଗୋପାଳପୁର ବନ୍ଦର ପୁନରୁଦ୍ଧାର ନିମନ୍ତେ ସେ ପଦକ୍ଷେପ ନେଇଥିଲେ। ସେତେବେଳର କେନ୍ଦ୍ରମନ୍ତ୍ରୀ ଚନ୍ଦାରାମଙ୍କୁ ପ୍ରଭାବିତ କରିଥିଲେ। ତାଙ୍କୁ ଗୋପାଳପୁର ଆଣି ସମସ୍ତ ପୁରାତନ ତଥ୍ୟ ପ୍ରଦାନ କରିଥିଲେ। ଛତ୍ରପୁର ବ୍ଲକ ଆର୍ଯ୍ୟପଲୀ ନିକଟରେ କେନ୍ଦ୍ର ଆଣବିକ ଶକ୍ତି ମନ୍ତ୍ରଣାଳୟର ବିରଳ ମୃତ୍ତିକା ସଂସ୍ଥା (ଆଇଆରଇ) ପ୍ରତିଷ୍ଠା ହୋଇଥିଲା। ଉତ୍ପାଦିତ ବିରଳ କଳା ବାଲି ଦେଶ ବିଦେଶକୁ ଯାଉଥିଲା। ସେଥିପାଇଁ ଆଇଆରଇଠାରୁ ଛତ୍ରପୁର ପର୍ଯ୍ୟନ୍ତ ନ୍ୟାରୋଗଜ ରେଳପଥ ନିର୍ମିତ ହୋଇଥିଲା। ଆର୍ଯ୍ୟପଲୀରେ ନୂଆ ବନ୍ଦର ନିର୍ମାଣ କରାଯିବାର ଚୂଡ଼ାନ୍ତ ହୋଇ ନାମ ଗୋପାଳପୁର ରଖାଯିବାର ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ବଜେଟରେ ବ୍ୟୟବରାଦ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା।

ପରବର୍ତ୍ତୀ କଂଗ୍ରେସ ସରକାର ଶାସନକୁ ଆସିଥିଲା ଏବଂ ୧୯୮୦ରୁ ୮୨ ପର୍ଯ୍ୟନ୍ତ ବ୍ରହ୍ମପୁର ବିଧାୟକ ସ୍ୱର୍ଗତ କୃଷ୍ଣଚରଣ ପଟ୍ଟନାୟକଙ୍କୁ ସେହି ବିଭାଗର ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ଅଶୀ ଦଶକର ଦ୍ୱିତୀୟ ଭାଗରେ ପୁଣି କଂଗ୍ରେସ ସରକାର ଗଠନ ହୋଇ ସୋରଡ଼ା ବିଧାୟକ ସ୍ୱର୍ଗତ ଶରତ ପଣ୍ଡା ବାଣିଜ୍ୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୮୭ରେ ନୂଆ ଗୋପାଳପୁର ବନ୍ଦର ଉଦ୍‌ଘାଟିତ ହୋଇଥିଲା। ୧୯୯୮ ପର୍ଯ୍ୟନ୍ତ ବନ୍ଦରରୁ ନୌ-ବାଣିଜ୍ୟ କାରବାର ହେବା ସହ ଲାଭ ମଧ୍ୟ ହୋଇଥିଲା।

■ ମହାନଗର ପୁସ୍ତକମେଳାର ସପ୍ତମ ସନ୍ଧ୍ୟା

ଓଡ଼ିଆରେ ଭାବର ଆଦାନପ୍ରଦାନ କରିବାକୁ ଆହ୍ୱାନ

ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଅଫିସ,୨୨।୧୧

ଗଞ୍ଜାମ ଜିଲା ପୁସ୍ତକମେଳା କମିଟି ପକ୍ଷରୁ ସ୍ଥାନୀୟ ରାମଲିଙ୍ଗମ ଟ୍ୟାଙ୍କରୋଡସ୍ଥିତ ଏସ୍‌ଏସ୍‌ଭିଟି ସିନେମା ହଲ ପରିସରରେ ଚାଲିଥିବା ମହାନଗର ପୁସ୍ତକମେଳାର ସପ୍ତମ ସନ୍ଧ୍ୟା ଓଡ଼ିଆ ଭାଷା ଓ ଓଡ଼ିଆଙ୍କ ପୁରାତନ ଗାଥାକୁ ପୁନର୍ଜୀବିତ କରିଦେଇଥିଲା । ମେଳାର ସପ୍ତମ ଦିବସ ଅବସରରେ କମିଟି ପକ୍ଷରୁ ଆୟୋଜିତ 'ଓଡିଆ ଭାଷା ଓ ଓଡିଆ ସ୍ୱାଭିମାନ' ଶୀର୍ଷକ ଆଲୋଚନା ଚକ୍ରରେ ଓଡିଶା ତଥା ଓଡିଆ ଭାଷାର ପୁରାତନ ଗାଥା ପ୍ରତିଫଳିତ ହୋଇଥିଲା। ଏହି ଆଲୋଚନା ଚକ୍ରକୁ ବିଶିଷ୍ଟ ଶିକ୍ଷାବିତ ପି.ଏସ.ଏନ୍. ପାତ୍ର ଉଦ୍‌ଘାଟନ କରିଥିଲେ । ଭାଷା ଆନ୍ଦୋଳନର ଆବାହକ ଡା. ସାଗର ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷା ଆନ୍ଦୋଳନର ଅନ୍ୟତମ ଆବାହକ ପବିତ୍ର ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭାଷା ଜାତିର ସ୍ୱାଭିମାନ । ଓଡିଆଙ୍କ ସ୍ୱାଭିମାନ ନିଜ ମାତୃଭାଷାରେ ରହିଛି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଟ୍ୟକାର ମେଜର ରମାରମଣ ପାଢୀ ଓ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ଼ କୁଳମଣି ଓଝା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଓଡିଆ ଭାଷାରେ ଭାବର ଆଦାନ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। କମିଟି ସଭାପତି କବି ସୁଶାନ୍ତ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲକ୍ଷ୍ମୀନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ସନତ ପଣ୍ଡା ଧନ୍ୟବାଦ ଦେଇଥିଲେ।

ଗଞ୍ଜାମ ଖୋଖୋ ଦଳ ମନୋନୀତ

ବ୍ରହ୍ମପୁର ଅଫିସ,୨୨।୧୧

ଗଞ୍ଜାମ ଜିଲା ଖୋଖୋ ଦଳ ପାଇଁ ଖେଳାଳି ଚୟନ ଶିବିର ଗୁରୁବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ସବ୍‌ଜୁନିୟର୍ ବାଳିକା ଦଳରେ ଛତ୍ରପୁରର ମହିମା ବେହେରା ଏବଂ ଅର୍ଚ୍ଚିତା ବେହେରା ଓ ଗିରିସୋଲାର ଟି.ପୂଜା ଏବଂ କେ. ମୌନିକା ସ୍ଥାନ ପାଇଛନ୍ତି। ସବ୍‌ଜୁନିୟର୍ ବାଳକ ଦଳରେ ଗିରିସୋଲାର ଟି.ଭଗବାନ ଏବଂ ଟି. ଶଙ୍କର, ଛତ୍ରପୁରର ଜ୍ଞାନେନ୍ଦ୍ର କୁମାର ବିଷୋୟୀ, କୁକୁଡ଼ାଖଣ୍ଡିର ମଦନ ମୋହନ ଦାସ ଏବଂ ଚନ୍ଦନ ଦାସ ସାମିଲ୍ ହୋଇଛନ୍ତି। ଜୁନିୟର୍ ବାଳିକା ଦଳରେ ଗିରିସୋଲାର ଡି.ସରସ୍ୱତୀ ଏବଂ ଜି. ଇନ୍ଦୁ, କବିସୂର୍ଯ୍ୟନଗରର କାଜଲ ପ୍ରଧାନ, ପ୍ରିୟଙ୍କା ସାହୁ ଏବଂ ଚିନ୍ମୟୀ ସାହୁ ମନୋନୀତ ହୋଇଛନ୍ତି। ଜୁନିୟର୍ ବାଳକ ଦଳରେ କୁକୁଡ଼ାଖଣ୍ଡିର ଚିନ୍ମୟ ଦାସ, ଆକାଶ ହାତୀ ଏବଂ ଅନ୍ତର୍ଯାମୀ ଦାସ, ଗିରିସୋଲାର ପି.ଦିଲେଶ୍ୱର ରେଡ୍ଡୀ ଏବଂ ଆର୍. ରାଜୁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଖେଳାଳିମାନେ ଆସନ୍ତା ୨୪ତାରିଖରେ ଜଗତ୍‌ସିଂହପୁରରେ ଆୟୋଜିତ ହେବାକୁ ଥିବା ଓଡ଼ିଶା ଦଳ ପାଇଁ ଚୟନ ଶିବିରରେ ଭାଗନେବେ। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଚୟନ ଶିବିର ପରିଚାଳନା କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ପିତା ଛଣ ଗିରି ଗିରି
ସୀତାଙ୍କୁ ରାବଣ ନଉଛି ହରି
ବିଭୂତି ଭୂଷଣ କରି।

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରିନେଇଥିବା କଥା ରାମାୟଣରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ ମିଛସତ କହି ବା ପ୍ରଲୋଭିତ କରି ପରନାରୀକୁ ଅକ୍ତିଆର କରିବା ନେଇ ଚେଷ୍ଟା ଚଳାଉଥିବା କାମୁକ ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ପୂରୁବ ସଦେଇ କି;
ସଦେଇ ହାତରେ ଯାଉଁଳି ମୁଦି
ତାକୁ ମଣିଷ ଦିଶଇ କି ?

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟ ମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଂକାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ଓଇଏସ୍ ସଂଘ ଆନ୍ଦୋଳନକୁ ନେଇ ବଢୁଛି ସମର୍ଥନ

ବ୍ରହ୍ମପୁର ଅଫିସ,୨୨।୧୧: କ୍ୟାଡର୍ ନିୟମ ପ୍ରଚଳନ ଦାବିରେ ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ସଂଘ ୨୬ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି। ଏହାକୁ ବିଭିନ୍ନ ଶିକ୍ଷକ ଏବଂ କର୍ମଚାରୀଙ୍କ ସଂଘ ତରଫରୁ ସମର୍ଥନ ବଢ଼ିବାରେ ଲାଗିଛି। ଓଇଏସ୍ ସଂଘ ଆନ୍ଦୋଳନକୁ ସମର୍ଥନ ଜଣାଇଛି ଗଞ୍ଜାମ ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)। ଗୁରୁବାର ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ୧୯୭୧ରୁ ଏପର୍ଯ୍ୟନ୍ତ କ୍ୟାଡର୍ ନିୟମ ପ୍ରଚଳନ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଇନି। ଏହା ଦୁର୍ଭାଗ୍ୟଜନକ। ସରକାରଙ୍କ ସହ ବାରମ୍ବାର ଆଲୋଚନା ସତ୍ତ୍ୱେ ଏହି କ୍ୟାଡର୍ ରୁଲ୍‌ରେ ପଦୋନ୍ନତି ସମ୍ପର୍କିତ ଦାବିକୁ ଅଣଦେଖା କରାଯାଉଛି। ବର୍ତ୍ତମାନ କାର୍ଯ୍ୟବନ୍ଦ ପାଇଁ ସଂଘ ନିଷ୍ପତ୍ତି ନେଇଥିବା ବେଳେ ଓଷ୍ଟା ଏହାକୁ ସମର୍ଥନ କରୁଛି ବୋଲି ଜିଲା ସଭାପତି ହିମାଂଶୁ କୁମାର ପଟ୍ଟନାୟକ, ସମ୍ପାଦକ ବିଜୟ କୁମାର ବେହେରା, ରାଜ୍ୟ ଉପସଭାପତି ବିପ୍ରଚରଣ ଚୌଧୁରୀ, କୃଷ୍ଣ ଚନ୍ଦ୍ର ପାଢୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ୍ତ କୁମାର ପ୍ରଧାନ, ଅଶୋକ ଦଳେଇ ଏବଂ ଯୁଧିଷ୍ଠିର ପାଢୀ ପ୍ରମୁଖ ମତ ଦେଇଛନ୍ତି। ସେହିଭଳି ସଂଘ ଆନ୍ଦୋଳନକୁ ସମର୍ଥନ ଜଣାଇଛି ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ। ଗୁରୁବାର ସଂଘ ତରଫରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ଓଇଏସ୍ ଅଧିକାରୀଙ୍କ ଦାବି ଯଥାର୍ଥ। ନ୍ୟାୟୋଚିତ ସୁବିଧା, ସୁଯୋଗ ଓ ଠିକ୍ ସମୟରେ ପଦୋନ୍ନତି ପାଇଁ ସେମାନେ ଦାବି କରିଛନ୍ତି। ଏପରିକି ସେମାନେ ପଦୋନ୍ନତିନ ପାଇ ଅବସର ନେଉଛନ୍ତି। ଏଣୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ତରଫରୁ ଆନ୍ଦୋଳନକୁ ନୈତିକ ସମର୍ଥନ ଦିଆଯିବ ବୋଲି ସଭାପତି ଏ.ସନ୍ନ୍ୟାସୀ ରାଓ ଏବଂ ଜିଲା ସମ୍ପାଦକ ଲକ୍ଷ୍ମଣ କୁମାର ମଲ୍ଲିକ ଜଣାଇଛନ୍ତି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
7409203163

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ !! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋ

ସଂକ୍ଷେପରେ

ଫେରାର୍ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୨।୧୧(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମର କାଳୁ ଚଣ୍ଡଙ୍କୁ ଗୁରୁବାର କେ.ନୂଆଗାଁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ମାମଲା ନଂ.୧୪୮/୧୮ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ୯ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାଳୁ ତାଙ୍କ ପଡୋଶୀ ପ୍ରଫୁଲ ବାଡତ୍ୟାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏନେଇ ଏତଲା ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ନୂଆପଡ଼ା ପୋଲିସ ଫାଣ୍ଡି ଅଧିକାରୀ କେ. ଦଣ୍ଡପାଣି ଦୋରା ଗୁରୁବାର କାଳୁଙ୍କୁ ଗିରଫ କରିଛନ୍ତି।

୪ ପଞ୍ଚାୟତରେ ତିତ୍‌ଲି ସହାୟତା ରାଶି ବଣ୍ଟନ

ଗୋପାଳପୁର,୨୨।୧୧-ରଙ୍ଗେଇଲୁଣ୍ଡା ବ୍ଲକ ୪ ପଞ୍ଚାୟତରେ ତିତ୍‌ଲିରେ କ୍ଷତିଗ୍ରସ୍ତ ପରିବାରକୁ ଗୁରୁବାର ସହାୟତା ରାଶି ବଣ୍ଟନ କରାଯାଇଛି।। ରଣ୍ଧା ପଞ୍ଚାୟତ ପଞ୍ଚମା ଗ୍ରାମ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଏହା ବଣ୍ଟନ କରିଥିଲେ। ରଣ୍ଧା ପଞ୍ଚାୟତର ୬୩୬୩ ଲୋକଙ୍କୁ ୫୪ ଲକ୍ଷ ୯୧ ହଜାର ୫୭୫ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଗୋଳନ୍ଥରା ପଞ୍ଚାୟତରେ ୫୪୮୮ ଲୋକଙ୍କୁ ୪୮,୨୯୬୨୫ ଟଙ୍କା, କୁଠାରସିଂ ପଞ୍ଚାୟତର ୫୬୮୨ ଲୋକଙ୍କୁ ୪୮୭୩୭୨୫ ଟଙ୍କା ଓ କନିଷି ପଞ୍ଚାୟତର ୪୩୯୪ ଲୋକଙ୍କୁ ୩୭୬୫୪୦୦ ଟଙ୍କା ପ୍ରଦାନ କରାଯାଇଥିଲା । ତିତ୍‌ଲରେ ଗୃହପାଳିତ ପଶୁ ଗୋରୁ ଓ ମଇଁଷିଙ୍କ ମୃତ୍ୟୁ ଘଟିଥିଲେ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା। ଏହି ଅବସରରେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ ଦାଶ, ସିଏଚ୍ ଭରତ ପାତ୍ର, ପ୍ରକାଶ ଚନ୍ଦ୍ର ସାମନ୍ତ, ଏମ. ବାସୁଦେବ ରେଡ୍ଡୀ, ସଞ୍ଜୟ ବିଷୋୟୀ, ଅର୍ଜୁନ ଦଳେଇ, ଅଭୟ ସାହୁ, ପ୍ରତାପ ଚନ୍ଦ୍ର କୋଠିଆ, ଚିତ୍ରସେନ ଜେନା ଓ ପ୍ରକାଶ ଚନ୍ଦ୍ର ଜେନାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଚୋରା ଦେଶୀ ମଦ ଜବତ, ୨ ଗିରଫ

ଗୋପାଳପୁର,୨୨।୧୧-ଗୋଳନ୍ଥରା ପୋଲିସ ଦୁଇଟି ଗ୍ରାମରେ ଚଢ଼ାଉ କରି ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଗୁରୁବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ତୁଳୁ ଗ୍ରାମର ସୀମାଦ୍ରି ରେଡ୍ଡୀ ଓ ଢ଼େପନୂଆପଡ଼ା ଗ୍ରାମର ସୁରା ନାରାୟଣ ସାହୁ । ଗତ କିଛିଦିନ ହେଲା ତୁଳୁ ଗ୍ରାମରେ ଚୋରା ଦେଶୀ ମଦ ବିକ୍ରି ବୃଦ୍ଧି ପାଉଥିବା ବେଳେ ଗୁରୁବାର ପୂର୍ବାହ୍ନରେ ପୋଲିସ ତୁଳୁ ଓ ଢ଼େପନୂଆପଡ଼ା ଗ୍ରାମରେ ଚଢ଼ାଉ କରିଥିଲା। ସିମାଦ୍ରୀଙ୍କଠାରୁ ୭୫ ମଦ ପାଉଚ ଓ ସୁରାଙ୍କଠାରୁ ୯୮ ମଦ ପାଉଚ ଜବତ କରାଯାଇଥିଲା । ଏନେଇ ଗୋଳନ୍ଥରା ଥାନାରେ ନଂ. ୨୦୭/୧୮ ଓ ୨୦୮/୧୮ରେ ଦୁଇଟି ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଛି ।

■କୃଷି ନିର୍ଦ୍ଧାରଣ କମିଟି ବୈଠକ

ରବି ଫସଲ ପାଇଁ ପାଣି ଚିନ୍ତା

୨.୯ ଲକ୍ଷ ହେକ୍ଟରରେ ଚାଷ ଲକ୍ଷ୍ୟ

ଛତ୍ରପୁର,୨୨।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ । ଜିଲାରେ ଚଳିତବର୍ଷ ୨ ଲକ୍ଷ ୯ ହଜାର ୨୫୪ ହେକ୍ଟର ଜମିରେ ରବି ଫସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ୩,୧୯୦ ହେକ୍ଟର ଜମିରେ ଶସ୍ୟ ଜାତୀୟ, ୧ ଲକ୍ଷ ୫୭ ହଜାର ୧୬୦ ହେକ୍ଟର ଜମିରେ ଡାଲି ଜାତୀୟ, ୧୭ ହଜାର ୨୬୦ ହେକ୍ଟର ଜମିରେ ତୈଳ ଜାତୀୟ, ୨୩ ହଜାର ୭୬୯ ହେକ୍ଟର ଜମିରେ ପରିବା, ୪ ହଜାର ୭୩୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ ଏବଂ ୩ ହଜାର ୧୪୫ ହେକ୍ଟର ଜମିରେ ଆଖୁ ଚାଷ କରାଯିବା। ତେବେ ଏଥିପାଇଁ ଜଳସେଚନ ସୁବିଧା କମ୍ ଥିବା ବୈଠକରୁ ଜଣାପଡିଛି । ଜିଲାରେ ରବି ଫସଲ ପାଇଁ ୬୦ ହଜାର ୧୫୮ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି । ସେଥିମଧ୍ୟରେ ବୃହତ ଜଳସେଚନ ପ୍ରକଳ୍ପରୁ ୧୬୦୦ ହେକ୍ଟର, ମଧ୍ୟମ ସେଚ ପ୍ରକଳ୍ପରୁ ୯ହଜାର ୫୪୫ ହେକ୍ଟର, ଉଠା ସେଚ ପ୍ରକଳ୍ପରୁ ୨୧ ହଜାର ୪୭୦ ହେକ୍ଟର ଜମିକୁ ଜଳସେଚିତ କରାଯାଉଛି। ରବି ଫସଲ ପାଇଁ ଚାଷୀଙ୍କୁ ଚଳିତ ବର୍ଷ ୭ ହଜାର ୪୮୭ କୁଇଣ୍ଟାଲ ବିହନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଏଥିସହ ୧୨,୭୨୬ ମେଟ୍ରିକ ଟନ୍ ସାର ମଧ୍ୟ ବଣ୍ଟନ ପାଇଁ ଲକ୍ଷ୍ୟ ରହିଛି । ବୈଠକରେ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ବିଜୟ ଦାଶ ଓ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, କୃଷି ଉପନିର୍ଦ୍ଦେଶକ ମନୋଜ ବେହେରା, ଡିଆରସିଏସ ସୁଶାନ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ବଟେଶ୍ୱର ପୀଠ ପରିଦର୍ଶନ କଲେ ବିଧାୟକ

ବଟେଶ୍ୱର ପୀଠ ବୁଲି ଅନୁଧ୍ୟାନ କରୁଛନ୍ତି ବିଧାୟକ ।

ଗଞ୍ଜାମ,୨୨।୧୧(ଡି.ଏନ.ଏ.)

ଛତ୍ରପୁର ବିଧାୟକ ଡ଼ା. ପ୍ରିୟାଂଶୁ ପ୍ରଧାନ ଗୁରୁବାର ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ ଗ୍ରାମସ୍ଥିତ ଐତିହାସିକ ବଟେଶ୍ୱର ପୀଠ ପରିଦର୍ଶନ କରିଥିଲେ। ପୀଠର ଉନ୍ନତୀକରଣ କାର୍ଯ୍ୟ ବିଳମ୍ବ ନେଇ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ପୂର୍ବରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେଣୁ ବିଧାୟକ ପ୍ରଧାନ କମିଟି ସଭାପତି ପୀତାମ୍ବର ସ୍ୱାଇଁ ଓ ଅନ୍ୟାନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରଟି ଭଗ୍ନ ଅବସ୍ଥାରେ ଥିବା ଯୋଗୁ କେତେବେଳେ ଭୁଶୁଡ଼ିପଡ଼ିବ କହିହେବ ନାହିଁ ବୋଲି ପରିଚାଳନା କମିଟି ବିଧାୟକଙ୍କୁ ଅବଗତ କରାଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ପରଦର୍ଶନ ବେଳେ ପୂର୍ବତନ ବ୍ଲକ ଉପାଧକ୍ଷ ଆର. ଭାଗ୍ୟ ରେଡ୍ଡୀ, ବ୍ଲକ ସମ୍ପାଦକ ଉମା ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଛତ୍ରପୁରରେ ଭାଜପାର ପ୍ରତିବାଦ ସଭା

କଂସାରିଗଣ୍ଡରେ ବ୍ୟାରେଜ୍, ବ୍ରିଜ୍ ନିର୍ମାଣ ଦାବି

ପ୍ରତିବାଦ ସଭା ଚାଲିଛି।

ଛତ୍ରପୁର,୨୨।୧୧(ଡି.ଏନ.ଏ)

ଋଷିକୁଲ୍ୟା ନଦୀର କଂସାରିଗଣ୍ଡରେ ବ୍ୟାରେଜ ଓ ବ୍ରିଜ୍ ନିର୍ମାଣ କରିବାକୁ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଦାବି କରାଯାଇଛି । ଗୁରୁବାର ଗଞ୍ଜାମ ବ୍ଲକ ଅଧକ୍ଷ ତଥା ଭାଜପା ନେତା ପ୍ରଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ହୋଇଥିଲା। ସଭାରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଯୋଗଦେଇ କହିଥିଲେ ଯେ, ଋଷିକୁଲ୍ୟା ନଦୀରୁ ପଡୋଶୀ ପୁରୀ ଜିଲାକୁ ପାଣି ନିଆଯିବା ପାଇଁ ମୁଖ୍ୟମନ୍ତ୍ରୀ ମେଗା ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ କରଛନ୍ତି। ହେଲେ ଏହି ନଦୀର କଂସାରିଗଣ୍ଡ ଠାରେ ବ୍ୟାରେଜ ଓ ବ୍ରିଜ୍ ନିର୍ମାଣ କରିବା ପାଇଁ ଦୀର୍ଘ ଦିନ ହେଲା ଭାଜପା ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଋଷିକୁଲ୍ୟା ନଦୀ ଶୁଖିଲା ପଡୁଛି । ଏହାର ପ୍ରଭାବ ଚାଷ ଉପରେ ପଡିବା ସହ ପାନୀୟ ଜଳର ସମସ୍ୟା ସୃଷ୍ଟି କରିବ। ଦାବି ପୂରଣ ନ ହେଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ହରିଜନ ମୋର୍ଚ୍ଚା ସଂପାଦକ ଧରଣୀଧର ବେହେରା କହିଛନ୍ତି। ଏ ନେଇ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସମ୍ପାଦକ ବିଭୂତି ଜେନା, ଜିଲା ସମ୍ପାଦକ ଡି କାନକେୟା ରେଡ୍ଡୀ, ଜିଲାପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ଉପସଭାପତି କେ. ରଘୁନାଥ ରେଡ୍ଡୀ, ଜିଲା ହରିଜନ ମୋର୍ଚ୍ଚା ସଭାପତି ଚୈତନ୍ୟ ପ୍ରଧାନ, ମଣ୍ଡଳ ସଭାପତି ପ୍ରଦୀପ ପାଢୀ, ଛତ୍ରପୁର ଏନଏସି ଯୁବମୋର୍ଚ୍ଚା ସଭାପତି ବି ସୁରେଶ ରେଡ୍ଡୀ, ଉପସଭାପତି ବସନ୍ତ ବେହେରାଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଏବଂ ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

ବୁଗୁଡ଼ା,୨୨।୧୧(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ସରକାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ବଳଦେବ ସ୍ୱାମୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ସନ୍ତୋଷ କୁମାର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭଜରାମ ପାଢ଼ୀ ସଭାପତିତ୍ୱ କରିଥିଲେ। ସଙ୍ଗଠନର ଉଦ୍ଦେଶ୍ୟ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଶାନ୍ତ କୁମାର ସାହୁ, ଜୟଦେବ ବାଡତ୍ୟା, ପ୍ରଫୁଲ୍ଲ ଡାକୁଆ, ବାଳକୃଷ୍ଣ ନାୟକଙ୍କ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଡିସେମ୍ବର ୨ରେ ପରବର୍ତ୍ତୀ ବୈଠକ ହେବାକୁ ନିଷ୍ପତ୍ତି ହୋଇଥିଲା।

ମାଦାଗୁଡ଼ାରେ ଓଡିଶା ଭୂ-ଚେତନା ବୈଠକ

କୋଟଗଡ,୨୨।୧୧(ଡି.ଏନ୍.ଏ.)

କନ୍ଧମାଳ ଜିଲା କୋଟଗଡ ବ୍ଲକ ମାଦାଗୁଡା ଗ୍ରାମ ପଞ୍ଚାୟତରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ମାଣ ଆନ୍ତର୍ଜାତୀୟ ସଂସ୍ଥା ଇକ୍ରିସାଟ୍ ଓଡିଶା ସରକାରଙ୍କ ଆନୁକୁଲ୍ୟରେ ଏକ କ୍ଷେତ୍ର ଦିବସ ଆୟୋଜନ କରାଯାଇଥିଲା। ନିର୍ମାଣ ଅନୁଷ୍ଠାନର କାର୍ଯ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବିଷୋୟୀ, କନ୍ଧମାଳ ଜିଲାର କୃଷକ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବାରିକ, ନିର୍ମାଣ ଅନୁଷ୍ଠାନର ମିଲେଟ ମିଶନର ସଂଯୋଜକ ସତ୍ୟ ନାରାୟଣ ମଲିକ ଓ ହିରୋଜ ମହାନନ୍ଦିଆ, ଇକ୍ରିସାଟ ପ୍ରକଳ୍ପର ବୈଜ୍ଞାନିକ କପିଲ ରାଜେ ଏବଂ ଶିବବ୍ରତ ବେହେରା, କୋଟଗଡ ବ୍ଲକର ସହକାରୀ କୃଷି ଅଧିକାରୀ ବୈକୁଣ୍ଠ ଚରଣ ସାହୁ ଏବଂ କାଳୀ ଚରଣ ସାହୁ ପ୍ରମୁଖ ଉପସ୍ଥିତଥିଲେ। ମାଦାଗୁଡା ପଞ୍ଚାୟତର ୪୧ ଜଣ ଚାଷୀଙ୍କୁ ଉନ୍ନତ ମାନର ଉତ୍ପାଦନ ପାଇଁ କିଭଳି ଚାଷ କରିବା ଦରକାର ବୁଝାଇଥିଲେ। ଇକ୍ରିସାଟ୍ ପ୍ରକଳ୍ପର ସହଯୋଗରେ ନିର୍ମାଣ ଅନୁଷ୍ଠାନ ତରଫରୁ ବର୍ଣ୍ଣସେପ୍ କରିଥିବା ମାଦାଗୁଡା ଗ୍ରାମ ପଂଚାତର ବଡଗାଁ ଗ୍ରାମର ଜୁନେଓ ସୁନାମାଝୀଙ୍କ ଧାନ ଜମିରେ ଫସଲ କଟାଯାଇ ଓଜନ କରାଯାଇଥିଲା। ଏକର ପ୍ରତି ୨୦ କ୍ୱିଂଟାଲ ଧାନ ଅମଳ ହେବ ବୋଲି ଦେଖାଗଲା। କନ୍ଧମାଳ ଜିଲା ଅଞ୍ଚଳରେ ମାଟିରେ ବର୍ଣ୍ଣ ଅଭାବ ଅଛି ବୋଲି ମାଟି ପରୀକ୍ଷାରୁ ଜଣା ପଡିଥିଲା। ତେଣୁ ୨୦ ଜଣ ଚାଷୀଙ୍କ ଜମିରେ ଡ୍ରେମୋଟେସନ ପାଇଁ ବର୍ଣ୍ଣସେପ୍ କରାଯାଇଥିଲା ଯାହାର ଅମଳ ଅନ୍ୟ ଜମିଠାରୁ ଅଧିକ ହେବ ବୋଲି ଆକଳନରୁ ଜଣାପଡିଥିଲା।

ଆକ୍ରମଣ, ଗାଳିଗୁଲଜ ମାମଲା,୨ ଦୋଷୀ ସାବ୍ୟସ୍ତ

ଶେରଗଡ,୨୧।୧୧(ଡି.ଏନ୍.ଏ.)

ଶେରଗଡ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବେଦ ପ୍ରକାଶ ଦୁଇଟି ମାମଲାରେ ୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ୨ଜଣଙ୍କୁ ୩୨୩ ଧାରା ସେକ୍ସନ ୩ ପ୍ରୋବେସନ ଅଫ ଅଫେଣ୍ଡର ଆକ୍ଟର ଚେତାବନୀ ଦେଇ ଛାଡିଛନ୍ତି। ଚିକିଲି ଗ୍ରାମର ଭିକାରୀ ଗୌଡ ତାଙ୍କ ଗୁହାଳରେ କାମ କରୁଥିବାବେଳେ ଉକ୍ତ ଗ୍ରାମର ନାଲୁ ଗୌଡ ଠେଙ୍ଗାରେ ପିଟିବା ସହ ଗାଳିଗୁଲଜ କରିଥିଲେ। ଏନେଇ ଶେରଗଡ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୬୦/୨୦୧୫ରେ ଏକ ମାମଲା ରୁଜୁ କରିଥିଲା। ନାଲୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହାର ବିଚାର କରି ମଙ୍ଗଳବାର ମାଜିଷ୍ଟ୍ରେଟ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପର ବାଇସପଳ ଗ୍ରାମର ସ୍ନେହଲତା ପାଢୀଙ୍କୁ ଗୋପୀ ଗାଳିଗୁଲଜ କରିଥିବା ନେଇ ଶେରଗଡ ଥାନାରେ ନଂ.୧୬/୨୦୧୭ରେ ମାମଲା ରୁଜୁ ହୋଇଥିଲା। ବୁଧବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରକାଶ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ତଥା କ୍ୟାର୍ଡର ପିପି ସରୋଜ କୁମାର ମଲ୍ଲିକ ଓ ରାଧାକୃଷ୍ଣ ଡାକୁଆ କେସ ପରିଚାଳନା କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ବିରେନ୍ଦ୍ର ନାଥ ସାମଲ କେସ ପରିଚାଳନା କରିଥିଲେ।

ମଙ୍ଗରାଜପୁର ହାଇସ୍କୁଲ କୋଠା ଉଦ୍‌ଘାଟିତ

ହାଇସ୍କୁଲ କୋଠାକୁ ଉଦ୍‌ଘାଟନ କରୁଛନ୍ତି ବ୍ଲକ ଅଧକ୍ଷା ।

ରାମଗିରି,୨୨।୧୧(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ମଙ୍ଗରାଜପୁର ପଞ୍ଚାୟତର ସଦର ମହକୁମାସ୍ଥିତ ହାଇସ୍କୁଲର ନୂତନ କୋଠା ବ୍ଲକ ଅଧକ୍ଷା ଅମିତା ମଣ୍ଡଳଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କେ. ସପ୍ତଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଯୋଗ ଦେଇଥିବା ବେଳେ ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ ମୁଖ୍ୟବକ୍ତା ଓ ବିଇଓ ବିଶ୍ୱନାଥ ଭୂୟାଁ, ସିଆରସିସି ପ୍ରଦୀପ କୁମାର ମଣ୍ଡଳ, ବ୍ଲକ ଶିକ୍ଷକ ସଂଘ ସଭାପତି ଧନୁର୍ଦ୍ଧର ଭୂୟାଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ବଡ଼ମୁଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂସ୍କୃତ ଶିକ୍ଷକ ଦୁର୍ଗାମାଧବ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ ବୋଲି ମୁଖ୍ୟବକ୍ତା କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଉମା ମହେଶ୍ୱର ରାଓ, ଦିଲୀପ କୁମାର ବେହେରା, ସନ୍ଧ୍ୟାରାଣୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

ସର୍‌ଗିଫୁଲ, ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

କ.ନୂଆଗାଁ,୨୨।୧୧(ଡି.ଏନ.ଏ.)

ମଞ୍ଚାସୀନ ଅତିଥିମାନେ।

କ.ନୂଆଗାଁ ବ୍ଲକ କୁଡୁଡୁଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ କନ୍ଧମାଳ ପକ୍ଷରୁ ସର୍‌ଗିଫୁଲ ଉତ୍ସବ ଓ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ସଙ୍ଗୀତ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଜିଲା ମଙ୍ଗଳ ଅଧିକାରିଣୀ ଚାରୁଲତା ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣପୁର ଆଦର୍ଶ ମହାବିଦ୍ୟାଳୟ ଓଡିଆ ଅଧାପକ ରମାକାନ୍ତ ମଙ୍ଗରାଜ, ସମ୍ମାନିତ ଅତିଥି ଭାବେ କ.ନୂଆଗାଁ ବିଡିଓ ମନୋଜ କୁମାର ତ୍ରିପାଠୀ, ତହସିଲଦାର ରତିକାନ୍ତ ପଣ୍ଡା ଓ ମଣ୍ଡଳ ଶିକ୍ଷାଧିଶ ରେବତୀ ଦେଇ ପ୍ରମୁଖ ଯୋଗ ଦେଇଥିଲେ। ୧୨ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରୁ ଜଣେ ଲେଖାଏ କୃତୀ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଗଞ୍ଜାମ, ବୌଦ୍ଧ, କନ୍ଧମାଳ ଓ ସୁବର୍ଣ୍ଣପୁର ଜିଲାରୁ ୧୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲେ। ୩ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଅଧାପକ ଅଶୋକ କୁମାର ନାୟକ, ପ୍ରଭାତ କୁମାର ଆଚାର୍ଯ୍ୟ, ରଞ୍ଜନ କୁମାର ଚୌଧୁରୀ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ଉତ୍କଳ ଭାରତ ପକ୍ଷରୁ ସାଧାରଣ ସଭା

ଉପସ୍ଥିତ କାର୍ଯ୍ୟକର୍ତ୍ତାବୃନ୍ଦ।

ଦିଗପହଣ୍ଡି,୨୨।୧୧(ଡି.ଏନ.ଏ.)

ଦିଗପହଣ୍ଡି ପୁଞ୍ଜିକ

ସଂକ୍ଷେପରେ

ନୀଳମାଧବ ଜୀଉଙ୍କ ନୃସିଂହ ବେଶ

ଖଣ୍ଡପଡା,୨୨।୧୧(ସ୍ୱ.ପ୍ର.): କାର୍ତ୍ତିକ ଶୁକ୍ଳ ଚତୁଦଶୀ ତିଥିରେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କ ଗୁରୁବାର ନୃସିଂହ ବେଶ ଅନୁଷ୍ଠିତ ହୋଇଛି । କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନରେ ଠାକୁରଙ୍କ ବିଭିନ୍ନ ବେଶ ହୋଇଥାଏ। ସକାଳୁ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ତଡପଲାଗି ଓ ଅବକାଶ ନୀତି ସମ୍ପନ୍ନ ହୋଇ ସନ୍ଧ୍ୟାରେ ଠାକୁରଙ୍କୁ ନୃସିଂହ ବେଶରେ ସଜ୍ଜିତ କରାଯାଇଥିଲା । ପବିତ୍ର କାର୍ତ୍ତିକ ବ୍ରତ ଅବସରରେ ଶ୍ରୀ ନୀଳମାଧବଙ୍କୁ ଏହି ଆକର୍ଷଣୀୟ ବେଶରେ ଦର୍ଶନ କରିବାକୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା।

ସିଂହଦ୍ୱାର ବ୍ୟାରିକେଡରେ ଠେଲାପେଲା
ହବିଷିଆଳିଙ୍କ ହାତ ଭାଙ୍ଗିଲା

ପୁରୀ ଅଫିସ, ୨୨।୧୧: ବୈକୁଣ୍ଠ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ ଲାଗିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ସିଂହଦ୍ୱାର ବ୍ୟାରିକେଡରେ ଭକ୍ତ ଭିଡ ଲଗାଇଥିଲେ। ହବିଷ କରିବା ଲାଗି ଆସି ପୌର କଲ୍ୟାଣମଣ୍ଡପ ହବିଷିଆଳି ଆଶ୍ରୟସ୍ଥଳରେ ରହୁଥିବା ଖୋର୍ଦ୍ଧା ଜିଲା ବାଣପୁର ନିକଟସ୍ଥ ନୂଆକୋଟ ଗ୍ରାମର ଶଶି ଦଳେଇ(୬୮) ସିଂହଦ୍ୱାର ବ୍ୟାରିକେଡରେ ଛିଡା ହୋଇଥିଲେ। ଏହି ସମୟରେ ସେଠାରେ ଠେଲାପେଲା ହୋଇଥିଲା। ତାଙ୍କ ଡାହାଣ ହାତକୁ କୌଣସି ବ୍ୟକ୍ତି ଠେଲାପେଲାରେ ଟାଣି ଦେଇଥିଲେ। ହାତରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ବେଳେ ତାଙ୍କ ହାତ ଭାଙ୍ଗି ଯାଇଥିବା ଜଣାପଡିଛି। ସେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ଜିଲାସ୍ତରୀୟ ଯୁବ ରେଡକ୍ରସ୍ ସଚେତନତା ରାଲି

ଖଣ୍ଡପଡ଼ା,୨୨।୧୧(ସ୍ୱ.ପ୍ର.): ଗୁରୁବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଚାଲିଥିବା ୩ଦିନିଆ ଜିଲାସ୍ତରୀୟ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସକାଳୁ ଗଡବାଣିକିଲୋ କଲେଜର ଅଧ୍ୟାପିକା ବସନ୍ତ ବେହେରାଙ୍କଠାରୁ ପତଞ୍ଜଳି ଯୋଗ ସମ୍ପର୍କରେ ଶିକ୍ଷା ଗ୍ରହଣ କରିଥିଲେ। ପରେ ୨ଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ବିଭିନ୍ନ ଗ୍ରାମ ବୁଲି ଏଚ୍‌ଆଇଭି/ଏଡ୍‌ସ ନିରାକରଣ, ମହିଳା ସଶକ୍ତୀକରଣ, ବାଲ୍ୟ ବିବାହ ନିରୋଧ, ସ୍ୱଚ୍ଛ ଭାରତ, ବେଟି ବଚାଓ ବେଟି ପଢାଓ, ସଡକ ସୁରକ୍ଷା ଆଦି ଉପରେ ସଚେତନ କରାଇଥିଲେ। ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିରରେ ସମାଗମ ହୋଇଥିବା ବେଳେ ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ମନ୍ଦିର ପରିସର ସଫାସୁତୁରା କରିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ଏଡ୍‌ସର ଭୟାବହତା ସମ୍ପର୍କରେ ମଧ୍ୟ ବୁଝାଇଥିଲେ । କଲେଜ ପରିସରରେ ଆୟୋଜିତ ଶିବିରରେ ଡ. ଆଦିତ୍ୟ କୁମାର ମିଶ୍ର, ଅଧ୍ୟାପକ ମାନଗୋବିନ୍ଦ ରାଉତ ପ୍ରମୁଖ ଏଚଆଇଭି ଏଡ୍‌ସ, ସଡକ ସୁରକ୍ଷା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ।

ଶ୍ରୀମନ୍ଦିରରେ ମହିଳା ଭକ୍ତ ଅସୁସ୍ଥ

ପୁରୀ ଅଫିସ, ୨୨।୧୧: ଶ୍ରୀମନ୍ଦିର ବାହାର କାଠ ନିକଟରେ ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ ବେଳେ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡିଥିଲେ ଜଗତ୍‌ସିଂହପୁର ଜିଲା ଏରସମା ଅନ୍ତର୍ଗତ ପୋଖରିଆପଡା ଗ୍ରାମର ଅଞ୍ଜଳି ରାଉତ(୩୦)। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡି ଦିଆଯାଇଛି।

ନିରାଶ୍ରୟ ୪ ଭଉଣୀଙ୍କୁ ମିଳିଲା ରାହା
ସହାୟତାର ହାତ ବଢ଼ାଇଲା ପ୍ରଶାସନ

ପୁରୀ ଅଫିସ, ୨୨।୧୧

ପୁରୀ ସହର ଉପକଣ୍ଠ ରଘୁରାଜପୁର ଗ୍ରାମର ୪ଭଉଣୀ ମା'ବାପାଙ୍କୁ ହରାଇ ନିରାଶ୍ରୟ ହୋଇ ପଡିଛନ୍ତି। ସେମାନଙ୍କ ଜୀବନଧାରଣ ପାଇଁ କୌଣସି ରାହା ନ ଥିଲା। ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ସମବେଦନାର ସୁଅ ଛୁଟିଛି। ଜିଲା ପ୍ରଶାସନ ସହ ବିଭିନ୍ନ ସଂଗଠନ ସହାୟତାର ହାତ ବଢାଇଛନ୍ତି।

ରଘୁରାଜପୁରର ଲକ୍ଷ୍ମୀଧର ମହାପାତ୍ରଙ୍କ ସ୍ତ୍ରୀ ବାସନ୍ତୀ ଏବଂ ୪ ଝିଅଙ୍କୁ ନେଇ ତାଙ୍କ ସଂସାର। ସାନ ଝିଅକୁ ୧ବର୍ଷ ହୋଇଥିବା ବେଳେ ବାସନ୍ତୀ ଆରପାରିକୁ ଚାଲିଗଲେ। ପାନପତ୍ର ବିକି ଲକ୍ଷ୍ମୀଧର ୪ ଝିଅଙ୍କ ଲାଳନ ପାଳନ ସହ ପାଠପଢା ଖର୍ଚ୍ଚ ତୁଲାଉଥିଲେ। ଗତ ୧୯ତାରିଖରେ ଲକ୍ଷ୍ମୀଧର ପାନ ବିକ୍ରି କରିସାରି ଫେରିବା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଚନ୍ଦନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାପାଙ୍କ ଶୁଦ୍ଧିକ୍ରିୟା ଲାଗି ଝିଅଙ୍କ ପାଖରେ ସମ୍ବଳ ନ ଥିଲା। ବୁଧବାର ସେମାନେ ପୁରୀ ଆସି ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କୁ ସାକ୍ଷାତ କରିଥିଲେ। ଜିଲା ପ୍ରଶାସନର ଜଣେ ଅଧିକାରୀ ଗୁରୁବାର ରଘୁରାଜପୁର ଯାଇ ଯୁକ୍ତ ୩ରେ ପଢୁଥିବା ତାଙ୍କ ବଡ଼ଝିଅଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଏବଂ ତାଙ୍କ ଟିମ୍ ରଘୁରାଜପୁର ଯାଇ ୪ଝିଅଙ୍କ ସଂକ୍ରାନ୍ତରେ ପଚାରି ବୁଝିଛନ୍ତି। ୪ଭଉଣୀ ଶିଶୁ ଯତ୍ନ ଅନୁଷ୍ଠାନରେ ରହି ପଢିବା ଲାଗି ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। କିନ୍ତୁ ଗାଁରେ ରହି ପଢିବେ ବୋଲି ସେମାନେ କହିଛନ୍ତି। ବଡ ଦୁଇ ଝିଅଙ୍କୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଗ୍ରୀନ୍ ପ୍ୟାସେଜ ସ୍କିମ୍‌ରେ ସମସ୍ତ ଦେୟ, ଟ୍ୟୁଶନ ଫି ଏବଂ ବହିପତ୍ର ବାବଦ ଖର୍ଚ୍ଚ ପ୍ରଦାନ କରାଯିବ। ନବମ ଶ୍ରେଣୀରେ ପଢୁଥିବା ଝିଅଙ୍କୁ ମହିଳା ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟପୋଷକତା ସହାୟତା ରାଶି ମାସିକ ୨ହଜାର ଟଙ୍କା ହିସାବରେ ୩ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ। ତୃତୀୟ ଶ୍ରେଣୀରେ ପଢୁଥିବା ସାନ ଝିଅ ପାଇଁ ବିଜୁ ଶିଶୁ ସୁରକ୍ଷା ଯୋଜନା ଅନ୍ତର୍ଗତ ସୁକନ୍ୟା ସମୃଦ୍ଧି ଯୋଜନାରେ ବ୍ୟାଙ୍କରେ ପାସବୁକ ଖୋଲାଯାଇ ବର୍ଷକୁ ୧ ହଜାର ଟଙ୍କା ହିସାବରେ ଉକ୍ତ ଝିଅଙ୍କୁ ୧୮ବର୍ଷ ହେବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ। ଏହାସହିତ ସେମାନଙ୍କୁ ରାଶନ କାର୍ଡ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ୪ ଭଉଣୀଙ୍କୁ କିସ୍ ଫାଉଣ୍ଡେଶନ ପକ୍ଷରୁ ତତ୍କାଳ ସହାୟତା ସ୍ୱରୂପ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହାସହିତ ଚଳିବା ନିମନ୍ତେ ବଡ଼ଝିଅର ଆକାଉଣ୍ଟରେ ମାସିକ ୩ହଜାର ଟଙ୍କା ପଠାଇବା ନିମନ୍ତେ ପ୍ରତିଶ୍ରୁତି ଦିଆଯାଇଛି। ଆସନ୍ତା ବର୍ଷ ପୁରୀରେ ବ୍ରାହ୍ମଣ ପିଲାଙ୍କ ପାଇଁ କିସ୍ ପକ୍ଷରୁ ଏକ ସ୍କୁଲ ଖୋଲାଯିବ। ସେଠାରେ ଯୁକ୍ତ ୩ରେ ପଢୁଥିବା ବଡ଼ଝିଅଙ୍କୁ ଚାକିରି ଦିଆଯିବ। ସେହିପରି ଅନ୍ୟ ଦୁଇ ଭଉଣୀ ଇଚ୍ଛା କଲେ ଉକ୍ତ ସ୍କୁଲରେ ପଢିପାରିବେ। ସାନ ଝିଅକୁ ଆସନ୍ତା ଶିକ୍ଷା ବର୍ଷରେ ରାଜ୍ୟ ସଭା ଏମ୍‌ପି କୋଟାରେ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସୁବିଧା କରାଯିବ। ଯୁକ୍ତ ୩ରେ ପଢୁଥିବା ବଡଝିଅଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଗୁରୁବାର ଫୋନ୍ ଯୋଗେ କଥା ହୋଇଥିଲେ।

ବସ୍ତି ବାସିନ୍ଦା ମଞ୍ଚ ପକ୍ଷରୁ ବିକ୍ଷୋଭ

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ।

ପୁରୀ ଅଫିସ, ୨୨।୧୧

ବିଭିନ୍ନ ଦାବି ନେଇ ବସ୍ତି ବାସିନ୍ଦା ମଞ୍ଚ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥିସହିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜମିପଟ୍ଟା ପ୍ରଦାନ, ଗୃହ ନିର୍ମାଣ ସହାୟତା, ଘରଭଙ୍ଗା କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରାଥମିକତା, ବସ୍ତିଭଙ୍ଗା ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ଶ୍ରମିକ ଓ ବସ୍ତିବାସିନ୍ଦା ନେତା ଦୁର୍ଗାମାଧବ ସାହୁଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଲାଗି ଦାବିରେ ଉଲ୍ଲେଖ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଗତ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଜାଗା ମିଶନ ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିରେ ରାଜ୍ୟର ପ୍ରାୟ ୧୮ଲକ୍ଷ ବସ୍ତି ବାସିନ୍ଦା ଉପକୃତ ହୋଇଥିବା କୁହାଯାଇଥିଲା। ଅନ୍ୟପଟେ ପୁରୀ ସହରର ୨୨ଟି ବସ୍ତିର ଅଧିକାଂଶ ବାସିନ୍ଦା ପଟ୍ଟା ପାଇନାହାନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୁରୀ ସହରର ବସ୍ତି ବାସିନ୍ଦାଙ୍କୁ ସାମିଲ କରାଯାଇଥିଲା। ଅଦ୍ୟାବଧି କେବଳ ଜଣେ ଦୁଇଜଣଙ୍କୁ ବାଦ ଦେଲେ କାହାରିକୁ ପଟ୍ଟା ପ୍ରଦାନ କରାଯାଇନାହିଁ। ବିକ୍ଷୋଭରେ କୃଷ୍ଣମୋହନ ପ୍ରଧାନ, ନିରାକାର ମହାରଣା, ସୀମାଞ୍ଚଳ ଦାସଙ୍କ ସମେତ ଶତାଧିକ ବସ୍ତି ବାସିନ୍ଦା ଏଥିରେ ସାମିଲ ହୋଇଥିଲେ।

ଆହତ କଲେଜ ଛାତ୍ରଙ୍କ ମୃତ୍ୟୁ
କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଖୋର୍ଦ୍ଧା ଅଫିସ,୨୨।୧୧

ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ମୁକ୍ତାପୁର ଗାଁର କଲେଜ ଛାତ୍ର ସନ୍ତୋଷ କୁମାର ଜେନା(୨୦)ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟଲୋକେ, କଲେଜ ଓ ହାଇସ୍କୁଲ ସହପାଠୀ ଗୁରୁବାର ସିକୋ ଦଣ୍ଡାମୁଣ୍ଡ ଛକଠାରେ ମୃତଦେହ ରଖି ନୂଆ ଜଗନ୍ନାଥ ସଡ଼କକୁ ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ସନ୍ତୋଷ ନୟାଗଡ ଜିଲାର ରଣପୁର କଲେଜରେ ଯୁକ୍ତ ୩ ଶେଷ ବର୍ଷର କଳା ବିଭାଗର ଛାତ୍ର। ଗତ ୧୩ ତାରିଖରେ ସନ୍ତୋଷ କଲେଜକୁ ଯିବା ପାଇଁ ଏକ ଘରୋଇ ଯାତ୍ରୀବାହୀ ବସରେ ଚଢୁଥିବା ସମୟରେ ସିକୋ ଦଣ୍ଡାମୁଣ୍ଡ ଛକଠାରେ ବସରୁ ଖସିପଡି ଆହତ ହୋଇଥିଲେ। ସେ ଭବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁକୁ ଆସିବା ପରେ ମୃତକଙ୍କ ପରିବାରରକୁ କ୍ଷତିପୂରଣ ଦାବିରେ କଲେଜ ଓ ହାଇସ୍କୁଲ ସହପାଠୀ ନୂଆ ଜଗନ୍ନାଥ ସଡକକୁ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଖବରପାଇ ଜଙ୍କିଆ ଥାନା ଆଇଆଇସି କିରଣ ହେମ୍ବ୍ରମ ଓ ବେଗୁନିଆ ତହସିଲଦାର ବିବେକାନନ୍ଦ ପରିଡା ଘଟଣାସ୍ଥଳରେ ପହଞ୍ଚି ଧାରଣା ଦେଇଥିବା ଛାତ୍ର ଓ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଶ୍ରୀମନ୍ଦିରରେ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଅଣନାତି

ବିଶିଷ୍ଟ ଔପନ୍ୟାସିକ ସଜଳ ଚାଟାର୍ଜୀ ସସ୍ତ୍ରିକ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

ପୁରୀ ଅଫିସ, ୨୨।୧୨

ଚର୍ଚ୍ଚିତ ବଙ୍ଗଳା ଉପନ୍ୟାସ ଆନନ୍ଦ ମଠର ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀ ତଥା ଚଟ୍ଟୋପାଧ୍ୟାୟଙ୍କ ଅଣନାତି ସଜଳ ଚାଟାର୍ଜୀ ଗୁରୁବାର ସପରିବାର ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସଜଳ ଏକାଧାରରେ ଜଣେ ଲେଖକ ଓ ଚିତ୍ରକର। ସୂଚନାଯୋଗ୍ୟ, ସ୍ୱାଧୀନତା ପୂର୍ବରୁ ଔପନ୍ୟାସିକ ବଙ୍କିମଚନ୍ଦ୍ର ଯାଜପୁର ଉପଖଣ୍ଡର ଡେପୁଟି କଲେକ୍ଟର ଥିଲେ। ଗତ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ହୋଇଥିବା ଯାଜପୁର ଜିଲା ମହୋତ୍ସବରେ ବଙ୍କିମଚନ୍ଦ୍ରଙ୍କୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରିବା ଲାଗି ସଜଳ ଯାଜପୁର ଆସିଥିଲେ।

ଛାତ୍ରୀଙ୍କୁ ବଳାତ୍କାର: ଅଟୋ ଚାଳକ ଗିରଫ

ବ୍ରହ୍ମପୁର ଅଫିସ,୨୨।୧୧

ସପ୍ତମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡବଜାର ଥାନା ପୋଲିସ ଅଭିଯୁକ୍ତ ଅଟୋ ଚାଳକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଯୁବକ ଜଣକ ହେଲେ ବଡବଜାର ଥାନା ଅଞ୍ଚଳର ଅଟୋ ଚାଳକ ବାବୁ ସାହୁ (୨୮) । ପ୍ରକାଶ ଯେ, ଗୋଷାଣୀନୂଆଗାଁ ଥାନାଞ୍ଚଳର ନାବାଳିକା ଛାତ୍ରୀ ଜଣକ ଅଭିଯୁକ୍ତଙ୍କ ସାହିରେ ନିଜ ଦାଦାଙ୍କ ଘରେ ରହି ପଢୁଛନ୍ତି । କିଛି ଦିନ ହେଲା ଟିଉଶନ ଯିବା ଆସିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କୁ କମେଣ୍ଟ କରି ହଇରାଣ କରୁଥିଲେ। ଛାତ୍ରୀ ବୁଧବାର ସନ୍ଧ୍ୟାରେ ଟିଉଶନ ଯିବା ସମୟରେ ବାବୁ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଜବରଦସ୍ତ ବଳାତ୍କାର କରିଥିଲେ। ନାବାଳିକା ଛାତ୍ରୀ ଜଣକ ଘରକୁ ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ତାଙ୍କ ମା' ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୯୧/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଙ୍କୁ ଗିରଫ କରିଥିଲା । ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା ।

ପୋକ୍ସୋ କୋର୍ଟରେ ଉଭୟଙ୍କୁ ହାଜର କରାଯିବା ପରେ ସେଠାରେ ନାବାଳିକା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିଲା । ନାବାଳିକା ସବୁ କଥା କହିବା ପରେ ଅଭିଯୁକ୍ତଙ୍କୁ ହାଜତକୁ ପଠାଇ ଦିଆଯାଇଥିଲା ବୋଲି ଆଇଆଇସି ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ବାବୁଙ୍କ ନାମରେ ପୂର୍ବରୁ ଏକ ନାବାଳିକା ବଳାତ୍କାର ମାମଲା ରହିଛି। ୨୦୧୫ରେ ଜନୈକା ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବଡବଜାର ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳି ବ୍ରହ୍ମପୁରରେ ଅଟୋ ଚଳାଉଥିଲେ ବୋଲି ଜଣାପଡିଛି ।

ଜାମୁସାହିରେ ୩୦ ଫୁଟର ବୋଇତ ଆକର୍ଷଣ

ନୟାଗଡ଼ ଅଫିସ,୨୨।୧୧

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଶୁକ୍ରବାର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ଗ୍ରାମରେ ସ୍ୱତନ୍ତ୍ର ବୋଇତ ବନ୍ଦାଣ ହେବ। ଗ୍ରାମ ମୁଣ୍ଡରେ ଥିବା ବାହ୍ମଣୀ ଦେବୀ ପୋଖରୀରେ ୩୦ ଫୁଟ ଲମ୍ବର ଏକ ବୋଇତ ଭସାଯିବ। ଗ୍ରାମ ଲୋକଙ୍କ ସହାୟତା ଓ ଶିଳ୍ପୀ ଡମ୍ବୁରଧର ରାଉତଙ୍କ ଦ୍ୱାରା ପ୍ରସ୍ତୁତ ବୋଇତ ଭସାଯିବ। ପରମ୍ପରାକୁ ବଜାୟ ରଖିଥିବା ବୋଇତ ବନ୍ଦାଣ ଉତ୍ସବ ଚଳିତ ବର୍ଷ ୧୫ ବର୍ଷରେ ପଦାର୍ପଣ କରିଛି। ଗ୍ରାମ ଯୁବକ ସଂଘର ଉଦ୍ୟମରେ ଏହା ହୋଇଆସୁଛି। ଏହି ଉପଲକ୍ଷେ ନିକଟସ୍ଥ ପଡ଼ିଆରେ ଦୁଇଦିନ ଧରି ଯାତ୍ରା ଓ ମୀନାବଜାର ଅନୁଷ୍ଠିତ ହେବ। ଗ୍ରାମ ସଭାପତି ମୁରଲୀଧର ରାଉତଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

ଡମ୍ବୁରଧର କରିଥିବା ବୋଇତ।

ଆଜି ବୋଇତ ବନ୍ଦାଣ

ଜଗନ୍ନାଥଙ୍କ ମନ୍ଦିର ପରିସରରେ ଭଜନ ସମାରୋହ

ଖଣ୍ଡପଡା,୨୨।୧୧(ସ୍ୱ.ପ୍ର.)

ଗୁରୁବାର ପବିତ୍ର କାର୍ତ୍ତିକ ମାସ ଚତୁର୍ଦ୍ଦଶୀ ତିଥିରେ ଖଣ୍ଡପଡ଼ା ରଥଗଡ଼ା ଛକ ନିକଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ଆର୍‌ସି ହାଇସ୍କୁଲ ୧୯୯୮ ମାଟ୍ରିକ ବ୍ୟାଚ ଚନ୍ଦ୍ରଶେଖର ଗ୍ରୁପ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ଗାୟିକା ଇତିଶ୍ରୀଙ୍କ ପରିବେଷିତ ଭଜନ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା।

ଭଜନ ସମାରୋହ।

୯୦ ହିତାଧିକାରୀଙ୍କୁ କାର୍ଯ